

ଟି-ଟ୍ୱେଣ୍ଟିରେ ସଫଳତମ ଭାରତୀୟ ବୋଲର

ପୃଷ୍ଠା ୬

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Vol. 32 | ISSUE 301 | ଭାଗ ୩୨ | ସଂଖ୍ୟା ୩୦୧ | Bhubaneswar | Friday 24 January 2025 | Page 8 Rs. 4.00 | ଭୁବନେଶ୍ୱର ଶୁକ୍ରବାର ୨୪ ଜାନୁଆରୀ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା

### ବାରବାଟୀ ଦିନିକିଆ
## ଡିଜିଟାଲ୍ ପେମେଣ୍ଟରେ ଟିକେଟ୍ କିଣିଲେ ଧର୍ମେନ୍ଦ୍ର



- ସମ୍ବଲପୁରରେ ଭେଟିଲେ ଓସିଏ ସଦସ୍ୟ
- ରାଜ୍ୟରେ କ୍ରିକେଟ୍‌କୁ ପ୍ରୋତ୍ସାହନ ଉପରେ ଆଲୋଚନା

**ସମ୍ବଲପୁର, ୨୩।୧ (ସଂଚାର ବ୍ୟୁରୋ):** ଆସନ୍ତା ଫେବୃଆରୀ ୯ ତାରିଖରେ କଟକ ବାରବାଟୀ ଷ୍ଟାଡିୟମରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ଏକଦିବସୀୟ କ୍ରିକେଟ୍ ମ୍ୟାଚ ଖେଳାଯିବ। ଏହି ପରିପ୍ରେକ୍ଷୀରେ ଆଜି ସମ୍ବଲପୁରଠାରେ ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ)ର ସଦସ୍ୟମାନଙ୍କୁ ଭେଟିବା ଅବସରରେ ସେମାନଙ୍କଠାରୁ ଡିଜିଟାଲ ପେମେଣ୍ଟ୍ ମାଧ୍ୟମରେ ଉକ୍ତ ମ୍ୟାଚର ଟିକେଟ୍ କିଣିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏ ସମ୍ପର୍କରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଦୀର୍ଘଦିନ ପରେ କଟକରେ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳାଯିବାକୁ ଥିବାରୁ ରାଜ୍ୟର ଆବାଳବୃଦ୍ଧବନିତାଙ୍କ ମଧ୍ୟରେ ଯଥେଷ୍ଟ ଉତ୍ସାହ ରହିଛି। ଏହି ମ୍ୟାଚ୍‌କୁ ସବୁ ଦୃଷ୍ଟିକୋଣରୁ ସଫଳତାର ସହ ଶେଷ କରିବା ➪ପୃଷ୍ଠା-୬

## କପିଳ ଶର୍ମାଙ୍କ ସମେତ ୪ କଳାକାରଙ୍କୁ ହତ୍ୟା ଧମକ



- ପାକିସ୍ତାନରୁ ଆସିଛି ଇମେଲ୍
- ଥାନାରେ ଅଭିଯୋଗ

**ହାଇଦ୍ରାବାଦ, ୨୩।୧:** ବଲିଉଡ୍‌ର ୪ ଜଣ ପ୍ରମୁଖ କଳାକାରଙ୍କୁ ଆଜି ହତ୍ୟା ଧମକ ଦିଆଯାଇଛି। ଇମେଲ୍ ମାଧ୍ୟମରେ ଏହି ଧମକପୂର୍ଣ୍ଣ ଚିଠି ଆସିଥିବା ବେଳେ ଏନେଇ କଳାକାରମାନେ ପୁଲିସ୍‌ର ଦ୍ୱାରସ୍ଥ ହୋଇଛନ୍ତି। ଏହି କଳାକାରଙ୍କ ମଧ୍ୟରେ ହାସ୍ୟ ଅଭିନେତା କପିଳ ଶର୍ମା, ବଲିଉଡ ଅଭିନେତା ରାଜପାଲ ଯାଦବ, କୋରିଓଗ୍ରାଫର ରେମୋ ଡିସୁଜା ଓ ହାସ୍ୟ ଅଭିନେତ୍ରୀ ସୁଗନ୍ଧା ମିଶ୍ର। ବିଷ୍ଣୁ ନାମକ ଜଣେ ବ୍ୟକ୍ତି ରାଜପାଲଙ୍କ ଇମେଲ୍ ଆକାଉଣ୍ଟକୁ ଏକ ଧମକପୂର୍ଣ୍ଣ ମେଲ୍ ପଠାଇଛନ୍ତି, ଯେଉଁଥିରେ ତାଙ୍କୁ, ତାଙ୍କ ପରିବାର, ତାଙ୍କ ସହଯୋଗୀଙ୍କୁ ହତ୍ୟା କରାଯିବ ବୋଲି ଧମକ ଦିଆଯାଇଛି। ଗତ ବର୍ଷ ଡିସେମ୍ବର ୧୪ ତାରିଖରେ ଏହି ଇମେଲ୍‌ଟି ଆସିଥିବା ବେଳେ ଏହା ବଲିଉଡ୍‌ରେ ହଇଚଇ ସୃଷ୍ଟି କରିଛି। ଏହା ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସକାଶେ ରାଜପାଲଙ୍କ ପତ୍ନୀ ରାଧା ଯାଦବ ମୁମ୍ବାଇର ଆମ୍ବୋଲି ପୁଲିସ ଷ୍ଟେସନରେ ଦାଖଲ କରିଥିବା ➪ପୃଷ୍ଠା-୬

### ନେତାଜୀ ଜୟନ୍ତୀକୁ ପରାକ୍ରମ ଦିବସ ଭାବେ ପାଳିଲା ଦେଶ
# ସଂଗ୍ରାମ ଓ ଦେଶପ୍ରେମ ସର୍ବାଗ୍ରେ ନେତାଜୀ



ଆଇଏନ୍‌ଏ ଭେଟେରାନ ଲେଫ୍ଟନାଣ୍ଟ ସମ୍ବର୍ଦ୍ଧିତ

**ଭୁବନେଶ୍ୱର, ୨୩।୧ (ସଂଚାର ବ୍ୟୁରୋ):** ନେତାଜୀ ଥିଲେ ଅଦମ୍ୟ ସାହସର ମୂର୍ତ୍ତିମନ୍ତ ପ୍ରତୀକ। ତାଙ୍କ ଜନ୍ମର ୧୦୦ ବର୍ଷ ପରେ ମଧ ଯେତେବେଳେ ସଂଗ୍ରାମ ଓ ଦେଶାତ୍ମବୋଧର ଆଲୋଚନା ହୁଏ, ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ନାମ ସର୍ବାଗ୍ରେ ରହିଆସିଛି ଓ ଆଗାମୀ ଦିନରେ ରହିବ ମଧ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଆଜି କଟକର ବାରବାଟୀ ଦୁର୍ଗ ସତ୍ୟବ୍ରତ ଷ୍ଟାଡିୟମଠାରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୮ତମ ଜନ୍ମ ବାର୍ଷିକୀ ଅବସରରେ ଆୟୋଜିତ ପରାକ୍ରମ ଦିବସକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି ଯେ ବ୍ରିଟିଶ ଶାସନ ବିରୋଧରେ ନେତାଜୀଙ୍କ ବୀରତ୍ୱ ଓ ଯୁଦ୍ଧ କୌଶଳ ଦେଶର ସ୍ୱାଧୀନତା ପାଇଁ ଏକ ମୁଖ୍ୟ କାରଣ ଥିଲା। ଏହି ବୀର ଜନନାୟକଙ୍କୁ ସମ୍ମାନ ଅର୍ପଣ କରିବା ପାଇଁ ତାଙ୍କ ଜନ୍ମ ଦିବସକୁ ପରାକ୍ରମ ଦିବସ ଭାବେ ପାଳନ କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତ ୨୦୨୧ ଜାନୁଆରୀ ୧୯ରୁ ଘୋଷଣା କରିଛନ୍ତି। ଓଡ଼ିଶାର ଏହି ବୀର ସନ୍ତାନଙ୍କ ଜନ୍ମମାଟିରେ ତାଙ୍କ ଜନ୍ମ ଦିବସ ପାଳନ କରିବା ଆମ ପାଇଁ ସୌଭାଗ୍ୟର ବିଷୟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ ଐତିହାସିକ ଓ ତତ୍କାଳୀନ ବ୍ରିଟିଶ ଶାସକମାନେ ନେତାଜୀଙ୍କ ସଶସ୍ତ୍ର ସଂଗ୍ରାମ ହୋଇନଥିଲେ ହୁଏତ ଆହୁରି କିଛି ବର୍ଷ ବ୍ରିଟିଶ ସରକାର ଭାରତରେ ଶାସନ କରିଥାନ୍ତେ ବୋଲି ସ୍ୱୀକାର କରିସାରିଛନ୍ତି। ନେତାଜୀଙ୍କ ବୀରତ୍ୱ ଓ ସଂଗ୍ରାମକୁ ସମ୍ମାନ ପ୍ରଦର୍ଶନ କରି ପ୍ରଧାନମନ୍ତ୍ରୀ ୨୦୧୮ ଡିସେମ୍ବର ୩୦ ତାରିଖରେ ଭାରତ ବର୍ଷର ରସ୍ ଦ୍ୱୀପକୁ ନେତାଜୀ ସୁଭାଷ ବୋଷ ଦ୍ୱୀପ ଭାବେ ନାମକରଣ କରିଛନ୍ତି ବୋଲି ସେ ➪ପୃଷ୍ଠା-୬



## ମୋଦିଙ୍କ 'ସୂର୍ଯ୍ୟଘର' ଜ୍ଞାନ

**ନୂଆଦିଲ୍ଲୀ, ୨୩।୧:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ପରାକ୍ରମ ଦିବସ ଅବସରରେ ସଂସଦ ସେଣ୍ଟ୍ରାଲ୍ ହଲ୍‌ରେ ଛାତ୍ରଛାତ୍ରୀମାନଙ୍କୁ ଭେଟି ସେମାନଙ୍କୁ ସୂର୍ଯ୍ୟଘର ଯୋଜନା ସମ୍ପର୍କରେ ବୁଝାଇଛନ୍ତି। ଏହି ଯୋଜନା ମାଧ୍ୟମରେ ଘରର ବିଦ୍ୟୁତ୍ ବିଲ୍ ପଇଠ ଜଞ୍ଜାଳରୁ ମୁକ୍ତି ମିଳିବା ସହ ଆବଶ୍ୟକ ସ୍ଥଳେ ଏଥିରୁ ଉତ୍ପାଦିତ ବିଦ୍ୟୁତ୍ ବିକ୍ରି କେହି ବି ସ୍ୱାବଲମ୍ବୀ ହୋଇପାରିବ ବୋଲି କହିଛନ୍ତି। ସେ କହିଛନ୍ତି ଯେ ଘରର ଛାତ ଉପରେ ସୋଲାର୍ ପ୍ୟାନେଲ୍ ଲଗାଇ ବିଦ୍ୟୁତ୍ ଆବଶ୍ୟକତାକୁ ପୂରଣ କରାଯାଇପାରିବ। ବଳକା ବିଦ୍ୟୁତ୍‌କୁ ସରକାରଙ୍କୁ ବିକ୍ରି ବେଶ୍ ଦି' ପଇସା ରୋଜଗାର କରାଯାଇପାରିବ। ତା'ଛଡ଼ା ବର୍ଦ୍ଧିତ ପ୍ରଦୂଷଣ ମାତ୍ରାକୁ ମଧ ବହୁ ମାତ୍ରାରେ ହ୍ରାସ କରାଯାଇପାରିବ ବୋଲି ମୋଦି କହିଛନ୍ତି। ଏହି ଅବସରରେ ଜଣେ ଛାତ୍ର ୨୦୪୭ରେ ଦେଶ ସ୍ୱାଧୀନତାର ➪ପୃଷ୍ଠା-୬

## ପିଲାଙ୍କ ପାଇଁ ବୁଢ଼ିଆଣୀ ଜାଲ ମୋବାଇଲ ଇଣ୍ଟରନେଟ୍

୧୨ ଜଣରେ ଜଣେ ଅନଲାଇନ ଯୌନ ନିର୍ଯାତନାର ଶିକାର

୮ ଜଣରେ ଜଣେ ଫଟୋ ଆଧାରିତ ନିର୍ଯାତନାର ଶିକାର

**ଭୁବନେଶ୍ୱର, ୨୩।୧ (ସଂଚାର ବ୍ୟୁରୋ):** ମୋବାଇଲର ବହୁଳ ବ୍ୟବହାରର କୁପ୍ରଭାବକୁ ନେଇ ପୂର୍ବରୁ ଅନେକ ତଥ୍ୟ ଆସିଥିବା ବେଳେ ସଦ୍ୟ ପ୍ରକାଶିତ ଲାନସେଟ ରିପୋର୍ଟକୁ ସମସ୍ତଙ୍କୁ ଚକିତ କରିଦେଲା ଭଳି। ଘଣ୍ଟା ଘଣ୍ଟା ଧରି ମୋବାଇଲ ଓ ଇଣ୍ଟରନେଟର ବ୍ୟବହାର କରୁଥିବା ପିଲାମାନେ ଅନଲାଇନ ନିର୍ଯାତନାର ଶିକାର ହେଉଛନ୍ତି। ଲାନସେଟ ରିପୋର୍ଟ କହୁଛି ପ୍ରତି ୧୨ ଶିଶୁରେ ଜଣେ ଅନଲାଇନ ଯୌନ ନିର୍ଯାତନାର ଶିକାର ହେଉଛନ୍ତି । ସମୟ ବଦଳିବା ସହ ବଦଳୁଛି ଲୋକଙ୍କ ଜୀବନ ଶୈଳୀ। ଆଉ ➪ପୃଷ୍ଠା-୬

### ପ୍ରତି ବ୍ଲକ୍‌ରେ ଶତାଧିକ ଅଯୋଗ୍ୟ ହିତାଧିକାରୀ
## କାର୍ଡ ସରେଣ୍ଡର୍ କର, ନଚେତ ଦଣ୍ଡ



**ଭୁବନେଶ୍ୱର, ୨୩।୧ (ସଂଚାର ବ୍ୟୁରୋ):** ସାରା ରାଜ୍ୟରେ ଲକ୍ଷ ଲକ୍ଷ ଅଯୋଗ୍ୟ ହିତାଧିକାରୀ ରାସନ୍ କାର୍ଡ ତାଲିକାରେ ସାମିଲ୍ ରହିଛନ୍ତି। ଏପରିକି ପ୍ରତି ବ୍ଲକ୍‌ରେ ୨୦୦ରୁ ୩୦୦ ଅଯୋଗ୍ୟ ରାସନ କାର୍ଡ ହାତାଧିକାରୀ ଅଛନ୍ତି। ଏପରି ସ୍ଥିତିରେ ଯେଉଁମାନେ ଯୋଗ୍ୟତା ମାପଦଣ୍ଡ ପୂରଣ ନ କରିବା ସତ୍ତ୍ୱେ ରାସନ୍ କାର୍ଡ ହାତେଇଛନ୍ତି ସେମାନେ ତୁରନ୍ତ କାର୍ଡ ସରେଣ୍ଡର୍ କରିବାକୁ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଅପିଲ୍ କରିଛନ୍ତି। ଯୋଗାଣ ମନ୍ତ୍ରୀଙ୍କ କହିବାନୁଯାୟୀ, କେତେକ ସରକାରୀ ଚାକିରିଆ ବି ଏହି ହିତାଧିକାରୀ ସୂଚୀରେ ସାମିଲ୍ ଅଛନ୍ତି। ଆହୁରି ଆୟକର ପଇଠ କରୁଥିବା ଲୋକ ବି ରାସନ ସାମଗ୍ରୀ ନେଉଥିବାର ନଜର ରହିଛି। ତେଣୁ ଯୋଗ୍ୟ ହିତାଧିକାରୀଙ୍କୁ ସେମାନଙ୍କ ଅଧିକାର ପ୍ରଦାନ ଦିଗରେ ସହଯୋଗ କରିବା ସକାଶେ ଯୋଗାଣ ମନ୍ତ୍ରୀ ଅଯୋଗ୍ୟ ହିତାଧିକାରୀମାନଙ୍କୁ ତୁରନ୍ତ କାର୍ଡ ସରେଣ୍ଡର କରିବାକୁ ନିବେଦନ କରିଛନ୍ତି।

ସେ କହିଛନ୍ତି ଯେ ଅଯୋଗ୍ୟ ହୋଇଥିଲେ ମଧ କ୍ଷମତାର ଅପପ୍ରୟୋଗ ମାଧ୍ୟମରେ କିମ୍ବା ମିଛ ତଥ୍ୟ ଦାଖଲ କରି ଯେଉଁମାନେ ରାସନ୍ କାର୍ଡ ହାତେଇଛନ୍ତି, ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତେଣୁ ସମୟ ଥାଉ ଥାଉ ଏପରି ଅଯୋଗ୍ୟ ହିତାଧିକାରୀ କୌଣସି ପ୍ରକାର ଦଣ୍ଡରୁ ବର୍ତ୍ତିବା ସକାଶେ ତୁରନ୍ତ କାର୍ଡ ସରେଣ୍ଡର୍ କରିବା ହିଁ ସେମାନଙ୍କ ପାଇଁ ଏକମାତ୍ର ବାଟ ବୋଲି ମନ୍ତ୍ରୀ କହିଛନ୍ତି। ସେ କହିଛନ୍ତି ଯେ ଅଯୋଗ୍ୟ ହିତାଧିକାରୀଙ୍କ ମଧ୍ୟରେ ଡାକ୍ତର ଓ ଇଞ୍ଜିନିୟରଙ୍କ ପରି ସମାଜର ପ୍ରତିଷ୍ଠିତ ବ୍ୟକ୍ତିବିଶେଷ ମଧ ହିତାଧିକାରୀ ଅଛନ୍ତି। ତେଣୁ ଏପରି ଭୁଲ୍ କରିଥିବା ହିତାଧିକାରୀମାନେ କାର୍ଡ ସରେଣ୍ଡର୍ କରି ନିଜ ଭୁଲ୍‌ର ପ୍ରାୟଶ୍ଚିତ୍ତ କରିବାକୁ ଯୋଗାଣ ମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ଏଥିସହ ଆସନ୍ତା ୩୧ ତାରିଖରେ କେୱାଇସି ଶେଷ ହେବ। ଏହି ସମୟ ପୂର୍ବରୁ କାର୍ଡ ଫେରାଇଦେବା ବୁଦ୍ଧିମାନର କାମ ହେବ ବୋଲି ମନ୍ତ୍ରୀ କହିଛନ୍ତି।

### ମିଲର୍‌ଙ୍କୁ ଚେତାବନୀ
## ଚାଷୀଙ୍କୁ ହଇରାଣ କଲେ କାର୍ଯ୍ୟାନୁଷ୍ଠାନ

୧୧ଙ୍କୁ କାରଣ ଦର୍ଶାଅ ନୋଟିସ୍

**ଭୁବନେଶ୍ୱର, ୨୩।୧ (ସଂଚାର ବ୍ୟୁରୋ):** ଆଉ ପୁରୁଣା ନୀତି ଚଳିବ ନାହିଁ, ନୂଆ ସରକାରଙ୍କ ନୂଆ ନୀତିରେ ଚାଲିବ ମଣ୍ଡି। ଚାଷୀଙ୍କୁ ହଇରାଣ କଲେ ମିଲର୍‌ମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦେଇଛନ୍ତି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ସେ କହିଛନ୍ତି ଯେ ଯେଉଁ ମଣ୍ଡିରେ ମିଲରମାନେ ମନମାନୀ କରିବେ କିମ୍ବା ଅଧିକ କଟନୀ ଛଟନୀ କରିବେ, ସେମାନଙ୍କ ବିରୋଧିରେ ସରକାର କଠୋର ଆଭିମୁଖ୍ୟ ଗ୍ରହଣ କରିବେ। ଭଦ୍ରକରେ ➪ପୃଷ୍ଠା-୬

### ଅଧିବେଶନ ପୂର୍ବରୁ ବାଚସ୍ପତିଙ୍କ ତାଗିଦ
## ଗୃହରେ ବିଶୃଙ୍ଖଳା ବରଦାସ୍ତ କରାଯିବନି



ପ୍ରତିକ୍ରିୟା ପ୍ରକାଶ କଲେ କଂଗ୍ରେସ, ବିଜେଡି

**ଭୁବନେଶ୍ୱର, ୨୩।୧ (ସଂଚାର ବ୍ୟୁରୋ):** ଆସନ୍ତା ମାସ ୧୩ରୁ ରାଜ୍ୟ ବିଧାନସଭାର ବଜେଟ୍ ଅଧିବେଶନ ଆରମ୍ଭ ହେବ। ଏହି ଅଧିବେଶନରେ ବିରୋଧୀ ଦଳ କୌଣସି ପ୍ରକାର ବିଭ୍ରାଟ ସୃଷ୍ଟି କରିବା ସକାଶେ ଉଦ୍ୟମ କଲେ, ଏହାକୁ କଦାପି ବରଦାସ୍ତ କରାଯିବ ନାହିଁ ବୋଲି ବାଚସ୍ପତି ସୁରମା ପାଢୀ କହିଛନ୍ତି। ଗୃହକୁ ଶୃଙ୍ଖଳାର ସହ ପରିଚାଳନା ଦିଗରେ ଯାହାସବୁ ଆବଶ୍ୟକ ପଡ଼ିବ, ସେସବୁ ପଦକ୍ଷେପ ନିଆଯିବ ବୋଲି ବାଚସ୍ପତି କହିଛନ୍ତି। ଏଥିସହ ବିରୋଧୀ ଦଳ କୌଣସି ପ୍ରକାର ଗଠନମୂଳକ ପ୍ରସ୍ତାବ ଦେଲେ, ସେସବୁକୁ ନିଶ୍ଚିତ ଭାବେ ସମ୍ମାନ ଦିଆଯିବ। କିନ୍ତୁ ବିଶୃଙ୍ଖଳାକୁ କୌଣସି ପରିସ୍ଥିତିରେ ପ୍ରଶ୍ରୟ ଦିଆଯାଇପାରିବ ନାହିଁ ବୋଲି ବାଚସ୍ପତି ରୋକ୍‌ଠୋକ୍ କହିବା ସହ ସମସ୍ତ ବିଧାୟକଙ୍କୁ ଆଇନର ଗଣ୍ଡି ମଧ୍ୟରେ ଗୃହ କାର୍ଯ୍ୟରେ ସହଯୋଗ କରିବା ସକାଶେ ଆହ୍ୱାନ ଦେଇଛନ୍ତି। ନୂଆ ସରକାରକୁ ଟାର୍ଗେଟ କରିବା ଲାଗି କିଛି ବିରୋଧୀ ବିଧାୟକ ବାରମ୍ବାର ଗୃହରେ ବିଶୃଙ୍ଖଳିତ ଆଚରଣ କରୁଥିବା ଦେଖିବାକୁ ମିଳୁଥିବାରୁ ବାଚସ୍ପତି ଏଭଳି କଡ଼ା ଆଭିମୁଖ୍ୟ ଗ୍ରହଣ କରିଥିବା କୁହାଯାଉଛି। ବିଧାନସଭାର ବଜେଟ୍ ଅଧିବେଶନ ଆସନ୍ତାମାସ ୧୩ ତାରିଖରୁ ଆରମ୍ଭ ହେଉଥିବାବେଳେ ଆଜି ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ବାଚସ୍ପତି ବିଧାନସଭାକୁ ଶୃଙ୍ଖଳିତ ଚଳାଇବା ପାଇଁ ଏଭଳି କଡ଼ା ଆଭିମୁଖ୍ୟ ନେଇଛନ୍ତି। ତେବେ ବାଚସ୍ପତିଙ୍କ ଏଭଳି କଠୋର ଆଭିମୁଖ୍ୟକୁ ନେଇ ପ୍ରତିକ୍ରିୟା ପ୍ରକାଶ କରି ପାଲଟା ଜବାବ ଦେଇଛନ୍ତି ବିରୋଧୀ ➪ପୃଷ୍ଠା-୬

## ଶ୍ରୀମନ୍ଦିର ବାହାରେ ହେବ ୱାଚ୍ ଟାୱାର୍





**ଭୁବନେଶ୍ୱର, ୨୩।୧ (ସଂଚାର ବ୍ୟୁରୋ):** ଶ୍ରୀମନ୍ଦିରରେ କଡ଼ା ସୁରକ୍ଷା ବ୍ୟବସ୍ଥା ସତ୍ତ୍ୱେ ବିଭିନ୍ନ ସମୟରେ ଗର୍ଭଗୃହ ଦୃଶ୍ୟ ମୋବାଇଲ୍‌ରେ କଏଦ ହେଉଛି ଓ ସୋସିଆଲ୍ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି। ନିକଟରେ ମଧ ଏକାଧିକ ଫଟୋ ଓ ଭିଡିଓ ସୋସିଆଲ୍ ମିଡିଆରେ ଭାଇରାଲ୍ ହୋଇଛି। ଏପରି ସ୍ଥିତିରେ ଶ୍ରୀମନ୍ଦିରକୁ ମୋବାଇଲ୍ ବାରଣ କରାଯିବା ନେଇ ପାଚେରିରେ ପୋଷ୍ଟର୍ ଲଗାଯାଇଛି। ଆଗାମୀ ଦିନରେ ଶ୍ରୀମନ୍ଦିର ବାହାରେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରିବା ନେଇ ଆଜି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ଦେଇଛନ୍ତି। ଶ୍ରୀମନ୍ଦିର ବାହାରେ ସୁରକ୍ଷା ସୁନିଶ୍ଚିତ କରିବା ସକାଶେ ରାଜ୍ୟ ସରକାର ୱାଚ୍ ଟାୱାର ପ୍ରତିଷ୍ଠା ପାଇଁ ଚିନ୍ତା କରୁଥିବା ଆଇନ ମନ୍ତ୍ରୀ କହିଛନ୍ତି। ବିଗତ କିଛିଦିନ ହେବ ଶ୍ରୀମନ୍ଦିର ଉପରେ ବାରମ୍ବାର ଡ୍ରୋନ୍ ଉଡ଼ୁଥିବା ମଧ ନଜରକୁ ଆସିଛି। ପୁଲିସ୍‌ର ତାଗିଦା ସତ୍ତ୍ୱେ ମଧ ଡ୍ରୋନ୍ ଶ୍ରୀମନ୍ଦିର ଉପରେ ଉଡ଼ିବା ଜାରି ରହିଥିଲା। ତେଣୁ ଆଗାମୀ ଦିନରେ ଏପରି କୌଣସି ପ୍ରକାର ଡ୍ରୋନ୍ ଶ୍ରୀମନ୍ଦିର ଆଖପାଖରେ ନଜର ଆସିଲେ, ➪ପୃଷ୍ଠା-୬

SIKSHA 'O' ANUSANDHAN
(DEEMED TO BE UNIVERSITY)
SAAT-2025
Empowering students for a brighter future
CORE B.TECH PROGRAMMES IN COMPUTING
- Computer Science and Engineering
- Computer Science and Information Technology
APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes
NIRF INDIA RANKINGS 2024
- 14th Best in University Category
- 26th Best in Engineering Category
INTERNATIONAL RANKINGS 2025
- Ranked in QS World Rankings 2025
- Ranked in Times World Rankings 2025
To apply for admission through SAAT, Please visit: www.soa.ac.in



### କାନ ଡେରିଥା

ସାମ୍ବାଦିକ ଏଠି ସାମ୍ବାଦିକର ଶତ୍ରୁ
ଲାଗନ୍ତି କିନ୍ତୁ ନିଜର
ସମବାୟ ରାସ୍ତା ସମସ୍ତଙ୍କ
ହେଲେ
ସୂତ୍ର ଯାହାର ତାହାର
କାହିଁକି ଏ ବ୍ୟଭିଚାର...
ଶିଖି ଶିଖାଇବା ଚାହାଁନ୍ତି ନାହିଁ
କେ
ମାନସିକ ଅତ୍ୟାଚାର।

■ ଦେବାଶିଷ

### ବିଜେଡି ବିଧାୟକ ହରିପାଲ୍‌ଙ୍କ ସ୍ତୁତିଗାନ
## ଧର୍ମେନ୍ଦ୍ର ହେଉଛନ୍ତି ଧର୍ମର ରାଜା



- ପଶ୍ଚିମଓଡ଼ିଶା ରାଜନୀତିରେ ହଲଚଲ
- ପ୍ରଣବଙ୍କ ଗାଲରେ ଚାପୁଡ଼ା ଭଳି ଅବସ୍ଥା

**ଭୁବନେଶ୍ୱର, ୨୩।୧ (ସଂଚାର ବ୍ୟୁରୋ):** ଧର୍ମେନ୍ଦ୍ର ହେଉଛନ୍ତି ଧର୍ମର ରାଜା। ସେ ନିଶ୍ଚିତ ଭାବେ ଧର୍ମ ରକ୍ଷା କରିବେ। କେବଳ ଓଡିଶାରେ ନୁହେଁ ସାରା ଦେଶରେ ସମ୍ବଲପୁରର ନାଁ ଟେକ ରହିବେ। ଖୋଲା ମଞ୍ଚରେ ଧର୍ମେନ୍ଦ୍ରଙ୍କୁ ଏଭଳି ପ୍ରଶଂସାରେ ପୋତିପକାଇଛନ୍ତି ରେଙ୍ଗାଲିର ଯୁବ ବିଧାୟକ ସୁଦର୍ଶନ ହରିପାଲ।

ଆଜି ଏକ ଖୋଲା ସଭାରେ ଧର୍ମେନ୍ଦ୍ର ପ୍ରଶଂସାରେ ବିଜେଡିର ଯୁବ ବିଧାୟକ ଏଭଳି ଶତମୁଖ ହେବା କେବଳ ବିଜେଡି ଶିବିରରେ ହଇଚଇ ସୃଷ୍ଟି କରିନାହିଁ, ଏହା ଆଗାମୀ ଦିନରେ ପଶ୍ଚିମ ଓଡ଼ିଶା ରାଜନୀତିକୁ ନୂଆ ମୋଡ଼ ଦେବ ବୋଲି କୁହାଯାଉଛି। ବିଧାୟକ ଶ୍ରୀ ହରିପାଲ କହିଛନ୍ତି ଯେ ସମଲେଶ୍ୱରୀଙ୍କ ଆର୍ଶୀବାଦରେ ଧର୍ମେନ୍ଦ୍ରଙ୍କ ଭଳି ନେତା ମିଳିଛନ୍ତି। ପୂର୍ବରୁ ଏହି ଅଞ୍ଚଳର ନେତା ଥିଲେ ବୀର ସୁରେନ୍ଦ୍ର ସାଏ। ସୁରେନ୍ଦ୍ର ସାଏଙ୍କ ଭଳି କେହି ହୋଇପାରିବେନି। କିନ୍ତୁ ସୁରେନ୍ଦ୍ର ଓ ଧର୍ମେନ୍ଦ୍ର ଶବ୍ଦ ମଧ୍ୟରେ ବହୁତ କିଛି ସମାନତା ରଖିଛି।

ସତ କହିବାକୁ କିଛି ଡରିବାର ନାହିଁ ବୋଲି ଉଲ୍ଲେଖ କରି ଶ୍ରୀ ହରିପାଲ କହିଥିଲେ ଯେ ପୂର୍ବରୁ ସାଂସଦମାନେ ସବୁ ନିଖୋଜ ଥିଲେ। ସେମାନଙ୍କୁ ଦେଖିବାକୁ ମିଳୁନଥିଲା। ହେଲେ ବର୍ତ୍ତମାନର ସମ୍ବଲପୁର ସାଂସଦଙ୍କୁ ନେଇ ଆମେ ଗର୍ବ କରୁଛୁ। ତାଙ୍କ ନେତୃତ୍ୱରେ କେବଳ ସମ୍ବଲପୁରର ବିକାଶ ହେବନାହିଁ, ଓଡିଶା ସମେତ ଭାରତର ବିକାଶ ମଧ ସାଧିତ ହେବ। ବିଜେଡି ବିଧାୟକଙ୍କର ଏଭଳି କେଇପଦ କଥା ଓଡ଼ିଶା ରାଜନୀତି ବିଶେଷକରି ବିଜେଡି ରାଜନୀତିରେ ନିଆଁ ଲଗାଇଛି। କାରଣ ସମ୍ବଲପୁର ଲୋକସଭା କ୍ଷେତ୍ରରୁ ଆସିଥିବା ଶ୍ରୀ ହରିପାଲ ବିଜେଡିର ସାଂଗଠନିକ ସମ୍ପାଦକ ପ୍ରଣବ ➪ପୃଷ୍ଠା-୬

## ସାତଭାୟା ସମୁଦ୍ର କୂଳରୁ ମିଳିଲା ନିଖୋଜ ବୋଟ ମାଲିକଙ୍କ ମୃତଦେହ

**ରାଜନଗର,୨୩।୧(ସଂଚାର ବ୍ୟୁରୋ):** ଗଭୀର ସମୁଦ୍ରରେ ଜାଲ ବୋଟକୁ ଉଠାଇବା ବେଳେ ୧୯ ତାରିଖ ରାତିରେ ସମୁଦ୍ରରେ ଖସି ପଡ଼ିଥିବା ତାଳଚୁଆ ସାମୁଦ୍ରିକ ଥାନା ଅନ୍ତର୍ଗତ ଶିକାରପାହି ଗାଁର ଅରବିନ୍ଦ ପାତ୍ର (୩୮ବର୍ଷ)ଙ୍କ ମୃତଦେହ ୪ଦିନ ପରେ ମିଳିଛି। ଆଜି ସାତଭାୟା ସମୁଦ୍ର କୂଳରେ ଏକ ମୃତଦେହ ଲାଗିଥିବା ବନକର୍ମଚାରୀମାନେ ଦେଖି ଖବର ଦେଇଥିଲେ। ମୃତ ଅରବିନ୍ଦଙ୍କ ୨ଭାଇ ଇନ୍ଦୁ କୁମାର ପାତ୍ର, ରବି କୁମାର ପାତ୍ର ଓ ପରିବାର ଲୋକେ ଘଟଣା ସ୍ଥଳରେ ପହଁଚି ତାହା ଅରବିନ୍ଦଙ୍କ ମୃତଦେହ ବୋଲି ଚିହ୍ନଟ କରିଥିଲେ। ସେଠାରୁ ଶବକୁ ବୋହି ବୋହି ବାଉଁଶଗଡ଼ି ନଦୀ ଯାଏଁ ଅଣାଯାଇଥିଲା। ଘାଟ ପାର ହେବା ପରେ ମୃତଦେହକୁ ପୁଲିସ ରାଜନଗର ଥାନାକୁ ଆଣିଛି। ଆସନ୍ତାକାଲି ଶବ ବ୍ୟବଚ୍ଛେଦ ହେବ ବୋଲି ଜଣାପଡ଼ିଛି।

## ନଦୀକୁ ଖସିପଡ଼ିଲେ ଯୁବକ

**ରାଜନଗର,୨୩।୧(ସଂଚାର ବ୍ୟୁରୋ):** ରାଜନଗର ହଂସୁଆ ନଦୀର ସେତୁ ଉପରୁ ଜଣେ ଯୁବକ ନଦୀ ମଧ୍ୟକୁ ଖସି ପଡ଼ିଛନ୍ତି। ଆଜି ସଂଧ୍ୟାରେ ଏହି ଘଟଣା ଘଟିଛି। ପୁଲିସ ଓ ଅଗ୍ନିଶମ ବାହିନୀ ପକ୍ଷରୁ ଯୁବକଙ୍କୁ ଠାବ କରିବା ପାଇଁ ଖୋଜାଖୋଜି ଜାରି ରହିଛି। ଅନ୍ଧାର ଓ ନଦୀରେ କୁମ୍ଭୀର ଭାସୁଥିବାରୁ ଖୋଜାଖୋଜି ପ୍ରକ୍ରିୟାରେ ବାଧା ସୃଷ୍ଟି ହୋଇଛି। ୨ଘଣ୍ଟା ତଳୁ ଯୁବକ ଜଣଙ୍କ ନଦୀ ମଧ୍ୟକୁ ଖସି ପଡ଼ିଥିଲେ ମଧ୍ୟ ତାଙ୍କର କୌଣସି ଖୋଜ ଖବର ରିପୋର୍ଟ ଲେଖାହେବା ଯାଏଁ ମିଳିପାରିନାହିଁ। ସ୍ଥାନୀୟ ଲୋକଙ୍କ ସୂଚନା ମୁତାବକ ଜରିମୂଳ ଅଞ୍ଚଳର ଜଣେ ଯୁବକ ମଦ୍ୟପାନ କରିଥିଲେ। ହଂସୁଆ ସେତୁର ବାଡ ଉପରେ ବସି ଫୋନରେ କଥା ହେଉଥିବା ବେଳେ ନଦୀ ମଧ୍ୟକୁ ଖସି ପଡ଼ିଥିଲେ। ତାଙ୍କର ଗୋଟିଏ ପଟ ଚପଲ ପୋଲ ଉପରେ ପଡ଼ିଛି। ଚପଲଟି ଜରିମୂଳ ଅଞ୍ଚଳର ଜଣେ ଯୁବକ ଗତକାଲି କିଣିଥିଲେ। ଘରୁ ରାଗି ଚାଲି ଆସିଥିବା କୁହାଯାଉଛି।



## ସଡ଼କ ଦୁର୍ଘଟଣାରେ ଜଣେ ମୃତ

**ରାଜନଗର,୨୩।୧(ସଂଚାର ବ୍ୟୁରୋ):** ରାଜନଗର ଭିତରକନିକା ମୁଖ୍ୟ ରାସ୍ତାର କଣି ଛକ ନିକଟରେ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଛି। ଆଜି ଦିନ ପ୍ରାୟ ୧୨ ଘଟିକା ସମୟରେ ମହୁଲିଆ ପଞ୍ଚାୟତ କଣି ଗାଁର ଧ୍ରୁବ ଚରଣ ପରିଡ଼ା (୫୮ବର୍ଷ) ତାଙ୍କ ପୁଅ ବଳରାମ ପରିଡ଼ାଙ୍କ ସହିତ ସ୍କୁଟିରେ ରାଜନଗରରୁ ଘରକୁ ଫେରୁଥିଲେ। ଗାଁ ଛକ ନିକଟରେ ସ୍କୁଟିକୁ ରାଜନଗରରୁ ଦ୍ରୁତ ଗତିରେ ଆସୁଥିବା ଓଡି୦୫ଏଡବ୍ଲୁ୨୧୨୫ ନମ୍ବର ବିଶିଷ୍ଟ ଟାଟା ଏସି ଗାଡି ପଛପଟୁ ଧକ୍କା ଦେଇଥିଲା। ଗାଡିକୁ ପଛପଟୁ ଧକ୍କା ଦେବା ସହ ସ୍କୁଟିକୁ ଘୋଷାଡି ନେଇ ଟାଟାଏସି ରାସ୍ତା ତଳ କେନାଲକୁ ଗଡ଼ି ଯାଇଥିଲା। ପୁଅ ବଳରାମ ଛିଟିକି ପଡ଼ିଥିବା ବେଳେ ବାପା ଧ୍ରୁବ ଚରଣ ରାସ୍ତା ଉପରେ ଛିଟିକି ପଡ଼ିଥିଲେ। ତାଙ୍କର ମୁଣ୍ଡ ଓ ହାତରେ ମାଡ ଦେବା ସହ କାନରୁ ରକ୍ତ ବାହାରିଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି କରିଥିଲେ, ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣା କଣି ଗାଁରେ ଶୋକାକୂଳ ପରିବେଶ ସୃଷ୍ଟି କରିଛି।

### ଅବାଧରେ ବିକ୍ରି ହେଉଛି ଗଞ୍ଜେଇ ଭର୍ତ୍ତି ସିଗାରେଟ୍

# ପଥଭ୍ରଷ୍ଟ ଶିକ୍ଷିତ ଯୁବବର୍ଗ

**କେନ୍ଦ୍ରାପଡ଼ା,୨୩।୧(ସଂଚାର ବ୍ୟୁରୋ):** ଗୋଗ, ମାଲ୍, ବାବା, ରୋଲ୍ ଏଭଳି ଅନେକ ନାମ ଏହି ନାମଟି କେବଳ ଦୋକାନ ଓ ଗ୍ରାହକ ବୁଝିପାରନ୍ତି। ସାଧାରଣ ଲୋକେ ସହଜରେ ଏହାକୁ ବୁଝିବା କଷ୍ଟ । କିନ୍ତୁ ଏହି ନାମ ହେଉଛି ଗଞ୍ଜେଇ ଭର୍ତ୍ତି ସିଗାରେଟ୍‌ର କୋଡୱାର୍ଡ ଏବେ ସହରରେ ଗଞ୍ଜେଇ ଭର୍ତ୍ତି ସିଗାରେଟ୍ ବହୁଳ ଭାବେ ବିକ୍ରି ହେଉଥିବା ବେଳେ ଗ୍ରାହକ ବିଭିନ୍ନ କୋଡ୍ୱାର୍ଡରେ ମାଗିବା ମାତ୍ର ବୁଝିପାରୁଛନ୍ତି । ସହରରେ ବେଧଡକ ଭାବେ ଚାଲିଛି ନିଶା କାରବାର। ଚୋରା ମଦ ଠାରୁ ଆରମ୍ଭ କରି ଗଞ୍ଜେଇ, ଅଫିମ, ବ୍ରାଉନସୁଗାର ଭଳି ନିଶା ସାମଗ୍ରୀ ଖୋଲାଖୋଲି ବିକ୍ରି ହେଉଥିବା ବେଳେ ଏବେ ଗଞ୍ଜେଇ ଏବଂ ସିଗାରେଟ୍‌ର ବହୁଳ ବ୍ୟବହାର ହେଉଥିବା ଦେଖାଦେଇଛି। ଯୁବବର୍ଗ ଏହି ଗଞ୍ଜେଇ ନିଶା କବଳିତ କରିଥିବା ବେଳେ ଏହାକୁ ରୋକିବାରେ ଅବକାରୀ ବିଭାଗ ସଂପୂର୍ଣ୍ଣ ବିଫଳ ହୋଇଛି।

ସହରର ଅଧିକାଂଶ ଗଳିକନ୍ଦିରେ ଥିବା ପାନ ଦୋକାନ ଓ ଚା' ଦୋକାନ ଗୁଡ଼ିକରେ ଏଭଳି ସିଗାରେଟ୍ ବିକ୍ରି ହେଉଥିବା ବେଳେ ଏଥିପାଇଁ ବିଭିନ୍ନ କୋଡ୍ୱାର୍ଡ ବ୍ୟବହାର କରାଯାଉଛି। ଦିନକୁ ଦିନ ଏହାର ବିକ୍ରି ବଢ଼ୁଥିବା ବେଳେ ଯୁବବର୍ଗ ଏହି ନିଶାରେ କବଳିତ ହେଉଥିବା ଯୋଗୁଁ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି । ସହରର ବିଭିନ୍ନ ବଜାର, ଛକ ଠାରୁ ଆରମ୍ଭ କରି ସାହିମାନଙ୍କରେ ଥିବା ଦୋକାନରେ ଦାମୀ ସିଗାରେଟ୍ ଖୋଳରେ ଗଞ୍ଜେଇ ରଖି ସିଗାରେଟ୍ ବିକ୍ରି ହେଉଥିବା ଅଭିଯୋଗ ହେଉଛି। ଖୁଲମଖୁଲା ବିକ୍ରି ହେଉଥିବା ବେଳେ ବିଭାଗୀୟ ଅଧିକାରୀମାନେ ଏହି ବିଷୟରେ କିଭଳି ଅବଗତ ହେଉନାହାନ୍ତି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ରାସ୍ତାକଡ଼ ପାନ ଦୋକାନ ଠାରୁ ଆରମ୍ଭ କରି ମନ୍ଦିର ଓ ଶିକ୍ଷାନୁଷ୍ଠାନ ନିକଟରେ ମଧ୍ୟ ଏଭଳି ସିଗାରେଟ୍ ଅବାଧରେ ବିକ୍ରି ହେଉଛି। ବଜାରରେ ବିଭିନ୍ନ କମ୍ପାନିର ସିଗାରେଟ୍ ବିକ୍ରି ହେଉଥିବା ବେଳେ ଦୋକାନୀମାନେ ଏଭଳି ସିଗାରେଟ୍‌କୁ ଦାମୀ କମ୍ପାନିର ସିଗାରେଟ୍ ଖୋଳରେ ରଖି ନିର୍ଦ୍ଦିଷ୍ଟ ଗ୍ରାହକଙ୍କୁ ଦେଇଥାନ୍ତି।





ପୂର୍ବରୁ ଗଞ୍ଜେଇ ଟାଣୁଥିବା ଲୋକେ ଚିଲମ୍‌ରେ ଗଞ୍ଜେଇ ଭର୍ତ୍ତି କରି ଟାଣୁଥିବା ବେଳେ ଏବେ ଏହା କାଁ ଭାଁ କିଛି ସ୍ଥାନରେ ଦେଖିବାକୁ ମିଳୁଥିବା ବେଳେ ଯୁବବର୍ଗ କିନ୍ତୁ ଗଞ୍ଜେଇ ଭର୍ତ୍ତି ସିଗାରେଟ୍‌କୁ ପସନ୍ଦ କରୁଛନ୍ତି। ଏହି ସିଗାରେଟ୍ ଟାଣିବା ଫଳରେ କେହି ବି ଏଥିରେ ଗଞ୍ଜେଇ ଥିବା ଠଉରାଇ ପାରୁନାହାନ୍ତି । କିଛି ସ୍ଥାନରେ ଦୋକାନୀ ସିଗାରେଟ୍ ଭିତରେ ଥିବା ନିକୋଟିନ୍‌କୁ ବାହାର କରି ସେଥିରେ ଗଞ୍ଜେଇ ଭର୍ତ୍ତି କରି ବିକ୍ରି କରୁଥିବା ବେଳେ କିଛି ଦୋକାନୀ ଏକ ସ୍ୱତନ୍ତ୍ର ପେପର୍ ଆଣି ଏଥିରେ ଗଞ୍ଜେଇ ଭର୍ତ୍ତି କରି ସିଗାରେଟ୍ ଆକାରରେ ବିକ୍ରି କରୁଛନ୍ତି। କେନ୍ଦ୍ରାପଡା ଶୋୟଂ ଶାସିତ କଲେଜ ନିକଟ, ବସଷ୍ଟାଣ୍ଡ ଛକ, ଜାତୀୟ ରାଜପଥ କଡ଼ରେ ଥିବା ନିର୍ମାଣାଧୀନ ଘର, ପୋଖରୀ ହୁଡ଼ା ପରି ସ୍ଥାନରେ ଏଭଳି ସିଗାରେଟ୍ ଟାଣିବା ପାଇଁ ଯୁବବର୍ଗଙ୍କ ସଂଖ୍ୟା ଅଧିକ ରହୁଛି।

ମିଳିଥିବା ସୂଚନା ଅନୁସାରେ ବଜାରରେ ଗଞ୍ଜେଇ ସିଗାରେଟ୍‌ର ଦାମ ୨୦ଟଙ୍କାରୁ ଆରମ୍ଭ ହୋଇ ୧୦୦ ଟଙ୍କା ପର୍ଯ୍ୟନ୍ତ ରହିଛି। ଗଞ୍ଜେଇ ନିଶା ମାରାତ୍ମକ ହୋଇଥିବା ଯୋଗୁଁ ଏହା ମାନସିକ ସ୍ଥିତିକୁ ବିଗାଡ଼ିଥାଏ। ଏହାକୁ ରୋକିବା ପାଇଁ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଟିମ୍ ଗଠନ କରି ଧରପଗଡ଼ କରିବା ସହ ଏଥିରେ ଲିପ୍ତ ବ୍ୟବସାୟୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମତପ୍ରକାଶ ପାଇଛି।

## ଆରଏସ୍‌ଏସ୍ ପକ୍ଷରୁ ନେତାଜୀ ସୁଭାଷ ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ




**କେନ୍ଦ୍ରାପଡ଼ା,୨୩।୧(ସଂଚାର ବ୍ୟୁରୋ):** ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ କେନ୍ଦ୍ରାପଡା ଶାଖା ପକ୍ଷରୁ ନେତାଜୀ ସୁଭାଷ ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳନ କରାଯାଇଛି । ଏହି ଉପଲକ୍ଷେ ସ୍ଥାନୀୟ ସରସ୍ୱତୀ ଶିଶୁ ମନ୍ଦିର ପରିସରରୁ ସ୍ୱୟଂ ସେବକ ମାନଙ୍କ ଏକ ବିଶାଳ ଶୋଭାଯାତ୍ରା ସହର ପରିକ୍ରମା କରି ସ୍ଥାନୀୟ ଗିରିଶ ପଡିଆ ଠାରେ ସମବେତ ହେବା ପରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା ।

ଜିଲ୍ଲା ସଂଘ ଚାଳକ ବିରଂଚି ନାରାୟଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବାୟାବାବା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ଼ଃ ସୁଧାଂଶୁ ଶେଖର ଦ୍ୱିବେଦୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସଂଘର ଓଡିଶା ପୂର୍ବପ୍ରାନ୍ତ ସହ କାର୍ଯ୍ୟବାହ ରବି ନାରାୟଣ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଉଭୟ ବରପୁତ୍ରଙ୍କ ଦେଶପ୍ରତି ଥିବା ଅସୀମ ତ୍ୟାଗ, ବୀରତ୍ୱ ଓ ସାହସିକତା ତଥା ଅନମନିୟ ଦେଶ ପ୍ରେମର ଉଦାହରଣ ଦେବା ସହ ସେମାନଙ୍କ ପ୍ରଦର୍ଶିତ ମାର୍ଗରେ ଆଜିର ଯୁବ ସମାଜ ଆଗେଇ ଅସିବାକୁ ଆହ୍ୱାନ ଦେଇଥିଲେ । ସେହି ମାନଙ୍କ ମାର୍ଗରେ ବର୍ତମାନର ପିଢି ଅନୁପ୍ରାଣିତ ହୋଇ ସଂଗଠିତ ଶକ୍ତିରେ ପରିଣତ ହେଲେ ଦେଶ ପରମ ବୈଭବଶାଳୀ ରାଷ୍ଟ୍ରରେ ପରିଣତ ହୋଇପାରିବ ବୋଲି ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମରେ ଶତାଧିକ ସ୍ୱୟଂ ସେବକ, ମହାକାଳପଡା ବିଧାୟକ ଡ଼ଃ ଦୁର୍ଗା ପ୍ରସନ୍ନ ନାୟକଙ୍କ ସମେତ ବହୁ ବୁଦ୍ଧିଜୀବି ଉପସ୍ଥିତ ଥିଲେ ।

## ଉର୍ଦ୍ଦୁ ସ୍କୁଲରେ ନେତାଜୀ ଜୟନ୍ତୀ

**କେନ୍ଦ୍ରାପଡ଼ା,୨୩।୧(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ ଫକିରାବାଦ ଉର୍ଦ୍ଦୁ ଉପ୍ରା ବିଦ୍ୟାଳୟ ରେ ଦେଶର ମହାନ ୨ ସ୍ୱାଧିନତା ସଂଗ୍ରାମୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ଉତ୍ସବ ପ୍ରଧାନ ଶିକ୍ଷକ ସେକ ମନସୁର ଅଲ୍ଲୀଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ହୋଇ ଯାଇଛି । ସଭା ପ୍ରାରମ୍ଭରେ ଏହି ଦୁଇ ମହାନ ନେତାଙ୍କ ଫଟୋଚିତ୍ର ରେ ମାଲ୍ୟାର୍ପଣ କରାଯାଇ ଥିଲା । ସ୍କୁଲର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଦେଶାତ୍ମକ ବୋଧକ ସଙ୍ଗୀତ ଗାନ କରାଯାଇ ଥିଲା ଓ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ ଥିଲା । ଉକ୍ତ ସଭାରେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ପୂର୍ବତନ ମହା ସଚିବ ଭ୍ରମରବର ରାଉତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି ଦୁଇ ମହାନ ସ୍ୱାଧିନତା ସଂଗ୍ରାମୀଙ୍କ ଆଦର୍ଶ ଜୀବନୀ ଓ ସ୍ୱାଧିନତା ସଂଗ୍ରାମରେ ଅଂଶ ଗ୍ରହଣ କରି ଦେଶକୁ ସ୍ୱାଧିନ କରିଥିବା ସଂପର୍କରେ ପ୍ରକାଶ କରିବା ସହ ଛାତ୍ରଛାତ୍ରୀ ମାନଙ୍କୁ ଅନୁପ୍ରାଣିତ ହେବାକୁ ଉପଦେଶ ଦେଇଥିଲେ । ମୁଖ୍ୟ ଅତିଥି ଶ୍ରୀ ରାଉତ ପ୍ରତିଯୋଗିତା ରେ ଉତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରିଥିଲେ । କାର୍ଯ୍ୟକ୍ରମ ରେ ସ୍କୁଲର ଶିକ୍ଷୟିତ୍ରୀ ସମୀନା ଜେନା, ମିର ରଫିକ, ନଗମା ବେଗମ, ବିଦ୍ୟାଳୟ ର ସଭାପତି ମିର ସମସ ତବରେଜ ପ୍ରମୁଖ ଉପସ୍ଥିତ ଥିଲେ । ଶିକ୍ଷକ ଗାଙ୍ଗେୟ କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ ।




## ନେତାଜୀ ଜୟନ୍ତୀରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

**ମହାକାଳପଡ଼ା,୨୩।୧(ସଂଚାର ବ୍ୟୁରୋ):** ନେତାଜୀ ଜୟନ୍ତୀ ଅବସରରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଯୁବକ ସଂଘ ତରଫରୁ ବିବି କଲୋନୀ ସ୍ୱର୍ଗଦ୍ୱାର କୀର୍ତ୍ତନ ପଡିଆ, ପେଟଛେଲା ଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ରକ୍ତ ଦାନ ଶିବିରରେ ମୋଟ ୪୦ ୟୁନିଟ ରକ୍ତ ସଂଗୃହୀତ ହୋଇ କେନ୍ଦ୍ରୀୟ ବ୍ଲଡ଼ ବ୍ୟାଙ୍କ୍, କଟକକୁ ହସ୍ତାନ୍ତର କରାଯାଇଛି।

ଗ୍ରାମାଞ୍ଚଳର ପ୍ରତିଟି ଘରୁ ରକ୍ତଦାତା ତିଆରି କରିବାର ମୂଳ ଲକ୍ଷ୍ୟ ନେଇ ଏହି କାର୍ଯ୍ୟକ୍ରମର ରୂପରେଖ ପ୍ରସ୍ତୁତ କରାଯାଇଥିଲା। ମୁଖ୍ୟ ଅତିଥି ଭାବରେ ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ ରକ୍ତଦାନ ଶିବିରକୁ ଉଦଘାଟନ କରିଥିଲେ। ମୁଖ୍ୟ ବକ୍ତା ପ୍ରଫେସର ସୁକାନ୍ତ ପ୍ରଧାନ, ସମ୍ମାନିତ ଅତିଥି ବିଜୟ ଶୁକ୍ଳା, ସମ୍ମାନୀତ ଅତିଥି ଭାବରେ ମୃତ୍ୟୁଞ୍ଜୟ ମଣ୍ଡଳ, ମିଳନ ଦେବନାଥ, ସରପଞ୍ଚ ପ୍ରସନ୍ନ ବେହେରା ଉପସ୍ଥିତ ଉପସ୍ଥିତ ରହି ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁକୁମାର ଦେବନାଥ, ପ୍ରଦୀପ୍ତ କୁମାର ସାମନ୍ତରାୟ, ଦୀପକ କୁମାର ଦେବନାଥ, ଶଙ୍କର ମଜୁମଦାର, ସାଗର ଦେବନାଥ, ଦେବୁ ଦାସ, କୈଳାଶ ଦେବନାଥ, ସମୀର ଦେବନାଥ, ଶିବାଜି ଦେବନାଥ , ସୁକାନ୍ତ ଦେବନାଥ , ରାଜୁ ଦେବନାଥ ସମେତ ବହୁ ସଦସ୍ୟ ଯୋଗ ଦେଇ ରକ୍ତଦାନ ଶିବିରକୁ ପରିଚାଳନା କରିଥିଲାବେଳେ ସମ୍ରାଟ ଦେବନାଥ ମୁଖ୍ୟ ପରିଚାଳକ ଭାବରେ କାର୍ଯ୍ୟ କରିଥିଲେ।



### ଗହୀରମଥା ଅଭୟାରଣ୍ୟ ଭିତରେ ଇକୋରିଟ୍ରିଟ୍

# କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଏନ୍‌ଜିଟିଙ୍କ ନୋଟିସ୍

**କେନ୍ଦ୍ରାପଡ଼ା,୨୩।୧(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ପେଣ୍ଠ ବେଳା ଭୂମୀରେ ହେଉଥିବା ଇକୋରିଟ୍ରିଟ୍‌କୁ ନେଇ ନ୍ୟାସନାଲ୍ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି) କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ନୋଟିସ୍ କରିଛନ୍ତି ନ୍ୟାସନାଲ୍ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି) । ଓଡିଶା ପର୍ଯ୍ୟଟନ ବିଭାଗ ପକ୍ଷରୁ ଆୟୋଜିତ ଏହି ଇକୋରିଟ୍ରିଟ୍ ଗତ ଡିସେମ୍ବର ୧ ତାରିଖରୁ ଆରମ୍ଭ ହୋଇଛି । ଏହି ଇକୋରିଟ୍ରିଟ୍ ଚତୁର୍ଥ ବର୍ଷରେ ପହଁଚିଛି । ଭିତରକନିକା ଜାତୀୟ ଉଦ୍ୟାନ ଏବଂ ଗହିରିମଥା ଅଭୟାରଣ୍ୟ ଭିତରେ ଆସୁଥିବା ପେଣ୍ଠ ସାମୁଦ୍ରିକ ବେଳା ଭୂମୀରେ ଆୟୋଜିତ ହେଉଥିବାରୁ ଏହି ଇକୋରିଟ୍ରିଟ୍‌କୁ ନେଇ ଚଳିତ ଥର ବିବାଦ ଦେଖା ଦେଇଥିଲା ।

ଇକୋରିଟ୍ରିଟ୍‌ରେ ପର୍ଯ୍ୟଟକଙ୍କ ପାଇଁ ୨୫ଟି ବିଳାସ ପୂର୍ଣ୍ଣ ରହଣି ସ୍ଥଳ । ବୋଟିଂ ବ୍ୟବସ୍ଥା, ଉଚ୍ଚ କ୍ଷମତା ସମ୍ପର୍ଣ୍ଣ ଲାଇଟ୍, ସାଉଣ୍ଡ, ଏବଂ ଲୋକଙ୍କ ଗହଳି ଆଦି ହେଉଥିବା ଅଭିଯୋଗ ରହିଛି । ଆସନ୍ତା ଫେବ୍ରୁୟାରୀ ମାସ ଶେଷରେ ଏହି କାର୍ଯ୍ୟ କ୍ରମ ଶେଷ ହେବ ବୋଲି ଜଣାପଡିଛି । ଇକୋରିଟ୍ରିଟ୍ ପାଇଁ ପରିବେଶ ପ୍ରଦୂଷଣ ସାଙ୍ଗକୁ ବନ୍ୟଜନ୍ତୁ, ଅଲିଭ୍ ରିଡଲେ୍ କଇଁଚ ଜୀବନ ଉପରେ ପ୍ରଭାବ ପଡୁଥିବା ଗତ ନଭେମ୍ବର ମାସରେ ଏନେଇ ଆପତି ଉଠାଇ ଥିଲେ ପରିବେଶବିତ୍ ଆଳୟ ସାମନ୍ତରାୟ । ଇକୋରିଟ୍ରିଟ ଅଭୟାରଣ୍ୟ ଭିତରେ ପେଣ୍ଠ ବେଳା ଭୂମୀରେ ନକରି ଅନ୍ୟତ୍ର ସ୍ଥାନା ନ୍ତରୀତ କରିବାକୁ ଦାବି କରି କେନ୍ଦ୍ର ଓ ରାଜ୍ୟ ସରଙ୍କୁ ଅଭିଯୋଗ କରିଥିଲେ । ପରବର୍ତି ସମୟରେ ମାମଲା ଏନଜିଟିକୁ ଯାଇଥିଲା ।

କେନ୍ଦ୍ର ସରକାରଙ୍କ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟର(ବନ୍ୟପ୍ରାଣୀ) ଅତିରିକ୍ତ ଆଚଂଳିକ ମହାନିର୍ଦ୍ଦେଶକ,ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗର ଅତିରିକ୍ତ ଶାସନ ସଚିବ, ଜାତୀୟ ବୋର୍ଡ ବନ୍ୟପ୍ରାଣୀ ଅତିରିକ୍ତ ସଚିବ ଏବଂ କେନ୍ଦ୍ରାପଡା ଜିଲ୍ଲାପାଳଙ୍କୁ ଏନ୍‌ଜିଟିଙ୍କ ପକ୍ଷରୁ ନୋଟିସ୍ କରାଯାଇ ଜବାବତଲବ୍ କରାଯାଇଛି ଗହିରମଥା ସାମୁଦ୍ରିକ ଅଭୟାରଣ୍ୟ ଭିତରେ ଏହି ଜାଗା ଆସୁଥିବାରୁ ଏଠାରେ ଇକୋରିଟ୍ରିଟ୍ ହେବା ବନ୍ୟପ୍ରାଣୀ ସୁରକ୍ଷା ଆଇନ୍ ୧୯୭୨କୁ ଉଲଂଘନ କରୁଅଛି ବୋଲି ହୋଇ ଥିବା ଅଭୀଯୋଗ ସଂପର୍କରେ ରିପୋର୍ଟ ଦିଆଯାଉ ବୋଲି ଜଷ୍ଟିସ୍ ବି.ଅମିତ ସତଲେକର ଏବଂ ଡ.ଅରୁଣ କୁମାର ବରମାଙ୍କ ଖଣ୍ଡପୀଠ କହିଛନ୍ତି । ଏହି କାର୍ଯ୍ୟକ୍ରମ ଦ୍ୱାରା କ'ଣ ସବୁ କ୍ଷତି ହେଉଛି ସେନେଇ ଆସନ୍ତା ମାର୍ଚ୍ଚ ମାସ ୧୮ତାରିଖ ସୁଧା ରିପୋର୍ଟ ଦେବାକୁ ନିର୍ଦ୍ଦେଶ ରହିଛି । ଆବେଦନକାରୀଙ୍କୁ ପକ୍ଷରୁ ଏନ୍‌ଜିଟିରେ ଆଇନ୍‌ଜୀବି ସଙ୍କର ପ୍ରସାଦ ପାଣି, ଆଶୁତୋଷ ପାଢ଼ି ଏହି ମାମଲାକୁ ପରିଚାଳନା କରୁଛନ୍ତି ।



**ମାର୍ଚ୍ଚ ୧୮ରେ ପରବର୍ତ୍ତୀ ଶୁଣାଣି**

## ଗଜେଶ୍ୱର ବିଦ୍ୟାପୀଠର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

**ମହାକାଳପଡ଼ା, ୨୩।୧ (ସଂଚାର ବ୍ୟୁରୋ) :** ଗୁରୁବାର ଦିନ ମହାକାଳପଡ଼ା ବ୍ଲକ ଦେଉଳପଡା ଗଜେଶ୍ୱର ବିଦ୍ୟାପୀଠରେ ୪୪ ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ୨୨ ଜାନୁଆରୀରୁ ଆରମ୍ଭ ହୋଇଥିବା ଏହି କ୍ରୀଡା ପ୍ରତିଯୋଗିତାକୁ ପ୍ରଧାନ ଶିକ୍ଷୟତ୍ରୀ ପାର୍ବତୀ ମିଶ୍ର କ୍ରିଡ଼ା ପତାକା ଉତ୍ତୋଳନ କରି ଆନୁଷ୍ଠାନିକ ଭାବରେ ଆରମ୍ଭ କରିଥିଲେ। ବିଦ୍ୟାଳୟର ଛାତ୍ର ଛାତ୍ରୀ ୧୦୦ ମିଟର,୨୦୦ ମିଟର ଦଉଡ, ଲମ୍ବ ଡିଆଁ, ଉଚ୍ଚ ଡିଆଁ, ଗଣିତ ଦୁଉଡ, ଲେମ୍ବୁ ଚାମଚ, ଗୀତ, ଅଭିନୟ ଆଦି ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତକାର୍ଯ୍ୟ ହୋଇଛନ୍ତି। ଆଜି ଶେଷ ଦିବସ ତଥା ଉଦଯାପନୀ ଦିବସରେ ମୁଖ୍ୟ ଅତିଥି ଭାବରେ ବିଦ୍ୟାଳୟର ପୂର୍ବତନ ଛାତ୍ର ତଥା କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରଫେସର ଡଃ ସଞ୍ଜିତ କୁମାର ଦାସ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ କରିଥିଲେ।



## ବାର୍ଷିକ କ୍ରୀଡା ଉଦ୍‌ଯାପିତ

**ମାର୍ଶାଘାଇ, ୨୩।୧ (ସଂଚାର ବ୍ୟୁରୋ) :** ମାର୍ଶାଘାଇର ହାଇସ୍କୁଲର ବାର୍ଷିକ କ୍ରୀଡା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୋପୀନାଥ ବେହେରା ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମାଲକାନଗିରି ପ୍ରାକ୍ତନ ଜିଲ୍ଲା ଶିକ୍ଷା ଅଧିକାରୀ ମଧୁସୂଦନ ବେହେରା, ପ୍ରାକ୍ତନ ପ୍ରଧାନଶିକ୍ଷକ ବିଜୟ କୁମାର ଦାସ ଅତିଥି ଭାବେ ଯୋଗଦେଇଥିଲେ । କ୍ରୀଡା ଶିକ୍ଷକ ଦୁର୍ଯ୍ୟୋଧନ ଜେନା ପ୍ରତିଯୋଗିତା ପରିଚାଳନା କରୁଥିଲେ। ବାଳକ ବିଭାଗରେ ନବମ ଶ୍ରେଣୀ ଛାତ୍ର ସରୋଜ ଦାସ, ବାଳିକା ବିଭାଗରେ ନବମ ଶ୍ରେଣୀ ଛାତ୍ରୀ ଶୁଭଲକ୍ଷ୍ମୀ ଜେନା ଚମ୍ପିୟାନ ହୋଇ ପୁରସ୍କୃତ ହୋଇଛନ୍ତି । ୧୫୦ ଜଣ ଛାତ୍ର ଛାତ୍ରୀ ଏହି କ୍ରୀଡ଼ାରେ ଭାଗ ନେଇଥିଲେ ।



### ଜିଲ୍ଲାସ୍ତରୀୟ ଜୁନିୟର୍ ଆନ୍ତଃକ୍ଲବ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

## ଡେରାବିଶ କ୍ରିକେଟ୍ କ୍ଲବ ବିଜୟୀ




**କେନ୍ଦ୍ରାପଡ଼ା, ୨୩।୧ (ସଂଚାର ବ୍ୟୁରୋ) :** କେନ୍ଦ୍ରାପଡା ଜିଲ୍ଲା କ୍ରିକେଟ୍ ଆସୋସିଏସନ ଏବଂ ଓସିଏର ମିଳିତ ଆନୁକୂଲ୍ୟରେ ବିଜୁ ପଟ୍ଟନାୟକ ଷ୍ଟାଡିୟମ୍‌ରେ ଚାଲିଥିବା ଜିଲାସ୍ତରୀୟ ଜୁନିୟର୍ ଆନ୍ତଃକ୍ଲବ ସୁପର ଲିଗ୍ ମ୍ୟାଚ୍‌ରେ ଗୁରୁବାର ଡେରାବିଶ କ୍ରିକେଟ୍ କ୍ଲବ ବିଜୟୀ ହୋଇଛି। ଗୁରୁବାର ଡେରାବିଶ କ୍ରିକେଟ୍ କ୍ଲବ ଓ ରୟାଲ୍ କ୍ରିକେଟ୍ କ୍ଲବ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ୍‌ରେ ପ୍ରଥମେ ଡେରାବିଶ କ୍ରିକେଟ୍ କ୍ଲବ ଟସ୍ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ପ୍ରଥମେ ଡେରାବିଶ କ୍ରିକେଟ୍ କ୍ଲବ ବ୍ୟାଟିଂ କରି ୩୫ ଓଭରରେ ୯ ୱିକେଟ୍ ବିନିମୟରେ ୧୯୦ରନ୍ କରିଥିଲା । ଜବାବରେ ରୟାଲ୍ କ୍ରିକେଟ୍ କ୍ଲବ ୩୫ ଓଭରରେ ୫ ୱିକେଟ୍ ବିନିମୟରେ ୧୫୦ ରନ୍ କରିଥିଲା। ଫଳରେ ଡେରାବିଶ କ୍ରିକେଟ୍ କ୍ଲବ ୪୦ ରନ୍‌ରେ ବିଜୟ ହାସଲ କରିଥିଲା। ଏହି ମ୍ୟାଚ୍‌ରେ ଡେରାବିଶ କ୍ରିକେଟ୍ କ୍ଲବର ଭାରତ ଭୂଷଣ ମଲ୍ଲିକ ୬ଟି ଚୌକା ମାରି ୭୧ ବଲ୍‌ରେ ୫୦ ରନ୍ କରିଥିବା ବେଳେ ୬ ଓଭର ବୋଲିଂ କରି ଗୋଟିଏ ମେଡେନ୍ ଓଭର ସହିତ ୧୩ରନ୍ ଦେଇ ୨ଟି ୱିକେଟ୍ ନେଇ ମ୍ୟାନ ଅଫ୍ ଦ ମ୍ୟାଚ୍ ଟ୍ରଫି ଗ୍ରହଣ କରିଥିଲେ। ବରଦାକାନ୍ତ ବରାଳ ଅତିଥି ଭାବେ ଯୋଗଦେଇ ଏହି ଟ୍ରଫି ଭାରତଙ୍କୁ ପ୍ରଦାନ କରିଥିଲେ । ମ୍ୟାଚ୍‌ରେ ବିଶ୍ୱଜିତ ଅଧିକାରୀ ଓ ଲଲିତେନ୍ଦୁ ପଣ୍ଡା ଅମ୍ପାୟର ଦାୟିତ୍ୱ ତୁଲାଇଥିଲେ। ଚିରଞ୍ଜୀବୀ ବଳ ଓ ଏସ୍‌କେ ମିନାଜୁଦ୍ଦିନ୍ ସ୍କୋରର କାର୍ଯ୍ୟ କରିଥିଲେ। କେନ୍ଦ୍ରାପଡା ଜିଲ୍ଲା କ୍ରିକେଟ ଆସୋସିଏସନର ସମ୍ପାଦକ ଶୁଭାଶିଷ ସେନାପତିଙ୍କ ତତ୍ତ୍ୱାବଧାନରେ ଆକବର ଅଲ୍ଲୀ ଖାନ, କେସି ବୋକାଡିଆ, ସମିର ମହାପାତ୍ର, କାର୍ତ୍ତିକ ସାହୁ ମ୍ୟାଚ୍ ପରିଚାଳନା କରିଥିଲେ ।

## ଚଳଚ୍ଚିତ୍ର 'ଆଶିକ ଦିୱାନା'ର ଶୁଭ ମହୁରତ

**ଭୁବନେଶ୍ୱର, ୨୩।୧ (ସଂଚାର ବ୍ୟୁରୋ) :** ମହାଦେବ ପ୍ରଡକ୍ସନ ନିବେଦିତ ତଥା ପ୍ରମୋଦ କୁମାର ସ୍ୱାଇଁଙ୍କ ପ୍ରଯୋଜିତ ନୂଆ ଓଡ଼ିଆ କଥାଚିତ୍ର 'ଆଶିକ ଦିୱାନା'ର ଶୁଭ ମହୁରତ ଅନୁଷ୍ଠିତ ହୋଇ ଯାଇଛି। ସ୍ଥାନୀୟ ଗଟେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ଏହି ମହୁରତ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ବରିଷ୍ଠ ପ୍ରଯୋଜକ ଅକ୍ଷୟ କୁମାର ପରିଜା ମହୁରତ କ୍ଲାପ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ପ୍ରମୋଦ ଅର୍କିଡ଼ ଚିତ୍ରଟର ନିର୍ଦ୍ଦେଶକ ବନ୍ଦନ ମହାନ୍ତି, ପ୍ରଯୋଜକ ସଚ୍ଚିକାନ୍ତ ଜେନା, ପ୍ରକାଶ ଫିଲ୍ମସର ନିର୍ଦ୍ଦେଶକ ପ୍ରଶାନ୍ତ ବେହେରା, ଅଭିନେତା ପପୁ ପମ ପମ,ଆମ ଟିଭି ନିର୍ଦ୍ଦେଶକ ପ୍ରଣୟ ଜେଠୀ, ପ୍ରଯୋଜକ ଅମୁଲ୍ୟ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

'ତୁ ମୋ ଆଖିର ତାରା', 'ଦେ ମା ଶକ୍ତି ଦେ ', 'ତୁ ମୋ ଗାର୍ଲଫ୍ରେଣ୍ଡ', 'ଦିୱାନା ଦିୱାନୀ' ଓ 'ଆଶିକ' ପରି ୬ଟି ସଫଳ ଚଳଚ୍ଚିତ୍ର ଭେଟି ଦେଇଥିବା ନିର୍ମାତା ପ୍ରମୋଦ କୁମାର ସ୍ୱାଇଁ ଦୀର୍ଘ ବର୍ଷ ପରେ ପୁଣି ଥରେ ପ୍ରଯୋଜନା କ୍ଷେତ୍ରକୁ ଫେରିଛନ୍ତି। ତାଙ୍କ ସହିତ ଅନ୍ୟତମ ପ୍ରଯୋଜକ ଅଛନ୍ତି ସଂଜୀବ ବିଶ୍ୱାଳ। ଏଥର ନିର୍ଦ୍ଦେଶନାର ଭାର ତୁଲାଉଛନ୍ତି ଓଲିଉଡ଼ର ଅନ୍ୟତମ ସଫଳ ନିର୍ଦ୍ଦେଶକ ଏସ. ଦିଲୀପ ପଣ୍ଡା। ସଂଳାପ ରଚନା କରିଛନ୍ତି ବରିଷ୍ଠ ସଂଳାପକାର ଡ. ରଜନୀ ରଞ୍ଜନ। ସଙ୍ଗୀତ ଦେଇଛନ୍ତି ଜେ. ଏନ ପଦ୍ମ। ଗୀତରଚନା କରିଛନ୍ତି ଡ. ନିର୍ମଳ ନାୟକ, ଅରୁଣ ମନ୍ତ୍ରୀ ଓ ମନୋଜ କୁମାର ପଣ୍ଡା। ଏଥିରେ କଣ୍ଠଦାନ କରିଛନ୍ତି ହ୍ୟୁମାନ ସାଗର, ଅସୀମା ପଣ୍ଡା, ଦିପ୍ତିରେଖା ପାଢ଼ୀ, କୁଲଦୀପ, ସତ୍ୟଜିତ, ସ୍ୱୟଂ ପାଢ଼ୀ, ଆନ୍ତରା ଚକ୍ରବର୍ତ୍ତୀ ଓ ଅନନ୍ୟା ଶ୍ରୀତମ ନନ୍ଦ। 'ଆଶିକ ଦିୱାନା'ର ମୁଖ୍ୟ ଭୂମିକାରେ ଦୀପକ,ରିୟା ଓ ପ୍ରିୟଙ୍କା ପାଣିଗ୍ରାହୀ ନଜର ଆସିବେ। ଅନ୍ୟାନ୍ୟ ଚରିତ୍ରରେ ପ୍ରଦ୍ୟୁମ୍ନ ଲେଙ୍କା, ପୃଥ୍ୱୀରାଜ, ବବି ମିଶ୍ର, ଜୀବନ ପଣ୍ଡା, ଅମର ମହାପାତ୍ର, ଇଲିଆନା ପଣ୍ଡା ଓ ଡିସ୍କୋ ରେଡ୍ଡୀ ପ୍ରମୁଖ ଙ୍କୁ ଦେଖିବାକୁ ମିଳିବ। କ୍ରିଏଟିଭ ପ୍ରଡକ୍ସନ ଡିଜାଇନର ଦାୟିତ୍ୱ ସମ୍ଭାଳିବେ ଅମର ମହାପାତ୍ର। ପ୍ରଚାର ପ୍ରସାର ମୁଖ୍ୟ ଭୂମିକା ନିର୍ବାହ କରିଛନ୍ତି ହରପ୍ରସାଦ ମହାପାତ୍ର ।

ଶୀର୍ଷକରୁ ଏହା ସ୍ପଷ୍ଟ ଜଣା ପଡୁଛି ଯେ ଚଳଚ୍ଚିତ୍ରର କାହାଣୀ ପ୍ରେମ ଉପରେ ପର୍ଯ୍ୟାବସିତ। ତା ସହିତ ଏଥିରେ ଆକ୍ସନ, ଇମୋସନ, ଫାମିଲି ଡ୍ରାମା, କମେଡି, ସବୁକିଛି ଭରି ରହିଛି। ଏହି ସମ୍ପୂର୍ଣ୍ଣ ମନୋରଞ୍ଜନ ଧର୍ମୀ କାହାଣୀଟି ଦର୍ଶକଙ୍କୁ ବେଶ ପସନ୍ଦ ଆସିବ ବୋଲି ପ୍ରଯୋଜନା ସଂସ୍ଥା ଆଶା ରଖିଛନ୍ତି। ଚଳଚ୍ଚିତ୍ରଟି ଆଗାମୀ ସପ୍ତାହରେ ଫ୍ଲୋରକୁ ଆସିବ।




### ମହାବୀର ଚ୍ୟାଲେଞ୍ଜ ଟ୍ରଫି

## ପ୍ରଥମ ସେମିରେ ହାରିଲା କେନ୍ଦ୍ରାପଡ଼ା, ଫାଇନାଲରେ ଯାଜପୁର

**ରାଜନଗର, ୨୩।୧ (ସଂଚାର ବ୍ୟୁରୋ) :** ମଦନପୁର ଠାରେ ଚାଲିଥିବା ମହାବୀର ଚ୍ୟାଲେଞ୍ଜ ଟ୍ରଫିର ପ୍ରଥମ ସେମି ଫାଇନାଲ ମ୍ୟାଚରେ ବାଲାବାବା କ୍ରିକେଟ କ୍ଲବ କେନ୍ଦ୍ରାପଡ଼ାକୁ ୩୫ ରନରେ ହରାଇ ଜେଏସି କ୍ରିକେଟ କ୍ଲବ ଇଂଜନପୁର, ଯାଜପୁର ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ବ୍ୟାଟିଂ କରି ଜେଏସସି ଇଂଜେନପୁର ଯାଜପୁର ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୨୦୫ ରନ ସଂଗ୍ରହ କରିଥିଲା। ଦଳର ଦିବାକର କର ୨୨ ବଲରୁ ୭ଟି ଚଉକା ଓ ୪ଟି ଛକା ସହାୟତାରେ ୫୨ ରନ କରିଥିଲେ। ରୋହିତ ଚୌହ୍ୱାନ ୨୦ ବଲରେ ୫ ଚଉକା ୪ ଛକା ସହାୟତାରେ ୫୩ ରନ ସଂଗ୍ରହ କରିଥିଲେ। ୨୦୬ ରନର ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ବାଲାବାବା କ୍ରିକେଟ କ୍ଲବ କେନ୍ଦ୍ରାପଡ଼ା ୧୮.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୭୦ରନ ସଂଗ୍ରହ କରି ପରାଜିତ ହୋଇଥିଲେ। ଦଳର ଦୀପୁନ ମହାପାତ୍ର ୨୦ ବଲରୁ ୫ ଚଉକା ଓ ୨ ଛକା ସହାୟତାରେ ୩୫ ରନ ଏବଂ ଅଧିନାୟକ ସୁଧାଂଶୁ ପତି ୧୫ ବଲରେ ୪ ଛକା ସହାୟତାରେ ୩୧ ରନ କରିଥିଲେ। ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରିଥିବା ଚକ୍ରଧର ଦ୍ୱିବେଦୀଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା।

ଆଜିର ଉତ୍ସବରେ ମୁଖ୍ୟ ଅତିଥି ଭାବେ ୟୁ.କେ. ମହାବୀର ମହାବିଦ୍ୟାଳୟର ଅଧ୍ୟାପକ ପୁଷ୍ପକ ବେହେରା ଯୋଗଦେଇ ଟ୍ରଫି ପ୍ରଦାନ କରିଛନ୍ତି। ଏହି ଖେଳରେ ଅମ୍ପାୟାର ଭାବେ ତନୁଜ ସାହୁ, ନିରଞ୍ଜନ ଦାଶ, ସ୍କୋରର ଭାବେ ସୌମ୍ୟ ରଞ୍ଜନ ବେହୁରା, ପ୍ରଶାନ୍ତ ନାୟକ, ସୁବାଷ ସାହୁ, ଭାସ୍ୟକାର ଭାବେ ସୁଧିର ବେହେରା, ରମାକାନ୍ତ ରାଉତ ଦାୟିତ୍ୱ ତୁଲାଉଥିବା ବେଳେ ମହାବୀର ଯୁବକ ସଂଘର ସଭାପତି ଆଶିଷ ରାଉଳ, ସଚ୍ଚିଦାନନ୍ଦ ପାତ୍ର ପ୍ରମୁଖ ପରିଚାଳନା କରିଥିଲେ।



# ବାର୍ଦ୍ଧକ୍ୟକୁ କଷ୍ଟ ଦେଉଛି ଆଧାର

## ଆଖି ସ୍କାନ ହେଉନି, ଭତ୍ତାରୁ ବୃଦ୍ଧା ବଞ୍ଚିତ



କୋରାପୁଟ,୨୩।୧ (ସଂଚାର ବ୍ୟୁରୋ): ବୟସ ୮୦ ହେଲାଣି। ଚମ ଧୁଡୁଧୁଡୁ ଶରୀର ସାହାରା ଖୋଜିଲାଣି । ବୟସର ସୂର୍ଯ୍ୟାସ୍ତ ସମୟରେ ଆଦିବାସୀ ବୃଦ୍ଧାଙ୍କ ଭତ୍ତାରେ ବାଧକ ହୋଇଛି ଆଧାରକାର୍ଡ । ସରକାର କହୁଛନ୍ତି, ଆଧାର ଲିଙ୍କ ନହେଲେ ଭତ୍ତା ମିଳିବ ନାହିଁ । ଏପଟେ କୋରାପୁଟ ବୈପାରିଗୁଡ଼ା ସଦର ପଞ୍ଚାୟତ ସନ୍ତେଇପୁଟ ଗାଁର କମଳା ମାଝୀଙ୍କ ଆଧାରକାର୍ଡ ହୋଇପାରୁନାହିଁ । ଏ ଆଖି ଡୋଳା ସ୍କାନ ହେଉନି, ମେସିନ୍ ଟିପ ଚିହ୍ନ ନେଉନି । ତେଣୁ ଆଦିବାସୀ ବୃଦ୍ଧାଙ୍କ ଭତ୍ତା ଅଟକାଇ ଦେଇଛି ଆଧାର । ଏ ବୟସରେ ୩-୪ ଥର ଆଧାର ସେଣ୍ଟର ଗଲେଣି, ଆଉ ଯାଇ ହେବନି । ତେଣୁ ସରକାରଙ୍କ ଦୁଃଖ ବୁଝି ଭତ୍ତା ଗଣ୍ଡାକ କରାଇଦିବାକୁ ଗୁହାରୀ କରିଛନ୍ତି । ବଲାଙ୍ଗୀର ସଇଁତଳା ପଞ୍ଚାୟତ କନ୍ଦେନବାହାଲ ଗାଁର ଅଷ୍ଟମୀ କଅଁର । ଆଧାରକାର୍ଡ, ଭୋଟରକାର୍ଡ ଓ ଭତ୍ତା ଖାତା ଅନୁସାରେ ତାଙ୍କ ଜନ୍ମ ୧୯୨୪ ମସିହାରେ । ଏବେ ସେ ଶତାୟୁ ବୃଦ୍ଧା । ସରକାରଙ୍କ ନୂଆ ନିୟମ ଅନୁସାରେ ତାଙ୍କୁ ୩ ହଜାର ୫୦୦ ଟଙ୍କା ଭତ୍ତା ମିଳିବା କଥା, ହେଲେ ଏ ମାସ ପଞ୍ଚାୟତ ପକ୍ଷରୁ ଅଷ୍ଟମୀଙ୍କୁ ହଜାରେ ଟଙ୍କା ଦିଆଯାଇଛି । ପଚାରିବାରୁ ଜଣାପଡ଼ିଲା, ନୂଆ ତାଲିକାରେ ତାଙ୍କ ନାଁ ନାହିଁ। ଅଷ୍ଟମୀ ହେଉଛନ୍ତି ଗୋଟିଏ ଉଦାହରଣ। ସଇଁତଳାରେ ପ୍ରାୟ ୨୩୦ ଜଣ ବୃଦ୍ଧବୃଦ୍ଧା ବର୍ଦ୍ଧିତ ଭତ୍ତାରୁ ବଂଚିତ ହୋଇଛନ୍ତି। ରାଜ୍ୟ ସରକାର ଚଳିତ ମାସରୁ ୮୦ ବର୍ଷ ବୟସରୁ ଅଧିକ ବୟସ୍କଙ୍କୁ ୩୫ଶହ ଟଙ୍କା ଭତ୍ତା ଦେଉଛନ୍ତି । କିନ୍ତୁ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଶହଶହ ବୟସ୍କ ବ୍ୟକ୍ତି ଏହାର ସୁଫଳ ପାଉନାହାନ୍ତି। ବଲାଙ୍ଗିର ସଇଁତଳା ବ୍ଲକର ୧୩୦ ଜଣ ଭତ୍ତାରୁ ବଞ୍ଚିତ ହୋଇଛନ୍ତି । ସେପଟେ କୋରାପୁଟ ଜିଲ୍ଲା ବୈପାରୀଗୁଡ଼ାରୁ ମଧ୍ୟ ଆସିଛି ସେଇ ସମାନ ଅଭିଯୋଗ।

# ଇତିହାସ ପୃଷ୍ଠାରେ ଅନାଲୋଚିତ ସଂଗ୍ରାମୀଙ୍କ ତ୍ୟାଗକୁ ପୁଣିଥରେ ଉଜାଗର କରାଯିବ

## ସୁରେନ୍ଦ୍ର ସାଏ ଓ ନେତାଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଧର୍ମେନ୍ଦ୍ରଙ୍କ ଆହ୍ୱାନ

ସମ୍ବଲପୁର,୨୩।୧(ସଂଚାର ବ୍ୟୁରୋ): ଆଜି ନେତାଜୀଙ୍କ ଜନ୍ମ ଜୟନ୍ତୀ ଅବସରରେ ସମଗ୍ର ଦେଶ ପରାକ୍ରମ ଦିବସ ପାଳନ କରୁଥିବା ବେଳେ ଆଜି ମଧ୍ୟ ଅନନ୍ୟ ପରାକ୍ରମୀ ଯୋଦ୍ଧା ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମଦିବସ। ଆଜିର ଦିନ ଏହି ବରପୁତ୍ରଙ୍କ ସାହସ ଓ ବଳିଦାନକୁ ମନେ ପକାଇବାର ଦିନ। ସେମାନଙ୍କ ବିଚାରଧାରାରେ ଦେଶ ଓ ଜାତିର କଲ୍ୟାଣ ପାଇଁ ସମର୍ପଣ ଓ ସଂକଳ୍ପ କରିବାର ଦିନ। ଏହି ଦିନରେ ବିଶେଷ ଭାବେ ଯୁବପିଢ଼ି ବୀର ସୁରେନ୍ଦ୍ର ସାଏ ଓ ନେତାଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ନିହାତି ଦରକାର ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଆଜି ଏଠାରେ 'ସମ୍ବାଦ' ଓ 'ଆମ ଓଡ଼ିଶା' ପକ୍ଷରୁ ଆୟୋଜିତ ବୀର ସୁରେନ୍ଦ୍ର ସାଏ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ସମାରୋହରେ ଯୋଗଦେଇ କେନ୍ଦ୍ର ମନ୍ତ୍ରୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଦେଶକୁ ସ୍ୱାଧୀନତା ଦେବା ପାଇଁ ସଶସ୍ତ୍ର ଯୁଦ୍ଧ ବଳରେ ସୁନିୟୋଜିତ ସଂଗ୍ରାମ କରିଥିଲେ ବୋଲି କହିଛନ୍ତି। ସେ କହିବା କଥା ଯେ ବୀର ସୁରେନ୍ଦ୍ର ସାଏ, ତାଙ୍କ ଭାଇ ଧ୍ରୁବ ସାଏ, ଉଜ୍ଜଳ ସାଏ, ଛବିଳ ସାଏ, ଯାଜଳ ସାଏ, ମେଦିନୀ ସାଏ ଓ ପରିବାର ସଦସ୍ୟ ଦେଶକୁ ସ୍ୱାଧୀନତା ଦେବା ପାଇଁ ଜାତୀୟ ଆନ୍ଦୋଳନରେ ଭାଗ ନେଇ ଇଂରେଜମାନଙ୍କ ସହ ବୀରତ୍ୱର ସହ ଲଢ଼ି ଦେଶ ମାତୃକା ପାଇଁ ବଳିଦାନ ଦେଇଥିଲେ। ବୀର ସୁରେନ୍ଦ୍ର ସାଏଙ୍କ ଅଦ୍ୱିତୀୟ ସାଂଗଠନିକ ଶକ୍ତି ଓ ରଣକୌଶଳ ଓଡ଼ିଆ ଜାତିର ବୀରତ୍ୱର ପ୍ରତିଫଳନ। ୨୦୩୬ରେ ଓଡ଼ିଶା ଭାଷା ଭିତ୍ତିରେ ସ୍ୱତନ୍ତ୍ର ପ୍ରଦେଶ ଗଠନର ଶହେ ବର୍ଷ ପୂରଣ କରିବ। ୨୦୪୭ରେ ଦେଶ ସ୍ୱତନ୍ତ୍ରତାର ଶହେ ବର୍ଷ ପୂରଣ କରିବ। ଏହି ସମୟରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଭଳି ବରପୁତ୍ରଙ୍କ ବୀରଗାଥାକୁ ଏକବିଂଶ ଶତାବ୍ଦୀର ଯୁବପିଢ଼ିଙ୍କ ପାଖରେ ପହଞ୍ଚାଇବାକୁ ପଡ଼ିବ। ଏକବିଂଶ ଶତାବ୍ଦୀରେ ଇତିହାସ ପୃଷ୍ଠାରେ ଅନାଲୋଚିତ ସଂଗ୍ରାମୀମାନଙ୍କ ତ୍ୟାଗ, ନିଷ୍ଠା ଓ ସମର୍ପଣ ଭାବନାକୁ ପୁଣି ଥରେ ଉଜାଗର କରାଯିବ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ କହିଛନ୍ତି। ଏପରି କାର୍ଯ୍ୟକ୍ରମ ଆୟୋଜନ କରିଥିବାରୁ ଏଥିସକାଶେ କେନ୍ଦ୍ର ମନ୍ତ୍ରୀ 'ସମ୍ବାଦ' ଓ 'ଆମ ଓଡ଼ିଶା'କୁ ଧନ୍ୟବାଦ ଦେଇଛନ୍ତି।




# ଖାଦ୍ୟ ଯାଞ୍ଚ ପାଇଁ ନାହାନ୍ତି ଆବଶ୍ୟକ ଅଧିକାରୀ

ଭୁବନେଶ୍ୱର,୨୩।୧(ତଥ୍ୟ): ରାଜ୍ୟର ସହରାଞ୍ଚଳରେ ଖାଦ୍ୟ ଗୁଣବତ୍ତା ଯାଞ୍ଚ କରିବାକୁ ନାହାନ୍ତି ଆବଶ୍ୟକ ସଂଖ୍ୟକ ଅଧିକାରୀ। ପାଞ୍ଚଟି ମହାନଗର ନିଗମ ସହିତ ୧୧୩ଟି ପୌରାଞ୍ଚଳରେ ଖାଦ୍ୟ ଯାଞ୍ଚ ପାଇଁ ମାତ୍ର ୬୧ଜଣ ଖାଦ୍ୟନିରାପତ୍ତା ଅଧିକାରୀ ଥିବାବେଳେ ସେମାନଙ୍କ କାର୍ଯ୍ୟ ସମୁଦ୍ରକୁ ଶଙ୍ଖେ ଭଳି ହୋଇଛି। ରାଜ୍ୟବାସୀ କିଭଳି ଶୁଦ୍ଧ ଓ ଉଚ୍ଚ ଗୁଣମାନର ଖାଦ୍ୟ ଖାଇବେ ତାହାର ଦାୟିତ୍ୱ ରହିଛି ଖାଦ୍ୟ ନିରାପତ୍ତା ଅଧିକାରୀଙ୍କ ଉପରେ। ଚାଉଳ, ଡାଲି ଠାରୁ ଆରମ୍ଭକରି ତେଲ ଓ ମାଛ, ମାଂସ ପର୍ଯ୍ୟନ୍ତ ପ୍ରତ୍ୟେକ ଖାଦ୍ୟର ନମୂନା ସଂଗ୍ରହ କରି ପରୀକ୍ଷାଗାରକୁ ପଠାଇବା ସେମାନଙ୍କର ଦାୟିତ୍ୱ। ପରୀକ୍ଷା ସମୟରେ ଯଦି କୌଣସି ଖାଦ୍ୟ ନିମ୍ନମାନର ବୋଲି ଜଣାପଡେ ତେବେ ଖାଦ୍ୟ ନିରାପତ୍ତା ଆଇନ୍ ୨୦୦୬ ଅନୁଯାୟୀ ଦଣ୍ଡ ବିଧାନ ଓ କାର୍ଯ୍ୟାନୁଷ୍ଠାନ ହେବାର ବ୍ୟବସ୍ଥା ରହିଛି। ହେଲେ ରାଜ୍ୟର ପ୍ରତ୍ୟେକ ପୌରାଞ୍ଚଳରେ ଜଣେ କରି ବି ଖାଦ୍ୟ ନିରାପତ୍ତା ଅଧିକାରୀ ନାହାନ୍ତି। ୬୧ଜଣ ଖାଦ୍ୟ ନିରାପତ୍ତା ଅଧିକାରୀଙ୍କ ମଧ୍ୟରୁ ଭୁବନେଶ୍ୱର ମହାନଗରରେ କେବଳ ଛଅ ଜଣ ରହିଛନ୍ତି। ସେହିଭଳି ଖାଦ୍ୟ ନିରାପତ୍ତା ଅଧିକାରୀଙ୍କର ଛୁଟି ଓ ଅନ୍ୟାନ୍ୟ କାର୍ଯ୍ୟ ବି ରହିଛି। ତେଣୁ ପ୍ରତ୍ୟେକ ସହରାଞ୍ଚଳରୁ ଖାଦ୍ୟ ନମୂନା ସଂଗ୍ରହ କରିବା ଏତେଟା ସହଜ ନୁହେଁ। ରାଜ୍ୟର ସହରାଞ୍ଚଳରେ ନିୟମିତ ଖାଦ୍ୟ ସାମଗ୍ରୀ ସହିତ ଚଟ୍‌ପଟି ଖାଦ୍ୟର ବ୍ୟବସାୟ ବଢ଼ିବାରେ ଲାଗିଛି। ସଞ୍ଜ ନଇଁଲେ ସହରର ରାସ୍ତାକଡରେ ବ୍ୟବସାୟୀମାନେ ପସରା ଖୋଲୁଛନ୍ତି। ଖୋଲା ଆକାଶ ତଳେ ଆମିଷ, ନିରାମିଷ ଖାଦ୍ୟର ପସରା ଖୋଲୁଛନ୍ତି। ଏହିସବୁ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ ପାଇଁ ଅତ୍ୟନ୍ତ ନିମ୍ନମାନର ଟମାଟୋ, ଚିଲି ସସ୍ ସମେତ ଅନ୍ୟାନ୍ୟ ସାମଗ୍ରୀ ବ୍ୟବହାର ହେଉଥିବାର ଅଭିଯୋଗ ବି ବିଭିନ୍ନ ସମୟରେ ଆସୁଛି। ହେଲେ ଏଗୁଡିକର ଯାଞ୍ଚ ପାଇଁ ଆବଶ୍ୟକ ଅଧିକାରୀ ନଥିବାରୁ ବ୍ୟବସାୟୀମାନେ ବେଧଡକ ଭାବେ ନିମ୍ନମାନର ସାମଗ୍ରୀ ବିକ୍ରି କରିବାରେ ଲାଗିଛନ୍ତି। ସେହିଭଳି ରାଜଧାନୀ ସମେତ ପ୍ରତ୍ୟେକ ସହରାଞ୍ଚଳରେ ଖୋଲାରେ ମାଂସ, ମାଛ ଆଦି ଆମିଷ ସାମଗ୍ରୀ ବିକ୍ରି ହେଉଥିବାବେଳେ ଏହାର ବି ନିୟମିତ ଯାଞ୍ଚ ହେଉନାହିଁ। ଯେତେବେଳେ କୌଣସି ସ୍ଥାନରୁ ଅଭିଯୋଗ ଆସୁଛି ଧର୍ମକୁ ଆଖିଠାର ମାରିଲା ଭଳି ଯାଞ୍ଚ ହେଉଛି। ନାଳ ନର୍ଦ୍ଦମା ଉପରେ ମାଂସ ଓ ମାଛ ବିକ୍ରି ହେଉଥିଲେ ମଧ୍ୟ ଖାଦ୍ୟ ନିରାପତ୍ତା ଅଧିକାରୀମାନେ ଏଥି ପ୍ରତି ଦୃଷ୍ଟି ପଡୁନାହିଁ। ଫଳରେ ସହରାଞ୍ଚଳର ଲୋକେ ଅତ୍ୟନ୍ତ ନିମ୍ନମାନର ମାଛ, ମାଂସ ଖାଉଥିବାର ଅଭିଯୋଗ ଆସୁଛି। ବର୍ତ୍ତମାନ ରାଜ୍ୟର ସହରାଞ୍ଚଳରେ ଫାଷ୍ଟଫୁଡ୍ ଖାଦ୍ୟର ଚାହିଦା ବଢୁଥିବାବେଳେ ଏଥିରେ ବିଭିନ୍ନ ପ୍ରକାର ପ୍ରକ୍ରିୟାକୃତ ସାମଗ୍ରୀ ବ୍ୟବହାର ହେଉଛି। ତେଣୁ ଏଭଳି ଖାଦ୍ୟର କଡାକଡି ଯାଞ୍ଚ ନହେଲେ ଆଗାମୀ ଦିନରେ ରାଜ୍ୟରେ ପେଟରୋଗୀଙ୍କ ସଂଖ୍ୟା ବୃଦ୍ଧିପାଇବ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଚେତାବନୀ ଦେଉଛନ୍ତି। ତେଣୁ ରାଜ୍ୟର ସହରାଞ୍ଚଳ ଠାରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ଆବଶ୍ୟକ ଖାଦ୍ୟ ନିରାପତ୍ତା ଅଧିକାର ନିଯୁକ୍ତ ସହିତ ଖାଦ୍ୟ ସାମଗ୍ରୀର ଯାଞ୍ଚ କଡାକଡି କରିବାକୁ ମତପ୍ରକାଶ ପାଉଛି।

● ଏନଇପି ଜାତୀୟ କର୍ମଶାଳା ଉଦ୍‌ଯାପିତ

# ଶିକ୍ଷା କ୍ଷେତ୍ରରେ ପରିବର୍ତ୍ତନ ନେଇ ବିସ୍ତୃତ ଆଲୋଚନା



ଭୁବନେଶ୍ୱର,୨୩।୧(ସଂଚାର ବ୍ୟୁରୋ): ଜାତୀୟ ଶିକ୍ଷା ନୀତି (ଏନ୍‌ଇପି)-୨୦୨୦ର କାର୍ଯ୍ୟକାରିତା ପୂର୍ବରୁ ଏ ସମ୍ପର୍କରେ ସଚେତନତା ସୃଷ୍ଟି ସକାଶେ ଏଠାରେ ଚାଲିଥିବା ତିନିଦିନିଆ କର୍ମଶାଳା ଆଜି ଉଦ୍‌ଯାପିତ ହୋଇଛି। ଅନ୍ତିମ ଦିନରେ ବିଭିନ୍ନ ବିଷୟବସ୍ତୁ ଉପରେ ଆଲୋଚନା କରାଯାଇଛି। ସ୍ଥାନୀୟ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନଠାରେ ଜାତୀୟ ଶିକ୍ଷା ନୀତିର ବିଭିନ୍ନ ଦିଗକୁ ନେଇ ୧୦ଟି ଗ୍ରୁପ୍ ବିସ୍ତୃତ ଆଲୋଚନା କରିଛନ୍ତି। ପ୍ରାରମ୍ଭିକ ପର୍ଯ୍ୟାୟ, ମଧ୍ୟ ଏବଂ ମାଧ୍ୟମିକ ପର୍ଯ୍ୟାୟ, ମାଧ୍ୟମିକ ପର୍ଯ୍ୟାୟ-୨, ମୂଲ୍ୟାଙ୍କନ ଏବଂ ପରୀକ୍ଷା ସଂସ୍କାର, ଶିକ୍ଷକ ଶିକ୍ଷା ଏବଂ ଶିକ୍ଷକ ବିକାଶ, ଦକ୍ଷତା ବିକାଶ, ପ୍ରଯୁକ୍ତିବିଦ୍ୟା ଏବଂ ଡିଜିଟାଲ୍ ଶିକ୍ଷା, ବିଦ୍ୟାଳୟ ପରିଚାଳନା ଏବଂ ଐତିହ୍ୟ, ରାଜ୍ୟ ପାଠ୍ୟକ୍ରମ ରୂପରେଖର ବିକାଶ ଏବଂ ଡ୍ରପ୍ ଆଉଟ୍ ହାର କମ୍ କରିବା ନେଇ ଆଲୋଚନା ହୋଇଛି। ଅନ୍ତିମ ଦିନର କାର୍ଯ୍ୟକ୍ରମ ରାଜ୍ୟରେ ଏନ୍‌ଇପି କାର୍ଯ୍ୟକାରୀ କରିବା ପାଇଁ ଏକ ରୋଡମ୍ୟାପ୍ ପ୍ରସ୍ତୁତି ପାଇଁ ଦଳଗତ ଉପସ୍ଥାପନାରୁ ଆରମ୍ଭ ହୋଇଥିଲା। ଅନ୍ତିମ ଦିନର ସମସ୍ତ ଦଶଟି ଦଳ ନିଜ ନିଜ ଉପସ୍ଥାପନା ମାଧ୍ୟମରେ ନାନାଦି ପରାମର୍ଶ ଦେଇଥିଲେ। ୨୦୨୫ ଶିକ୍ଷା ବର୍ଷରେ ଶିଶୁ ବାଟିକା ପରିଚାଳନା କରିବା, ପାଠ୍ୟପୁସ୍ତକର ବିକାଶ, ଶିକ୍ଷକମାନଙ୍କ ଦକ୍ଷତା ବୃଦ୍ଧି ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟ ନେଇ ଆଲୋଚନା କରାଯିବା ସହ ଉଚ୍ଚ ମାଧ୍ୟମିକ ଶିକ୍ଷାନୁଷ୍ଠାନଗୁଡ଼ିକୁ ବିସ୍ତାର କରିବା ଏବଂ ଉଚ୍ଚ ମାଧ୍ୟମିକ ଶିକ୍ଷାନୁଷ୍ଠାନଗୁଡ଼ିକରେ ସୂଚନା ଏବଂ ଯୋଗାଯୋଗ ପ୍ରଯୁକ୍ତିବିଦ୍ୟା ଏବଂ ଇଣ୍ଟରନେଟ୍ ସଂଯୋଗୀକରଣ ସମ୍ପର୍କରେ ଉପସ୍ଥାପନା ଉପରେ ଚର୍ଚ୍ଚା ହୋଇଥିଲା। ରାଜ୍ୟର ସାଂସ୍କୃତିକ ଏବଂ ଭାଷାଗତ ବିବିଧତାକୁ ଦୃଷ୍ଟିରେ ରଖି ସମସ୍ତ ପର୍ଯ୍ୟାୟ ପାଇଁ ଏକକ ରାଜ୍ୟ ପାଠ୍ୟକ୍ରମ ରୂପରେଖ ବିକାଶ ଦିଗରେ ସମସ୍ତେ ମତାମତ ଦେଇଥିଲେ। ଏନଇପି ଉପରେ ପ୍ରଶାସନିକ ଅଧିକାରୀମାନଙ୍କ ଦିଗଦର୍ଶନ କାର୍ଯ୍ୟକ୍ରମ, ନୂତନ ଶିକ୍ଷଣ ପ୍ରଣାଳୀ ବିଷୟରେ ଶିକ୍ଷକମାନଙ୍କୁ ସଚେତନ କରିବା ନେଇ ବିଭିନ୍ନ ଗ୍ରୁପ୍ ଗୁରୁତ୍ୱାରୋପ କରିଥିଲେ।

# ଶିଶୁଭବନରେ ଅସ୍ୱାସ୍ଥ୍ୟକର ପରିବେଶ

କଟକ,୨୩।୧ (ସଂଚାର ବ୍ୟୁରୋ): କଟକ ଶିଶୁଭବନରେ ଅସ୍ୱାସ୍ଥ୍ୟକର ପରିବେଶ। ଦିନଦିନ ଧରି ଡ୍ରେନରେ ପାଣି ନିଷ୍କାସନ ହୋଇ ନପାରି ଜମା ହୋଇରହୁଥିବାରୁ ମଶାମାଛି ବଢ଼ୁଛନ୍ତି । ପାଣି ଟ୍ୟାପଗୁଡ଼ିକରେ ଶିଉଳି ଲାଗିଛି । ଏଥିପ୍ରତି କେହି ଧ୍ୟାନ ଦେଉନାହାନ୍ତି । କଟକ ଶିଶୁଭବନ ପରିସରରେ ଥିବା ଡ୍ରେନରେ ମଇଳା ପାଣି ଜମା ହୋଇରହିଛି । ପାଣି ନିଷ୍କାସନ ହେଉ ନଥିବା କାରଣରୁ ମଶାମାଛି ଅଧିକ ହେଉଛନ୍ତି । ଦିନରେ ହେଉ କି ରାତି ରୋଗୀଙ୍କୁ ମଶାରି ଭିତରେ ରହିବାକୁ ପଡୁଛି । ପାଣି ଟ୍ୟାପ୍ କଥା ନକହିବା ଭଲ । ଏତେ ଅପରିଷ୍କାର ହୋଇଛି ଯେ,





ପାଣି ଆଣିବାକୁ ଯାଉଥିବା ଲୋକ ନାକ ଟେକି ଫେରୁଛନ୍ତି । ରାଜ୍ୟର ସବୁଠାରୁ ବଡ଼ ଶିଶୁ ଚିକିତ୍ସାଳୟରେ ଏଭଳି ଅପରିଷ୍କାର ପରିବେଶ କାହିଁକି ? ପ୍ରତିଦିନ ସଫେଇ ହେଉଛି ତ ? ରାଜ୍ୟର କୋଣ ଅନୁକୋଣରେ ଶିଶୁରୋଗୀ ଏଠାକୁ ଆସୁଛନ୍ତି । କିନ୍ତୁ ଏଭଳି ପରିବେଶରେ ରୋଗ ଭଲ ହେବ ନା ଅଧିକ ହେବ ? ତେବେ ଏନେଇ ଶିଶୁଭବନର ଅଧୀକ୍ଷକ କହିଛନ୍ତି, ଶୀଘ୍ର ଡ୍ରେନ୍ ମରାମତି କରି ସମସ୍ୟାର ସମାଧାନ କରାଯିବ । ଶିଶୁଭବନରେ ସ୍ୱଚ୍ଛତାକୁ କାହିଁକି ଧ୍ୟାନ ଦିଆଯାଉନାହିଁ ? କେବେ ସମସ୍ୟାର ସମାଧାନ ହେଉଛି, ତାହା ଦେଖିବାକୁ ବାକି ରହିଲା ।



# ସମ୍ବଲପୁର ଓ ବରଗଡ଼ରେ ଅତିରିକ୍ତ ମୁଖ୍ୟ ସଚିବଙ୍କ ଜଳସେଚନ ପ୍ରକଳ୍ପ ପରିଦର୍ଶନ

ଭୁବନେଶ୍ୱର/ବରଗଡ଼,୨୩।୧(ସଂଚାର ବ୍ୟୁରୋ): ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଜଳସମ୍ପଦ ବିଭାଗ ଶ୍ରୀମତୀ ଅନୁ ଗର୍ଗ ଆଜି ସମ୍ବଲପୁର ଓ ବରଗଡ଼ ଜିଲ୍ଲା ଗସ୍ତ କରି ଜଳସେଚନ ପ୍ରକଳ୍ପ ପରିଦର୍ଶନ କରିଥିଲେ। ଏହି ପରିପ୍ରେକ୍ଷୀରେ ସେ ବରଗଡ଼ ଜିଲ୍ଲାର ଗଙ୍ଗାଧର ମେହେର ଉଠା ଜଳସେଚନ ପ୍ରକଳ୍ପରେ ଅତିରିକ୍ତ ଆୟକଟ ଅଞ୍ଚଳ(ସେଚାଞ୍ଚଳକୁ ଜଳସେଚନ ସୁବିଧା ଯୋଗାଉଥିବା ପମ୍ପ ହାଉସ୍ ପରିଦର୍ଶନ କରିଥିଲେ। ଏହି ଅବସରରେ ସେ କେତେକ ପାଣି ପଞ୍ଚାୟତର କର୍ମକର୍ତ୍ତା ସମେତ ଏହାର ମହିଳା କର୍ମକର୍ତ୍ତାମାନଙ୍କ ସହ ପାଣି ପଞ୍ଚାୟତର ପରିଚାଳନା ସଂପର୍କରେ ଆଲୋଚନା କରି ରହୁଥିବା ସମସ୍ୟାର ସମାଧାନ ଦିଗରେ ଆବଶ୍ୟକ ପରାମର୍ଶ ଦେଇଥିଲେ। ଉନ୍ନୟନ କମିଶନର ଏହି ପ୍ରକଳ୍ପ ଅଧିନରେ ଡୁମେରପାଣି ଓ ସରଣ୍ଡାପାଲି ଠାରେ ଯଥାକ୍ରମେ ୨୦ ହେକ୍ଟର ଏବଂ ୨ ହେକ୍ଟର ଚକ ଜମିକୁ ସୁବିଧାରେ ପାଣି ମାଡ଼ିବା ନେଇ ଫ୍ଲସିଂ ଆଉଟ୍ କାର୍ଯ୍ୟ ପରିଦର୍ଶନ କରିଥିଲେ। ଏହି ପ୍ରକଳ୍ପରେ ଆଗାମୀ ଖରିଫ ଋତୁରେ ଅତିରିକ୍ତ ଆୟକଟର ସମୁଦାୟ ୫୭୫୦ ହେକ୍ଟର ଜମିକୁ ଜଳସେଚନ କରାଯିବ। ଏହି ଜଳ ପରିଚାଳନା ସମ୍ପୂର୍ଣ୍ଣ ସ୍ୱୟଂଚାଳିତ ନିୟନ୍ତ୍ରିତ (ସ୍କାଡା) ସକ୍ଷମ ବ୍ୟବସ୍ଥା। ଚଳିତ ରବି ଋତୁରେ ଏହି ଆୟକଟରେ ୨୦୦୦ ହେକ୍ଟର ଜମିକୁ ପରୀକ୍ଷାମୂଳକ ଜଳସେଚନ ଯୋଗାଇ ଦିଆଯିବ ବୋଲି ଜଣାଯାଇଛି।

# 'ବେଟୀ ବଚାଓ ବେଟୀ ପଢ଼ାଓ'କୁ ୧୦ ବର୍ଷ

## ରାଜ୍ୟସ୍ତରୀୟ ଉତ୍ସବରେ ମହିଳା ସଶକ୍ତିକରଣକୁ ଗୁରୁତ୍ୱ



ଭୁବନେଶ୍ୱର,୨୩।୧(ସଂଚାର ବ୍ୟୁରୋ): ଇତିମଧ୍ୟରେ କେନ୍ଦ୍ର ସରକାରଙ୍କ 'ବେଟୀ ବଚାଓ ବେଟୀ ପଢ଼ାଓ' ଯୋଜନାକୁ ୧୦ ବର୍ଷ ପୂରିଥିବା ବେଳେ ଏହି ଅବସରରେ ଆଜି ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ଠାରେ ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଏକ ରାଜ୍ୟସ୍ତରୀୟ ଉତ୍ସବ ଅନୁଷ୍ଠିତ ହୋଇଛି। ସକାଳ ସାଢ଼େ ୮ଟା ସମୟରେ ବିଭାଗୀୟ ମନ୍ତ୍ରୀ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପତାକା ଦେଖାଇ ଏହି ଅବସରରେ ଆୟୋଜିତ ସଚେତନତା ପଦଯାତ୍ରାର ଶୁଭାରମ୍ଭ କରିବା ସହ ନିଜେ ଏଥିରେ ମଧ୍ୟ ଅଂଶଗ୍ରହଣ କରିଥିଲେ। ତାଙ୍କ ସହ ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ ଓ ଅନ୍ୟ ଅତିଥିମାନେ ଯୋଗଦେଇଥିଲେ। ପଦଯାତ୍ରାରେ କଲେଜ, ୟୁନିଭର୍ସିଟି ଓ ଅନ୍ୟାନ୍ୟ କ୍ଷେତ୍ରର ଉତ୍ସାହୀ ଛାତ୍ରଛାତ୍ରୀ ଓ ଶିକ୍ଷକମାନେ ଭାଗନେଇଥିଲେ। ଏହି ପଦଯାତ୍ରା ବାଳିକାମାନଙ୍କୁ ସଶକ୍ତ କରିବା ସହ ସେମାନଙ୍କ ଅଧିକାରର ସୁରକ୍ଷା ତଥା ଲିଙ୍ଗଭିତ୍ତିକ ସମାନତାକୁ ପ୍ରୋତ୍ସାହିତ କରିବ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ମତ ବ୍ୟକ୍ତ କରିଛନ୍ତି। ଏହି ଅବସରରେ ସେ 'ବେଟୀ ବଚାଓ ବେଟି ପଢ଼ାଓ' କାର୍ଯ୍ୟକ୍ରମରେ ହୋଇଥିବା ଅଗ୍ରଗତି ତଥା ବାଳିକାମାନଙ୍କ ଶିକ୍ଷା ଓ ସୁରକ୍ଷା ଦିଗରେ ରାଜ୍ୟ ସରକାରଙ୍କ ଅଙ୍ଗୀକାରବଦ୍ଧତା ଓ କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ। ଏଥିସହ ନାରୀ ସଶକ୍ତିକରଣରେ ସରକାରଙ୍କ ସୁଭଦ୍ରା ଓ ଅଦ୍ୱିକା ଯୋଜନା ଉପରେ ଗୁରୁତ୍ୱାରୋପ କରି ଉପମୁଖ୍ୟମନ୍ତ୍ରୀ ଏହା ସମାଜରେ ନାରୀମାନଙ୍କ ବିକାଶ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିଥିବା କହିଛନ୍ତି। ସେହିପରି କାର୍ଯ୍ୟକ୍ରମରେ ଯୋଗଦେଇଥିବା ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର ଝିଅମାନଙ୍କ ଶିକ୍ଷା ଓ ସଶକ୍ତିକରଣ ଉପରେ ଜୋର ଦେବା ସହ ସୁଯୋଗର ସଦୁପଯୋଗ ପାଇଁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ପୁଲିସ୍ ଆଇଜି ସାଇନି ଏସ. ୟୁନିସେଫର ମୁଖ୍ୟ କ୍ଷେତ୍ର ଅଧିକାରୀ ୱିଲିୟମ ହେନଲୋନ ଜୁନିୟର, ବିଭାଗୀୟ ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ, ଅତିରିକ୍ତ ଶାସନ ସଚିବ ଏନସି ଜ୍ୟୋତି ରଞ୍ଜନ ନାୟକ, ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଶ୍ରୀମତୀ ବାନାର୍ଜୀ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ଶପଥ ଗ୍ରହଣ ସମାରୋହ ସହ ଦସ୍ତଖତ ଅଭିଯାନ ଆୟୋଜିତ ହୋଇଥିଲା। ବିଭାଗୀୟ ଅତିରିକ୍ତ ଶାସନ ସଚିବ ଧନ୍ୟବାଦ ଦେଇଥିବା ବେଳେ ପରିଶେଷରେ ବିଭିନ୍ନ ଶିଶୁ ଯତ୍ନ ଅନୁଷ୍ଠାନ ତଥା ଅନ୍ୟାନ୍ୟ ଗୋଷ୍ଠୀର ବାଳିକାମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

ଆକ୍ସନ ମୋଡରେ କମିଶନରେଟ ପୁଲିସ

# ଜେଲଗଲେ ୪ କୁଖ୍ୟାତ ବ୍ରାଉନସୁଗର ବେପାରୀ

ଭୁବନେଶ୍ୱର,୨୩।୧(ସଂଚାର ବ୍ୟୁରୋ): ନିଶା କାରବାର ଉପରେ ରୋକ୍ ଲଗାଇବା ପାଇଁ କମିଶନରେଟ ପୋଲିସ ଆରମ୍ଭ କରିଛି ସ୍ୱତନ୍ତ୍ର ଅଭିଯାନ । ମୁଖ୍ୟତଃ ୩ଟି ଦିଗ ଉପରେ କରୁଛି ଫୋକସ୍ । ସଡ଼କ ସୁରକ୍ଷା ସହ ଗଞ୍ଜେଇ ଓ ବ୍ରାଉନସୁଗାର କାରବାର ଉପରେ ରୋକ୍ ଏବଂ ଷ୍ଟ୍ରିଟ



କ୍ରାଇମ ଉପରେ ଅଧିକ ଫୋକସ କରାଯାଉଛି । ଗତକାଲି ଭୁବନେଶ୍ୱର ମୈତ୍ରୀ ବିହାର ଅଞ୍ଚଳରେ ରେଡ୍ କରାଯାଇ ଏକ ଶିକ୍ଷାନୁଷ୍ଠାନ ନିକଟରୁ ଜବତ ହୋଇଛି ୪୬ କେଜି ଗଞ୍ଜେଇ । ସେହିପରି ବାଲିଅନ୍ତା ଅଞ୍ଚଳରେ ଚଢ଼ାଉ କରାଯାଇ ୨୬୦ ଗ୍ରାମ ବ୍ରାଉନ ସୁଗାର ଜବତ ହୋଇଛି, ଯାହାର ଆନୁମାନିକ ମୂଲ୍ୟ ୨୬ ଲକ୍ଷ ଟଙ୍କା ହେବ । ତେବେ ଏସବୁ ନିଶାଦ୍ରବ୍ୟ କେଉଁଠୁ ଆସୁଛି ଏବଂ କେଉଁଠିକୁ ଯାଉଛି ତାହାର ତଦନ୍ତ ଚାଲିଥିବା ପୋଲିସ କମିଶନର ଓ ଭୁବନେଶ୍ୱର ଡିସିପି ସୂଚନା ଦେଇଛନ୍ତି । ଟ୍ୱିନସିଟିରେ ଦିନକୁ ଦିନ ବଢ଼ିଚାଲିଛି ନିଶା କାରବାର ।

# ସ୍ୱାଧୀନତା ସଂଗ୍ରାମର ଆଲୋକବର୍ତ୍ତିକା ଥିଲେ ସୁରେନ୍ଦ୍ର ସାଏ ଓ ସୁବାଷ ବୋଷ : ସାମଲ



ଭୁବନେଶ୍ୱର,୨୩।୧(ସଂଚାର ବ୍ୟୁରୋ): ଆଜି ହେଉଛି ଓଡ଼ିଶାର ଦୁଇ ମହାମନିଷୀ ବୀର ସୁରେନ୍ଦ୍ର ସାଏ ଓ ନେତାଜୀ ସୁବାସ ଚନ୍ଦ୍ର ବୋଷଙ୍କ ଜନ୍ମଜୟନ୍ତୀ। ଏହି ଦୁଇ ମହାପୁରଷ ଦେଶମାତୃକାର ସେବାପାଇଁ ଯେଉଁ ବୀରତ୍ୱ ଓ ବଳିଦାନର ପରାକାଷ୍ଠା ଦେଖାଇଥିଲେ ତାହାକୁ ମନେରଖିବା ପାଇଁ ଆମେ ସେମାନଙ୍କ ଜୟନ୍ତୀ ପାଳନ କରୁଛୁ। ସ୍ୱାଧୀନତା ସଂଗ୍ରାମର ଆଲୋକବର୍ତ୍ତିତା ଥିଲେ ବୀର ସୁରେନ୍ଦ୍ର ସାଏ ଏବଂ ନେତାଜୀ ସୁବାଷ ବୋଷ ବୋଲି ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ କହିଛନ୍ତି। ପ୍ରାୟ ୨୦୦ ବର୍ଷ ପୂର୍ବେ ବ୍ରିଟିଶ ସାମ୍ରାଜ୍ୟକୁ ପ୍ରତିହିତ କରିବା ପାଇଁ ଅଦ୍ଭୁତ ରଣକୌଶଳ ଜରିଆରେ ମହାନ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ନେତୃତ୍ୱରେ ଯେଉଁ ଲଢେଇ ଆରମ୍ଭ ହୋଇଥିଲା, ଏ ଜାତି ସେହି ମହାନ ପରାକ୍ରମୀ ସେନାନୀଙ୍କ ନିକଟରେ ଚିର କୃତଜ୍ଞ। ଘଞ୍ଚ ଜଙ୍ଗଲରେ ରହି ନିଜର ରଣନୀତି ବଳରେ ଇଂରେଜ ସରକାରକୁ ଅଣନିଃଶ୍ୱାସୀ କରିପକାଇ ଥିବା ପରାକ୍ରମୀ ଯୋଦ୍ଧା ହେଉଛନ୍ତି ବୀର ସୁରେନ୍ଦ୍ର ସାଏ। ଦେଶ ପାଇଁ ତାଙ୍କ ତ୍ୟାଗ, ତପସ୍ୟା, ସାଧନା ଓ ପ୍ରତିବଦ୍ଧତାର କୌଣସି କଳନା କରାଯାଇପାରିବ ନାହିଁ। ସେହିପରି ଦେଶମାତୃକାର ସେବା କରିବା ଓ ବ୍ରିଟିଶ ଶାସନ ବିରୁଦ୍ଧରେ ଲଢେଇ କରିବା ପାଇଁ ବିଳାସପୂର୍ଣ୍ଣ ଜୀବନଯାପନକୁ ପରିତ୍ୟାଗ କରି ଆଗେଇ ଆସିଥିବା ଉଚ୍ଚଶିକ୍ଷିତ, ମେଧାବୀ, ବିଚକ୍ଷଣ ବୁଦ୍ଧି, ଜ୍ଞାନର ଅଧିକାରୀ ନେତାଜୀ ସୁବାଷ ଚନ୍ଦ୍ର ବୋଷ କେବଳ ଭାରତରେ ନୁହେଁ ଆର୍ନ୍ତଜାତୀୟ ସ୍ତରରେ ମଧ୍ୟ ନିଜ ପରାକ୍ରମ ବଳରେ ଦେଶର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ।

# 'ଘୁମୁରା' ଉତ୍ସବରେ ଯୁବ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କଲା ବେଦାନ୍ତ



ଲାଞ୍ଜିଗଡ଼, ୨୩।୧(ସଂଚାର ବ୍ୟୁରୋ): ବେଦାନ୍ତ ଆଲୁମିନିୟମର ଭାରତର ଅଗ୍ରଣୀ ସ୍ମେଲଟର ଗ୍ରେଡ୍ ଆଲୁମିନା ଉତ୍ପାଦନକାରୀ ତଥା ବେଦାନ୍ତ ଆଲୁମିନିୟମର ସହାୟକ ସଂସ୍ଥା ବେଦାନ୍ତ ଲିମିଟେଡ୍ ପକ୍ଷରୁ କଳାହାଣ୍ଡି ଜିଲ୍ଲାର ୯ ଜଣ ଯୁବକଙ୍କୁ ଶିକ୍ଷାକ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ସମ୍ବର୍ଦ୍ଧିତ କରାଯାଇଛି। ବେଦାନ୍ତର ଆଲୁମିନା ବିଜନେସ୍ ର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟଙ୍କ ସମେତ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଜିଲ୍ଲାର ଯୁବ ପ୍ରତିଭାମାନଙ୍କୁ ସମ୍ମାନଜନକ ଜ୍ଞାନ ଶ୍ରୀ ପୁରସ୍କାର ପ୍ରଦାନ କରିଥିଲେ। ବେଦାନ୍ତ ଆଲୁମିନିୟମ ପକ୍ଷରୁ ଆରମ୍ଭ କରାଯାଇଥିବା ଏହି ପୁରସ୍କାର ରାଜ୍ୟ ବୋର୍ଡ ଟପର୍, ସିବିଏସ୍‌ଇ ବୋର୍ଡ ଟପର୍, ଆଇସିଏସ୍‌ଇ ବୋର୍ଡ ଟପର୍ ଙ୍କ ସମେତ ବିଭିନ୍ନ ବର୍ଗରେ ଶ୍ରେଷ୍ଠତା ବୃଦ୍ଧି କରିବା ସହ ଟପର୍ ମାନଙ୍କୁ ମାନ୍ୟତା ପ୍ରଦାନ କରିବ। କମ୍ପାନୀ ୯ ଜଣ ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ପାଠପଢ଼ାରେ ସାହାଯ୍ୟ କରିବା ପାଇଁ ଲାପଟପ୍ ମଧ୍ୟ ଉପହାର ଦେଇଥିଲା। ଏହାବ୍ୟତୀତ ବେଦାନ୍ତ ଆର୍ଚରୀ ଇନିସିଏଟିଭ୍ ର ଯୁବ ତୀରନ୍ଦାଜମାନଙ୍କୁ ରାଜ୍ୟ ଓ ଜାତୀୟ ପ୍ରତିଯୋଗିତାରେ ଉଲ୍ଲେଖନୀୟ ସଫଳତା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମ୍ମାନିତ କରାଯାଇଛି। ଏହି କ୍ରୀଡ଼ାବିତମାନେ ଏହି ଅଞ୍ଚଳର ପ୍ରଚୁର ସାମର୍ଥ୍ୟ ଏବଂ କ୍ରୀଡ଼ା ମାଧ୍ୟମରେ ଯୁବପିଢ଼ିଙ୍କୁ ପ୍ରୋତ୍ସାହିତ କରିବା ରେ ବେଦାନ୍ତର ପ୍ରୟାସର ପ୍ରଭାବର ପ୍ରମାଣ ପାଲଟିଛନ୍ତି।

# ବିରୋଧୀ ଦଳ ନେତାଙ୍କ ପ୍ରଶ୍ନ ଶୂନ



ଭୁବନେଶ୍ୱର,୨୩।୧(ସଂଚାର ବ୍ୟୁରୋ): ଆସନ୍ତା ୧୩ ତାରିଖରୁ ଆରମ୍ଭ ହେଉଛି ବିଧାନସଭାର ବଜେଟ ଅଧିବେଶନ। ଅଧିବେଶନରେ ବିଧାନସଭାର ଶୃଙ୍ଖଳାକୁ ନେଇ ବାଚସ୍ପତିଙ୍କ ତାଗିଦକୁ ନେଇ ରାଜନୈତିକ ସ୍ତରରେ ତୁମ୍ବିତୋଫାନ ହେଉଛି। ବିରୋଧୀ ନାନା ପ୍ରଶ୍ନ କରୁଛନ୍ତି। ହେଲେ ବିଧାନସଭାରେ ମୁଖ୍ୟ ବିରୋଧୀ ଦଳ ବିଜେଡି ସଦସ୍ୟଙ୍କ ଭାଗିଦାରୀ ରହୁଛି କି? ଗତ ଶୀତ ଅଧିବେଶନରେ ବିଧାୟକମାନେ ପଚାରିଥିବା ପ୍ରଶ୍ନକୁ ଦେଖିଲେ ଜଣାପଡୁଛି ଯେ, ଖୋଦ ବିରୋଧୀ ଦଳଙ୍କ ଭାଗିଦାରୀ ଆଦୌ ନାହିଁ। ନଭେମ୍ବର ୨୬ରୁ ଆରମ୍ଭ ହୋଇଥିଲା ସପ୍ତଦଶ ବିଧାନସଭାର ଶୀତକାଳୀନ ଅଧିନବେଶନ। ଏଥିରେ ୧୨ଟି କାର୍ଯଦିବସ ସହ ଡିସେମ୍ବର ୧୧ରେ ସରିଥିଲା ଅଧିବେଶନ । ବିଧାନସଭାରୁ ଆସିଥିବା ବିଧାୟକଙ୍କ ପ୍ରଶ୍ନର ହିସାବକିତାବ ଦେଖିଲେ ସ୍ପଷ୍ଟ ହେଉଛି ଯେ, ୨୭ ଜଣ ବିଧାୟକ ଆଦୌ କୌଣସି ତାରକା କି ଅଣତାରକା ପ୍ରଶ୍ନ କରିନାହାଁନ୍ତି। ଏହି ୨୭ ବିଧାୟକଙ୍କ ମଧ୍ୟରେ ଅଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, ବିଜେପିର ବିରିଷ୍ଠ ବିଧାୟକ ଜୟନାରାୟଣ ମିଶ୍ର, ବିଜେଡି ବିଧାୟକ ଅରବିନ୍ଦ ମହାପାତ୍ର, ଅଶ୍ୱିନୀ ଷଡ଼ଙ୍ଗୀ, ପ୍ରମିଳା ମଲ୍ଲିକ, ସଞ୍ଜିବ ମଲ୍ଲିକ, ବିଜେପି ବିଧାୟକ ଆକାଶଦାସ ନାୟକ, ଆଶ୍ରିତ ପଟ୍ଟନାୟକ, ଦୁର୍ଗାପ୍ରସନ୍ନ ନାୟକ, ଇରାଶିଷ ଆଚାର୍ଯ୍ୟ, ସନ୍ତୋଷ ଖଟୁଆ, ରଘୁନାଥ ଜଗଦଲ୍ଲା ଓ କଂଗ୍ରେସ ବିଧାୟକ ସାଗର ଦାସ। ସେହିଭଳି ୧୨ ଜଣ ବିଧାୟକ ଶହେରୁ ଅଧିକ ପ୍ରଶ୍ନ ପଚାରିଛନ୍ତି । ସେମାନଙ୍କ ମଧ୍ୟରେ ଅଛନ୍ତି ରଣେନ୍ଦ୍ର ପ୍ରତାପ ସ୍ୱାଇଁ (୧୧୧), ଟଙ୍କଧର ତ୍ରିପାଠୀ (୧୧୦), ତାରା ବାହିନୀପତି (୧୦୬), ଧ୍ରୁବଚରଣ ସାହୁ (୧୦୯), ସୋଫିଆ ଫିର୍ଦ୍ଦୋସ (୧୦୭), ଓମ ପ୍ରକାଶ ମିଶ୍ର (୧୦୪) ଓ ଉପାସନା ମହାପାତ୍ର (୧୦୦)। ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସବୁଠୁ ଅଧିକ ପ୍ରଶ୍ନ କରିଥିବା ବେଳେ ତାଙ୍କ ପଛକୁ ଅଛନ୍ତି ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ, କଂଗ୍ରେସ ବିଧାୟକ ତାରାବାହିନୀପତି ଓ ସୋଫିଆ ଫିର୍ଦ୍ଦୋଶ ।

# ବଢ଼ିବ ରାଜଧାନୀ କଳେବର: ମନ୍ତ୍ରୀ



ଭୁବନେଶ୍ୱର,୨୩।୧(ସଂଚାର ବ୍ୟୁରୋ): ରାଜଧାନୀ ଭୁବନେଶ୍ୱରକୁ ଅଧିକ ସରସ ସୁନ୍ଦର କରିବା ସକାଶେ ଏହାର କଳେବର ବଢ଼ାଇବା ସକାଶେ ନିଷ୍ପତ୍ତି ହୋଇଥିବା କହିଛନ୍ତି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର। ରାଜଧାନୀକୁ ନୂଆ ମଡେଲରେ ତିଆରି କରିବା ସକାଶେ ନିକଟରେ ସିଙ୍ଗାପୁର ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତ ଅବସରରେ ଚୁକ୍ତି ସ୍ୱାକ୍ଷରିତ ହୋଇଛି ବୋଲି ଶ୍ରୀ ମହାପାତ୍ର କହିଛନ୍ତି। ସେ କହିଛନ୍ତି ଯେ ମୁଖ୍ୟତଃ ଅଧିକରୁ ଅଧିକ ସହରକୁ ଏବେ ଟିପି ସ୍କିମରେ ସାମିଲ ପାଇଁ ଯୋଜନା ରହିଛି। ସହରର କଳବର ବଢ଼ିବା ଦ୍ୱାରା ଟ୍ରାଫିକ୍ ସମସ୍ୟାରେ ମାତ୍ରାଧିକ ଉନ୍ନତି ଆସିପାରିବ। ସେହିପରି ସହର ବଢ଼ିବା ଦ୍ୱାରା କମ୍ ଦାମରେ ମଧ୍ୟ ଘର ମିଳିପାରିବ ବୋଲି ମନ୍ତ୍ରୀ ଆଶା କରିଛନ୍ତି। ଗତ ୧୭ ତାରିଖରେ ଓଡ଼ିଶା ଗସ୍ତରେ ସିଙ୍ଗାପୁର ରାଷ୍ଟ୍ରପତି ଆସିଥିବା ସମୟରେ ୧୩ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ସେଥିମଧ୍ୟରେ ସିଙ୍ଗାପୁରର ବୈଷୟିକ ଜ୍ଞାନ ସହାୟତାରେ ଓଡ଼ିଶାରେ ନୂଆ ସହର ଗଢ଼ିଉଠିବା ଦିଗରେ ପଦକ୍ଷେପ ନେବା ସକାଶେ ଚୁକ୍ତି ସ୍ୱାକ୍ଷରିତ ହୋଇଥିବା ମନ୍ତ୍ରୀ କହିଛନ୍ତି। ସେହିପରି ଭୁବନେଶ୍ୱର-ପୁରୀ-କଟକକୁ ନେଇ ହେବାକୁ ଥିବା ଟ୍ରାଇ ସିଟି ପ୍ରସ୍ତାବ ନେଇ ମଧ୍ୟ ମନ୍ତ୍ରୀ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି ଯେ ପୁରୀ ଆମ ସମସ୍ତଙ୍କ ପରିଚୟ ହୋଇଥିବାରୁ ଏହାକୁ ଏକ ଅନ୍ତର୍ଜାତୀୟ ସହରର ରୂପ ଦେବା ସକାଶେ ରାଜ୍ୟ ସରକାର ଯୋଜନା କରିଛନ୍ତି। ସେହିପରି ରିଙ୍ଗ ରୋଡ୍ ସହ ସମସ୍ତ ରାସ୍ତାର ପ୍ରଶସ୍ତିକରଣ କରାଯିବା ନେଇ ମଧ୍ୟ ଯୋଜନା ରହିଛି। ଆହୁରି ଖୁବଶୀଘ୍ର ମେଟ୍ରୋ କାମ ଆରମ୍ଭ ହେବ। ଏ ଦିଗରେ ମୁଖ୍ୟମନ୍ତ୍ରୀ ସମୀକ୍ଷା କରିବା ପରେ କାମ ଆରମ୍ଭ ହେବ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି।

# ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ୧୦୫ ୟୁନିଟ୍ ରକ୍ତ ସଂଗ୍ରହ




ଭୁବନେଶ୍ୱର,୨୩।୧(ସଂଚାର ବ୍ୟୁରୋ): ସ୍ୱାଧୀନତା ସଂଗ୍ରାମର ମହାନାୟକ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୮ ତମ ଜୟନ୍ତୀ ତଥା ପରାକ୍ରମ ଦିବସ ଅବସରରେ ଗୃହ ଓ ନଗରଉନ୍ନୟନ ମନ୍ତ୍ରୀ ଡାଃ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଭୁବନେଶ୍ୱରସ୍ଥିତ ସରକାରୀ ବାସଗୃହ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା । ଏହି ଶିବିରକୁ ମନ୍ତ୍ରୀ ଡାଃ ମହାପାତ୍ର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରି ସମାଜ ତଥା ମାନବିକତା ପାଇଁ ସେବା ପ୍ରଦାନ କରିବା ନିମନ୍ତେ ଆହ୍ୱାନ ଜଣାଇ ସ୍ୱେଚ୍ଛାକୃତ ରକ୍ତଦାତା ଯୁବ ବନ୍ଧୁମାନଙ୍କୁ ସାଧୁବାଦ ଜଣାଇ ଥିଲେ । ଆଗାମୀ ଦିନମାନଙ୍କରେ ଅଧିକରୁ ଅଧିକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରମାନ ଆୟୋଜନ କରାଯିବ ବୋଲି ମନ୍ତ୍ରୀ ଡାଃ ମହାପାତ୍ର ସୂଚନା ଦେଇଛନ୍ତି । କ୍ୟାପିଟାଲ ହସପିଟାଲ ରକ୍ତଭଣ୍ଡାରର ଡାଃ ଦେବାଶିଷ ମିଶ୍ର ଓ ତାଙ୍କ ଟିମ୍ ସହଯୋଗରେ ଆୟୋଜିତ ଏହି ଶିବିରରେ ୧୦୫ ୟୁନଟ୍ ରକ୍ତ ସଂଗୃହିତ ହୋଇପାରିଛି ।

ଜୀବନ ଅମୃତ ଅନୁଚିନ୍ତା

ଭକ୍ତି ସିଦ୍ଧାନ୍ତ-ଏ ଜଗତେ ତୁମକୁ ନପାଇ ଯେତେ ଯାହା ପାଇଲେ ବି ସେଥିରେ ମୁଁ ତିଳେ ବି ସନ୍ତୁଷ୍ଟ ନୁହେଁ, କି ମୋ ପାଇଁ ତାହାର କିଛି ବି ମୂଲ୍ୟ ନାହିଁ। ଏହା ହିଁ ଭକ୍ତି ସିଦ୍ଧାନ୍ତର ସର୍ବଶ୍ରେଷ୍ଠ ଉପଲବ୍ଧି।

SANCHAR
ସଂଚାର




# ନିର୍ମଳାଙ୍କ ଉପରେ ଭରସା

ଚଳିତମାସ ୩୧ତାରିଖରେ ସଂସଦର ବଜେଟ ଅଧିବେଶନ ଆରମ୍ଭ ହେବାକୁ ଯାଉଛି। ଇଂରାଜୀ କ୍ୟାଲେଣ୍ଡର ବର୍ଷର ପ୍ରଥମ ଅଧିବେଶନ ହୋଇଥିବାରୁ ପରମ୍ପରା ଅନୁଯାୟୀ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ସଂସଦର ଉଭୟ ଗୃହର ମିଳିତ ଅଧିବେଶନକୁ ସମ୍ବୋଧିତ କରି ଅଧିବେଶନକୁ ଉଦଘାଟନ କରିବେ। ପରଦିନ ଅର୍ଥାତ ଫେବୃଆରୀ ପହିଲାରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆର୍ଥିକ ବର୍ଷ ୨୦୨୫-୨୬ ନିମନ୍ତେ ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ କରିବେ। ଏଥିଲାଗି ଗତ ନଭେମ୍ବରରୁ ପ୍ରସ୍ତୁତି ଚାଲିଛି ଏବଂ ଅର୍ଥମନ୍ତ୍ରୀ ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଭିନ୍ନ ବ୍ୟକ୍ତି, ସଙ୍ଗଠନ ତଥା ରାଜ୍ୟ ଅର୍ଥମନ୍ତ୍ରୀ, ପୂର୍ବତନ ଅର୍ଥମନ୍ତ୍ରୀଙ୍କ ଅର୍ଥନୀତିଜ୍ଞମାନଙ୍କ ସହ ଆଲୋଚନା କରିଛନ୍ତି। ସମସ୍ତଙ୍କ ମତାମତକୁ ନେଇ ଅର୍ଥମନ୍ତ୍ରୀ ନୂଆ ବଜେଟ ପ୍ରସ୍ତୁତ କରୁଛନ୍ତି। ନିର୍ମଳା ଜଣେ ଦକ୍ଷ ମନ୍ତ୍ରୀ। ତାଙ୍କ ଉପରେ ଭରସା ରହିଛି। ଜଣେ ଅଣରାଜନୈତିକ ବ୍ୟକ୍ତି ଭାବେ ସେ ଶସ୍ତା ରାଜନୈତିକ ପ୍ରତିଶ୍ରୁତି ନଦେଇ ଦେଶର ହିତ ଦୃଷ୍ଟିରୁ ଯାହା ସଠିକ ତାହା କାର୍ଯ୍ୟକାରୀ କରିବେ ବୋଲି ଆଶା। ତାଙ୍କଠାରୁ ଏହା ଆଶା କରାଯାଉପାରେ। ଗତ ବର୍ଷ ଜୁନ୍ ମାସରେ ନୂଆ ସରକାର ଦାୟିତ୍ୱ ଗ୍ରହଣ କରିବା ପରେ ପ୍ରଥମ ବଜେଟ ଉପସ୍ଥାପନ କରିଥିଲେ। ନିର୍ବାଚନ ପୂର୍ବରୁ ଫେବୃଆରୀରେ ଅର୍ଥମନ୍ତ୍ରୀ ଆର୍ଥିକ ବର୍ଷର ପ୍ରଥମ ୪ ମାସ ପାଇଁ ଏକ କାମଚଳା ବଜେଟ ବା ଭୋଟ ଅନ ଆକାଉଣ୍ଟ ଉପସ୍ଥାପନ କରିଥିଲେ। ନିର୍ବାଚନ ପରେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ନୂଆ ସରକାର ଗଠିତ ହେବା ପରେ ପରବର୍ତ୍ତୀ ୮ ମାସ ପାଇଁ ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥା।ପିତ ହୋଇଥିଲା। ଆସନ୍ତା ମାସ ପହିଲାରେ ଅର୍ଥମନ୍ତ୍ରୀ ପୁରା ଆର୍ଥିକ ବର୍ଷ ନିମନ୍ତେ କେନ୍ଦ୍ରୀୟ ବଜେଟ ଉପସ୍ଥାପନ କରିବେ। ତେଣୁ କହିବାକୁ ଗଲେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କେନ୍ଦ୍ରରେ ଏନଡିଏର ତୃତୀୟ ପାଳି ସରକାର ଗଠିତ ହେବା ପରେ ଏହା ହେବ ପ୍ରଥମ ପୂର୍ଣ୍ଣାଙ୍ଗ ବଜେଟ। ନିର୍ବାଚନ ସରିଯାଇଛି। ତେଣୁ ସରକାର ଏବେ ଚାପମୁକ୍ତ। ସାଧାରଣ ଲୋକଙ୍କ ସ୍ୱାର୍ଥ ରକ୍ଷା ଏବଂ ଦେଶର ଆର୍ଥିକ ସ୍ଥିତିକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଏହି ବଜେଟ ପ୍ରସ୍ତୁତ କରିବେ ବୋଲି ଆଶା। ଏଥର ଆୟକର ସ୍ଲାବରେ ପରିବର୍ତ୍ତନ ହେବ ଏବଂ ମଧ୍ୟବିତ୍ତ ବର୍ଗ ପାଇଁ ଆୟକର ରିହାତି ମିଳିବ ବୋଲି ଆଶା କରାଯାଉଛି। ବର୍ତ୍ତମାନ ବିଭିନ୍ନ ସାମଗ୍ରୀର ଦରଦାମ ଯେପରି ଭାବେ ବୃଦ୍ଧି ପାଉଛି ଏବଂ ମୁଦ୍ରାସ୍ଫୀତି ହାର ବୃଦ୍ଧି ପାଉଛି ସେ ଦୃଷ୍ଟିରୁ ଆୟକର ଛାଡ଼ ସୀମା ବୃଦ୍ଧି ପାଇବା ଜରୁରୀ। ବର୍ତ୍ତମାନ ଜୀବନ ଧାରଣର ମାନକୁ ଦୃଷ୍ଟିରେ ରଖିଲେ ବାର୍ଷିକ ୭ ଲକ୍ଷ ଟଙ୍କା ଆୟ ପର୍ଯ୍ୟନ୍ତ ଆୟକର ଲାଗୁ ହେବା ଅନୁଚିତ। ସ୍ୱାସ୍ଥ୍ୟ ଏବଂ ଶିକ୍ଷା ବାବଦ ବ୍ୟୟ ବଢ଼ିଛି। ଏହାକୁ ଦୃଷ୍ଟିରେ ରଖିଲେ ଆୟକର ସ୍ଲାବରେ ପରିବର୍ତ୍ତନ ହେବା ଉଚିତ। ବଜେଟ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା ବେଳେ ଅନେକ ଏମଏସଏମଇର ବିକାଶ ଉପରେ ଅଧିକ ଧ୍ୟାନ ଦେବା ଏବଂ ଏହି ସେକ୍ଟରକୁ କିଛିଟା ପ୍ରୋତ୍ସାହନ ଏବଂ ରିହାତିର ଆବଶ୍ୟକତା ରହିଛି। କାରଣ ଶିଳ୍ପ ବିକାଶରେ ଏମଏସଏମଇ ସେକ୍ଟରର ଭୂମିକା ଅଧିକ। ଏହି ସେକ୍ଟରରେ ସର୍ବାଧିକ ନିଯୁକ୍ତି ସୁଯୋଗ ରହିଛି। ଏହା ବ୍ୟତିତ ଦେଶର ରପ୍ତାନୀ ଅଭିବୃଦ୍ଧି ମଧ୍ୟ ଏମଏସଏମଇ ସେକ୍ଟର ଉପରେ ଅନେକାଂଶରେ ନିର୍ଭର କରୁଛି। ସେହିପରି କୃଷି କ୍ଷେତ୍ରକୁ ବଜେଟରେ ସର୍ବାଧିକ ଗୁରୁତ୍ୱ ଦିଆଯିବା ଏବଂ ଏହାକୁ ପ୍ରାଧାନ୍ୟ ଦେବା ସପକ୍ଷରେ ଅନେକ ଅର୍ଥନୀତିଜ୍ଞ ମତବ୍ୟକ୍ତ କରିଛନ୍ତି। ସାର ଉପରେ ଅଧିକ ସବସିଡି ଏବଂ ଏମଏସପି ବୃଦ୍ଧି ସହିତ କୃଷି ଭିତ୍ତିଭୂମି ବିକାଶ ଲାଗି ବଜେଟରେ ଅଧିକ ବ୍ୟୟ ବରାଦ କରାଯିବ ବୋଲି ଆଶା କରାଯାଉଛି। ଜଳସେଚନର ପ୍ରସାର ଏବଂ କୃଷିଜାତ ସାମଗ୍ରୀର ବଜାର ବ୍ୟବସ୍ଥା କରାଗଲେ କୃଷି ଉତ୍ପାଦନ ବୃଦ୍ଧି ଏବଂ କୃଷକଙ୍କ ଆୟ ବଢ଼ିବ। ଏହା ବ୍ୟତିତ ଭିତ୍ତିଭୂମି ବିକାଶ ଅର୍ଥାତ ଜାତୀୟ ରାଜପଥ ସମ୍ପ୍ରସାରଣ, ଉନ୍ନତିକରଣ, ନୂଆ ବିମାନ ବନ୍ଦର ପ୍ରତିଷ୍ଠା ଏବଂ ପୁରୁଣା ବିମାନ ବନ୍ଦରରର ଉନ୍ନତିକରଣ, ବିଭିନ୍ନ ପୋର୍ଟର ବିକାଶ ସହିତ ଏହା ସହିତ ସଡ଼କ ଏବଂ ରେଳପଥରେ ସଂଯୋଗୀକରଣ, ନୂଆ ରେଳପଥ ନିର୍ମାଣ ଏବଂ ରେଳସୁରକ୍ଷା ଲାଗି ବଜେଟରେ ଅଧିକ ବ୍ୟୟ ବରାଦ କରାଯିବ ବୋଲି ଆଶା କରାଯାଉଛି। ସେହିପରି ପ୍ରତିରକ୍ଷା ବାବଦ ବ୍ୟୟ ବରାଦ ବୃଦ୍ଧି ତଥା ସ୍ୱାସ୍ଥ୍ୟସେବାର ମାନ ବୃଦ୍ଧି ପାଇଁ ବଜେଟରେ ସନ୍ତୋଷଜନକ ବ୍ୟୟ ବରାଦ ହେବ ବୋଲି ବିଶ୍ୱାସ। ଦେଶରେ ନୂଆ ମେଡିକାଲ କଲେଜ ପ୍ରତିଷ୍ଠା, ଅତ୍ୟାଧୁନୀକ ଚିକିତ୍ସା ବ୍ୟବସ୍ଥା ଲାଗି ବ୍ୟବସ୍ଥା ଜରୁରୀ। ଏହା ବାଦ ବୈଷୟିକ ଶିକ୍ଷାର ସମ୍ପ୍ରସାରଣ ଏବଂ ଦକ୍ଷତା ବିକାଶକୁ ଅର୍ଥମନ୍ତ୍ରୀ ନିଶ୍ଚିତ ଭାବେ ଗୁରୁତ୍ୱ ଦେବେ। ଦକ୍ଷତା ବିକାଶ ଦ୍ୱାରା ଯୁବଗୋଷ୍ଠୀ ନିଯୁକ୍ତି ସୁଯୋଗ ପାଇବେ। ବଜେଟରେ ମହିଳା, ଯୁବକ ଏବଂ କୃଷକଙ୍କ କଲ୍ୟାଣ ଲାଗି ଯୋଜନା ବାବଦ ବ୍ୟୟ ବରାଦ ବଢ଼ିବା ସ୍ୱାଭାବିକ। ଏହା ସହିତ ଖାଦ୍ୟ ସୁରକ୍ଷା ଯୋଜନା, ଆୟୁଷ୍ମାନ ଭାରତ ଯୋଜନା ବାବଦରେ ବଜେଟାରେ ଅର୍ଥ ବରାଦ ବଢ଼ିବ ବୋଲି ଆଶା କରାଯାଉଛି। ଏହା ସହିତ ମୁଦ୍ରାସ୍ଫୀତି ହ୍ରାସ, ଜିଡିପିରେ ଅଭିବୃଦ୍ଧି ଏବଂ ବାଣିଜ୍ୟିକ କ୍ଷତି ତଥା କରେଣ୍ଟ ଆକାଉଣ୍ଟ ଡେଫିସିଟ କିପରି ହ୍ରାସ ପାଇବ ସେଥିପ୍ରତି ଅର୍ଥମନ୍ତ୍ରୀ ବଜେଟ ପ୍ରସ୍ତୁତି ବେଳେ ଗୁରୁତ୍ୱ ଦେଇଥିବେ ବୋଲି ଆଶା। ଏଥର ରେଳବଜେଟରେ ଓଡ଼ିଶାକୁ ପୂର୍ବାପେକ୍ଷା ଅଧିକ ଅନୁଦାନ ମିଳିବ ଏବଂ କିଛି ନୂଆ ପ୍ରକଳ୍ପ ସହିତ ପୁରୁଣା ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଅଧିକ ଅର୍ଥ ବରାଦ ହେବ ବୋଲି ଆଶା କଲେ ଭୁଲ ହେବ ନାହିଁ। କେନ୍ଦ୍ରୀୟ ବଜେଟରେ ରାଜନୈତିକ ଫାଇଦା ନିମନ୍ତେ ଶସ୍ତା କାର୍ଯ୍ୟକ୍ରମ ଏବଂ ଯୋଜନା ବାବଦରେ କମ ବ୍ୟୟ ବରାଦ କରାଯିବ ବୋଲି ଆଶା। ଏଥର ବଜେଟରେ ସବସିଡି ଖର୍ଚ୍ଚରେ ୮% ବଢ଼ିବ ବୋଲି ଆକଳନ କରାଯାଉଛି। ଏହାକୁ ଯଥାସମ୍ଭବ ସଙ୍କୁଚିତ କରାଯିବା ଉଚିତ। ସରକାର ବ୍ୟବସାୟ କରନ୍ତିନି, ଲାଭକ୍ଷତି ଅପେକ୍ଷା ଜନକଲ୍ୟାଣକୁ ଗୁରୁତ୍ୱ ଦିଅନ୍ତି। କିନ୍ତୁ ତା ଅର୍ଥ ନୁହେଁ ଯେ, ବୃଥା ଯୋଜନା।ରେ ପାଣି ଭଳି ଟଙ୍କା ଖର୍ଚ୍ଚ କରାଯିବ, ମାଗଣା ରାସନଠାରୁ ଆରମ୍ଭ କରି ମହିଳା ଏବଂ ଯୁବକମାନଙ୍କୁ ପ୍ରତି ମାସରେ ଟଙ୍କା ଦିଆଯିବ ଏବଂ ସବୁଥିରେ ରିହାତି ଦିଆଯିବ। ଏହା ଗରିବ ନାଗରିକଙ୍କ ଟିକସ ଅର୍ଥ। ଏହା ଲୋକଙ୍କ ଝାଳବୁହା ଅର୍ଥ। ଏହାର ସଦୁପଯୋଗ ହେବା ଉଚିତ। ଏହାର ବେପରୁଆ ବିନିଯୋଗ ଲାଗି ସରକାର ବା ସଂସଦର ମଧ୍ୟ ଅଧିକାର ନାହିଁ।

# ପୁରୁଷ ଆଖିର ଲୁହ



**ସୁବ୍ରତ କୁମାର ଧଳ**

କୁହାଯାଏ ଶାରୀରିକ ଭାବେ ନାରୀଟେ ପୁରୁଷଠାରୁ ଦୁର୍ବଳ ହୋଇଥିବାରୁ ନାରୀଟିଏ ଆଖିର ଲୁହ ମାଧ୍ୟମରେ ନିଜର ଅଭିଳାଷ ଚରିତାର୍ଥ କରେ। ନାରୀ ଆଖିରେ ଲୁହ ଦେଖିଲେ, ଯେତେ କଠୋର ହୃଦୟର ପୁରୁଷ ବି ବିଗଳିତ ହୁଏ। ସେ ନାରୀଟି ପାଇଁ, ପୃଥିବୀର ସବୁ ପ୍ରତିବନ୍ଧକ ସହିତ ଲଢ଼ିବା ପାଇଁ ପ୍ରସ୍ତୁତ ହୋଇଯାଏ। କିନ୍ତୁ ପୁରୁଷ ଆଖିରୁ ସହଜରେ ଲୁହ ଝରେ ନାହିଁ। ସ୍ୱଭାବରେ ନାରୀ ତୁଳନାରେ ପୁରୁଷଟିଏ କଠୋର ହୋଇଥିବାରୁ ସେ ସହଜରେ ସମସ୍ତଙ୍କ ସାମ୍ନାରେ କାନ୍ଦିପାରେନି। ଲୁହପରି ଭାବାତ୍ମକ ଆବେଗକୁ ସେ ଅନାୟାସରେ ଅନ୍ୟମାନଙ୍କ ଆଗରେ ପ୍ରକାଶ କରିପାରେ ନାହିଁ। ତା ପୁରୁଷ ପଣିଆ ଅହଂ ଆସି ତା' ବାଟ ଓଗାଳେ। ଏଣୁ ନିଜ ଭାରାକ୍ରାନ୍ତ ହୃଦୟର ଭାର ଲାଘବ କରିବା ପାଇଁ ସେ ଲୁହ ନିଗାଡ଼େ ନିରୋଳାରେ।

ବର୍ତ୍ତମାନର ସମୟକୁ ଅନୁଶୀଳନ କଲେ ଜଣାଯାଏ ଯେ, କେତେକାଂଶରେ ପୁରୁଷଟିଏ ତା ପରିବାରରେ ମାନସିକ ଚାପଗ୍ରସ୍ତ ହୋଇ କାଳାତିପାତ କରୁଛି। ଏହା ଅତି ଅତିଷ୍ଠ ହେଲେ ଶେଷରେ ଆତ୍ମହତ୍ୟାର ପନ୍ଥାକୁ ଆପଣାଉଛି। ସେ ବେଙ୍ଗାଲୁରର ୩୪ ବର୍ଷୀୟ ଇଂଜିନିୟର ଅତୁଲ ସୁଭାଷ ହୁଅନ୍ତୁ କି ନୂଆଦିଲ୍ଲୀର ୩୯ ବର୍ଷୀୟ ପୁନୀତ ଖୁରାନା ହୁଅନ୍ତୁ ଏସବୁ ଘଟଣା ଭାତ ହାଣ୍ଡିରୁ ଗୋଟେଗୋଟେ ଭାତ ଚିପିଲା ପରି। ଉଭୟ ଅତୁଲ ଓ ପୁନୀତ ନିଜ ପତ୍ନୀଙ୍କ ନିର୍ଯାତନାରେ ଅତିଷ୍ଠ ହୋଇ ଶେଷରେ ଜୀବନ ହାରିଛନ୍ତି। ଦୀର୍ଘଦିନ ଧରି ପତ୍ନୀଙ୍କଠୁ ମାନସିକ ନିର୍ଯାତନା ପାଉଥିବାରୁ ମୃତ୍ୟୁ ପୂର୍ବରୁ ଅତୁଲ ୨୪ ପୃଷ୍ଠାର ଏକ ସୁଇସାଇଡ୍ ନୋଟ୍ ଓ ୯୦ ମିନିଟର ଏକ ଭିଡିଓ ଜାରି କରି ଜୀବନ ହାରିଥିରେ। ଯେଉଁଥିରେ ସେ ତାଙ୍କ ମୃତ୍ୟୁ ପାଇଁ ପତ୍ନୀ ଓ ପତ୍ନୀଙ୍କ ପରିବାରଙ୍କୁ ଦାୟୀ କରିଛନ୍ତି। ଏଥିରେ ସେ କିପରି ମାନସିକ ଓ ଶାରୀରିକ ଭାବେ ଯନ୍ତ୍ରଣା ପାଉଥିଲେ ସେ ବିଷୟରେ ବ୍ୟାପକ ଉଲ୍ଲେଖ କରିଥିଲେ। ସେହିପରି ଦିଲ୍ଲୀର ଅନ୍ୟତମ ଜଣାଶୁଣା କାଫେ 'ଉଡ୍‌ବକ୍ସ'ର ଯୁଗ୍ମ ପ୍ରତିଷ୍ଠାତା ଥିବା ପୁନୀତ ୨୦୧୬ରେ ବିବାହ କରିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ପତିପତ୍ନୀଙ୍କ ମଧ୍ୟରେ ସମ୍ବନ୍ଧ ଆଉ ଭଲ ରହିଲା ନାହିଁ। ଶେଷରେ କୋର୍ଟରେ ସେମାନଙ୍କ ବିବାହ ବିଚ୍ଛେଦ ମାମଲା ଚାଲିଥିବା ବେଳେ ଆତ୍ମହତ୍ୟା କରିଛନ୍ତି ପୁନୀତ।

ଆମ ଦେଶରେ ଏପରି ଗୋଟେ ପରେ ଗୋଟେ ଘଟୁଥିବା ପୁରୁଷ ନିର୍ଯାତନା କଥାକୁ ଅନୁଶୀଳନ କଲେ ଏହା ଖାଲି ଯେ ଭାବପ୍ରବଣ କରିବ ତାହା ନୁହେଁ ବରଂ ଆମର ନ୍ୟାୟିକ ବ୍ୟବସ୍ଥା ଉପରେ ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିବ। କାରଣ ଭାରତୀୟ ପିଙ୍ଗଳ କୋର୍ଡର ଧାରା ୪୯୮ (କ) ଅନୁସାରେ ଯଦି ସ୍‌ବାମୀ କିମ୍ବା ତାର ସମ୍ପର୍କୀୟ ସ୍ତ୍ରୀ ପ୍ରତି ନିଷ୍ଠୁରତା ପ୍ରଦର୍ଶନ କରନ୍ତି ତେବେ ତାର ସ୍‌ବାମୀ କିମ୍ବା ସେହି ସମ୍ପର୍କୀୟଙ୍କୁ ଜରିମାନା ସହିତ ୩ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡ/ସଶ୍ରମ କାରାଦଣ୍ଡର ବ୍ୟବସ୍ଥା ରହିଛି। ସେହିପରି ଧାରା ୪୯୩ ମୁତାବକ ସ୍ତ୍ରୀ ବୋଲି ଧାରଣା ଦେଇ ବା ବିଶ୍‌ବାସ ଜନ୍ମାଇ ତା ସହ ସହବାସ କଲେ ପୁରୁଷକୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ ଏବଂ ଜୋରିମାନାର ପ୍ରାବଧାନ ରହିଛି। ଏହା ସହ ଯଦି କୌଣସି ସ୍ତ୍ରୀ ନିଷ୍ଠୁର ଏବଂ କ୍ରୁରତା ଆଚରଣ ଫଳରେ ୬ବର୍ଷ ମଧ୍ୟରେ ମୃତ୍ୟୁବରଣ କରେ, ତେବେ ସ୍‌ବାମୀ ଏବଂ ଶଶୁର ଘରର ପରିବାର ତାର ମୃତ୍ୟୁ ପାଇଁ ଦାୟୀ ରହିବା ଉଲ୍ଲେଖ କରାଯାଇଛି। ବର୍ତ୍ତମାନ କିଛି ମହିଳା ନିଜର ସ୍ୱାର୍ଥ ସାଧନ ପାଇଁ ମହିଳା ସୁରକ୍ଷା ଆଇନର ଦୁରୁପଯୋଗ କରିଚାଲିଛନ୍ତି। ମହିଳାଙ୍କୁ ଘରୋଇ ହିଂସାରୁ ସୁରକ୍ଷା ଦେବା ପାଇଁ ତିଆରି ହୋଇଥିବା ଆଇନକୁ ଅସ୍ତ୍ର କରି, କିଛି ମହିଳା ନିଜ ଅଯୌକ୍ତିକ ଦାବି ପୂରଣ ପାଇଁ ପୁରୁଷ ଓ ତାଙ୍କ ପରିବାର ଲୋକଙ୍କୁ ବାଧ କରୁଛନ୍ତି। ମହିଳାମାନେ ସ୍ୱାର୍ଥସାଧନ ପାଇଁ ସ୍ୱାମୀ ଓ ତାଙ୍କ ପରିବାର ବିରୋଧରେ ନିର୍ଯାତନା ଆଇନର ଅପବ୍ୟବହାର ବୃଦ୍ଧି ପାଉଛି।



ପ୍ରତ୍ୟକ ଦିନ ଖବରକାଗଜ ପୃଷ୍ଠା ଓଲଟାଇଲେ କୋଉଠି ନା କୋଉଟି ପୁରୁଷ ନିର୍ଯାତନାର ଖବର ସାମ୍ନାକୁ ଆଖିରେ ପଡ଼ୁଛି। ଯାହାକୁ ପଢ଼ି ଆମେ ଖାଲି ଆହାଃ, ଓଃ, ଚୁ ଚୁ ହେବା ଛଡ଼ା ଆଉ କିଛି ବାଟ ନାହିଁ। ହଁ, ନାରୀ ଓ ପୁରୁଷ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ। ଯୁଗଯୁଗ ଧରି ମାନବ ସମାଜ ପୁରୁଷ ଓ ନାରୀକୁ ନେଇ ଗଠିତ ତାହା ସତ୍ୟ। ବର୍ତ୍ତମାନ ନାରୀ ପୁରୁଷଙ୍କ ସମାନତାକୁ ନେଇ ଅନେକ ପ୍ରଶ୍ନ, ବିଭିନ୍ନ ଆଲୋଚନା ସମାଲୋଚନା, ତର୍କ ବିତର୍କ ଚାଲିଛି। ବିଭିନ୍ନ ଲୋକ ଭିନ୍ନଭିନ୍ନ ମତ ରଖୁଛନ୍ତି। ନାରୀମାନଙ୍କୁ ସବୁଠି ଅଗ୍ରାଧିକାର ଦିଆଯାଉଛି ପାଠପଢ଼ା ଠାରୁ ଆରମ୍ଭ କରି ଚାକିରୀ ଇତ୍ୟାଦି ବିଭିନ୍ନ କ୍ଷେତ୍ରରେ। ପୂର୍ବରୁ ଏହି କଥା ରହିଛି ଯେ ଜଣେ ଉଚ୍ଚ ଶିକ୍ଷିତା ମାଆଟିଏ ତାର ପିଲାମାନଙ୍କୁ ଉତ୍ତମ ଶିକ୍ଷା ଦେବା ସହ ପରିବାରର ସୁଗଠନ ବା ନିଜର ସ୍ନେହ ଶ୍ରଦ୍ଧା ଲ ପାଇବାରେ ସଭିଙ୍କୁ ଗୋଟିଏ ଡୋରରେ ବାନ୍ଧି ରଖିବା ଠାରୁ ଆରମ୍ଭ କରି ରୋଜଗାରକ୍ଷମ ହୋଇ ସ୍ୱାମୀଙ୍କୁ ସାହାଯ୍ୟ କରିଥାଏ। ସେଥିପାଇଁ ତ ନାରୀକୁ ଉଚ୍ଚାସନରେ ବସାଯାଇଥାଏ। କିନ୍ତୁ ଅଧୁନା ସମାଜରେ ଠିକ ଓଲଟା ଦେଖାଯାଉଛି। ନାରୀଟିଏ ତାର ସ୍ୱାଧୀନତାକୁ ଅପବ୍ୟବହାର କରି ନିଜର ଅହଂ ଭାବ ପରିପ୍ରକାଶ ସହ ସ୍ୱାମୀ ଓ ଶାଶୁ ଶଶୁରଙ୍କ ଦିଅର ନଣନ୍ଦ ସମ୍ପୂର୍ଣ୍ଣ ପରିବାରକୁ ହେୟ ମନେକରୁଛି। ଆଧୁନିକତାର ଦ୍ୱାହି ଦେଇ ସଂସ୍କାର,ସମ୍ପର୍କକୁ ପାଦରେ ଆଡେଇ ଦେଉଛି। ବିଶେଷ ଭାବେ ଦେଖିବାକୁ ମିଳୁଛି ଉଚ୍ଚ ଶିକ୍ଷିତ ପୁଅ ଝିଅଙ୍କ ବିବାହର ମାତ୍ର କିଛିଦିନ ଅନ୍ତେ ତିକ୍ତତା ଏତେ ବଢ଼ିଯାଉଛି। ନିଜ ଭିତରେ ତାହା ସମାଧାନ ନହୋଇ ଶେଷରେ କୋର୍ଟ କଚେରୀରେ ବିଚ୍ଛେଦ ହେଉଛି। ତଥାପି ଏହି ଅଧ୍ୟାୟର ଶେଷ ହେଉନାହିଁ। ସେମାନଙ୍କ ଅହଂ ବା ଜିଦ୍ଦି ପାଇଁ ତାଙ୍କ ଔରସରୁ ଜନ୍ମିତ ପିଲାଟି ବିଚରା କାହାର ହେବ ବୁଝି ପାରୁନି। ଏ ପରିସ୍ଥିତିରେ ପୁରୁଷଟି ସ୍ତ୍ରୀର ଦାଉ, ଶଶୁର ଘରର ତାଗିଦ, ବାପା ମାଆ ଭାଇ ଭଉଣୀଙ୍କ ସ୍ନେହ ଶ୍ରଦ୍ଧା ପାଖରେ ହାର ମାନୁଛି। 'ମାରନା ମୁଁ ମଲିଣି' ଏହି ଢଗଟି ଆମକୁ ଏଠାରେ ସୂଚାଇ ଦେଉଛି ଯେ ମଣିଷ ବେଳେବେଳେ ନିଜ ସ୍ୱାଭିମାନ ଓ ସମାଜରେ ନିଜର ସମ୍ମାନ ବଞ୍ଚାଇବାକୁ ଯାଇ ଆତ୍ମହତ୍ୟା କରିବାକୁ ବାଧ ହେଉଛି।

ସବୁଠି ପ୍ରାୟେ ଦେଖାଯାଉଛି ପୁଅଟି ଯଦି ପରିବାରକୁ ସୁଚାରରୂପେ ଚଳାଇନିଏ ତେବେ ତାକୁ ସଫଳ ପୁରୁଷର ଆଖ୍ୟା ମିଳିଥାଏ। ଯଦି କୌଣସି କାରଣ ବଶତଃ ତାର କାର୍ଯ୍ୟକ୍ରମରେ ସାମାନ୍ୟ ତ୍ରୁଟି ଦେଖାଦିଏ ତେବେ ତାର ଆଦର୍ଶ ଶିକ୍ଷା ଓ ଯୋଗ୍ୟତାକୁ ନେଇ ସର୍ବ ସମ୍ମୁଖରେ ନିନ୍ଦା କରାଯାଏ। ଆଉ ପରିବେଶ ରଣକ୍ଷେତ୍ର ପାଲଟିଯାଏ, ଯାହା ମହାଭାରତ ଯୁଦ୍ଧଠାରୁ କିଛି କମ ନୁହେଁ। ଦୁଃଖ ଲାଗୁଛି ମଣିଷ ଶିକ୍ଷିତ ହେଉଛି ସବୁ ଅସମ୍ଭବକୁ ସମ୍ଭବ କରିପାରୁଛି। ହେଲେ ତା ଭିତରୁ ବିଶ୍ୱାସ ଭଲ ପାଇବା ଓ ମାନବିକତାର ସତ୍ତା କାହିଁକି କମି ଯାଉଛି। ପାରସ୍ପରିକ ବୁଝାବଣା ଓ ବିଶ୍‌ବାସ ରେ ଗଢ଼ିଉଠିଥିବା ସମ୍ପର୍କରେ କିଛି ସର୍ତ୍ତ ଅବିଶ୍ୱାସ ଆସି ଉଭା ହେଉଛି। ଯାହାକି ଦାୟିତ୍ୱବାନ ପୁରୁଷ ଶେଷରେ ବଳି ପଡୁଛି। ତେବେ ଏଥିରେ କଣ ପରିବର୍ତ୍ତନ ଆସିବ ନାହିଁ? କାହିଁକି ନୁହେଁ ଯେଉଁଠି ମଣିଷ ନିଜକୁ ଶ୍ରେଷ୍ଠ ପ୍ରାଣୀ ବୋଲି ବିବେଚିତ କରେ, ତାଠି କିଛି ଅସମ୍ଭବ ନୁହେଁ।

ନାରୀ ଆଖିର ଲୁହ ସମସ୍ତେ ଦେଖିପାରନ୍ତି ସତ, ହେଲେ ପୁରୁଷର ଅକୁହା ଅମାନିଆ ଦୁଃଖର ଲୁହକୁ କେହି ଦେଖିପାରନ୍ତି ନାହିଁ। ସେହି ପୁରୁଷଟି ଆଖିର ଲୁହକୁ କେବଳ ମର୍ମେ ମର୍ମେ ଅନୁଭବ କରିପାରେ। ପୁରୁଷର ଜୀବନ ଦୋ ଛକିରେ ଛିଡ଼ା। ସଂଗ୍ରାମ ଜୀବନ ଭିତରେ କେତେବେଳେ ସେ ହାରିଯାଏ, ତ କେତେବେଳେ ଜିତିଯାଏ। ଏଣୁ ଯଥା ସମ୍ଭବ ଆମ ମାନସିକତାକୁ ଆମେ ବଦଳେଇ ପାରିଲେ ଏପରି କାର୍ଯ୍ୟର ନିଶ୍ଚିତ ପୂର୍ଣ୍ଣଚ୍ଛେଦ ପଡିବ। ପୁଅ ଝିଅ ମଧ୍ୟରେ ବୁଝାବଣା ଠିକ ରହିଲେ ଏସବୁ ସମସ୍ୟା ବିଲକୁଲ ଆସିବନି। ସହନଶୀଳତା, ବିଶ୍‌ବସନୀୟତା, ନମ୍ରତା, ନିଜ ଭୁଲକୁ ସ୍ୱୀକାର କରିବା, ଅନ୍ୟକୁ ସମ୍ମାନ ଦେବା ଓ ସ୍ୱାର୍ଥପରତା ଛାଡି ନିଷ୍ଠାପର କାର୍ଯ୍ୟ କଲେ ସମ୍ପର୍କର ମର୍ଯ୍ୟାଦା ବଢ଼ିବ ଓ ଆଗାମି ପିଢ଼ିର ସୁରକ୍ଷା ସହ ନିଜେ ସାରାଜୀବନ ଖୁସିରେ ଜୀବନ ଯାପନ କରି ପାରିବେ।


ବାସୁଦେବପୁର, ଭଦ୍ରକ
ମୋବାଇଲ୍: ୭୯୭୮୯୧୭୦୦୨


# ଭାରତର ଆତ୍ମା ହେଉଛି ଗଣତନ୍ତ୍ର



**ଗୋପାଳ ମହାପାତ୍ର**

ଜନଗଣ ମନ ଅଧିନାୟକ ଜୟ ହୋ! ସମ୍ବିଧାନର ମୂଳ ଭାବନା ୭୬ ବର୍ଷ ମଧ୍ୟରେ ଜନମାନସରେ ଛାଇ ହୋଇ ଯାଇଛି। ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ରରେ ଏଇ ୭୬ବର୍ଷ ମଧ୍ୟରେ ଦେଶରେ ଗଣତାନ୍ତ୍ରିକ ପରମ୍ପରା ମଧ୍ୟ ଅଧିକ ସମୃଦ୍ଧି ହୋଇଛି। ଏହି ୭୬ ବର୍ଷ ମଧ୍ୟରେ ୧୮ ଥର ଲୋକସଭା ପାଇଁ ସାଧାରଣ ନିର୍ବାଚନ ହୋଇଛି ଓ କେନ୍ଦ୍ରରେ ଅନେକ ଦଳ ମଧ୍ୟ ସରକାର ଗଠନ କରିଛନ୍ତି। ସାଧାରଣ ଲୋକଙ୍କ ଜୀବନସ୍ତର ମଧ୍ୟ କିଛି ପରିମାଣରେ ଉନ୍ନତ ସ୍ତରକୁ ଆସିଛି। ଭାରତୀୟ ମାନେ ସାରା ବିଶ୍ୱରେ ନିଜ କ୍ଷମତାର ଛାପ ଛାଡିଛନ୍ତି। ଆନ୍ତର୍ଯାତୀୟ ସ୍ତରରେ ଭାରତର ଗୁରୁତ୍ୱ ବଢ଼ିଛି। ୧୪୨ କୋଟିରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ଦେଶରେ ଅଧାରୁ ଅଧିକ ହେଉଛନ୍ତି ଯୁବବର୍ଗ। ବିଶ୍ୱର ଅନ୍ୟ କୌଣସି ଦେଶରେ ଏତେ ସଂଖ୍ୟକ ଯୁବବର୍ଗ ନାହାଁନ୍ତି ଯେତେ ଭାରତରେ ଅଛନ୍ତି। ଏହି ଜନସଂଖ୍ୟାକୁ ଠିକ୍ ଦିଗରେ ପରି•ଳନା କରିବା ହେଉଛି ସମୟର ଆବଶ୍ୟକତା। ଏହି ଯୁବ ବର୍ଗଙ୍କର ଉଲ୍ଲାସ ଏବଂ ଉତ୍ସାହକୁ ରୋଜଗାର ସହ ଯୋଡିବା ହିଁ ଗଣତନ୍ତ୍ର ଦିବସର ପରମ ଉପଲବ୍ଧି ହେବା ଉଚିତ୍। ସବୁବର୍ଗ ଏପରିକି ଅସଂଗଠିତ କ୍ଷେତ୍ରର ଶ୍ରମିକ ମାନଙ୍କ ବାବଦରେ ଚିନ୍ତା କରିବା ସମସ୍ତଙ୍କର ଦାୟୀତ୍ୱ, ତେବେ ହିଁ ଗଣତନ୍ତ୍ରର ପ୍ରକୃତ ଉଦେଶ୍ୟ ପ୍ରାପ୍ତ ହୋଇ ପାରିବ। ଦେଶର ଅର୍ଥବ୍ୟବସ୍ଥା ପାଇଁ ଯୋଗ୍ୟ ଶ୍ରମ ବଳ ଏବଂ ଜନସୁଲଭ ଜ୍ଞାନକୌଶଳର ଆବଶ୍ୟକତା ରହିଛି। ଏଥିପାଇଁ ସାମାଜିକ ସଂରଚନା କ୍ଷେତ୍ରରେ ଅଧିକ ପୁଞ୍ଜିନିବେଶର ଆବଶ୍ୟକତା ରହିଛି। ଅଧିକାର ପ୍ରତି ଜାଗରୁକ ହେବା ସହ କର୍ତ୍ତବ୍ୟ ପ୍ରତି ଦେଶର ନାଗରିକ ଭାବେ ଏପରିକି ପରିବାର ଉପରେ ସାମାଜିକ ଉତ୍ତରଦାୟିତ୍ୱ ନିର୍ବାହ କରିବା ସମସ୍ତଙ୍କର ଧେୟ ହେଉ। ସରକାରଙ୍କ ଠାରୁ ଆଶା ଓ ଅପେକ୍ଷା କରାଯିବା ଉଚିତ୍ କିନ୍ତୁ ଆମକୁ ଆମ କର୍ତ୍ତବ୍ୟ ପାଳନ କରିବାକୁ ପଡ଼ିବ। ଗଣତନ୍ତ୍ର ସୂଚାଇଥାଏ ଜନ(ଲୋକ)ଙ୍କ ମହିମା, ଗଣତନ୍ତ୍ର ଚିହ୍ନିତ କରିଥାଏ ଗଣ (ଲୋକ)ଙ୍କ ଗରିମା। ଜନତନ୍ତ୍ର ଜନତାଙ୍କ ସାହାସ, କିନ୍ତୁ ଗଣତନ୍ତ୍ର ଲୋକଙ୍କ ହୃଦୟ ଓ ମନ ବା ଦିମାକ ଅଟେ।

୧୯୫୦ ମସିହା ଜାନୁୟାରୀ ୨୬ ତାରିଖ ସକାଳ ୧୦ଟା ୧୮ ମିନିଟ ସମୟରେ ଭାରତ ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ପରିଣତ ହୋଇଥିଲା। ଏହାର ଠିକ୍ ୬ ମିନିଟ ପରେ ୧୦ଟା୨୪ ମିନିଟରେ ଦେଶର ପ୍ରଥମ ରାଷ୍ଟ୍ରପତି ଭାବେ ଡଃ ରାଜେନ୍ଦ୍ର ପ୍ରସାଦ ଶପଥ ନେଇଥିଲେ। ଗଣତନ୍ତ୍ର ଦିବସ କଥା ଭାବିଲେ ସାଧାରଣତଃ ସମସ୍ତଙ୍କମନ ସେଇ କାଳଖଣ୍ଡ ବା ସମୟ ଆଡକୁ ଚାଲିଯାଏ ଯେବେ ଶହଶହ ବର୍ଷର ସଂଘର୍ଷ ପରେ ଦେଶ ସ୍ୱାଧିନ ହୋଇଥିଲା। ଗଣତନ୍ତ୍ର ଦିବସ ଏମିତି ଏକ ପର୍ବ ଯେଉଁ ପର୍ବରେ ଦେଶବାସୀ ଏକତା, ସମ୍ପ୍ରଭୁତା ଏବଂ ସ୍ୱତନ୍ତ୍ରତାର ଭାବନାର ଉତ୍ସବ ପାଳନ କରିଥାନ୍ତି। ଦେଶ ସ୍ୱାଧିନ ହେବାର କିଛିଦିନ ପୂର୍ବରୁ ୧୯୪୭ ମସିହା ଜୁଲାଇ ୨୨ ତାରିଖରେ ଆୟୋଜିତ ସମ୍ବିଧାନ ସଭାର ବୈଠକରେ ରାଷ୍ଟ୍ରୀୟ ଧ୍ୱଜକୁ ସ୍ୱୀକୃତି ଦିଆଯାଇଥିଲା ଏବଂ ୧୯୪୭ ମସିହା ଅଗଷ୍ଟ ୧୫ ଠାରୁ ଭାରତର ଧ୍ୱଜର ନାମ ତ୍ରିରଙ୍ଗା ବଛାଯାଇଥିଲା। ତ୍ରିରଙ୍ଗାର ୩ଟି ରଙ୍ଗ ମହତ୍ୱ ରହିଛି। କେସର ରଙ୍ଗ ଶକ୍ତିର ପ୍ରତୀକ ଓ ଏହା ବ୍ୟକ୍ତିର ମେହେନତ, ଆତ୍ମନିର୍ଭର ଏବଂ ଆତ୍ମବଳ ବୃଦ୍ଧିର ସୂଚକ ଅଟେ। ସେହିପରି ଧଳା ରଙ୍ଗକୁ ଶାନ୍ତିର ପ୍ରତୀକଭାବେ ଗ୍ରହଣ କରାଯାଇଥାଏ। ଏହି ରଙ୍ଗ ଲୋକଙ୍କ ମଧ୍ୟରେ ପରସ୍ପର ସମାନତା, ଏକତା ସଦ୍‌ଭାବନା ଏବଂ



ପ୍ରେମର ଭାବ ସୃଷ୍ଟି କରିଥାଏ। ତ୍ରିରଙ୍ଗାର ସବୁଜ ରଙ୍ଗ ସମ୍ପନ୍ନତା ଏବଂ ସବୁଜକ୍ଷେତ୍ରର ପ୍ରତୀକ ଅଟେ। ତ୍ରିରଙ୍ଗାରେ ଅଶୋକ ଚକ୍ର ରହିଛି। ଏହି ଚକ୍ର ଗତିଶୀଳତାର ପ୍ରତିନିଧିତ୍ୱ କରିଥାଏ।

ଆମ ଗଣତନ୍ତ୍ରର ଉପଲବ୍ଧି ହେଉଛି ବିଗତ କିଛି ବର୍ଷ ମଧ୍ୟରେ ଭାରତୀୟ ଅର୍ଥ ବ୍ୟବସ୍ଥା ବିଶ୍ୱର ସବୁଠାରୁ ଦୃତ ଗତିରେ ବଢୁଥିବା ଅର୍ଥବ୍ୟବସ୍ଥା ମଧ୍ୟରେ ଅନ୍ୟତମ। ଦେଶ ମଧ୍ୟ ବିକାଶ କ୍ଷେତ୍ରରେ ଆଗେଇ ଚାଲିଛି। ଜିଏସଟି ମାଧ୍ୟମରେ ଦେଶ ଅପ୍ରତ୍ୟକ୍ଷ ଟିକସ ପ୍ରଣାଳୀରେ ଏକରୂପତା ଆସିଛି। ପ୍ରାରମ୍ଭରେ ଜିଏସଟିକୁ ନେଇ କେତେକ ଅସୁବିଧା ଦେଖାଦେଇଥିଲା ହେଲେ ପରେ ଏହାକୁ ସୁଧୁରା ଯାଇପାରିଛି। ନେଣ ଦେଣ ପ୍ରକ୍ରିୟାରେ ଡିଜିଟାଲାଇଜେସନର ଗୁରୁତ୍ୱ ବଢ଼ିଛି ଯାହା ମଧ୍ୟ ଏକ ଉପଲବ୍ଧି। ଏଥିସହିତ ବିଭୁଦ୍ରୀକରଣ ସହ ଲୋକଙ୍କର ଖରାପ ସ୍ମୃତି ମଧ୍ୟ ରହିଛି। ବିକାଶ ପ୍ରକ୍ରିୟାରେ ପଛୁଆ ବର୍ଗଙ୍କୁ ଅଧିକ ଗୁରୁତ୍ୱ ଦିଆଯାଇଛି। ମହିଳା ମାନଙ୍କ ଭାଗିଦାରୀ ସବୁକ୍ଷେତ୍ରରେ ବଢ଼ିଛି। ବିଶ୍ୱସ୍ତରୀୟ ମଞ୍ଚରେ ଭାରତର ପ୍ରତିଷ୍ଠା ବଢ଼ିଛି ଓ ଭାରତକୁ ଅନ୍ୟ ଦେଶ ମାନେ ଗୁରୁତ୍ୱ ଦେଉଛନ୍ତି। ଭାରତ ଏବେ ଏକ ମଜଭୁତ ଅର୍ଥବ୍ୟବସ୍ଥା ଓ ଶକ୍ତିଶାଳୀ ଦେଶରେ ପରିଣତ ହୋଇଛି। ଆମେରିକା ଏବଂ ୟୁରୋପୀୟ ଦେଶ ମାନଙ୍କରେ ଭାରତୀୟଙ୍କ କାର୍ଯ୍ୟାକୁଶଳତାକୁ ନେଇ ପ୍ରଶଂସା ହେଉଛି। ଏସବୁ ଉପଲବ୍ଧି ପ୍ରମାଣ କରିଦେଉଛି ଯେ ଭାରତୀୟ ମାନଙ୍କ ପକ୍ଷରେ କୌଣସି କଥା ଅସମ୍ଭବ ନୁହେଁ।

ଭାରତୀୟ ସମ୍ବିଧାନ ବହୁଳତା ମଧ୍ୟରେ ଏକତାର ସିଦ୍ଧାନ୍ତ ଉପରେ ପର୍ଯ୍ୟବେଶିତ ଏଣୁ ଏଥିରେ ଭେଦଭାବର କଥା ନାହିଁ। କିନ୍ତୁ ଦୁର୍ଭାଗ୍ୟର ବିଷୟ ଯେ ଜାତି, ଧର୍ମ, ଲିଙ୍ଗ ଏବଂ ଆର୍ଥୀକ ସ୍ଥିତିର ଭେଦଭାବରୁ ଆମେ ମୁକୁଳି ପାରୁନାହେଁ। ଭୋଟ ରାଜନୀତି ଆମ ସମାଜକୁ ବିଭାଜିତ କରୁଛି। ଆମେ ତାକୁ ମଧ୍ୟ ବିରୋଧ କରିବାର ସାହାସ ଜୁଟାଇ ପାରୁନାହେଁ। ପରସ୍ପର ମଧ୍ୟରେ ଶତୃତା ସୃଷ୍ଟି କରୁଛେ। ଏବେ ଜାତିକୁ ନେଇ ରାଜନୀତି ଚାଲିଛି। ସମ୍ବିଧାନ ଆମକୁ ମୌଳିକ ଅଧିକାର ଦେଇଛି ଓ ସେଥିରେ ଆମର କର୍ତ୍ତବ୍ୟ ନିର୍ଦ୍ଧାରିତ ହୋଇଛି। କିନ୍ତୁ ଆମ ଭିତରେ ଜାଗରୁକତାର ଅଭାବ କାରଣରୁ ଅଧିକ ଲୋକ ସେମାନଙ୍କର ଅଧିକାର ଓ କର୍ତ୍ତବ୍ୟକୁ ନେଇ ସଚେତନ ନୁହଁନ୍ତି। ଜଣେ ଆଦର୍ଶ ନାଗରିକଙ୍କ ପାଖରେ ଅଧିକାରର ଜ୍ଞାନ ରହିବା ଦରକାର। ନିଜର କର୍ତ୍ତବ୍ୟକୁ ଠିକ୍ ଭାବେ ପାଳନ କରିବା ଉଚିତ୍। କିନ୍ତୁ ଏ କଥା ମଧ୍ୟ ସତ୍ୟ ଯେ ଏତେ ବର୍ଷ ମଧ୍ୟରେ ଆମେ ଆଦର୍ଶ ନାଗରିକ ହୋଇପାରିନାହେଁ। ଆମେ ସମ୍ବିଧାନର ବିଧାନ ସମ୍ପର୍କରେ ବୁଝିବାକୁ ଅସମର୍ଥ। ଆମ ସଂସଦୀୟ ସଂସ୍ଥା ମାନଙ୍କରେ ବାହୁବଳୀ ଏବଂ ଅପରାଧିଙ୍କର ପ୍ରଭାବ ବଢ଼ିବାରେ ଲାଗିଛି। ଗଣତନ୍ତ୍ର ଦିବସ କେବଳ ଉତ୍ସବ ପାଳନର ଅବସର ନୁହେଁ ବରଂ ଏହା ସମୀକ୍ଷାର ଅବସରର ଦିନ ଅଟେ। ଆମେ କେତେ ଆତ୍ମନିର୍ଭର, ଆମ ସମାଜର ବଞ୍ଚିତ ବର୍ଗ କେତେ ସୁବିଧା ପାଇପାରୁଛନ୍ତି ଏ ବାବଦରେ ସମୀକ୍ଷା କରିବା ଆବଶ୍ୟକ। ଦେଶ ଓ ସମାଜର ବିକାଶରେ ଆମେ କେତେ ଯୋଗଦାନ କରିଛେ ସେ ବାବଦରେ ମଧ୍ୟ ସମୀକ୍ଷା କରିବା ଆବଶ୍ୟକ। ଆମେ ଆମ ସଂସାଧନର କେତେ ଉପଯୋଗ କରିଛେ? ଏମିତି ଅନେକ ପ୍ରକାର ପ୍ରଶ୍ନ ରହିଛି ଯାହାର ଉତ୍ତର ଆମକୁ ଖୋଜିବାକୁ ପଡ଼ିବ। ଆମ ସମ୍ବିଧାନ ତୃଣମୂଳ ସ୍ତରରେ ଗଣତନ୍ତ୍ର, ମୌଳିକ ଅଧିକାର ଏବଂ ଶାସନର ବିକେନ୍ଦ୍ରୀ କରଣ ଉପରେ ଠିଆ ହୋଇଛି।


ରାମଚନ୍ଦ୍ରପୁର, ରଣପୁର
ମୋବାଇଲ: ୯୪୩୮୪୮୫୦୯୪


# ଆତ୍ମନିର୍ଭର ଲକ୍ଷ୍ୟ ବହୁଦୂର

**ବିଶ୍ୱଜିତ ପ୍ରଧାନ**

ଗତ ୬ ମାସ ହେବ ରାଜ୍ୟରେ ବିଭିନ୍ନ ଖାଦ୍ୟ ସାମଗ୍ରୀ ବିଶେଷ କରି ପନିପରିବାର ଦର ଆକାଶ ଛୁଆଁ ହୋଇଛି। ଫଳରେ ସାଧାରଣରେ ହାହାକାର ପଡ଼ିଯାଇଛି। ଗରିବ ବା ନିମ୍ନ ମଧ୍ୟବିତ୍ତ ପରିବାର ଲୋକେ ପେଟପୁରା ଖାଇବାକୁ ପାଉ ନାହାଁନ୍ତି। କାର୍ତ୍ତିକ ମାସରେ ପରିସ୍ଥିତି ସାଂଘାତିକ। କେବଳ ଓଡ଼ିଶା ନୁହେଁ, ସାରା ଦେଶରେ ଏବେ ଅତ୍ୟାବଶ୍ୟକ ସାମଗ୍ରୀର ଦର ବୃଦ୍ଧିକୁ ନେଇ ସାଧାରଣ ଲୋକଙ୍କ ଭିତରେ ହାହାକାର ପଡ଼ିଯାଇଛି। ସରକାର କେବଳ ମାଗଣା ଚାଉଳ ଦେଇଦେଲେ ସବୁ ସମସ୍ୟାର ସମାଧାନ ହୋଇଯିବ ନାହିଁ। ମାଗଣା ରାସନ ଗରିବଙ୍କୁ ଅନେକାଂଷର ସହାୟତା କରୁଛି ସତ, ମାତ୍ର ଏହା ସମସ୍ୟାର ସ୍ଥାୟୀ ସମାଧାନ ନୁହେଁ। ଦେଶରେ ମୁଦ୍ରାସ୍ଫୀତି ହାର ପାଖାପାଖି ୬ ପ୍ରତିଶତ ରହିଛି। କିନ୍ତୁ ଓଡ଼ିଶାରେ ଏହା ସବୁଠାରୁ ଅଧିକ ଅର୍ଥାତ ୭ ପ୍ରତିଶତରୁ ଅଧିକ ରହିଛି। ଓଡ଼ିଶାରେ ଡାଲି, ତେଲ, ଅଟା ଆଦିର ମୂଲ୍ୟ ଅତିମାତ୍ରାରେ ବଢ଼ିଛି। ଏହା ସହିତ ପନିପରିବା ଦର ଆକାଶ ଛୁଆଁ। କାର୍ତ୍ତିକରେ ଅନେକ ଆମିଷ ଖାଦ୍ୟ ଗ୍ରହଣ କରନ୍ତି ନାହିଁ। ସେମାନେ ସମ୍ପୂର୍ଣ୍ଣ ଭାବେ ପରିବା ଉପରେ ନିର୍ଭର କରନ୍ତି। ସେମାନଙ୍କ ପାଇଁ ଏବେ ପନିପରିବା ଦର ଆକାଶ ଛୁଆଁ ହେବା ଏକ ପ୍ରକାର ବୋଝ ଉପରେ ନଳିତା ବିଡ଼ା ସଦୃଶ ହୋଇଛି। ଅବଶ୍ୟ ଆଶ୍ୱସ୍ତିର ବିଷୟ ହେଲା ପେଟ୍ରୋଲ ଓ ଡିଜେଲ ଦର ସହିତ ଘରୋଇ ବ୍ୟବହାର ନିମନ୍ତେ ଉଦ୍ଦିଷ୍ଟ ଗ୍ୟାସ ଦର ସ୍ଥିର ରହିଛି। ୨୦୨୨ ଫେବୃଆରୀରେ ୟୁକ୍ରେନ ଉପରେ ରଷିଆର ଆକ୍ରମଣ ପରେ ବିଶ୍ୱବଜାରରେ ତୈଳ ଦର ଆକାଶଛୁଆଁ ହେଲା। ଏହାର ପ୍ରଭାବରେ ଅନ୍ୟ ସବୁ ସାମଗ୍ରୀର ଦର ବୃଦ୍ଧି ପାଇଲା। କୃଷ୍ଣସାଗର ଦେଇ ସପ୍ଲାଇ ଚେନ ପ୍ରଭାବିତ ହେବା ଫଳରେ ଖାଇବା ତେଲ, ସାର, କୋଇଲା ଦର ବୃଦ୍ଧି ପାଇଲା ଏବଂ ସାରା ବିଶ୍ୱରେ ମୁଦ୍ରାସ୍ଫୀତି ଆକାଶ ଛୁଆଁ ହେଲା। ଏହାର ପ୍ରଭାବ ଏ ଯାବତ ଯାଇନାହିଁ। ଗହମ, ଚାଉଳ, ଡାଲି, ପିଆଜ ଦର ଆକାଶ ଛୁଆଁ। ଏବେ କେନ୍ଦ୍ର ସରକାର ଖାଇବା ତେଲ ଆମଦାନୀ ଉପରେ ଶୁଳ୍କ ବୃଦ୍ଧି କରିଛନ୍ତି। ଫଳରେ ଏହାର ଦର ଦୁଇମାସରେ ପ୍ରାୟ ୧୫% ବଢ଼ିଛି। ପ୍ରତିବର୍ଷ ବିଦେଶରୁ ଆମକୁ ପ୍ରଚୁର ପରିମାଣର ଖାଇବା ତେଲ ଆମଦାନୀ କରିବାକୁ ପଡ଼ୁଛି। ଚଳିତ ବର୍ଷ ରବି ଋତୁରେ କୃଷି କ୍ଷେତ୍ର ଲାଗି ଜଳସେଚନ ଗୁରୁତର ପ୍ରଭାବିତ ହେବା ଆଶଙ୍କା ରହିଛି। ଆଖୁ, ପିଆଜ ଓ ଡାଲି ଉତ୍ପାଦନ ନିମନ୍ତେ ମହାରାଷ୍ଟ୍ର ପ୍ରସିଦ୍ଧ। କିଛି ପରିମାଣରେ ଗହମ ମଧ୍ୟ ହୋଇଥାଏ। ତେବେ ମହାରାଷ୍ଟ୍ରରୁ ଚିନି ଓ ପିଆଜ ସାରା ଦେଶର ଆବଶ୍ୟକତା ମେଣ୍ଟାଇଥାଏ। ଚଳିତ ବର୍ଷ ଅନେକ ଚାଷୀ ଜମି ପଡ଼ିଆ ପକାଇଛନ୍ତି। ପିଆଜ ଉତ୍ପାଦନ ନିମନ୍ତେ ପ୍ରସିଦ୍ଧ ନାସିକରେ ଏଥର ଗତ ବର୍ଷ ତୁଳନାରେ ୩୦%



କମ ଜମିରେ ପିଆଜ ଚାଷ ହୋଇଛି। କେବଳ ମହାରାଷ୍ଟ୍ର ନୁହେଁ, ପଡ଼ୋଶୀ କର୍ଣ୍ଣାଟକରେ ମଧ୍ୟ ଏଥର ପିଆଜ ଚାଷ ପ୍ରଭାବିତ ହୋଇଛି ଏବଂ ଉତ୍ପାଦନ କମିବ ବୋଲି ଆଶଙ୍କା ରହିଛି। ଚଣା ଡାଲି ଉତ୍ପାଦନ ଲାଗି ମହାରାଷ୍ଟ୍ର ପ୍ରସିଦ୍ଧ। ଏଥର ତାହାର ଉତ୍ପାଦନ ମଧ୍ୟ କମିବ। ତେଣୁ ଆଗକୁ ଡାଲି, ଚିନି, ପିଆଜ ଦର ବଢ଼ିବା ସୁନିଶ୍ଚିତ। ଏହା ସରକାରଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ଗତ ବର୍ଷ ଭାରତ ସରକାର ୧୧ ଲକ୍ଷ ଟନ ଚିନି ରପ୍ତାନୀ ଲାଗି ଅନୁମତି ଦେଇଥିଲେ। ଏଥର ଏହା ୬ ଲକ୍ଷ ଟନରେ ସୀମିତ ରହିଛି। ପିଆଜ ରପ୍ତାନୀ ଉପରେ ମଧ୍ୟ କଟକଣା ଲାଗିଥିଲା। ଏହା ହଟିବା ପରେ ପିଆଜ ଦର ବୃଦ୍ଧି ପାଇଛି। କୁଟୁରା ବଜାରରେ ଏହବେ ପିଆଜ କିଲୋ ୬୦ ଟଙ୍କା ରହିଛି। ଅତୀତରେ ଡାଲି, ଚିନି, ପିଆଜ ଦର ବୃଦ୍ଧିରୁ ଅନେକ ନିର୍ବାଚନରେ ଶାସକ ଦଳ ପରାଜିତ ହେବାର ନଜିର ରହିଛି। ସରକାର ପେଟ୍ରୋଲ ଓ ଡିଜେଲ ତଥା ରନ୍ଧନ ଗ୍ୟାସ ଉପରେ ସବସିଡି ପ୍ରଦାନ କରି ଏହାର ଦର ନିୟନ୍ତ୍ରିତ ରଖିଛନ୍ତି। ଡାଲି, ତେଲ, ଚିନି ଓ ପିଆଜ ଦର ନିୟନ୍ତ୍ରଣ ପାଇଁ ମଧ୍ୟ ସରକାରଙ୍କୁ ଏସବୁ ସାମଗ୍ରୀ ବିଦେଶରୁ ଆମଦାନୀ କରି ଏହା ଉପରେ ସବସିଡି ପ୍ରଦାନ କରିବାକୁ ପଡ଼ିବ। ଆମଦାନୀ ଶୁଳ୍କ ଛାଡ଼ ନକଲେ ଏହାର ଦର ଚଢ଼ା ରହିବ। ଯାହା କରିବାର କଥା ଶୀଘ୍ର କରିବାକୁ ପଡ଼ିବ। ବାହାଘର ବେଳେ ବାଇଗଣ ରୁଆ କାମ ଦେବନି। ଯଦି ଖାଦ୍ୟ ସାମଗ୍ରୀର ଦର ନିୟନ୍ତ୍ରଣରେ ସରକାର ବିଫଳ ହେବେ ତେବେ ବିକାଶ ଶବ୍ଦ ମୂଲ୍ୟହୀନ ହୋଇଯିବ। କେନ୍ଦ୍ର ସରକାର ପ୍ରତିରକ୍ଷାଠାରୁ ଆରମ୍ଭ କରି ସବୁ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହେବାକୁ ଲକ୍ଷ୍ୟ ରଖିଛନ୍ତି। କିନ୍ତୁ ଯେ ପର୍ଯ୍ୟନ୍ତ ଆମେ ଖାଦ୍ୟ ଉତ୍ପାଦନରେ ଆତ୍ମ ନିର୍ଭରଶୀଳ ନହୋଇଛେ, ଯେ ପର୍ଯ୍ୟନ୍ତ ଲୋକଙ୍କୁ ଶାସ୍ତାରେ ଖାଇବାକୁ ନମିଳିବ, ଯେ ପର୍ଯ୍ୟନ୍ତ ଗରିବ ଲୋକେ ନିଜ ଆୟରେ ପେଟପୁରା ଖାଦ୍ୟ କାଇବାକୁ ସମର୍ଥ ନହୋଇଛନ୍ତି ସେ ପର୍ଯ୍ୟନ୍ତ ଆତ୍ମନିର୍ଭରଶୀଳ ଭାରତ ସ୍ୱପ୍ନ ଅର୍ଥହୀନ। ଓଡ଼ିଶା ଅଧିକାଂଶ ଖାଦ୍ୟ ସାମଗ୍ରୀ ପାଇଁ ପଡ଼ୋଶୀ ରାଜ୍ୟ ଉପରେ ନିର୍ଭରଶୀଳ। ପଶ୍ଚିମବଙ୍ଗରୁ ଆଳୁ, ମହାରାଷ୍ଟ୍ରରୁ ପିଆଜ, ଆନ୍ଧ୍ରରୁ ମାଛ, କଞ୍ଚା ଲଙ୍କା, କର୍ଣ୍ଣାଟକରୁ ଟମାଟୋ ନଆସିଲେ ଆମେ ଉପାସରେ ରହିବା। ଯେ ପର୍ଯ୍ୟନ୍ତ ଆମେ ଖାଦ୍ୟ ଉତ୍ପାଦନରେ ଆତ୍ମନିର୍ଭରଶୀଳ ନହୋଇଛେ ସେ ପର୍ଯ୍ୟନ୍ତ ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା, ୨୦୪୭ ସୁଦ୍ଧା ବିକଶିତ ଭାରତର ସ୍ୱପ୍ନ ପୂରଣ ଅସମ୍ଭବ। ପ୍ରଥମେ ଲୋକଙ୍କୁ ପେଟପୁରା ଖାଇବାକୁ ମିଳୁ, ତା ପରେ ଆମେ ବିକାଶ କଥା ଚିନ୍ତା କରିବା।


ମହାକାଳପଡ଼ା, କେନ୍ଦ୍ରାପଡ଼ା

# ମେକ୍ସିକୋ ସୀମାରେ ଅତିରିକ୍ତ ସୈନ୍ୟ ମୁତୟନ ପାଇଁ ଟ୍ରମ୍ପଙ୍କ ନିର୍ଦ୍ଦେଶ

**ୱାଶିଂଟନ୍, ୨୩।୧:** ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମେକ୍ସିକୋ ସୀମାରେ ମୁତୟନ ହେବା ପାଇଁ ୧୫୦୦ଅତିରିକ୍ତ ସୈନ୍ୟଙ୍କୁ ପଠାଇବାକୁ ନିଷ୍ପତ୍ତି ନେଇଛନ୍ତି। ତାଙ୍କ ମୁଖପାତ୍ର ଏହି ସୂଚନା ଦେଇଛନ୍ତି। ସୀମାରେ ବେଆଇନ ଅନୁପ୍ରବେଶକୁ ରୋକିବା ପାଇଁ ଟ୍ରମ୍ପ ଏହି ନିଷ୍ପତ୍ତି ନେଇଛନ୍ତି। ସୀମା ସୁରକ୍ଷାକୁ ଟ୍ରମ୍ପ ପ୍ରାଥମିକତା ଦେଇଛନ୍ତି।

ଆମେରିକାର ରାଷ୍ଟ୍ରପତି ଭାବେ ଦାୟିତ୍ୱ ନେବାର ପ୍ରଥମ ଦିନରେ ମେକ୍ସିକୋ ଏବଂ ଆମେରିକା ସୀମାରେ ସେ ଏକ ଜାତୀୟ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିଥିଲେ। ଅତିରିକ୍ତସୈନ୍ୟଙ୍କ ଆଗମନ ସହିତ ମେକ୍ସିକୋ ସୀମାରେ ନିୟୋଜିତ ସକ୍ରିୟ ଡ୍ୟୁଟି ସୈନ୍ୟ ସଂଖ୍ୟା ୪,୦୦୦ କୁ ବୃଦ୍ଧି ପାଇବ ବୋଲି କୁହାଯାଉଛି। ପ୍ରେସ ସଚିବ କାରୋଲିନ୍ ଲେଭିଟ୍ ହ୍ୱାଇଟ ହାଉସକୁ କହିଛନ୍ତି ଯେ, ଆମେରିକାର ଦକ୍ଷିଣ ସୀମା ପାଇଁ ୧,୫୦୦ ଅତିରିକ୍ତ ସୈନ୍ୟ ପଠାଯିବା ପାଇଁ ରାଷ୍ଟ୍ରପତି ଟ୍ରମ୍ପ ଏକ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶରେ ଦସ୍ତଖତ କରିଛନ୍ତି। ଆମେରିକାର ଜଣେ ବରିଷ୍ଠ ଅଧିକାରୀ ପେଣ୍ଟାଗନ୍‌ରେ ଗଣମାଧ୍ୟମକୁ କହିଛନ୍ତି



ଯେ, ଅତିରିକ୍ତ ସୈନ୍ୟଙ୍କ ମଧ୍ୟରେ ୧୦୦୦ ସେନା ଯବାନ ଏବଂ ୫୦୦ ମେରାଇନ୍ ଯବାନ ଅଛନ୍ତି। ଏହି ମେରାଇନ୍ ଯବାନମାନଙ୍କୁ କାଲିଫର୍ନିଆରେ ଜଙ୍ଗଲ ନିଆଁ ଲିଭାଇବାକୁ ଡକାଯାଇଥିଲା। ଏବେ ସେମାନଙ୍କୁ ସୀମାକୁ ପଠାଯାଇଛି। ବରିଷ୍ଠ ସେନା ଅଧିକାରୀ କହିଛନ୍ତି ଯେ, ଏହି ବାହିନୀ ଶାରୀରିକ ପ୍ରତିବନ୍ଧକ ତଥା ଅନ୍ୟାନ୍ୟ ସୀମା ମିଶନ ସ୍ଥାପନ ଉପରେ କାର୍ଯ୍ୟ କରିବ। ସେମାନଙ୍କ ପାଇଁ ପ୍ରଥମ ଅପରେସନ୍ ଆଗାମୀ ୨୪ ରୁ ୪୮ଘଣ୍ଟା ମଧ୍ୟରେ ଆରମ୍ଭ ହେବ। ସେମାନେ ଆଗକୁ ବଢ଼ୁଛନ୍ତି। ଅଧିକାରୀ କହିଛନ୍ତି ଯେ,ସେଠାରେ କିଛି ଅତିରିକ୍ତ ଏରିଲ୍ ଇଣ୍ଟେଲିଜେନ୍ସ, ସିସିଟିଭି ଏବଂ ସପୋର୍ଟ ବ୍ୟବସ୍ଥା ମଧ୍ୟ ରହିପାରେ ଯାହା ପରିସ୍ଥିତିକୁ ନେଇ ସଚେତନତା ସୃଷ୍ଟି କରିବାକୁ ସୀମାରେ ମୁତୟନ କରାଯିବ।

କାର୍ଯ୍ୟକାରୀ ପ୍ରତିରକ୍ଷା ମନ୍ତ୍ରୀ ରବର୍ଟ ସେଲ୍ସ କହିଛନ୍ତି ଯେ, ଦେଶରୁ ପ୍ରବାସୀମାନଙ୍କୁ ବାହାର କରିବା ପାଇଁ ଆମେରିକାର ସୈ ନ୍ୟବାହିନୀ ମଧ୍ୟ ବିମାନର ସହାୟତା ନେବେ। ସେ କହିଛନ୍ତି ଯେ ସାନ ଡିଏଗୋ, କାଲିଫର୍ନିଆ ଏବଂ ଏଲ ପାସୋ, ଟେକ୍ସାସ ଅଞ୍ଚଳରୁ ପାଞ୍ଚ ହଜାରରୁ ଅଧିକ ବେଆଇନ ବିଦେଶୀଙ୍କ ଦେଶାନ୍ତର ବିମାନରେ କରାଇବା ପାଇଁ ଗୃହ ସୁରକ୍ଷା ବିଭାଗକୁ ସହାୟତା କରିବାକୁ ସାମରିକ ବିମାନ ଯୋଗାଇ ଦିଆଯିବ। ସେନା ଅଧିକାରୀ କହିଛନ୍ତି ଯେ, ପ୍ରାୟ ୧୦୦ ଆମେରିକୀୟ ସୈନିକ ବେଆଇନ ପ୍ରବାସୀଙ୍କ ନିର୍ବାସନ କାର୍ଯ୍ୟରେ ନିୟୋଜିତ ହେବେ।

# କେଜ୍ରିୱାଲ ଯମୁନାରେ ସ୍ନାନ କରିପାରିବେ କି ?: ଯୋଗୀ



**ନୂଆଦିଲ୍ଲୀ,୩।୧:** ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ୨୦୨୫ରେ ଦିଲ୍ଲୀ ବିଧାନସଭା ନିର୍ବାଚନର ପ୍ରଥମ ରାଲିକୁ ସମ୍ବୋଧିତ କରିଛନ୍ତି। ବିଜେପି ପ୍ରାର୍ଥୀ ବଜରଙ୍ଗ ଶୁକ୍ଲାଙ୍କ ସମର୍ଥନରେ କିରାରିରେ ଏକ ରାଲିକୁ ସମ୍ବୋଧିତ କରି ସେ ଅରବିନ୍ଦ କେଜ୍ରିୱାଲଙ୍କୁ ଟାର୍ଗେଟ୍ କରିଥିଲେ। କେଜ୍ରିୱାଲ ଯମୁନାରେ ଗାଧୋଇପାରିବେ କି ବୋଲି ପଚାରିଥିଲେ। "ଯଦି ମୁଁ ଏବଂ ମୋର କ୍ୟାବିନେଟ୍ ସହଯୋଗୀମାନେ ସଙ୍ଗମରେ ଗାଧୋଇ ପାରିବୁ, ତେବେ ଆମ୍ ଆଦମୀ ପାର୍ଟିର ଲୋକମାନେ ଯମୁନାରେ ଗାଧୋଇପାରିବେ କି ?" ସେ ପ୍ରଶ୍ନ କରିଛନ୍ତି।

"ଯଦି ମୁଁ ଏବଂ ମୋର କ୍ୟାବିନେଟ୍ ସହଯୋଗୀମାନେ ସଙ୍ଗମରେ ଗାଧୋଇ ପାରିବୁ, ତେବେ ଆମ୍ ଆଦମୀ ପାର୍ଟିର ଲୋକମାନେ ଯମୁନାରେ ଗାଧୋଇପାରିବେ କି?" ଯୋଗୀ ପ୍ରଶ୍ନ କରିଛନ୍ତି। ଯୋଗୀ କହିଛନ୍ତି, "ଏନଡିଏମସିକୁ ଛାଡ଼ିଦେଲେ ବାକି ଦିଲ୍ଲୀରେ ପାନୀୟ ଜଳ, ରାସ୍ତାର ଅବସ୍ଥା କ'ଣ ତାହା ସମସ୍ତଙ୍କୁ ଜଣା। ବହୁତ ଖରାପ। ଏକ ଦଶନ୍ଧି ତଳେ ଲୋକମାନେ ସୁବିଧାସୁଯୋଗ ପାଇଁ ଦିଲ୍ଲୀ ଆସୁଥିଲେ। ସମଗ୍ର ଦେଶ ଦିଲ୍ଲୀ ଆସୁଥିଲା। କ'ଣ ରହିଛି ଆଜିର ସ୍ଥିତି ? ରାସ୍ତା ଓ ଖାଲଖମା ବିଷୟରେ ଜାଣି ପାରୁନାହାନ୍ତି। ଆମେ କାହିଁକି ଜଣେ ବ୍ୟକ୍ତି ଏବଂ ତାଙ୍କ ଗ୍ୟାଙ୍ଗକୁ ଗଣ୍ଡଗୋଳ କରିବାକୁ ଅନୁମତି ଦେଇଛୁ ?" ଯୋଗୀ ଆମ୍ ଆଦମୀ ପାର୍ଟିକୁ ମିଛ କହିବାର ଏଟିଏମ୍ ମେସିନ୍ ବୋଲି କହିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ ରୋହିଙ୍ଗ୍ୟାମାନଙ୍କୁ ଆପ୍ ଦିଲ୍ଲୀରେ ବସବାସ କରାଇଛି। ଏବେ ଦିଲ୍ଲୀବାସୀ ଆପ୍ କଥାରେ ଆସିବେ ନାହିଁ। ଏବେ ଲୋକମାନେ ୟୁପିର ବିକାଶ ମଡେଲ ଦେଖିବାକୁ ଚାହୁଁଛନ୍ତି।

# ଥାଇଲ୍ୟାଣ୍ଡରେ ସମଲିଙ୍ଗୀ ବିବାହକୁ ମାନ୍ୟତା

## ପ୍ରଥମ ଦିନରେ ବିବାହ କରିବେ ୩୦୦ ଦମ୍ପତି

**ନୂଆଦିଲ୍ଲୀ, ୨୩।୧:** ଥାଇଲ୍ୟାଣ୍ଡରେ ସମଲିଙ୍ଗୀ ବିବାହକୁ ଅନୁମତି। ମ୍ୟାରେଜ୍ ଇକ୍ୱାଲିଟି ଆକ୍ଟକୁ ଆଇନଗତ ମାନ୍ୟତା। ଗୁରୁବାରଠାରୁ ଦେଶରେ କାର୍ଯ୍ୟକାରୀ ହେଲା ନୂଆ ଆଇନ। ସମଲିଙ୍ଗୀ ବିବାହକୁ ମାନ୍ୟତା ଦେବାରେ ଥାଇଲ୍ୟାଣ୍ଡ ଏସିଆର ତୃତୀୟ ଦେଶ ଏବଂ ଦକ୍ଷିଣ ପୂର୍ବ ଏସିଆର ପ୍ରଥମ ଦେଶ ହୋଇପାରିଛି। ଏହା ପୂର୍ବରୁ ନେପାଳ ଏବଂ ତାଇୱାନ ସମଲିଙ୍ଗୀ ବିବାହକୁ ଅନୁମତି ଦେଇସାରିଛନ୍ତି। ତେବେ ଦେଶରେ ଏହି ଆଇନ ଲାଗୁ ହେବାପରେ ପ୍ରଥମ ଦିନରେ ୩୦୦ ଦମ୍ପତି ବିବାହ କରିବେ ବୋଲି ଅନୁମାନ କରାଯାଉଛି। ଥାଇଲ୍ୟାଣ୍ଡରେ ସମୁଦାୟ ସମଲିଙ୍ଗୀ ବିବାହକୁ ମାନ୍ୟତା ଦେବାକୁ ୨୦ ବର୍ଷ ହେଲା ଦାବି କରିଆସୁଥିଲେ। ଏବେ ଏହାକୁ ସରକାର ମାନ୍ୟତା ଦେଇଛନ୍ତି। ଏବେ ଦେଶରେ ୧୮ ବର୍ଷରୁ ଊର୍ଦ୍ଧ୍ୱ ଯେକୌଣସି ବ୍ୟକ୍ତି ସମଲିଙ୍ଗୀ ବିବାହ କରିପାରିବେ। ଏହି ଅବସରରେ ଗୁରୁବାର ରାଜଧାନୀ ବ୍ୟାଙ୍କକର ଏକ ସପିଂ ମଲ୍‌ରେ ଭବ୍ୟ ସମାରୋହ ଆୟୋଜନ କରାଯାଇଛି। ଏଠାରେ ୩୦୦ ସମଲିଙ୍ଗୀ ବିବାହ କରିବେ ବୋଲି ଅନୁମାନ କରାଯାଉଛି। ତେବେ ବିବାହ ପରେ ଏହି ଦମ୍ପତିଙ୍କୁ ସମସ୍ତ ଅଧିକାର ମିଳିବ, ଯାହା ଅନ୍ୟ ପତି-ପତ୍ନୀଙ୍କୁ ମିଳୁଛି। ଏତଦ୍ ବ୍ୟତୀତ ଥାଇଲ୍ୟାଣ୍ଡ ସଂସଦ ସିଭିଲ୍ ଏବଂ କମର୍ସିଆଲ୍ କୋଡ୍‌ରେ ସଂଶୋଧନ କରିଛନ୍ତି। ଏହି କୋଡ୍‌ରେ ସ୍ୱାମୀ ଏବଂ ସ୍ତ୍ରୀ ବଦଳରେ ଇଣ୍ଡିଭିଜୁଆଲ୍ ଏବଂ ମ୍ୟାରେଜ୍ ପାର୍ଟନର କରାଯାଇଛି। ସମଲିଙ୍ଗୀ ଦମ୍ପତିଙ୍କୁ ଆଇନଗତ, ଅର୍ଥନୈତିକ ଏବଂ ସ୍ୱାସ୍ଥ୍ୟଗତ ସମାନ ଅଧିକାର ମିଳିବ। ଏହା ସହିତ ସମ୍ପତ୍ତିରେ ଜଏଣ୍ଟ ଆକ୍ସେସ୍ ଅଧିକାର ମିଳିବ। ଜର୍ମାନୀ, ଫ୍ରାନ୍ସ, ବେଲଜିୟମ ସମେତ ୧୩ଟି ଦେଶରେ ସମଲିଙ୍ଗୀ ବିବାହକୁ ମାନ୍ୟତା ମିଳିଛି। ସେହିପରି ୟମନ, ଇରାନ, ବ୍ରୁନେଇ, ନାଇଜେରିଆ, କତାର ସମେତ ୧୩ଟି ଦେଶରେ ସମଲିଙ୍ଗୀ ବିବାହକୁ ବ୍ୟାନ୍ କରାଯାଇଛି। ଏପରିକି ଏହି ଦେଶ ଗୁଡ଼ିକରେ ସମଲିଙ୍ଗୀ ବିବାହ କଲେ ଦଣ୍ଡବିଧାନ ହେବାର ବ୍ୟବସ୍ଥା ରହିଛି। ମୃତ୍ୟୁଦଣ୍ଡ ଦିଆଯାଉଛି। ଆଉ କିଛି ଦେଶ ଅଛନ୍ତି, ଯେଉଁଠାରେ ସମଲିଙ୍ଗୀ ବିବାହ ଅପରାଧ ନୁହେଁ କିନ୍ତୁ ଆଇନ ମାନ୍ୟତା ଦିଆଯାଇ ନାହିଁ।

## ୫ ବର୍ଷରେ ଦିଲ୍ଲୀରୁ ବେକାରୀ ହଟିବ: କେଜ୍ରିୱାଲ

**ନୂଆଦିଲ୍ଲୀ, ୨୩।୧:** ଦିଲ୍ଲୀ ବିଧାନସଭା ନିର୍ବାଚନ ଲାଗି ପ୍ରଚାର ଏବେ ଜୋରସୋରରେ ଚାଲିଛି। ଭୋଟରଙ୍କୁ ଆକୃଷ୍ଟ କରିବାକୁ ବିଭିନ୍ନ ଦଳର ନେତାମାନେ ବିଭିନ୍ନ ପ୍ରତିଶ୍ରୁତି ଦେବାରେ ଲାଗିଛନ୍ତି। ଆମ୍ ଆଦମୀ ପାର୍ଟି (ଆପ୍)ର ରାଷ୍ଟ୍ରୀୟ ଆବାହକ ଅରବିନ୍ଦ କେଜ୍ରିଓ୍ୱାଲ ଆସନ୍ତା ୫ ବର୍ଷ ମଧ୍ୟରେ ରାଜଧାନୀରେ ବେକାରି ଦୂର କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ କେଜ୍ରିୱାଲ ଏକ ଭିଡିଓ ବାର୍ତ୍ତାରେ ରୋଜଗାର ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଛନ୍ତି। ଯୁବବର୍ଗଙ୍କୁ ରୋଜଗାର ଯୋଗାଇବା ମୋର ସର୍ବୋଚ୍ଚ ପ୍ରାଥମିକତା ହେବ। ବେକାରୀ ସମସ୍ୟାର ସମାଧାନ ପାଇଁ ଆମ ଟିମ୍ ଏକ ବିସ୍ତୃତ ଯୋଜନା ପ୍ରସ୍ତୁତ କରୁଛି ବୋଲି ସେ କହିଛନ୍ତି। କେଜ୍ରିୱାଲ ତାଙ୍କ ସରକାରଙ୍କ ଟ୍ରାକ୍ ରେକର୍ଡ ଉପରେ ଆଲୋକପାତ କରି ଦାବି କରିଛନ୍ତି ଯେ ପଞ୍ଜାବର ଆପ୍ ସରକାର ଦୁଇ ବର୍ଷରୁ କମ୍ ସମୟ ମଧ୍ୟରେ ୪୮,୦୦୦ ସରକାରୀ ଚାକିରି ପ୍ରଦାନ କରିଛନ୍ତି ଏବଂ ଯୁବବର୍ଗଙ୍କ ପାଇଁ ୩ ଲକ୍ଷରୁ ଅଧିକ ଘରୋଇ କ୍ଷେତ୍ରର ଚାକିରିରେ ସାହାଯ୍ୟ କରିଛନ୍ତି। "ଆମେ ଚାକିରି ସୃଷ୍ଟି କରିବାକୁ ଜାଣୁ ଏବଂ ଆମର ଉଦ୍ଦେଶ୍ୟ ସଚ୍ଚୋଟ। ଲୋକଙ୍କ ସମର୍ଥନ ମିଳିଲେ ଆଗାମୀ ୫ ବର୍ଷ ମଧ୍ୟରେ ଆମେ ଦିଲ୍ଲୀରୁ ବେକାରୀ ଦୂର କରିବୁ।

## ଫିଲିପିନ୍ସରେ ଭୂକମ୍ପ ଝଟ୍‌କା

ନୂଆଦିଲ୍ଲୀ,୨୩/୦୧: ଭୟଙ୍କର ଭୂମିକମ୍ପରେ ଦୋହଲିଲା ଫିଲିପିନ୍ସ। ଆଜି ସକାଳେ ସେଣ୍ଟ୍ରାଲ ଫିଲିପିନ୍ସରେ ଦୁଇଥର ଭୂକମ୍ପ ଅନୁଭୂତ ହୋଇଛି। ଯାହାର ରିକ୍ଟର ସ୍କେଲରେ ତୀବ୍ରତା ୫.୪ ଓ ୫.୯ ରେକର୍ଡ କରାଯାଇଛି। ଭୂକମ୍ପ ଝଟ୍‌କା ଅନୁଭୂତ ହେବା ଲୋକେ ଭୟଭୀତ ହୋଇପଡିଛନ୍ତି। ଭୟରେ ଲୋକ ଘରୁ ବାହାରକୁ ବାହାରି ଆସିଛନ୍ତି। ତେବେ ଏଥିରେ କେହି ମୃତାହତ ହୋଇ ନଥିବା ସୂଚନା ମିଳିଛି। ଭୂମିକମ୍ପର କେନ୍ଦ୍ର ଭୂମି ଠାରୁ ୧୦ କିଲୋମିଟର ଗଭୀରରେ ଥିଲା ବୋଲି ଭୂ-ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି। ଫିଲିପାଇନ୍ସର ଭୂକମ୍ପ ବିଜ୍ଞାନ ଏଜେନ୍ସି କହିଛି ଯେ, ଏହି ଭୂକମ୍ପରେ ବର୍ତ୍ତମାନ ଯାଏଁ କୌଣସି କ୍ଷୟକ୍ଷତି ହେବାର ଆଶଙ୍କା ନାହିଁ। ଡେକନ ହେରାଲ୍‌ଡର ରିପୋର୍ଟ ଅନୁସାରେ , ଭୂକମ୍ପ ଝଟକାରେ ଫିଲିପିନ୍ସର ରାସ୍ତାରେ ଫାଟ ସୃଷ୍ଟି ହେବା ସହ ଅନେକ ଘରର କାନ୍ଥରେ ମଧ୍ୟ ଫାଟ ସୃଷ୍ଟି ହୋଇଥିବା ଜଣାପଡ଼ିଛି। ସାନ ଫ୍ରାନ୍‌ସିସ୍କୋ ପୋଲିସ୍ ମୁଖ୍ୟ ବାର୍ନି କ୍ୟାପିଙ୍ଗ୍ କହିଛନ୍ତି ଯେ, ଏହି ଭୂକମ୍ପ ଯଥେଷ୍ଟ ଶକ୍ତିଶାଳୀ ଥିଲା। କିନ୍ତୁ ଏଥିରେ କୌଣସି କ୍ଷୟକ୍ଷତି ହୋଇ ନାହିଁ। ଫିଲିପାଇନ୍ସରେ ଭୂକମ୍ପ ସାଧାରଣ, କାରଣ ଏହି ଦେଶ ପ୍ରଶାନ୍ତ ମହାସାଗରର 'ରିଙ୍ଗ ଅଫ୍ ଫାୟାର'ରେ ଅବସ୍ଥିତ। ତେଣୁ ଫିଲିପାଇନ୍ସରେ ସବୁବେଳେ ଭୂକମ୍ପ ପାଇଁ ସତର୍କ କରାଯାଇଥାଏ।

## ମୁମ୍ବାଇର ଦୁଇ ସ୍କୁଲକୁ ବିସ୍ଫୋରଣକୁ ଉଡ଼ାଇବା ଧମକ

### ଅଫଜଲ ଗ୍ୟାଙ୍ଗ ଇମେଲ୍ ଦେଇଥିବା ଦାବି

ମୁମ୍ବାଇ,୨୩।୧: ମୁମ୍ବାଇର ଯୋଗେଶ୍ୱରୀ ଏବଂ ଓସିୟାରା ଅଞ୍ଚଳରେ ଏକ ସ୍କୁଲକୁ ଆସିଛି ବୋମା ଧମକ। ଇମେଲ ଆସିବା ପରେ ମୁମ୍ବାଇ ପୋଲିସ ଓ ବମ୍ ସ୍କ୍ୱାର୍ଡ ଟିମ୍ ସ୍କୁଲ ପରିସରରେ ପହଁଞ୍ଚି ତଦନ୍ତ ଆରମ୍ଭ କରିଛି। ଇ-ମେଲ୍‌ରେ ଅଫଜଲ ଗ୍ୟାଙ୍ଗ ପକ୍ଷରୁ ବମ୍ ରଖିଥିବା ଦାବି କରିଥିଲା ପୋଲିସ ପୁରା ଅଞ୍ଚଳକୁ ଘେରାଉ କରିନେଇଥିଲା। ସବୁ ପ୍ରକାର ଯାଞ୍ଚ ପରେ ବି କୌଣସି ସନ୍ଦିଗ୍ଧ ଜିନିଷ ମିଳିପାରିନି। ତେବେ ପୋଲିସ ପ୍ରତ୍ୟେକ ସନ୍ଦିଗ୍ଧ ଗିତିବିଧି ଉପରେ ନଜର ରଖିଛି। ନଭି ମୁମ୍ବାଇର ଏକ ପ୍ରାଇଭେଟ୍ ସ୍କୁଲକୁ ଏଭଳି ଧମକପୂର୍ଣ୍ଣ ଇମେଲ ଆସିଛି। ଏହି ଇମେଲ୍ ଗୁରୁବାର ସକାଳ ୧୦ଟା ବେଳେ ସ୍କୁଲ ପ୍ରଶାସନକୁ ମିଳିଥିଲା। ଏହାପରେ ନଭି ମୁମ୍ବାଇ ପୋଲିସ ଓ ବମ୍ ସ୍କ୍ୱାର୍ଡ ତୁରନ୍ତ ଘଟଣାସ୍ଥଳର ପହଁଞ୍ଚିଥିଲେ। ଟିମ୍ ସ୍କୁଲ ପରିସରରେ ତଲାସୀ ଆରମ୍ଭ କରିଦେଇଥିଲା। ଏହି ଦୁଇଟି ଘଟଣା ପରେ ପ୍ରଶାସନ ଓ ସୁରକ୍ଷା ଏଜେନ୍ସିକୁ ସତର୍କ କରାଯାଇ ଦେଇଛି। ପୋଲିସ ମାମଲାର ଗମ୍ଭୀରତାକୁ ନେଇ ତଦନ୍ତ କରୁଛି। ଧମକ ଦେଇଥିବା ଲୋକଙ୍କୁ ଟ୍ରାକ୍ କରିବାର ଚେଷ୍ଟା କରାଯାଉଛି। ପୋଲିସ ସ୍କୁଲ ପ୍ରଶାସନ ଓ ଅବିଭାବକଙ୍କୁ ସତର୍କ ରହିବାକୁ ଅପିଲ କରିଛି।

## ଭାଗଲପୁରରେ କବର ଦିଆଯାଇଥିବା ଶବଗୁଡ଼ିକରୁ ମୁଣ୍ଡ ଗାଏବ

**ଭାଗଲପୁର, ୨୩।୧:** ବିହାରର ଭାଗଲପୁରରେ ଆଜିକାଲି ଏକ ଅଜବ ଚୋରି ଘଟଣା ଦେଖିବାକୁ ମିଳୁଛି। କବର ଦିଆଯାଇଥିବା ମୃତଦେହଗୁଡ଼ିକର ମୁଣ୍ଡ ଗାଏବ ହୋଇଯାଉଛି। ଚୋରମାନେ କବରରେ ପୋତିଦିଆଯାଇଥିବା ମୃତଦେହଗୁଡ଼ିକର ମୁଣ୍ଡ କାଟି ଚୋରା ଚାଲାଣ କରୁଛନ୍ତି ବୋଲି ସଂଦେହ କରାଯାଉଛି। ଚୋରା ଚାଲାଣକାରୀମାନେ ୫ରୁ ୬ ମାସ ମଧ୍ୟରେ ପୋତି ଦିଆଯାଇଥିବା ମୃତଦେହଗୁଡ଼ିକର ମୁଣ୍ଡ କାଟିନେଉଛନ୍ତି। ତେବେ ରହସ୍ୟଜନକ ଘଟଣା ହେଉଛି ଯେ ପ୍ରତିବର୍ଷ ଜାନୁଆରି ମାସରେ ଏପରି ଘଟଣା ବଢ଼ିଯାଇଥାଏ। ପୁଣି ଆହୁରି ରହସ୍ୟଜନକ କଥା ହେଉଛି ଯେ ଅଧିକାଂଶ ସମୟରେ କେବଳ ମହିଳାମାନଙ୍କ ମୁଣ୍ଡ ଚୋରି ହେଉଛି। ଭାଗଲପୁର ଜିଲ୍ଲା ଅନ୍ତର୍ଗତ ସହ୍ନୌଲାସ୍ଥିତ ଅଶରଫନଗର ଗାଁ ନିକଟରେ ଏସବୁ ଘଟଣା ଘଟୁଛି। ଗତ କିଛି ଦିନହେଲା କବରସ୍ଥାନରେ ପୋତି ଦିଆଯାଇଥିବା ୫ଟି ମୃତଦେହର ମୁଣ୍ଡ ନିଖୋଜ ହୋଇଯାଇଛି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ଏଭଳି ଘଟଣା ଥରେ ନୁହେଁ ବରଂ ୫ ଥର ସାମ୍ନାକୁ ଆସିଛି।

### ବିବାଦୀୟ ମନ୍ତବ୍ୟ ଦେଇ ଅଡୁଆରେ ପରବେଶ

# ଦିଲ୍ଲୀରେ ବୁଲୁଛି ପଞ୍ଜାବର ହଜାର ହଜାର ଗାଡ଼ି

**ନୂଆଦିଲ୍ଲୀ, ୨୩।୧:** ବିଧାନସଭା ନିର୍ବାଚନ ପୂର୍ବରୁ ନୂଆଦିଲ୍ଲୀ ବିଧାନସଭା କ୍ଷେତ୍ରରେ ପଞ୍ଜାବର ଗାଡ଼ି ପ୍ରବେଶ କରୁଛି ବୋଲି ଦାବି କରିଥିଲେ ବିଜେପି ପ୍ରାର୍ଥୀ ପରବେଶ ବର୍ମା। ଏପରିକି ପଞ୍ଜାବରୁ ଆସୁଥିବା ଲୋକେ ସାଧରଣତନ୍ତ୍ର ଦିବସରେ ବିଶୃଙ୍ଖଳା କରିବାକୁ ଯୋଜନା କରୁଥିବା ନେଇ ସେ ଅଭିଯୋଗ କରିଥିଲେ। ଏହା ପରେ ପରବେଶ ବର୍ମାଙ୍କ ଅଡୁଆ ବଢ଼ିଛି। ଓକିଲ ଏବଂ ଏକାଧିକ ପଞ୍ଜାବୀଙ୍କ ପକ୍ଷରୁ ତାଙ୍କୁ ଆଇନଗତ ନୋଟିସ ପଠାଯାଇଛି। ପରବେଶ ବର୍ମା ନିଜର ଏହି ବିବାଦୀୟ ମନ୍ତବ୍ୟ ଲାଗି ସାର୍ବଜନୀନ ସ୍ଥାନରେ କ୍ଷମା ମାଗନ୍ତୁ ବୋଲି ସେମାନେ ଦାବି କରିଛନ୍ତି।

ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ନୂଆଦିଲ୍ଲୀରୁ ବିଜେପିର ପ୍ରାର୍ଥୀ ପରବେଶ ବର୍ମା କହିଥିଲେ, ପଞ୍ଜାବରେ ପଞ୍ଜିକୃତ ହଜାର ହଜାର ଗାଡ଼ି ଦିଲ୍ଲୀରେ ପ୍ରବେଶ କରିଛି। ପଞ୍ଜାବରୁ ଲୋକେ ଏଠାକୁ ଆସିଛନ୍ତି। ବିଧାନସଭା ନିର୍ବାଚନକୁ ପ୍ରଭାବିତ କରିବା ଲାଗି ଆପ୍ ଏଭଳି କରୁଛି। ପଞ୍ଜାବର ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ ଏବଂ ବିଧାୟକମାନେ ନୂଆଦିଲ୍ଲୀ ବିଧାନସଭା କ୍ଷତ୍ରେକୁ ଆସୁଛନ୍ତି। ପଞ୍ଜାବ ଗାଡ଼ି ନମ୍ବର ଥିବା ହଜାର ହଜାର ଗାଡ଼ି ନୂଆଦିଲ୍ଲୀରେ ବୁଲୁଛି। ସାଧାରଣତନ୍ତ୍ର ଦିବସ ଲାଗି ପ୍ରସ୍ତୁତି ଚାଲିଛି, ପଞ୍ଜାବର ଲୋକମାନେ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରିପାରନ୍ତି। ଏହି ପ୍ରସଙ୍ଗକୁ ନେଇ ନିର୍ବାଚନ କମିଶନଙ୍କ ଦୃଷ୍ଟି ଆକର୍ଷଣ



କରିବେ ବୋଲି କହିଥିଲେ ପରବେଶ ବର୍ମା। ସେ ଆହୁରି ଦାବି କରିଥିଲେ ଯେ, ପଞ୍ଜାବର ସରକାରୀ ଚାକିରିଆ ଆପ୍‌ର କର୍ମୀ ବୋଲି ପରିଚୟ ଦେଇ ଦିଲ୍ଲୀରେ ରହୁଛନ୍ତି। ସେପଟେ ପରବେଶ ବର୍ମାଙ୍କ ଏହି ମନ୍ତବ୍ୟକୁ ଜୋରଦାର ବିରୋଧ କରିଛି ଆମ ଆଦମୀ ପାର୍ଟି (ଆପ୍)। ଲକ୍ଷ ଲକ୍ଷ ପଞ୍ଜାବୀ ଦିଲ୍ଲୀରେ ରହୁଛନ୍ତି, ସେମାନଙ୍କ ପରିବାର ଏବଂ ପୂର୍ବଜ ଦେଶପାଇଁ ବଳିଦାନ ଦେଇଛନ୍ତି। କିନ୍ତୁ ବିଜେପି ପଞ୍ଜାବୀମାନଙ୍କ ବଳିଦାନକୁ ଉପହାସ କରିଛି ବୋଲି ଏକ୍ସରେ ପୋଷ୍ଟ କରିଛନ୍ତି ଅରବିନ୍ଦ କେଜ୍ରିଓ୍ୱାଲ। ବିଜେପି ଏବେ ପଞ୍ଜାବୀଙ୍କୁ ଦେଶ ପାଇଁ ବିପଦ ବୋଲି କହୁଛି। ଦିଲ୍ଲୀରେ ରହୁଥିବା ଲକ୍ଷାଧିକ ପଞ୍ଜାବୀଙ୍କୁ ବିଜେପି ଅପମାନିତ କରିଛି। ବିଜେପି ପଞ୍ଜାବୀମାନଙ୍କୁ କ୍ଷମା ପ୍ରାର୍ଥନା କରିବା ଦରକାର ବୋଲି କେଜ୍ରିଓ୍ୱାଲ ଦାବି କରିଛନ୍ତି। ସେହିଭଳି ପଞ୍ଜାବ ମୁଖ୍ୟମନ୍ତ୍ରୀ ଏବଂ ଆପ ନେତା ଭଗଓ୍ୱନ୍ତ ମାନ ମଧ୍ୟ ପରବେଶଙ୍କ ମନ୍ତବ୍ୟକୁ ପଞ୍ଜାବ ବିରୋଧୀ ବୋଲି କହିଛନ୍ତି। ସେପଟେ ପରବେଶ ବର୍ମାଙ୍କୁ ଏହି ମନ୍ତବ୍ୟ ବିରୋଧରେ ପଞ୍ଜାବ ଏବଂ ଦିଲ୍ଲୀରେ ରହୁଥିବା ବହୁ ପଞ୍ଜାବୀଙ୍କ ପକ୍ଷରୁ ଲିଗାଲ ବା ଆଇନଗତ ନୋଟିସ ପଠାଯାଇଛି। ପରବେଶ ବର୍ମା ସାର୍ବଜନୀନ ଭାବରେ କ୍ଷମା ପ୍ରାର୍ଥନା ନକଲେ ଆଗକୁ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେମାନେ ଚେତାବନୀ ମଧ ଦେଇଛନ୍ତି।

### ପୂର୍ବତନ ସୈନିକଙ୍କ ବର୍ବରକାଣ୍ଡ

# ସ୍ତ୍ରୀକୁ ହତ୍ୟା କରି ପ୍ରେସର କୁକୁରରେ ସିଝାଇଲା ସଇତାନ ସ୍ୱାମୀ



**ହାଇଦ୍ରାବାଦ,୨୩।୧:** ହତ୍ୟା ଏବଂ ଶରୀରକୁ ଖଣ୍ଡ ଖଣ୍ଡ କରିବା ଘଟଣା ସାଧାରଣ ହୋଇଗଲାଣି। ଶ୍ରଦ୍ଧା ହତ୍ୟା ମାମଲା ପରେ, ଏପରି ଅନେକ ଘଟଣା ସାମ୍ନାକୁ ଆସିଛି। ଏବେ ପୁଣି ଥରେ ଏପରି ଏକ ଘଟଣା ଦେଖିବାକୁ ମିଳିଛି। ହାଇଦ୍ରାବାଦରେ ଜଣେ ପୂର୍ବତନ ସୈନିକ ସ୍ତ୍ରୀଙ୍କୁ ହତ୍ୟା କରି କୁକରରେ ରାନ୍ଧିବା ଭଳି ସଙ୍ଗୀନ ଅଭିଯୋଗ ଆସିଛି।

କେବଳ ଏତିକି ନୁହେଁ, ତାଙ୍କ ଉପରେ ତାଙ୍କ ସ୍ତ୍ରୀଙ୍କ ଶରୀରକୁ ଛୋଟ ଛୋଟ ଖଣ୍ଡ କରି କାଟି ପ୍ରେସର କୁକରରେ ରାନ୍ଧିବାର ଅଭିଯୋଗ ମଧ୍ୟ ରହିଛି। ଅଭିଯୁକ୍ତଶରୀରର ଅଂଶଗୁଡ଼ିକୁ ରାନ୍ଧି ମୀରପେଟ ହ୍ରଦରେ ଫିଙ୍ଗି ଦେଇଥିଲେ। କୁହାଯାଉଛି ଯେ, ସେ ଏସବୁ କରିଥିଲେ କାରଣ ମୃତଦେହକୁ ନଷ୍ଟ କରିବା ସହଜ ହେବ ଏବଂ କେହି ତାଙ୍କୁ ସନ୍ଦେହ କରିବେ ନାହିଁ। ତଥାପି, ପୋଲିସ ଏହି ଅଭିଯୋଗଗୁଡ଼ିକର ତଦନ୍ତ କରୁଛି।

ମୃତ ମହିଳାଙ୍କ ନାମ ଭେଙ୍କଟ ମାଧବୀ। ପରିବାର ଲୋକେ କହିଛନ୍ତି ଯେ ସେ ଜାନୁଆରୀ ୧୬ରେ ନିଖୋଜ ହୋଇଯାଇଥିଲେ, ତା'ପରେ ତାଙ୍କର କୌଣସି ସନ୍ଧାନ ମିଳିନଥିଲା। ସୂଚନା ଅନୁଯାୟୀ, ଉଭୟଙ୍କ ମଧ୍ୟରେ ପ୍ରାୟତଃ ଝଗଡ଼ା ହେଉଥିଲା। ଅଭିଯୁକ୍ତ ଜଣକ ଡିଆରଡିଓରେ ସୁରକ୍ଷା କର୍ମୀ ଭାବରେ କାମ କରନ୍ତି। ଏହି ଦମ୍ପତିଙ୍କର ଦୁଇଟି ସନ୍ତାନ ମଧ୍ୟ ଅଛି। ୨୦୨୩ରେ ମୁମ୍ବାଇ ନିକଟସ୍ଥ ମୀରା ରୋଡରୁ ମଧ୍ୟ ସମାନ ଘଟଣା ସାମ୍ନାକୁ ଆସିଥିଲା। ସେଠାରେ ଜଣେ ବ୍ୟକ୍ତି ପ୍ରଥମେ ତାଙ୍କ ଲିଭ-ଇନ ପାର୍ଟନରଙ୍କୁ ନିର୍ମମ ଭାବରେ ହତ୍ୟା କରିଥିଲେ ଏବଂ ତା'ପରେ ତାଙ୍କ ଶରୀରକୁ ଖଣ୍ଡ ଖଣ୍ଡ କରି କାଟି ଦେଇଥିଲେ। ସୂଚନା ଅନୁଯାୟୀ, ମୃତଦେହକୁ ନଷ୍ଟ କରିବା ପାଇଁ, ଏକ କଟର ମେଶିନ ବ୍ୟବହାର କରି ଏହାକୁ ଖଣ୍ଡ ଖଣ୍ଡ କରାଯାଇଥିଲା ଏବଂ ତା'ପରେ ଏହି ଖଣ୍ଡଗୁଡ଼ିକୁ ମିକ୍ସର ଗ୍ରାଇଣ୍ଡରରେ ଗୁଣ୍ଡ କରି ପ୍ରେସର କୁକରରେ ରାନ୍ଧିଥିଲେ। ଏହି ଘଟଣାଟି ହୃଦୟ ବିଦାରକ ଥିଲା।

# ଇରାକରେ ଝିଅଙ୍କ ବିବାହ ବୟସ ହ୍ରାସ ସଂଶୋଧିତ ବିଲ୍‌କୁ ମଞ୍ଜୁରୀ

## ୯ ବର୍ଷର ନାବାଳିକା କରିବେ ବିବାହ



**ବାଗଦାଦ, ୨୩।୧:** ଇରାକର ସଂସଦ ଏକ ବିବାଦୀୟ ସଂଶୋଧିତ ବିଲ୍ ଅନୁମୋଦନ କରିଛି। ଏହି ବିଲ୍ ଇସଲାମ ଦେଶରେ ବାଲ୍ୟବିବାହକୁ ଆଇନଗତ କରିଛି। ଦଶନ୍ଧି ପୁରୁଣା ଆଇନରେ ସଂଶୋଧନ କରିବା ପରେ, ୯ ବର୍ଷରୁ କମ୍ ବାଳିକାମାନେ ବର୍ତ୍ତମାନ ବିବାହ କରିପାରିବେ ବୋଲି ବିଲ୍‌ରେ ଉଲ୍ଲେଖ କରାଯାଇଛି। ଇରାକ ସଂସଦର ୱେବସାଇଟରେ ଦର୍ଶାଯାଇଛି ଯେ, ଏହା 'ବ୍ୟକ୍ତିଗତ ସ୍ଥିତି ଆଇନରେ ସଂଶୋଧନ ପ୍ରସ୍ତାବ' ତଥା 'କ୍ଷମା ପ୍ରାର୍ଥନା ଆଇନର ଦ୍ୱିତୀୟ ସଂଶୋଧନ' ଗ୍ରହଣ କରିଛି। ମହିଳା ଅଧିକାର ଗୋଷ୍ଠୀ ଏହି ଆଇନର ପାରିତ ହେବାକୁ ଭୟଙ୍କର ବୋଲି କହିଛନ୍ତି। ଏହା ଶିଶୁ ବଳାତ୍କାରକୁ ଆଇନଗତ କରିବ ବୋଲି ସେମାନେ କହିଛନ୍ତି।

ଇରାକରେ ମହିଳାମାନଙ୍କ ପାଇଁ ବିବାହର ସର୍ବନିମ୍ନ ବୟସ ପୂର୍ବରୁ ୧୮ ବର୍ଷ ଥିଲା। କିନ୍ତୁ ନୂତନ ସଂଶୋଧନ ଧର୍ମଗୁରୁମାନଙ୍କୁ ବିବାହ, ଛାଡପତ୍ର ଏବଂ ଶିଶୁ ଯତ୍ନ ସମେତ ପାରିବାରିକ ବିଷୟ ଉପରେ ନିଷ୍ପତ୍ତି ନେବାର ଅଧିକାର ଦେଇଛି। ଏହି ଆଇନର ଅନ୍ୟତମ ବିରୋଧୀ ଓକିଲ ମହମ୍ମଦ ଜୁମା କହିଛନ୍ତି ଯେ, ଆମେ ଇରାକରେ ମହିଳା ଏବଂ ଶିଶୁ ଅଧିକାରର ଶେଷରେ ପହଞ୍ଚିଛୁ। ଇରାକର ସାମ୍ବାଦିକ ସାଜା ହାସିମ କହିଛନ୍ତି, ଧର୍ମଶାସ୍ତ୍ରୀମାନେ ମହିଳାଙ୍କ ଭାଗ୍ୟ ନିର୍ଣ୍ଣୟ କରୁଛନ୍ତି। ମୁଁ ଜଣେ ମହିଳା ଭାବରେ ମୋ ଜୀବନରେ ଆସୁଥିବା ଏଭଳି ସମସ୍ତ ସ୍ଥିତିକୁ ଭୟ କରେ।

ଦି ଗାର୍ଡିୟନ ରିପୋର୍ଟ ଅନୁଯାୟୀ, ଇରାକର ଝିଅମାନଙ୍କ ପାଇଁ ସର୍ବନିମ୍ନ ବିବାହ ବୟସ ଅଧିକାଂଶ ଶିଆ ମୁସଲମାନମାନଙ୍କ ପାଇଁ ୯ ବର୍ଷ ହୋଇଥିବାବେଳେ ସୁନ୍ନି ମୁସଲମାନମାନଙ୍କ ପାଇଁ ଏହା ୧୫ ବର୍ଷ ହେବ।

ଏହି ରିପୋର୍ଟରେ ସ୍ୱାଧୀନ ସାଂସଦ ସାଜଜାଦ ସଲିମ କହିଛନ୍ତି, ଇରାକ ରାଜ୍ୟ ଏପରି ଅବନତି ଏବଂ ଅପବିତ୍ରତା କେବେ ଦେଖି ନାହିଁ ଯାହା ଆଜି ଇରାକର ଗୌରବ ଓ ପ୍ରତିଷ୍ଠାକୁ କ୍ଷତି ପହଞ୍ଚାଇଛି। ଇରାକରେ ବାଲ୍ୟ ବିବାହ ଦୀର୍ଘ ଦିନ ଧରି ରହିଆସିଛି।୨୦୨୩ ମସିହାରେ ମିଳିତ ଜାତିସଂଘର ଏକ ସର୍ଭେରୁ ଜଣାପଡିଛି ଯେ, ଦେଶର ୨୮ପ୍ରତିଶତ ବାଳିକା ୧୮ ବର୍ଷ ବୟସ ପୂର୍ବରୁ ବିବାହ କରିଥାନ୍ତି। ଝିଅମାନଙ୍କୁ ଦାରିଦ୍ର୍ୟରୁ ରକ୍ଷା ପାଇବା ପାଇଁ ଏକ ସୁଯୋଗ ଭାବରେ ଏଭଳି ବିବାହ ପ୍ରସ୍ତାବ ପାରିତ କରାଯାଇଛି । ଅନେକ ବାଲ୍ୟ ବିବାହ ବିଫଳ ହୋଇଥାଏ। ଫଳରେ ଯୁବତୀମାନଙ୍କୁ ଆଜୀବନ ପରିଣାମ ଦେଇଥାଏ।

# ମହାକୁମ୍ଭ ୨୦୨୫ : ଗଙ୍ଗା ସଂରକ୍ଷଣ ଓ ସଚେତନତାର ବାର୍ତ୍ତା ଦେଉଛି ନମାମି ଗଙ୍ଗେ ପାଭେଲିୟନ

**ପ୍ରୟାଗରାଜ, ୨୩।୧:** ୨୦୨୫ ମହାକୁମ୍ଭ ଅବସରରେ ପ୍ରୟାଗରାଜର ନମାମି ଗଙ୍ଗେ ଅଭିଯାନ ଦ୍ୱାରା ନମାମି ଗଙ୍ଗେ ପାଭିଲିୟନ କରାଯାଇଛି। ଗଙ୍ଗାର ଜୈବ ବିବିଧତା ଓ ପ୍ରାକୃତିକ ସୌନ୍ଦର୍ଯ୍ୟ ଉପରେ ପର୍ଯ୍ୟବସିତ ଏକ ଟନେଲ କରାଯାଇଛି। ପ୍ରତିଦିନ ଶହ ଶହ ପର୍ଯ୍ୟଟକ ଏହା ଭିତରେ ବୁଲାବୁଲି କରି ସୁଖଦ ଅନୁଭୂତି ନେଇ ଫେରୁଛନ୍ତି। ଆଧୁନିକ ଯାନ୍ତ୍ରିକ କଳା କାରିଗରୀ ଦ୍ୱାରା ବିଭିନ୍ନ ପ୍ରସଙ୍ଗରେ ବୁଲି ଆସୁଥିବା ପର୍ଯ୍ୟଟକମାନଙ୍କୁ ଏଠାରେ ସୂଚନା ପ୍ରଦାନ କରାଯାଇଛି। ଏହି ପ୍ରଦର୍ଶନୀରେ ଗଙ୍ଗାର ଜୀବନ ପ୍ରଦାନକାରୀ ମହତ୍ୱର ଅବତାରଣା କରାଯିବା ସହ ବିଭିନ୍ନ ପକ୍ଷୀଙ୍କ କଳରବ ଶୁଣି ପାରିବାର ସମସ୍ତ ପ୍ରୟାସ କରାଯାଇଛି।

ଗଙ୍ଗା ସଫେଇ ଓ ସଂରକ୍ଷଣ ଉପରେ ସରକାରଙ୍କ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଉପରେ ଏହି ଡିଜିଟାଲ ପ୍ରଦର୍ଶନୀରେ ପ୍ରଦର୍ଶନ କରାଯାଉଛି। ସେହିପରି ପ୍ରୟାଗ ପ୍ଲାଟଫର୍ମରେ ଗଙ୍ଗା, ଯମୁନା ନଦୀ ଓ ସେମାନଙ୍କର ଶାଖା ନଦୀ ଉପରେ ବିଭିନ୍ନ ତଥ୍ୟର ସୂଚନା ପ୍ରଦାନ କରାଯାଇଛି। ଏହି ପ୍ଲାଟଫର୍ମରୁ ନଦୀର ଜଳସ୍ତର, ସଫେଇ, ପ୍ରଦୂଷଣ ସମ୍ପର୍କିତ ତଥ୍ୟ ମିଳିପାରୁଛି। ଏହି ପାଭିଲିୟନରେ ଗଙ୍ଗା ନଦୀର ରିଭର ଫ୍ରଂଟ ଓ କୂଳରେ ରହିଥିବା ସ୍ୱେରେଜ ଟ୍ରିଟମେଂଟ ପ୍ଲାଂଟ ଉପରେ ବିଭିନ୍ନ ସୂଚନା ଦିଆଯାଇଛି। ଯାନ୍ତ୍ରିକ ସହାୟତା ସହ ଭିତିଭୂମି ବିକାଶ କରି କିପରି ସରକାର ଓ ଅନ୍ୟାନ୍ୟ ସଂସ୍ଥା ନଦୀ ସଫେଇ ଦିଗରେ ପଦକ୍ଷେପ ନେଇଛନ୍ତି ତାର ଚିତ୍ର ରୂପ ଏହି ପାଭିଲିୟନରେ ସ୍ଥାନିତ କରାଯାଇଛି। ଗଙ୍ଗା ଡଲଫିନ, କଇଁଚ, କୁମ୍ଭୀର, ମାଛ ପରି ବିଭିନ୍ନ ଜୀବଙ୍କର ପ୍ରତିକୃତି ବି



ଏଠାରେ ସ୍ଥାନିତ ହୋଇଛି। ଗଙ୍ଗାର ଜୈବ ବିବିଧତା ଓ ସଂରକ୍ଷଣର ମହତ୍ୱ ବୁଝାଉଥିବା ଏହି ପ୍ରଦର୍ଶନୀରୁ ଉଭୟ ଶିଶୁ ଓ ଯୁବ ପିଢି ଅନେକ ଶିକ୍ଷା ଲାଭ କରୁଛନ୍ତି।

ନେସନାଲ ବୁକ ଟ୍ରଷ୍ଟ ଅଫ ଇଣ୍ଡିଆ ବା ଏନବିଟି ପକ୍ଷରୁ ପଢିବା ପାଇଁ ଗୋଟିଏ ଜାଗା ଚିହ୍ନିତ କରାଯାଇଛି। ଏଠାରେ ଗଙ୍ଗା, ମହାକୁମ୍ଭ, ସାମାଜିକ ଯୋଜନା ଉପରେ ବହୁ ଉପାଦେୟ ପୁସ୍ତକ ପୁସ୍ତିକା ରଖାଯାଇଛି। ଗଙ୍ଗା ନଦୀର ସାଂସ୍କୃତିକ ଓ ଐତିହାସିକ ମହତ୍ୱ ସମ୍ପର୍କରେ ଜାଣିବାକୁ ଆଗ୍ରହ ରଖିଥିବା ବ୍ୟକ୍ତିମାନଙ୍କ ପାଇଁ ଏହି କର୍ଣ୍ଣର ଉଲ୍ଲେଖନୀୟ ଭୂମିକା ନିର୍ବାହ କରୁଛି। ଇଣ୍ଡିଆନ

## ଡିଜିଟାଲ ମାଧ୍ୟମରେ ଗଙ୍ଗା ସଫେଇ ଓ ସଂରକ୍ଷଣ ଉପରେ ପଦକ୍ଷେପ ପ୍ରଦର୍ଶନ

ଇନିଷ୍ଟିଚ୍ୟୁଟ ଅଫ ଫରେଷ୍ଟ ମ୍ୟାନେଜମେଂଟ, ଗଙ୍ଗା ଟାକ୍ସ ଫୋର୍ସ, ଆଇଆଇଟି ଦିଲ୍ଲୀ ପରି ବିଭିନ୍ନ ସଂସ୍ଥା ପକ୍ଷରୁ ଗଙ୍ଗା ସଂରକ୍ଷଣ, ବିଲୁପ୍ତପ୍ରାୟ ଜୀବ, ବର୍ଜ୍ୟବସ୍ତୁ ପରିଚାଳନା ପରି ଅନେକ ପ୍ରସଙ୍ଗରେ ସୂଚନା ଦିଆଯାଉଛି। ଏପ୍ରକାର ପ୍ରଦର୍ଶନୀ ସାଧାରଣ ଜନତାଙ୍କ ଭିତରେ ସଚେତନତା ବୃଦ୍ଧି କରିପାରୁଛି। ଗଙ୍ଗାଙ୍କ ପବିତ୍ରତା ଓ ସ୍ୱଚ୍ଛତାର ବାର୍ତା ନେଇ ଏଠାରେ ବି ଏକ ବଡ ଗଣେଶ ପ୍ରତିମୂର୍ତ୍ତି ସ୍ଥାନିତ କରାଯାଇଛି। ଫଳରେ ଆସୁଥିବା ପର୍ଯ୍ୟଟକଙ୍କ ମଧ୍ୟରେ ସାଂସ୍କୃତିକ ଓ ଭାବଗତ ସମ୍ପର୍କ ଯୋଡି ହୋଇପାରୁଛି। ଗଙ୍ଗା କେବଳ ଏକ ନଦୀ ନୁହେଁ ବରଂ ଏହା ଭାରତୀୟ ସଂସ୍କୃତି, ଇତିହାସ ଓ ଆର୍ଥିକ ଜନ ଜୀବନର ପରିଚାୟକ। ନମାମି ଗଙ୍ଗେ ଅଭିଯାନ ଦ୍ୱାରା ପ୍ରଦର୍ଶିତ ଏହି ପ୍ରଦର୍ଶନୀରୁ ପର୍ଯ୍ୟଟକମାନେ ଏକଥା ଶିକ୍ଷା ଗ୍ରହଣ କରିବା ଉଚିତ ବୋଲି କୁହାଯାଇଛି। ଗଙ୍ଗାକୁ ସଫା ରଖିବା ସହ ସଂରକ୍ଷଣ କରିବା ପ୍ରତିଟି ନାଗରିକର କର୍ତବ୍ୟ ବୋଲି କୁହାଯାଇଛି। ଏହି ପାଭିଲିୟନ କେବଳ ଗଙ୍ଗା ନଦୀର ମହତ୍ୱ ଓ ତାତ୍ପର୍ଯ୍ୟକୁ ପ୍ରତିପାଦିତ କରୁନାହିଁ ବରଂ ୨୦୨୫ ମହାକୁମ୍ଭରେ ଏକ ପ୍ରମୁଖ ଆକର୍ଷମର କେନ୍ଦ୍ରସ୍ଥଳରେ ପରିଣତ ହୋଇପାରିଛି।

## ଆଇସିସି ଟେଷ୍ଟ ମାନ୍ୟତା

# ବୋଲିଂରେ ନଂ-୧ ବୁମରା, ବ୍ୟାଟିଂରେ ଜୈସ୍ୱାଲ୍ ଚତୁର୍ଥ



**ଦୁବାଇ,୨୩।୧:** ସଦ୍ୟ ପ୍ରକାଶିତ ଆଇସିସି ଟେଷ୍ଟ ବୋଲିଂ ମାନ୍ୟତା ତାଲିକାରେ ଭାରତର ଯଶପ୍ରୀତ ବୁମରା ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। ସେହିପରି ବ୍ୟାଟିଂ ବିଭାଗରେ ପ୍ରଥମ ୭ଟି ସ୍ଥାନ ଅପରିବର୍ତ୍ତିତ ରହିଛି। ଭାରତର ଯଶସ୍ୱୀ ଜୈସ୍ୱାଲ୍ ପୂର୍ବଭଳି ଚତୁର୍ଥ ସ୍ଥାନରେ ରହିଛନ୍ତି।ବୁମରା ମୋଟ୍ ୯୦୮ ପଏଣ୍ଟ ହାସଲ କରିଥିବାରୁ ଅନ୍ୟ କେହି ତାଙ୍କ ନିକଟରେ ପହଞ୍ଚି ପାରିନାହାନ୍ତି। ୮୪୧ ପଏଣ୍ଟ ସହ ଅଷ୍ଟ୍ରେଲିଆର ପ୍ୟାଟ୍ କମିନ୍ସ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଉଭୟଙ୍କ ମଧ୍ୟରେ ୬୭ ପଏଣ୍ଟର ବ୍ୟବଧାନ ରହିଛି। ସେହିପରି ଦକ୍ଷିଣ ଆଫ୍ରିକାର କାଗିସୋ ରାବାଡା ୮୩୭ ପଏଣ୍ଟ ସହ ତୃତୀୟ ସ୍ଥାନରେ ରହିଛନ୍ତି। ଶ୍ରେଷ୍ଠ ୧୦ରେ ପାକିସ୍ତାନର ନୋମାନ ଅଲି ପ୍ରଥମ କରି ସ୍ଥାନ ହାସଲ କରିଛନ୍ତି। ସେ ନବମ ସ୍ଥାନ ଦଖଲ କରିଛନ୍ତି। ଫଳରେ ଏହି ସ୍ଥାନରେ ଥିବା ରବିନ୍ଦ୍ର ଜାଡ଼େଜା ଦଶମକୁ ଖସିଛନ୍ତି। ବ୍ୟାଟିଂ ବିଭାଗରେ ପାକିସ୍ତାନର ସାଉଦ ସକିଲଙ୍କ ମାନ୍ୟତାରେ ୩ଟି ସ୍ଥାନ ଉନ୍ନତି ହୋଇଛି ଓ ସେ ଅଷ୍ଟମ ସ୍ଥାନ ଦଖଲ କରିଛନ୍ତି। ଫଳରେ ଷ୍ଟିଭେନ ସ୍ମିଥ୍ ନବମ ଓ ରିଷଭ ପନ୍ତ ଦଶକକୁ ଖସିଛନ୍ତି। ଗତ ସପ୍ତାହରେ ପନ୍ତ ନବମ ସ୍ଥାନରେ ରହିଥିଲେ। ସୂଚନାଯୋଗ୍ୟ, ଭାରତ ଆସନ୍ତା ଜୁନ୍/ଜୁଲାଇରେ ଟେଷ୍ଟ ଖେଳିବ। ଅନ୍ୟ କେବଳ ପାକିସ୍ତାନ-ୱେଷ୍ଟ ଇଣ୍ଡିଜ୍ ଓ ଅଷ୍ଟ୍ରେଲିଆ-ଶ୍ରୀଲଙ୍କା ମଧ୍ୟରେ ୨ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ରହିଛି।

## ରଣଜୀରେ ବି ଫେଲ୍ ହିଟ୍‌ମ୍ୟାନ୍



**ମୁମ୍ବାଇ,୨୩।୧:** ଟେଷ୍ଟ କ୍ରିକେଟରେ ଖରାପ ଫର୍ମ ସହିତ ସଂଘର୍ଷ କରୁଥିବା ରୋହିତ ଶର୍ମା ରଣଜୀ ଟ୍ରଫିରେ ମଧ୍ୟ ଫ୍ଲପ୍ ହୋଇଛନ୍ତି। ରଣଜୀ ମ୍ୟାଚ୍‌ରେ ଭାରତୀୟ ଅଧିନାୟକ ମାତ୍ର ୩ ରନ କରି ପାଭିଲିୟନ ଫେରିଥିଲେ। ରୋହିତ ମ୍ୟାଚ୍‌ର ପ୍ରଥମ ଇନିଂସରେ ୧୯ଟି ବଲ୍‌ର ସମ୍ମୁଖୀନ ହୋଇଥିଲେ। ଏଥିରେ ସେ କୌଣସି ଚୌକା ମାରିପାରି ନ ଥିଲେ। ବ୍ୟାଟିଂ ସମୟରେ ରୋହିତ ଭଲ ଲୟରେ ଥିବା ପରି ମନେ ହେଉ ନ ଥିଲେ। ତାଙ୍କ ଆଉଟ୍‌ର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ରଣଜୀ ଟ୍ରଫି ୨୦୨୪-୨୫ର ଦ୍ୱିତୀୟ ପର୍ଯ୍ୟାୟ ଆଜି ଅର୍ଥାତ୍ ୨୩ ଜାନୁଆରୀରୁ ଆରମ୍ଭ ହୋଇଛି। ଏଥିରେ ମୁମ୍ବାଇ ଦଳ ଜମ୍ମୁ ଏବଂ କଶ୍ମୀର ବିପକ୍ଷରେ ପ୍ରଥମ ମ୍ୟାଚ ଖେଳୁଛି। ଜମ୍ମୁ-କଶ୍ମୀର ବିପକ୍ଷରେ ଖେଳାଯାଉଥିବା ମ୍ୟାଚ୍‌ର ପ୍ରଥମ ଇନିଂସରେ ରୋହିତ ଶର୍ମା ସମ୍ପୂର୍ଣ୍ଣ ବିଫଳ ପ୍ରମାଣିତ ହୋଇଥିଲେ। ସେ ଦ୍ରୁତ ବୋଲର ଉମର ନାଜିର ମିରଙ୍କ ବଲ ବୁଝିପାରିଲେ ନାହିଁ। ରୋହିତ ଶର୍ମା ଅସହଜ ଭାବରେ ସର୍ଟ ଲେନ୍ଥ ଡେଲିଭରି ଖେଳିଥିଲେ ଏବଂ ବଲଟି ତାଙ୍କ ବ୍ୟାଟକୁ ସ୍ପର୍ଶ କରି ପବନରେ ଉପରକୁ ଉଠିଥିଲା ଯେଉଁଠାରେ ଏହାକୁ ଫିଲ୍ଡର ଧରି ନେଇଥିଲେ। ଏହିପରି, ମୁମ୍ବାଇ ପାଇଁ ପ୍ରଥମ ଇନିଂସରେ ରୋହିତ ଶର୍ମା ମାତ୍ର ତିନି ରନ କରି ଆଉଟ ହୋଇଥିଲେ। ଟିମ ଇଣ୍ଡିଆ ୨୦୨୪-୨୫ରେ ବର୍ଡର ଗାଭାସ୍କର ଟ୍ରଫି ପାଇଁ ଅଷ୍ଟ୍ରେଲିଆ ଗସ୍ତ କରିଥିଲା। ଏହି ଗସ୍ତରେ, ଭାରତୀୟ ଅଧିନାୟକ ରୋହିତ ଶର୍ମା ପାଞ୍ଚଟି ଟେଷ୍ଟ ମଧ୍ୟରୁ ତିନୋଟିରେ ଅଂଶଗ୍ରହଣ କରିଥିଲେ। ହିଟମ୍ୟାନ ତିନୋଟି ମ୍ୟାଚ୍‌ରେ ମାତ୍ର ୩୧ ରନ କରିଥିଲେ। ଏହି ଖରାପ ଫର୍ମ ପରେ, ରୋହିତ ରଣଜୀ ଆଡକୁ ମୁହାଁଇଲେ। କିନ୍ତୁ ସେ ପ୍ରଥମ ଇନିଂସରେ ଏଠାରେ ମଧ୍ୟ ବିଫଳ ହୋଇଥିଲେ।ହିଟମ୍ୟାନ ତାଙ୍କ କ୍ୟାରିୟରରେ ଏପର୍ଯ୍ୟନ୍ତ ୬୭ଟି ଟେଷ୍ଟ ଖେଳିଛନ୍ତି। ଏହି ମ୍ୟାଚ୍‌ଗୁଡ଼ିକର ୧୧୬ ଇନିଂସରେ ବ୍ୟାଟିଂ କରି ସେ ୪୦ ହାରରେ ୪୩୦୧ ରନ କରିଛନ୍ତି।

## ଟି-୨୦ରେ ଅର୍ଶଦୀପ ସଫଳତମ ଭାରତୀୟ ବୋଲର



**ନୂଆଦିଲ୍ଲୀ,୨୩।୧:** ଭାରତ ଓ ଇଂଲଣ୍ଡ ମଧ୍ୟରେ ଖେଳାଯାଇଥିବା ପ୍ରଥମ ଟି-ଟ୍ୱେଣ୍ଟିରେ ଦମଦାର ବିଜୟ ହାସଲ କରିଛି ଭାରତୀୟ ଯୁବ ବାହିନୀ। ବ୍ୟାଟିଂ, ବୋଲିଂ ଫିଲ୍ଡିଂ ଓ ରଣନୀତିରେ ଟିମ୍ ଇଣ୍ଡିଆର ଉଚ୍ଚକୋଟୀର ପ୍ରଦର୍ଶନ ଦେଖିବାକୁ ମିଳିଥିଲା। ୭ ୱିକେଟରେ ପ୍ରଥମ ଟି-ଟ୍ୱେଣ୍ଟି ଜିତି ବିଜୟରୁ ଅଭିଯାନ ଆରମ୍ଭ କରିଛି ସୂର୍ଯ୍ୟସେନା। ଏହି ମ୍ୟାଚରେ ରେକର୍ଡ ସ୍ଥାପନ କରିଛନ୍ତି ବାମହାତୀ ବୋଲର ଅର୍ଶଦୀପ ସିଂହ। ୨ଟି ୱିକେଟ ନେଇଥିବା ଦ୍ରୁତ ବୋଲର ଟି-୨୦ ଫର୍ମାଟରେ ସଫଳ ବୋଲର ସାବ୍ୟସ୍ତ ହୋଇଛନ୍ତି। ୬୧ଟି ଅନ୍ତର୍ଜାତୀୟ ଟି-୨୦ ଖେଳି ୯୭ ୱିକେଟ ନେଇଛନ୍ତି। ଏହି କ୍ରମରେ ସେ ଯୁଜ୍‌ବେନ୍ଦ୍ର ଚହଲଙ୍କୁ ପଛରେ ପକାଇ ଦେଇଛନ୍ତି। କୋଲକାତାର ଇଡେନ ଗାର୍ଡେନ୍ସରେ ପ୍ରଥମ ଟି-୨୦ ମ୍ୟାଚ ଖେଳାଯାଇଥିଲା। ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ ଅଧିନାୟକ ସୂର୍ଯ୍ୟକୁମାର ଯାଦବ। ମ୍ୟାଚରେ ଭାରତ ଭଲ ଆରମ୍ଭ କରିଥିଲା। ଭାରତକୁ ପ୍ରଥମ ସଫଳତା ଦେଇଥିଲେ ଅର୍ଶଦୀପ ସିଂହ। ପିଲ ସଲ୍ଟଙ୍କୁ ଦୁଇଟି ଡଟ୍ ଖେଳାଇବା ପରେ ଅର୍ଶଦୀପ ତାଙ୍କୁ ପାଭିଲିୟନ ପଠାଇଥିଲେ। ଦ୍ୱିତୀୟ ଓଭରରେ ଅନ୍ୟତମ ବୋଲର ବେନ୍ ଡକେଟଙ୍କୁ ଆଉଟ କରିଥିଲେ ଅର୍ଶଦୀପ। ଏହି ୨ ୱିକେଟ ସଫଳତା ସହ ଅର୍ଶଦୀପ ଏକ ରେକର୍ଡ ଭଙ୍ଗିଛନ୍ତି। ଟି-ଟ୍ୱେଣ୍ଟି କ୍ରିକେଟରେ ଭାରତ ପକ୍ଷରୁ ସର୍ବାଧିକ ୱିକେଟ ହାସଲ କରିଛନ୍ତି। ଇଂଲଣ୍ଡର ଦୁଇ ଓପନର ଫିଲ ସଲ୍ଟ ଓ ବେନ ଡକେଟଙ୍କୁ ଆଉଟ କରିଥିଲେ।

# ୨୦୩୬ ଅଲିମ୍ପିକ୍ସରେ ସାମିଲ ହୋଇପାରେ ଖୋ ଖୋ



**ନୂଆଦିଲ୍ଲୀ, ୨୩।୧:** ୨୦୩୬ ଅଲିମ୍ପିକ୍ସ ଆୟୋଜନ ଲାଗି ଭାରତ ସରକର ଅନ୍ତର୍ଜାତୀୟ ଅଲିମ୍ପିକ୍ସ ପରିଷଦ (ଆଇଓସି)କୁ ଆଗ୍ରହ ପତ୍ର ପଠାଇଛନ୍ତି। କେବଳ ଆଗ୍ରହ ପତ୍ର ପଠାଇ ନାହାନ୍ତି ଭାରତ ଯେମିତି ଆଗାମୀ

### କ୍ରିକେଟ୍, କବାଡ଼ି, ଚେସ୍ ଓ ସ୍କ୍ୱାସ୍ ଉପରେ ମଧ୍ୟ ରହିଛି ନଜର

ଦେଢ଼ ଦଶନ୍ଧି ଭିତରେ ଅନ୍ୟତମ ଅଲିମ୍ପିକ୍ସ ଆୟୋଜକର ମର୍ଯ୍ୟାଦା ଲାଭ କରିବ, ସେ ଦିଗରେ କାମ କରିବା ମଧ୍ୟ ଆରମ୍ଭ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଯଦି ୨୦୩୬ ଅଲିମ୍ପିକ୍ସ ଆୟୋଜନ ଅଧିକାର ଭାରତକୁ ମିଳେ, ତା'ହେଲେ ଏଥିରେ ଖୋ ଖୋ ସହ ୬ଟି ସ୍ୱଦେଶୀ ଖେଳ ସାମିଲ କରିବାକୁ ସରକାର ଯୋଜନା କରୁଛନ୍ତି ବୋଲି କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ବୁଧବାର କହିଛନ୍ତି। ଅଲିମ୍ପିକ୍ସ ପୂର୍ବରୁ ଏସୀୟ କ୍ରୀଡ଼ାରେ ଏସବୁ ଖେଳକୁ ସାମିଲ କରିବାକୁ କ୍ରୀଡ଼ା ମନ୍ତ୍ରାଳୟ ଜୋରଦାର ଉଦ୍ୟମ କରିବ। ଖୋ ଖୋ ଛଡ଼ା ଟ୍ୱେଣ୍ଟି-୨୦ କ୍ରିକେଟ୍, କବାଡ଼ି, ଚେସ୍ ଓ ସ୍କ୍ୱାସ୍ ଭଳି ଖେଳକୁ ଅଲିମ୍ପିକ୍ସ ସ୍ୱୀକୃତି ଲାଗି ସରକାରଙ୍କ ନଜରରେ ଥିବା ସୂଚନା ଦେଇଛନ୍ତି ସେ। ଖୋ ଖୋ ବିଶ୍ୱକପ୍ ବିଜୟୀ ଭାରତୀୟ ପୁରୁଷ ଓ ମହିଳା ଦଳକୁ ସମ୍ବର୍ଦ୍ଧିତ କରିବା ଅବସରରେ ଶ୍ରୀ ମାଣ୍ଡବ୍ୟ ଆଜି ନୂଆଦିଲ୍ଲୀରେ ପ୍ରଥମ ଖୋ ଖୋ ବିଶ୍ୱକପ୍‌ର ସଫଳ ଆୟୋଜନକୁ ଭୂୟସୀ ପ୍ରଶଂସା କରିଛନ୍ତି। ଖୋ ଖୋ ଆଗାମୀ ଭବିଷ୍ୟତରେ ଏକ ବିଶ୍ୱସ୍ତରୀୟ ଖେଳ ହୋଇପାରିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରି ସେ କହିଛନ୍ତି, ସରକାରଙ୍କ ଲକ୍ଷ୍ୟ ହେଉଛି ୨୦୩୬ ଅଲିମ୍ପିକ୍ସରେ ଖୋ ଖୋକୁ ସାମିଲ କରିବା। ଏଥିଲାଗି ଆମ ଖେଳାଳି ଓ ପ୍ରଶିକ୍ଷକମାନଙ୍କୁ ଲଗାତାର ଭଲ ପ୍ରଦର୍ଶନ କରିବାକୁ ପଡ଼ିବ। ମହାସଂଘର ଭୂମିକା ଏହି କ୍ଷେତ୍ରରେ ବେଶ୍ ଗୁରୁତ୍ୱପୂର୍ଣ୍ଣ ରହିବ। କ୍ରୀଡ଼ା ମନ୍ତ୍ରାଳୟ ସମସ୍ତ ଅନୁସଙ୍ଗିକ ସହଯୋଗ ଯୋଗାଇ ଦେବ। ପାରମ୍ପରିକ ଖେଳ ନମନିୟତା ଓ ଏକତାର ବାର୍ତ୍ତାବହ ହୋଇଥା'ନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ସେମାନେ ପାରମ୍ପରିକ କ୍ରୀଡ଼ା ମୂଲ୍ୟବୋଧକୁ ଅକ୍ଷୁର୍ଣ୍ଣ ରଖିଥା'ନ୍ତି। ଆମ ପାରମ୍ପରିକ ଖେଳରୁ ବିଶ୍ୱ ଅନେକ କିଛି ଶିଖି ପାରିବ। ଖୋ ଖୋ ବିଶ୍ୱକପ୍‌ରେ ଭାରତର ଐତିହାସିକ ସଫଳତାର ଶ୍ରେୟ ମହିଳା ଦଳର ପ୍ରଶିକ୍ଷକ ସୁମିତ ଭାଟିଆ ୬୦ ଦିନିଆ ପ୍ରଶିକ୍ଷଣ ଶିବିରକୁ ଦେଇଛନ୍ତି। "ଆମ ଦଳରେ କଶ୍ମୀରଠାରୁ କନ୍ୟାକୁମାରୀ ପର୍ଯ୍ୟନ୍ତର ଖେଳାଳି ଥିଲେ। ଏହି ପ୍ରଶିକ୍ଷଣ ଶିବିର ପାଇଁ ସେମାନଙ୍କ ତାଳମେଳ ବଢ଼ିବା ସହ ଦଳଗତ ଭାବନା ବଢ଼ିଥିଲା। ଏହା ହିଁ ଆମ ସଫଳତା ରହସ୍ୟ" ବୋଲି କହିଥିଲେ ସେ।



ରାଉରକେଲାର ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ୍‌ଠାରେ ଚାଲିଥିବା ହକି ଇଣ୍ଡିଆ ଲିଗ୍‌ରେ ଗୁରୁବାର ତାମିଲନାଡୁ ଡ୍ରାଗନ୍ସ ଓ ହାଇଦ୍ରାବାଦ ତୁଫାନ୍ସ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍‌ର ଏକ ଦୃଶ୍ୟ

## ଗୁକେଶ ଭାରତର ଏକ ନମ୍ବର ଚେସ୍ ଖେଳାଳି



**ନୂଆଦିଲ୍ଲୀ,୨୩।୧:** ଗୁରୁବାର ନେଦରଲାଣ୍ଡସ୍‌ରେ ଆୟୋଜିତ ଟାଟା ଷ୍ଟିଲ୍ ଚେସ୍ ଟୁର୍ଣ୍ଣାମେଣ୍ଟରେ ଜର୍ମାନୀର ଭିନସେଣ୍ଟ କାଇମରଙ୍କୁ ପରାସ୍ତ କରି ବଡ଼ ରେକର୍ଡ କରିଛନ୍ତି ବିଶ୍ୱ ଚାମ୍ପିଅନ୍ ଡି. ଗୁକେଶ । ଭିନସେଣ୍ଟଙ୍କୁ ହରାଇବା ପରେ ଗୁକେଶ 'ହାଏଷ୍ଟ-ରାଙ୍କଡ୍' ଭାରତୀୟ ଚେସ୍ ଖେଳାଳି ହୋଇପାରିଛନ୍ତି । ୩.୫ ଅଙ୍କ ହାସଲ କରିବା ସହ ଭାରତର ଅର୍ଜୁନ ଏରିଗାଇସିଙ୍କୁ ପଛରେ ପକାଇଛନ୍ତି ଗୁକେଶ । ସେହିଭଳି ଆର ପ୍ରଜ୍ଞାନନ୍ଦ ପୂର୍ବତନ ବିଶ୍ୱ ଚାମ୍ପିଅନ ବିଶ୍ୱନାଥନ ଆନନ୍ଦଙ୍କୁ ପଛରେ ପକାଇ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ତେବେ ଗୁକେଶ ଲାଇଭ୍ ରେଟିଂସ ଅନୁସାରେ ବିଶ୍ୱ ରାଙ୍କିଂରେ ଚତୁର୍ଥ ସ୍ଥାନରେ ପହଞ୍ଚିଛନ୍ତି।

ଗୁକେଶ ସାତୋଟି ଇଏଲଓ ପଏଣ୍ଟ ହାସଲ କରିବା ପରେ ତାଙ୍କର ଲାଇଭ୍ ରେଟିଂ ପଏଣ୍ଟ ୨୭୮୪ ହୋଇଥିଲା । ଅନ୍ୟପଟେ ଭାରତର ଏକ ନମ୍ବର ଚେସ୍ ଖେଳାଳି ଥିବା ଏରିଗାଇସି ୨୧.୫ ପଏଣ୍ଟ ହରାଇବା ପରେ ତାଙ୍କର ଲାଇଭ୍ ରେଟିଂ ୨୭୭୯ ପଏଣ୍ଟ ହୋଇଛି। ଏହା ପୂର୍ବରୁ ଏରିଗାଇସି ୨୮୦୦ କ୍ଲବରେ ସାମିଲ ଥିବା ଏକମାତ୍ର ଭାରତୀୟ ଖେଳାଳି ଥିଲେ। ଟାଟା ଷ୍ଟିଲ୍ ଚେସ୍ ଟୁର୍ଣ୍ଣାମେଣ୍ଟରେ ଖରାପ ଫର୍ମ ଯୋଗୁ ଏରିଗାଇସି ବର୍ତ୍ତମାନ ସୁଦ୍ଧା ୱିଜ୍ ଆନ୍ ଜୀରେ ତିନୋଟି ଗେମ୍ ହାରିଛନ୍ତି ଏବଂ ଦୁଇଟି ଡ୍ର' କରିଛନ୍ତି । ଟୁର୍ଣ୍ଣାମେଣ୍ଟରେ ସେ ଲିଓନ୍ ଲୁକ୍ ମେଣ୍ଡୋଙ୍କାଙ୍କ ସହ ମିଳିତ ଭାବେ ଶେଷ ସ୍ଥାନରେ ରହିଛନ୍ତି। ଅନ୍ୟପକ୍ଷରେ ଗୁକେଶ ଟୁର୍ଣ୍ଣାମେଣ୍ଟରେ ଅପରାଜିତ ରହି ଦୁଇଟି ବିଜୟ ଏବଂ ତିନୋଟି ଡ୍ର' ଖେଳିଛନ୍ତି । ଭ୍ଲାଡିମିର୍ ଫେଡୋସିଭ୍ ଏବଂ ଆଲେକ୍ସୀ ସାରାନାଙ୍କ ବିପକ୍ଷରେ ଡ୍ର' କରିଥିଲେ । ଅନିଷ ଗିରି ଏବଂ ଭିନସେଣ୍ଟ କାଇମରଙ୍କ ବିପକ୍ଷରେ ମ୍ୟାଚ୍ ଜିତିଥିଲେ। ସେପଟେ ଯଦି ଲାଇଭ୍ ରେଟିଂ ବଦଳେ, ତା'ହେଲେ ଏରିଗାଇସି ପୁନର୍ବାର ଗୁକେଶଙ୍କ ସ୍ଥାନ ନେଇପାରନ୍ତି। ଟୁର୍ଣ୍ଣାମେଣ୍ଟରେ ଆହୁରି ୮ଟି ସ୍ୱିସ୍ ରାଉଣ୍ଡ ଏବଂ ପ୍ଲେ ଅଫ୍ ଖେଳାଯିବ। ଏଥିରେ ଅଂଶଗ୍ରହଣ ନକରିବା ସତ୍ତ୍ୱେ ମାଗନସ୍ କାର୍ଲସେନ୍ ୨୮୩୨.୫ ଲାଇଭ୍ ରେଟିଂ ପଏଣ୍ଟ ସହ ପ୍ରଥମ ସ୍ଥାନରେ ଅଛନ୍ତି । ଦ୍ୱିତୀୟ ଆମେରିକୀୟ ଜିଏମ୍ ହିକାରୁ ନାକାମୁରା (୨୮୦୨) ଏବଂ ତୃତୀୟ ସ୍ଥାନରେ ଫାବିଆନୋ କରୁଆନା (୨୭୮୯) ଅଛନ୍ତି।

## ହକି ଇଣ୍ଡିଆ ଲିଗ: ୨-୧ ଗୋଲରେ ଦିଲ୍ଲୀକୁ ହରାଇଲା ସୁରମା



**ରାଞ୍ଚି,୨୩।୧:** ପୁରୁଷ ଏଚଆଇଏଲରେ ଦିଲ୍ଲୀ ଏସ୍‌ଜି ପିପର୍ସ ଏବଂ ସୁରମା ହକି କ୍ଲବ୍ ମ୍ୟାଚ୍ ରାଞ୍ଚିରେ ଖେଳାଯାଇଥିଲା। ସୁରମା ବେଶ ଉନ୍ନତ ପ୍ରଦର୍ଶନ କରି ୨-୧ ଗୋଲରେ ଦିଲ୍ଲୀକୁ ପରାଜିତ କରିଥିଲା। ଏଥିସହ ଦଳ ପଏଣ୍ଟ ଟେବୁଲର ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ସିଜନରେ ଏ ପର୍ଯ୍ୟନ୍ତ ୮ଟି ମ୍ୟାଚ୍‌ରୁ ୩ଟି ବିଜୟ ସହ ୧୪ ପଏଣ୍ଟ ପାଇଛି। ସୁରମା ବୁଧବାର ପ୍ରଥମ ଓ ଦ୍ୱିତୀୟ କ୍ୱାର୍ଟରରେ ଗୋଟିଏ ଲେଖାଏଁ ଗୋଲ୍ ଦେଇ ଅଗ୍ରଣୀ ଲାଭ କରିଥିଲା। ନବମ ମିନିଟରେ ହର୍ଜିତ ସିଂ ଏବଂ ୧୭ ମିନିଟରେ ଗୁରଜନ୍ତ ସିଂ ଗୋଲ୍ ସ୍କୋର କରିଥିଲେ। ଦୁଇ ଦଳ ମଧ୍ୟରେ ପରବର୍ତ୍ତୀ ସମୟ ଖେଳ ପ୍ରବଳ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ରହିଥିଲା। ଦିଲ୍ଲୀ ଗୋଲ ଖାତା ଖୋଲିବା ନେଇ ପ୍ରୟାସ ଜାରି ରଖିଥିବାବେଳେ ସୁରମା ଅଧିକ ଗୋଲ୍ ସ୍କୋର କରିବା ଲକ୍ଷ୍ୟରେ ରହିଥିଲା। ଶେଷରେ ୫୯ ମିନିଟରେ ଦିଲ୍ଲୀ ଖାତା ଖୋଲି ଗୋଟିଏ ଗୋଲ ପରିଶୋଧ କରିଥିଲା। ଗୋଟିଏ ଗୋଲରେ ଆଗୁଆ ରହି ସୁରମା ମ୍ୟାଚ୍ ବିଜୟୀ ହୋଇଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମୋଦିଙ୍କ...

ଶତବାର୍ଷିକୀ ପାଳନ କରିବାକୁ ଥିବାରୁ ଦେଶକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବାକୁ ପଡ଼ିବ ବୋଲି କହି ମୋଦିଙ୍କ ମନ ଜିଣିଥିଲେ। ଏହି ଅବସରରେ ମୋଦି କାର୍ବନ ନିର୍ଗମନ ହ୍ରାସ ପାଇଁ କେନ୍ଦ୍ର ସରକାରଙ୍କ ନିରନ୍ତର ବିକାଶ ଲକ୍ଷ୍ୟ (ଏସ୍‌ଡିଜି) ଅନୁଯାୟୀ ଦେଶରେ ୧୨ ଶହରୁ ଅଧିକ ଇ-ବସ୍ ଚାଲୁଛି ଓ ଆଗାମୀ ଦିନରେ ଏହି ସଂଖ୍ୟା ଆହୁରି ବଢ଼ିବ ବୋଲି କହିଥିଲେ।

### ଶ୍ରୀମନ୍ଦିର...

ସେସବୁର ଗତିବିଧି ନିୟନ୍ତ୍ରଣ ପାଇଁ ଶ୍ରୀମନ୍ଦିର ବାହାରେ ୱାଚ୍ ଟାୱାର ପ୍ରତିଷ୍ଠା ପାଇଁ ଚିନ୍ତା କରାଯାଉଥିବା ଆଇନ ମନ୍ତ୍ରୀ କହିଛନ୍ତି। ସେ କହିଛନ୍ତି ଯେ ୱାଚ୍ ଟାୱାର୍ ପ୍ରତିଷ୍ଠା କରାଗଲେ ସୁରକ୍ଷାକର୍ମୀମାନେ ଯଥେଷ୍ଟ ଉଚ୍ଚରୁ ଡ୍ରୋନ୍‌ଗୁଡ଼ିକ ଉପରେ ନଜର ରଖିବା ସହ ନିରୀକ୍ଷଣ କରିପାରିବେ। ସେହିପରି ଶ୍ରୀମନ୍ଦିର ଗର୍ଭଗୃହ ଫଟୋ ଭାଇରାଲ ଘଟଣାରେ ଆଇନ ମନ୍ତ୍ରୀ କହିଛନ୍ତି ଯେ ଏହି ଘଟଣାରେ ପୁଲିସ୍ ସବୁ ଦିଗକୁ ନେଇ ତଦନ୍ତ ଜାରି ରଖିଛି। ଶ୍ରୀମନ୍ଦିର ଗର୍ଭଗୃହ ଫଟୋ ଭାଇରାଲ କରିଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ଶ୍ରୀମନ୍ଦିର ବାହାରକୁ ଏକ ସୁରକ୍ଷା ବଳୟରେ ରଖିବା ପାଇଁ ରାଜ୍ୟ ସରକାର ସବୁ ପ୍ରକାର ଉଦ୍ୟମ ଆରମ୍ଭ କରିଥିବା ବେଳେ ଚାରି ଦ୍ୱାରରେ ସିସିଟିଭି ଜରିଆରେ କଡ଼ା ଚେକିଂ ହେଉଥିବା ଆଇନ ମନ୍ତ୍ରୀ କହିଛନ୍ତି।

### ଚାଷୀଙ୍କୁ...

କେତେକ ମିଲର ମନମାନୀ କରିଥିବା ନେଇ ଖବର ସାମ୍ନାକୁ ଆସିବା ପରେ ସେମାନଙ୍କୁ କାରଣ ଦର୍ଶାଅ ନୋଟିସ କରାଯାଇଥିବା ବେଳେ ଏବେ ମନ୍ତ୍ରୀ ଅନ୍ୟାନ୍ୟ ମିଲର୍‌ମାନଙ୍କୁ ଏକପ୍ରକାର ସତର୍କ କରାଇଦେଇଛନ୍ତି। ମିଳିଥିବା ସୂଚନାନୁଯାୟୀ, ରାଜ୍ୟର ବିଭିନ୍ନ ମଣ୍ଡିରେ ଧାନ ସଂଗ୍ରହ ପ୍ରକ୍ରିୟା ବେଶ୍ ସୁରୁଖୁରୁରେ ଚାଲିଛି। ଅବଶ୍ୟ କେତେକ ସ୍ଥାନରେ ଟୋକନ ଅବ୍ୟବସ୍ଥା ନେଇ ଅଭିଯୋଗ ଆସିଛି। କିନ୍ତୁ ତାହା ଉପରେ ସରକାର ନଜର ରଖିଛନ୍ତି। ତେବେ ଯେଉଁ ମିଲରମାନେ ଧାନ ସଂଗ୍ରହ କରିବା ସମୟରେ ସେଠାକାର ଚାଷୀମାନଙ୍କୁ ହଇରାଣ ହରକତ କରୁଛନ୍ତି ଏବଂ କଟନୀ ଛଟନୀ କରୁଛନ୍ତି, ସେମାନଙ୍କ ଏପରି ଆଚରଣକୁ ଆଉ ବରଦାସ୍ତ କରାଯିବ ନାହିଁ ଓ ତୁରନ୍ତ ସେମାନଙ୍କୁ କାରଣ ଦର୍ଶାଅ ନୋଟିସ୍ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। **ବ୍ରହ୍ମପୁର,୨୩।୧(ସଂଚାର ବ୍ୟୁରୋ):** ମଣ୍ଡିରୁ ଧାନ ଉଠାଇବାରେ ବିଳମ୍ବ ଓ ଅବହେଳା ପ୍ରଦର୍ଶନ କାରଣରୁ ଜିଲ୍ଲା ପ୍ରଶାସନ ପକ୍ଷରୁ ୬ ଘଣ୍ଟା ମଧ୍ୟରେ ୧୩ ଜଣ ମିଲର୍‌ଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ଏଥିରେ ଗଞ୍ଜାମ ଜିଲ୍ଲା ଛତ୍ରପୁର ଓ ଗଞ୍ଜାମ ବ୍ଲକ୍‌ର ୪ ଜଣ ଲେଖାଏଁ ଏବଂ ପୁରୁଷୋତ୍ତମ ବ୍ଲକର ୩ ଜଣ ମିଲର ରହିଛନ୍ତି। ଗତ ୨୦ ତାରିଖରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ସମସ୍ତ ଉପଜିଲ୍ଲାପାଳ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର ଏବଂ ଯୋଗାଣ ବିଭାଗ ଓ ସମବାୟ ବିଭାଗର ଅଧିକାରୀଙ୍କୁ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଚଳିତ ଖରିଫ୍ ବର୍ଷ ୨୦୨୪-୨୫ ଧାନ କ୍ରୟ ସମ୍ବନ୍ଧୀୟ ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇଥିଲା। ବୈଠକରେ ୧୧ ଜଣ ମିଲର ଧାନ ଉଠାଇବାରେ ବିଳମ୍ବ ଓ ଅବହେଳା କରୁଥିବା ନେଇ ତଥ୍ୟ ସାମ୍ନାକୁ ଆସିଥିଲା। ଏବେ ସେମାନଙ୍କୁ ନୋଟିସ୍ ଜାରି କରାଯିବା ସହ ଅବିଳମ୍ବେ ମଣ୍ଡିରୁ ଧାନ ଉଠାଇବାକୁ ତାଗିଦ୍ କରାଯାଇଛି। ଏହାର ଖିଲାପ କଲେ ଜିଲ୍ଲା ପ୍ରଶାସନ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ବ ବୋଲି ମଧ୍ୟ ଚେତାବନୀ ଦିଆଯାଇଛି।

### କପିଲ...

ଏକ ଅଭିଯୋଗରେ ଦାବି କରିଛନ୍ତି। ଏହି ଅଭିଯୋଗକୁ ଭିତ୍ତି କରି ଆମ୍ବୋଲି ପୁଲିସ ଭାରତୀୟ ଦଣ୍ଡ ସଂହିତାର ଧାରା ୩୫୧(୩) ଅନୁଯାୟୀ ଏକ ମାମଲା ରୁଜୁ କରିଥିବା ଜଣାପଡ଼ିଛି। ସେହିପରି ସୁଗନ୍ଧା ଓ ରେମୋ ମଧ୍ୟ ସମାନ ପ୍ରସଙ୍ଗରେ ଅଭିଯୋଗ ଦାଖଲ କରିଛନ୍ତି। ପୁଲିସ୍ ଏ ସଂକ୍ରାନ୍ତରେ କହିଛି ଯେ ଧମକପୂର୍ଣ୍ଣ ଇମେଲ୍ ପାକିସ୍ତାନରୁ ଆସିଛି ଓ ଏନେଇ ତଦନ୍ତ ଆରମ୍ଭ ହୋଇଛି। କିନ୍ତୁ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ସମ୍ପୃକ୍ତ ଇମେଲ୍ ପଠାଇଥିବା ବ୍ୟକ୍ତି ସମ୍ପର୍କରେ ପୁଲିସ୍ କୌଣସି ପ୍ରକାର ସୂଚନା ପାଇପାରିନାହିଁ। ପୁଲିସ୍‌ର କହିବାନୁସାରେ, ଉକ୍ତ ମେଲ୍‌ରେ 'ଆମେ ତୁମର ସାମ୍ପ୍ରତିକ କାର୍ଯ୍ୟକଳାପ ଉପରେ ନଜର ରଖୁଛୁ ଏବଂ ଆମେ ଏକ ସମ୍ବେଦନଶୀଳ ବିଷୟ ପ୍ରତି ତୁମର ଦୃଷ୍ଟି ଆକର୍ଷଣ କରିବାକୁ ଚାହୁଁଛୁ। ଏହା କୌଣସି ପବ୍ଲିସିଟି ଷ୍ଟଣ୍ଟ କିମ୍ବା ଆପଣଙ୍କୁ ହଇରାଣ କରିବାର ପ୍ରୟାସ ନୁହେଁ, ଆମେ ଆପଣଙ୍କୁ ଏହି ବାର୍ତ୍ତାକୁ ଅତ୍ୟନ୍ତ ଗମ୍ଭୀରତା ଏବଂ ଗୋପନୀୟତାର ସହ ନେବାକୁ ଅନୁରୋଧ କରୁଛୁ' ବୋଲି ଉଲ୍ଲେଖ ରହିଛି। ଏଥିସହ ଇମେଲ୍ ଶେଷରେ 'ବିଷ୍ଣୁ' ନାମ ରହିଛି। ସୂଚନାଯୋଗ୍ୟ ଯେ ପୂର୍ବରୁ ବଲିଉଡ୍ ସୁପର୍ ଷ୍ଟାର୍ ସଲମାନ୍ ଖାନ୍, ଶାହରୁଖ ଖାନ୍‌ଙ୍କ ପରି ନାମୀଦାମୀ କଳାକାରଙ୍କୁ ଧମକ ଆସିଥିବା ବେଳେ ନିକଟରେ ସୈଫ୍ ଅଲୀ ଖାନ୍‌ଙ୍କୁ ଜଣେ ଦୁର୍ବୃତ୍ତ ଘରେ ପଶି ଛୁରାମାଡ଼ କରି ଗୁରୁତର ଭାବେ ଆହତ କରିଛି। ତେଣୁ ସଦ୍ୟ ଧମକ ମାମଲାରେ ୪ ଜଣଯାକ କଳାକାର ବେଶ୍ ଭୟଭୀତ ହୋଇପଡ଼ିଛନ୍ତି। କ୍ରମାଗତ ଭାବେ ଧମକ ମିଳୁଥିବାରୁ ମୁମ୍ବାଇ ଆଇନଶୃଙ୍ଖଳା ବ୍ୟବସ୍ଥା ଉପରେ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### ଧର୍ମେନ୍ଦ୍ର...

ପ୍ରକାଶ ଦାସଙ୍କ ନେତୃତ୍ୱରେ ଲଢ଼ିଥିଲେ। ଶ୍ରୀ ଦାସ ସମ୍ବଲପୁର ଲୋକସଭା ଆସନରେ ଧର୍ମେନ୍ଦ୍ରଙ୍କଠାରୁ ହାରିଯାଇଥିବାବେଳେ ଶ୍ରୀ ହରିପାଲ କିନ୍ତୁ ବରିଷ୍ଠ ବିଜେପି ନେତା ନାଉରି ନାୟକଙ୍କୁ ହରାଇଦେଇଥିଲେ। ସମ୍ବଲପୁରରେ ବିଜେଡି ସଂଗଠନର ମଙ୍ଗ ପ୍ରଣବ ଧରିଥିବାବେଳେ ଏବେ ହରିପାଲଙ୍କର ଖୋଲା ମଞ୍ଚରେ ଧର୍ମେନ୍ଦ୍ରଙ୍କୁ ପ୍ରଶଂସା ତାଙ୍କ ଗାଲରେ ଚାପୁଡା ସଦୃଶ ହୋଇଛି ବୋଲି ରାଜନୈତିକ ବିଶ୍ଳେଷକମାନେ ମତ ଦେଉଛନ୍ତି।

ହରିପାଲଙ୍କ ମନ୍ତବ୍ୟରୁ ବିଜେଡିରେ ଅସନ୍ତୋଷ ଜଳ ଜଳ ହୋଇ ଦିଶୁଥିବାବେଳେ ଅନେକ ବିଜେଡି ନେତା ବିଜେପିମୁହାଁ ହୋଇଥିବା ନେଇ ମଧ୍ୟ ଆକଳନ କରାଗଲାଣି। ପୂର୍ବରୁ ଦଳର ଦୁଇ ସାଂସଦ ମମତା ମହାନ୍ତ ଓ ସୁଜିତ କୁମାର ବିଜେପିରେ ଯୋଗଦେଇଥିବାବେଳେ ଆଉ କିଛି ସାଂସଦ ଦଳ ଛାଡିବା ନେଇ ଅଙ୍କକଷା ଚାଲିଛି। ତେବେ ଦଳର ଯୁବ ବିଧାୟକମାନେ ଖୋଲାଖୋଲି ଭାବେ ଧର୍ମେନ୍ଦ୍ରଙ୍କୁ ଏଭଳି ପ୍ରଶଂସା କରିବା ପ୍ରଥମ ଥର ପାଇଁ ଦେଖିବାକୁ ମିଳିଛି। ଏଥିରୁ ଦଳର ନେତୃତ୍ୱ ହୁଗୁଳା ହେବା ସହିତ ଅସନ୍ତୋଷର ମାତ୍ରା ବଢ଼ିଚାଲିଛି ବୋଲି ଖୋଦ ବିଜେଡି କର୍ମୀମାନେ ମତ ଦେଉଛନ୍ତି।

### ମୋବାଇଲ...

ଅଭିଭାବକଙ୍କ ସହ ପିଲା, ସଭିଙ୍କ ହାତରେ ମୋବାଇଲ ଫୋନ୍‌। ଗ୍ରା ହକକୁ ଆକୃଷ୍ଟ କରିବାକୁ ମୋବାଇଲରେ ଇଣ୍ଟରନେଟ୍ ବି ଶସ୍ତା ହେଲାଣି। ଯାହା ଜାଣିବାକୁ ଚାହିଁଲେ, ଗୋଟିଏ କ୍ଲିକରେ ସବୁକିଛି ମିଳିଯାଉଛି । କିନ୍ତୁ ପିଲାଙ୍କ ହାତରେ ଇଣ୍ଟରନେଟ୍ ସେମାନଙ୍କ ଜୀବନ ନଷ୍ଟ କରିଦେଉଛି।

ତଥ୍ୟ କହୁଛି ବିଶ୍ୱରେ ପ୍ରତି ୧୨ ଜଣ ଶିଶୁଙ୍କ ମଧ୍ୟରେ ଜଣେ ଅନଲାଇନ୍ ଯୌନ ଶୋଷଣ କିମ୍ବା ନିର୍ଯ୍ୟାତନାର ଶିକାର ହେଉଛି। ଏଥିରେ ଅନଲାଇନ ଗ୍ରୁମିଂ, ପର୍ଣ୍ଣୋଗ୍ରାଫି ସଂସ୍ପର୍ଶରେ ଆସିବା, ଫଟୋ ଆଧାରିତ ଯୌନ ଶୋଷଣ ଆଦି ସାମିଲ। ପ୍ରତି ୮ ଜଣ ଶିଶୁଙ୍କ ମଧ୍ୟରେ ଜଣେ ଫଟୋ ଆଧାରିତ ନିର୍ଯ୍ୟାତନା ବା ଯୌନ ଶୋଷଣର ଶିକାର ହେଉଛନ୍ତି। ୨୦୧୦ରୁ ୨୦୨୩ ମଧ୍ୟରେ କରାଯାଥିବା ୧୨୩ଟି ଅଧ୍ୟୟନର ଫଳାଫଳକୁ ତର୍ଜମା କରି ଏହି ରିପୋର୍ଟ ପ୍ରକାଶ ପାଇଛି । ଯେଉଁଥିରେ ଜଣାପଡିଛି ଯେ ୧୨.୬ ପ୍ରତିଶତ ଫଟୋ ଆଧାରିତ ନିର୍ଯାତନା, ୧୨.୫ ଅନଲାଇନ ଅନୁରୋଧ, ୪.୭ ପ୍ରତିଶତ ଅନଲାଇନ ଯୌନ ଶୋଷଣ ଦ୍ୱାରା ପ୍ରଭାବିତ।

ଓଡ଼ିଶାରେ ବି ଅନଲାଇନ ଯୌନ ନିର୍ଯାତନାର ଅନେକ ରିପୋର୍ଟ ହୋଇଛି। ଶିଶୁ ଅଶ୍ଳୀଳତା ଓ ଯୌନ ସମ୍ବନ୍ଧୀୟ ଫଟୋ କିମ୍ବା ଭିଡିଓ ଅପଲୋଡ ନେଇ ଶିଶୁ ଏବଂ ମହିଳା ଅନଲାଇନ୍ ଅପବ୍ୟବହାର ମନିଟରିଂ ୟୁନିଟରେ ଅଭିଯୋଗ ହୋଇଛି । ୨୦୨୩ରେ ୫୭୧ ଅଭିଯୋଗ ଆସିଥିଲା। ତେବେ ଏସବୁକୁ ରୋକିବାକୁ ହେଲେ ସଚେତନତାର ଆବଶ୍ୟକତା ରହିଥିବା କହିଛନ୍ତି ବିଶେଷଜ୍ଞ।

ତଥ୍ୟ ଅନୁଯାୟୀ, ୨୦୨୩ରେ ଓଡ଼ିଶାରେ ଏ ସଂପର୍କିତ ୮୨ ହଜାର ୧୩୨ଟି ଅଭିଯୋଗ ହୋଇଛି। ଶିଶୁ ଯୌନ ଶୋଷଣ ସଂପର୍କିତ ଫଟୋ ଓ ଭିଡିଓ ବିଭିନ୍ନ ଓ୍ୱେବସାଇଟରେ ଅପଲୋଡ ହୋଇଛି । ଯେଉଁ ଆଇପିରୁ ଅପଲୋଡ ହୋଇଛି ସେସବୁ ଓଡିଶାର ବୋଲି ଜଣାପଡିଛି । ତେବେ ଏସବୁ ଅତି ସହଜରେ ଉପଲବ୍ଧ ହେଉଥିବାରୁ ମୋବାଇଲ ବ୍ୟବହାର କରୁଥିବା ପିଲାମାନେ ଏହାକୁ ଦେଖିବାର ସୁଯୋଗ ପାଉଛନ୍ତି। ଆଉ ଅନଲାଇନ ଯୌନ ନିର୍ଯାତନାର ଶିକାର ହେଉଛନ୍ତି ବୋଲି କୁହାଯାଇଛି।

### ସଂଗ୍ରାମ...

କହିଥିଲେ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ନେତାଜୀ ଆମ ଇତିହାସ ପୃଷ୍ଠାର ଏଭଳି ଜଣେ ନାୟକ ଥିଲେ ଯାହାଙ୍କ ଜୀବନୀ ଓ ସଂଘର୍ଷର କାହାଣୀ ପଢ଼ିଲେ ଦେହରେ ରୋମାଞ୍ଚ ଭରିଉଠିବା ସହିତ ଆଖିରେ ଲୁହ ମଧ୍ୟ ଜକେଇଆସେ। ଉଭୟ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କର ଗଭୀର ପ୍ରଭାବ ଥିଲା। ଏକ ମୁକ୍ତ ଭାରତ ଗଠନ ପ୍ରତି ତାଙ୍କର ପ୍ରତିବଦ୍ଧତା, ଦୃଷ୍ଟିକୋଣ ଏବଂ ନିର୍ଭୀକ ନେତୃତ୍ୱ ସମସ୍ତଙ୍କ ପାଇଁ ପ୍ରେରଣା ହୋଇ ରହିବ। ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୀବନ ଓ କଟକ ସହ ତାଙ୍କ ସମ୍ପର୍କ ବିଷୟରେ ଆଗାମୀ ପିଢ଼ିକୁ ସଚେତନ କରିବାର ଆବଶ୍ୟକତା ରହିଛି। ଏଭଳି ଜଣେ ଦେଶଭକ୍ତ ଓ ସଂଗ୍ରାମୀଙ୍କ ବିଷୟରେ ଆମ ଯୁବପିଢ଼ି ବିସ୍ତୃତ ଭାବେ ପଢ଼ିବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ କାର୍ଯ୍ୟକ୍ରମରେ ଉପସ୍ଥିତ ଆଇଏନଏ ଭେଟେରାନ ଲେଫ୍ଟନାଣ୍ଟ ଆର୍. ମାଧବନ ପିଲାଇଙ୍କୁ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ଓ ଓଡ଼ିଶା ସରକାରଙ୍କ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପ୍ରଦତ୍ତ ଏକ ଭିଡିଓ ବାର୍ତ୍ତା ପ୍ରଦର୍ଶିତ ହୋଇଥିଲା। ତା'ଛଡ଼ା କେନ୍ଦ୍ର ସଂସ୍କୃତି ବିଭାଗ ପକ୍ଷରୁ ସତ୍ୟବ୍ରତ ଷ୍ଟାଡିୟମଠାରେ ନେତାଜୀଙ୍କ ଜୀବନୀ ସମ୍ବନ୍ଧିତ ଏକ ଫଟୋଚିତ୍ର ପ୍ରଦର୍ଶନୀ ମଧ୍ୟ ଆୟୋଜିତ ହୋଇଛି।କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, କଟକ ସାଂସଦ ଭର୍ତ୍ତୃହରି ମହତାବ, ପୂର୍ବତନ କେନ୍ଦ୍ରମନ୍ତ୍ରୀ କେ.ପି ସିଂହଦେଓ, କେନ୍ଦ୍ର ସଂସ୍କୃତି ସଚିବ ଅରୁଣିଶ ଚାୱଲା ଉପସ୍ଥିତ ଥିଲେ। ଆଇଏନ୍‌ଏ ଟ୍ରଷ୍ଟ ଅଧ୍ୟକ୍ଷ ବ୍ରିଗେଡିଅର ଆରଏସ୍ ଚିକାରା ସ୍ୱାଗତ ଭାଷଣ ଦେଇଥିବା ବେଳେ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ମହାନିର୍ଦ୍ଦେଶକ ଧନ୍ୟବାଦ ଦେଇଥିଲେ। କଟକରେ ପହଞ୍ଚିବା ପରେ ମୁଖ୍ୟମନ୍ତ୍ରୀ ପ୍ରଥମେ ଓଡିଆ ବଜାରସ୍ଥିତ ନେତାଜୀଙ୍କ ଜନ୍ମସ୍ଥଳୀରେ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜିତ ଚିତ୍ରକଳା ପ୍ରଦର୍ଶନୀ ବୁଲି ଦେଖିଥିଲେ।

### ଗୃହରେ...

ଦଳର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ। ଆଜି ଏକ ସାମ୍ବାଦିକ ସମ୍ମିଳନୀ କରି ସେ କହିଛନ୍ତି ଯେ, ନାଲି ଆଖି ଦେଖାଇଲେ ଚଳିବ ନାହିଁ । ନିଜ ଆସନର ମର୍ଯ୍ୟାଦା ବାଚସ୍ପତି ରକ୍ଷା କରନ୍ତୁ। ବାଚସ୍ପତି କୌଣସି ଦଳର ନୁହଁନ୍ତି । ବାଚସ୍ପତିଙ୍କ ଧମକରେ ବିରୋଧୀଙ୍କ ସ୍ୱର ବନ୍ଦ ହେବ ନାହିଁ। ସରକାରଙ୍କ ଦୋଷତ୍ରୁଟିକୁ ବିରୋଧୀ ଦଳ ଉପସ୍ଥାପନ କରିବ ।

କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଛନ୍ତି ଯେ, ବାଚସ୍ପତଙ୍କ ପ୍ରତି ଆମର ସମ୍ମାନ ରହିଛି। କଂଗ୍ରେସ ଦଳ ଗଣତନ୍ତ୍ରରେ ବିଶ୍ୱାସ କରେ। ବାଚସ୍ପତି ସମସ୍ତଙ୍କୁ ସମାନ ଭାବେ ଦେଖିବା ଦରକାର। ସମସ୍ତଙ୍କୁ ସାଙ୍ଗରେ ନେଇ ଚାଲିଲେ ଗୃହରେ ବିଶୃଙ୍ଖଳା ହେବନି ବୋଲି ଶ୍ରୀ କାଡ଼ାମ କହିଛନ୍ତି । ସୂଚନାଯୋଗ୍ୟ ଯେ କେତେବେଳେ ବିରୋଧୀ, ବାଚସ୍ପତିଙ୍କ ପୋଡିୟମ ଉପରକୁ ଚଢି ଯାଉଛନ୍ତି ତ ଆଉ କେତେବେଳେ ଗୃହ ମଧ୍ୟ ଭାଗରେ ଫାଇଲ୍ ଫିଙ୍ଗୁଛନ୍ତି। ଫଳରେ ଗୃହ ବାରମ୍ବାର ଅଚଳ ହେଉଛି। ବିଧାନସଭା ଅଧିବେଶନ ପୂର୍ବରୁ ବାଚସ୍ପତି ସର୍ବଦଳୀୟ ବୈଠକ ଡାକି ସମସ୍ତଙ୍କ ସହଯୋଗ ଲୋଡିଥାନ୍ତି ।

ଏହାସତ୍ତ୍ୱେ ବି ବିରୋଧୀ ଗୃହରେ ବାରମ୍ବାର ବିଶୃଙ୍ଖଳିତ ଆଚରଣ କରି ଅଚଳାବସ୍ଥା ସୃଷ୍ଟି କରୁଛନ୍ତି । ନୂଆ ସରକାର ଆସିବା ପରେ ବିଧାନସଭାର ପ୍ରଥମ ଅଧିବେଶନରେ ବିଶୃଙ୍ଖଳିତ ଆଚରଣ ପାଇଁ ବିଜେଡି ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଓ ମାଧବ ଧଡାଙ୍କ ବିରୁଦ୍ଧରେ ୨୪ ଅଗଷ୍ଟ ୨୦୨୪ରେ ନିନ୍ଦା ପ୍ରସ୍ତାବ ଆଣିଥିଲା ସରକାରୀ ଦଳ। ସେହିପରି ଗତ ଅଧିବେଶନରେ ବି ଗୃହରେ ଆଚରଣ ଠିକ୍ ନରହିବାରୁ କଂଗ୍ରେସ ବିଧାୟକ ତାରା ବାହିନୀପତି ଓ ବିଜେଡିର ଦୁଇ ବିଧାୟକ ବ୍ରଜ ପ୍ରଧାନ ଏବଂ ରୋମାଞ୍ଚ ରଞ୍ଜନ ବିଶ୍ୱାଳଙ୍କ ନାଁରେ ନିନ୍ଦା ପ୍ରସ୍ତାବ ଆସିଥିଲା।

### ଡିଜିଟାଲ୍...

ସକାଶେ କେନ୍ଦ୍ର ମନ୍ତ୍ରୀ ସମସ୍ତଙ୍କୁ ନିବେଦନ କରିଛନ୍ତି। ଏହି ଅବସରରେ ରାଜ୍ୟରେ କ୍ରିକେଟ୍ ଖେଳକୁ ପ୍ରୋତ୍ସାହନ ଦେବା ସଂକ୍ରାନ୍ତରେ ଆଲୋଚନା ହୋଇଥିଲା। ଶ୍ରୀ ପ୍ରଧାନ ଡିଜିଟାଲ ପେମେଣ୍ଟ କରି ମ୍ୟାଚ ଟିକେଟ୍ କିଣି ବେଶ୍ ଖୁସି ପ୍ରକାଶ କରିଛନ୍ତି। କେନ୍ଦ୍ର ମନ୍ତ୍ରୀଙ୍କୁ ଓସିଏ ପକ୍ଷରୁ ସମ୍ପାଦକ ସଞ୍ଜୟ ବେହେରା, ଅନୁଗୋଳ ବିଧାୟକ ତଥା ଆପେକ୍ସ କାଉନ୍‌ସିଲ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ, ଓଡ଼ିଶା ଅଲିମ୍ପିକ ଆସୋସିଏସନ (ଓଓଏ)ର ଉପସଭାପତି ଦୁଲାଲ ଚନ୍ଦ୍ର ପ୍ରଧାନ ଓ ଅନ୍ୟାନ୍ୟ ସଦସ୍ୟମାନେ ଭେଟିଥିଲେ।

# ଅଳିଆ ବୋହେଇ ଗାଡ଼ିକିଣାରେ ପିଇଓଙ୍କ ଠକ୍କତା

## ଟ୍ରଲିରିକ୍ସା ଓ ବ୍ୟାଟେରୀ ଚାଳିତ ଗାଡ଼ି କିଣାରେ ଲକ୍ଷାଧିକ ଟଙ୍କା ଆତ୍ମସାତ ଅଭିଯୋଗ

**ବୋରିଗୁମ୍ମା, ୨୩।୧ (ସଂଚାର ବ୍ୟୁରୋ) :** କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ନାରୀଗାଁ ପଞ୍ଚାୟତରେ ସ୍ୱଚ୍ଛ ଭାରତ ଯୋଜନାରେ ପିଇଓ ଯତୀନ ପଣ୍ଡା ଓ ତତ୍କାଳୀନ ପିଇଓ ତଥା ବୋରିଗୁମ୍ମା ବ୍ଲକ ପିଇଓ ସଂଘ ସଭାପତି ଶ୍ରୀନିବାସ ଚୌଧୁରୀ ମିଳିତ ଭାବେ ପଞ୍ଚାୟତ ଅନୁଦାନ ରାଶିରୁ ହାତ ତିଆରି ପୁରୁଣା ଟ୍ରଲି ରିକ୍ସା ଓ ଅଳିଆବୁହା ଗାଡ଼ି କିଣାକୁ ଚକ୍କତା କରି ଲକ୍ଷାଧିକ ବିଲ ଆତ୍ମସାତ କରିଥିବାନେଇ ଗ୍ରାମବାସୀ ଓ ଗଣମାଧ୍ୟମ ପ୍ରତିନିଧି ବୋରିଗୁମ୍ମା ବ୍ଲକ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଥିବା ଜାଣିବାକୁ ମିଳିଛି।



ଉକ୍ତ ଗାଡ଼ି ଓ ରିକ୍ସାକୁ ଶ୍ରୀନିବାସ ଚୌଧୁରୀ ନାରୀଗାଁ ପଞ୍ଚାୟତ କାର୍ଯ୍ୟାଳୟରେ ଅତିରିକ୍ତ ପିଇଓ ଦାୟିତ୍ୱରେ ଥିବା ସମୟରେ ଏକ ପୁରୁଣା ବ୍ୟାଟ୍ରି ଚାଳିତ ଅଳିଆବୁହା ଗାଡ଼ି ଓ ୩ଟି ଟ୍ରଲି ରିକ୍ସା ରଙ୍ଗମାରି ନୂଆ ରୂପରେ ଜରି ଓ ବେଲୁନରେ ସଜେଇଦେଇ ଚକ୍କତାର ସହ ପ୍ରଥମ ପଞ୍ଚାୟତ ଜନଶୁଣାଣି କାର୍ଯ୍ୟକ୍ରମରେ ତରବରିଆ ଭାବେ ବୋରିଗୁମ୍ମା ଗୋଷ୍ଠୀ ଉନ୍ନୟନ ଅଧିକାରୀ ସନ୍ଧ୍ୟା ସମରଥଙ୍କ ଦ୍ୱାରା ଲୋକାର୍ପଣ କରାଯାଇଥିଲା। ଏହାକୁ ପଞ୍ଚାୟତ ଅନୁଦାନ ରାଶିରୁ ୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନୂଆ ଗାଡ଼ି କିଣାଯାଇଥିବା ଦର୍ଶାଯାଇଥିବା ବର୍ତ୍ତମାନ କାର୍ଯ୍ୟରତ ଥିବା ପିଇଓ ଶ୍ରୀ ପଣ୍ଡା କହିଛନ୍ତି। ଏପରିକି ଗାଡ଼ି ଓ ରିକ୍ସା କିଣାଯାଇଥିବା ଦୋକାନ ନାମ କି କିଣାଯାଇଥିବା ବିଲର ତଥ୍ୟ ବିବରଣୀ ଦେବାରେ ଉଭୟଙ୍କ ମଧ୍ୟରେ କୌଣସି ତାଳମେଳ ରହୁନଥିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି।

ପରିତାପର ବିଷୟ, ଉଦ୍‌ଘାଟନ ପରେ ନା ଗାଡ଼ି ଷ୍ଟାର୍ଟ ହେଲା ନା ଚାଲିଲା। କାରଣ ଏହାର ଅଧିକାଂଶ ଯନ୍ତ୍ରାଂଶ ଥିଲା ଅଚଳ। ଏନେଇ ଗ୍ରାମବାସୀଙ୍କ ଅଭିଯୋଗ ଆଧାରରେ ବୋରିଗୁମ୍ମା ବିଡ଼ିଓ ସନ୍ଧ୍ୟା ସମରଥଙ୍କୁ ଗଣମାଧ୍ୟମ ପ୍ରତିନିଧି ଲିଖିତ ଭାବରେ ଜଣାଇବା ପରେ ବିଡ଼ିଓ କାର୍ଯ୍ୟରତ ପିଇଓ ଯତୀନ ପଣ୍ଡାଙ୍କୁ ଫୋନ କରି ପୂରା ଘଟଣାର ତଥ୍ୟ ପଚାରି ବୁଝିବା ସହ ବିରକ୍ତି ପ୍ରକଶ କରିଥିଲେ। ପରେ ବିଡ଼ିଓ ତତ୍କାଳୀନ କାର୍ଯ୍ୟରତ ପିଇଓ ଶ୍ରୀ ଚୌଧୁରୀଙ୍କୁ ଡାକିଥିଲେ ଏବଂ କିଣାଯାଇଥିବା ପୁରୁଣା ଗାଡିକୁ ତୁରନ୍ତ ଏକ୍ସଚେଞ୍ଜ କରି ନୂତନଗାଡି ଓ ଟ୍ରଲି ରିକ୍ସା ଆଣି ତାହାର ବିଲ ପୈଠ କରିବାକୁ ବିଡ଼ିଓ କହିଥିଲେ। ସେପଟେ ପିଇଓ ଶ୍ରୀନିବାସ ଚୌଧୁରୀ ବର୍ତ୍ତମାନ ମାଲଦା ପଞ୍ଚାୟତ ଓ ଡେଙ୍ଗପଦର ପଞ୍ଚାୟତରେ କାର୍ଯ୍ୟରତ ଅଛନ୍ତି।

ପ୍ରକାଶ ଥାଉକି ୧/୮/୨୦୨୩ ମସିହାରେ ବୋରିଗୁମ୍ମା ବ୍ଲକ ମାଲଦା ପଞ୍ଚାୟତରେ ମଧ୍ୟ ସରକାରୀ ଟଙ୍କା ଆତ୍ମସାତ ଅଭିଯୋଗରେ କୋରାପୁଟ ଜିଲ୍ଲା ଜୟପୁର ସ୍ଥିତ ଭିଜିଲାନ୍ସ ଏସ୍ପିଙ୍କୁ ସାକ୍ଷାତ କରି ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ନାମରେ ସମ୍ପୃକ୍ତ ପିଇଓ ସରକାରୀ ଟଙ୍କା ଆତ୍ମସାତ କରିଥିବା ନେଇ ଗ୍ରାମବାସୀମାନେ ଅଭିଯୋଗ କରିବା ସହ ଦାବିପତ୍ର ପ୍ରଦାନ କରିଥିଲେ।

# କୋଣାର୍କରେ ଅସ୍ୱାସ୍ଥ୍ୟକର ପରିବେଶ ଯୋଗୁଁ ନାକ ଟେକୁଛନ୍ତି ପର୍ଯ୍ୟଟକ

**କୋଣାର୍କ, ୨୩।୧ (ସଂଚାର ବ୍ୟୁରୋ) :** ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ କୋଣାର୍କ ଠାରେ ଏନଏସି ପକ୍ଷରୁ ସ୍ଥାୟୀ ପାର୍କିଂ ବ୍ୟବସ୍ଥା ନଥିବାରୁ ରାଜରାସ୍ତାରେ ବେଆଇନ ଭାବେ ପାର୍କିଂ କରୁଥିବା ଗାଡି ଓ ରାଜରାସ୍ତା କଡରେ ଥିବା ଘରୋଇ ଲଜ ମାନଙ୍କରୁ ସୃଷ୍ଟି ହେଉଥିବା ଅଳିଆ ଆବର୍ଜନା ସାଙ୍ଗକୁ ଲଜରୁ ନିର୍ଗତ ପ୍ରଦୂଷିତ ଜଳ ଯୋଗୁଁ ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ କୋଣାର୍କରେ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହେବା ଯୋଗୁଁ ପର୍ଯ୍ୟଟକମାନେ ଏଠାକାର ଅସ୍ୱାସ୍ଥ୍ୟକର ପରିବେଶ ଯୋଗୁଁ ନାକ ଟେକୁଥିବା ଭଳି ପରିସ୍ଥିତି ଉପୁଜିଛି।



ଖବରରୁ ପ୍ରକାଶ ଯେ କୋଣାର୍କରେ ବେଆଇନ ଭାବେ ଗାଡି ପାର୍କିଂ ସହ ଯାତ୍ରୀମାନେ

**ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଦାବି**

ଖାଦ୍ୟ ପଦାର୍ଥ ଖାଇ ରାସ୍ତାରେ ପକାଉଥିବା ଯୋଗୁଁ ସେଗୁଡିକ ସଫେଇ ନ ହେବା ଫଳରେ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି କରୁଛି। ସେହିପରି କୋଣାର୍କର ରାଜରାସ୍ତା କଡରେ ଘରୋଇ ଲଜ ଗୁଡିକରୁ ନିର୍ଗତ ପ୍ରଦୂଷିତ ଜଳ ସଠିକ ଭାବେ ନିଷ୍କାସନ ହୋଇ ପାରୁ ନ ଥିବାରୁ କୋଣାର୍କର ପରିବେଶକୁ ଦୂଷିତ କରିବା ସହିତ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି। କୋଣାର୍କ ସୂର୍ଯ୍ୟ ମନ୍ଦିର ପରିଦର୍ଶନରେ ଦୈନିକ ହଜାର ହଜାର ସଂଖ୍ୟାରେ ପର୍ଯ୍ୟଟକ ଦେଶବିଦେଶରୁ ଏଠାକୁ ଆସିଥାନ୍ତି। ଏଠାରେ ଦୁର୍ଗନ୍ଧମୟ ଓ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ନେଇ ପର୍ଯ୍ୟଟକମାନଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ତେଣୁ କୋଣାର୍କକୁ ସ୍ୱଚ୍ଛ, ଦୁର୍ଗନ୍ଧ ମୁକ୍ତ ସହର ଭାବେ ଗଢି ତୋଳିବା ପାଇଁ ବେଆଇନ ପାର୍କିଂ ଅପସାରଣ ସହ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି କରୁଥିବା ଘରୋଇ ଲଜ ଗୁଡିକ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି ହେଉଛି।

# ବ୍ଲୁ ଇକୋନୋମି ସଂକ୍ରାନ୍ତ ଅନ୍ତର୍ଜାତୀୟ ସମ୍ମିଳନୀ




**ଭୁବନେଶ୍ୱର, ୨୩।୧ (ସଂଚାର ବ୍ୟୁରୋ):** 'ଏମ୍‌ପାୱାରିଂ ସଷ୍ଟେନେବଲ୍ ଗ୍ରୋଥ ଥ୍ରୁ ମେରାଇନ୍ ଇକୋସିଷ୍ଟମ୍' ବିଷୟବସ୍ତୁକୁ ନେଇ କିଟ୍ ବିଶ୍ୱବିଦ୍ୟାଳୟରେ ଅନ୍ତର୍ଜାତୀୟ ସମ୍ମିଳନୀ 'ବ୍ଲୁ ଇକୋନୋମି' ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଭାରତର ସରକାରଙ୍କ ପ୍ରମୁଖ ବିଜ୍ଞାନ ପରାମର୍ଶଦାତା କାର୍ଯ୍ୟାଳୟ, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲାଇଫ୍ ସାଇନ୍‌ସେସ୍, ଆଇଆଇଟି ରୋପର, ବାୟୋଟେକ୍ନୋଲୋଜି ରିସର୍ଚ୍ଚ ଆଣ୍ଡ ଇନୋଭେସନ୍ କାଉନ୍‌ସିଲ୍, ବିଜ୍ଞାନ ଭାରତୀ, କିଟ୍ ବିଶ୍ୱବିଦ୍ୟାଳୟ, କିଟ୍ ସ୍କୁଲ୍ ଅଫ୍ ବାୟୋଟେକ୍ନୋଲୋଜି, ଭୁବନେଶ୍ୱର ସିଟି ନଲେଜ୍ ଇନୋଭେସନ୍ କ୍ଲଷ୍ଟର ଫାଉଣ୍ଡେସନ୍ (ବିସିକେଆଇସି)ର ମିଳିତ ଆନୁକୂଲ୍ୟରେ ୨୩ ଓ ୨୪ ତାରିଖ ଦୁଇ ଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମକୁ ଓଡ଼ିଶା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ।

ଓଡ଼ିଶାର ସମୃଦ୍ଧ ସାମୁଦ୍ରିକ ଇତିହାସ ଉପରେ ଆଲୋକପାତ କରି, ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଭାରତର ସାମୁଦ୍ରିକ ଅର୍ଥନୈତିକ ଦୃଷ୍ଟିକୋଣରେ ରାଜ୍ୟର ରଣନୀତି ଉପରେ ଆଲୋକପାତ କରିଥିଲେ। ସେ କହିଲେ, ଓଡ଼ିଶାର ବିସ୍ତୃତ ଉପକୂଳ ଥିବାରୁ ଭାରତର ସାମୁଦ୍ରିକ ଅର୍ଥନୀତିକୁ ଆଗକୁ ବଢ଼ାଇବାରେ ଓଡ଼ିଶା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ପ୍ରସ୍ତୁତ। ଏହା ସହିତ ରାଜ୍ୟରେ ସାମୁଦ୍ରିକ ପର୍ଯ୍ୟଟନ ବିକାଶ ଦିଗରେ ଯଥେଷ୍ଟ ସମ୍ଭାବନା ରହିଥିବା ଶ୍ରୀମତୀ ପରିଡ଼ା କହିଥିଲେ।

ଭାରତ ସରକାରଙ୍କ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ବିଭାଗ ସଚିବ ଡ ରାଜେଶ ଗୋଖଲେ ବିକଶିତ ଭାରତ ପାଇଁ ବାୟୋ-ଇନୋଭେସନ୍ ଉପରେ ଗୁରୁତ୍ୱାରୋପ କରି କହିଲେ, ସାମୁଦ୍ରିକ ସଂପଦର ଉପଯୋଗ ଯୋଗୁଁ ଆର୍ଥିକ କ୍ଷେତ୍ରରେ ଯଥେଷ୍ଟ ସହାୟକ ହୋଇପାରିବ। ଭାରତ ସରକାରଙ୍କ ସାଇନ୍‌ଟିଫିକ୍ ସଚିବ ଡ. ପରମିନ୍ଦର ମୈନି ଏବଂ ବ୍ରିକ-ଆଇଏଲଏସର ନିର୍ଦ୍ଦେଶକ ଡ ଦେବାଶିଷ ଦାଶ ଏବଂ କିଟ୍‌ର ଗବେଷଣା ଓ ସର୍ଜନା ମହାନିର୍ଦ୍ଦେଶକ ପ୍ରଫେସର ମୃତ୍ୟୁଞ୍ଜୟ ସୁଆର ମଧ୍ୟ ସାମୁଦ୍ରିକ ଅର୍ଥନୀତି ସୁଯୋଗ ଉପରେ ସେମାନଙ୍କର ମତ ରଖିଥିଲେ।

କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଉନ୍ନତ ଜୀବିକା ଏବଂ ନିଯୁକ୍ତି ସୃଷ୍ଟି ଦିଗରେ ସାମୁଦ୍ରିକ ଅର୍ଥନୀତିର ସମ୍ଭାବନା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଶ୍ୱର ବିଭିନ୍ନ ସ୍ଥାନରୁ ନୀତି ନିର୍ଦ୍ଧାରକ, ଗବେଷକ ଏବଂ ଛାତ୍ରଛାତ୍ରୀଙ୍କ ସମେତ ୮୦୦ରୁ ଅଧିକ ପ୍ରତିନିଧି ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏଥିରେ ୫୦ଟି ଷ୍ଟାର୍ଟଅପ୍ କଂପାନୀ ପ୍ରଦର୍ଶିତ ହୋଇଥିଲା।

## ସୁରେନ୍ଦ୍ର ସାଏ ଓ ନେତାଜୀଙ୍କ ଜୟନ୍ତୀ ପାଳିତ

**ନୟାଗଡ଼, ୨୩।୧ (ସଂଚାର ବ୍ୟୁରୋ):** ଓଡ଼ିଶାର ଦୁଇ ବରପୁତ୍ର ମହାନ ସଂଗ୍ରାମୀ, ଭାରତୀୟ ସ୍ୱାଧୀନତା ସଂଗ୍ରାମର ଅଗ୍ରଦୂତ ବୀର ସୁରେନ୍ଦ୍ର ସାଏ ଏବଂ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ନୟାଗଡ଼ର ପୂଜ୍ୟପୂଜା ସଂଗଠନ ତଥା ସିଭିଲ ସୋସାଇଟ୍ ତରଫରୁ ସ୍ଥାନୀୟ ନୀଳମାଧବ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଅଛି। ପୂଜ୍ୟପୂଜା ସଂଗଠନର ସଭାପତି ପ୍ରସନ୍ନ କୁମାର ବସନ୍ତିଆ ଏବଂ ସିଭିଲ ସୋସାଇଟ୍‌ର ସଭାପତି ଗୋଦାବରୀଶ ସାହୁଙ୍କ ଆବାହକତ୍ୱ ଏବଂ ଧୀରେନ୍ଦ୍ର ପଟ୍ଟନାୟକଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦୁଇ ବରପୁତ୍ରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ କରାଯିବା ସହ ଦୁଇ ସଂଗ୍ରାମୀଙ୍କ ଜୀବନୀ, ବିପ୍ଳବ ଓ ତ୍ୟାଗପୂତ ଜୀବନ ଉପରେ ଆଲୋକପାତ କରିଥିଲେ।

## ନାଉଗାଁରେ ନେତାଜୀ ଜୟନ୍ତୀ

**ନାଉଗାଁ, ୨୩।୧ (ସଂଚାର ବ୍ୟୁରୋ):** ଜାତୀୟ ସ୍ୱାଧୀନତା ଆନ୍ଦୋଳନ ଆପୋଷ ହୀନ ଧାରାର ମହାନ୍ ଯୋଦ୍ଧା ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜନ୍ମ ଦିବସ ସ୍ଥାନୀୟ ଓ୍ୱାଂଶ ଗ୍ରାମରେ ପାଳନ କରାଯାଇଛି। ସାମାଜିକ କର୍ମୀ ଯୁଗଧ୍ୱନି ପାଠାଗାରର ସଭ୍ୟ ସଭ୍ୟାମାନେ ପ୍ରଭାତ ଫେରିରେ ଗାଁ ପରିକ୍ରମା କରିଥିଲେ। ଦେଶାତ୍ମବୋଧକ ସଙ୍ଗୀତ ଗାନରେ ଗାଁ ମୁଖରିତ ହୋଇଥିଲା। ମୁଖ୍ୟବକ୍ତା ଭାବେ ଏସୟୁସିଆଇ (କମ୍ୟୁନିଷ୍ଟ) ସମ୍ପାଦକ କମ୍ରେଡ ସୁବାସ ସ୍ୱାଇଁ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ସଂପର୍କରେ ଆଲୋଚନା କରିଥିଲେ।

# ନବନିର୍ମିତ ପୋଲକୁ ହୋଇପାରୁନି ସଂଯୋଗ, ବଢ଼ୁଛି ଅସନ୍ତୋଷ

## ଅର୍ଥାଭାବ କାରଣ ଦର୍ଶାଇଲେ ବିଭାଗୀୟ ଅଧିକାରୀ

**ନୀଳଗିରି, ୨୩।୧ (ସଂଚାର ବ୍ୟୁରୋ):** ନୀଳଗିରି ବ୍ଲକ ଅଧୀନ କେସିପୁର ପଞ୍ଚାୟତ ଭେଜିଗୁଠ ଗ୍ରାମ ନିକଟରେ ଗ୍ରାମ୍ୟଉନ୍ନୟନ ବିଭାଗ ପକ୍ଷରୁ ଛତ୍ରପୁର-ବାରାଖେଦା ଓ ଭେଜିଗୁଠକୁ ସଂଯୋଗ କରୁଥିବା ରାସ୍ତାର ଦୁଇବର୍ଷ ତଳେ ନୂତନ ଭାବେ ନିର୍ମାଣ କରାଯାଇଥିବା ପୋଲଟି ମୁଖ୍ୟରାସ୍ତା ସହିତ ସଂଯୋଗ ହୋଇନପରିବା ଫଳରେ ଉକ୍ତ ରାସ୍ତା ଉପରେ ନିର୍ଭର କରୁଥିବା ଅଧିବାସୀ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମୁଖ୍ୟତଃ ବର୍ଷା ଦିନରେ ପାହାଡ ଓ ଜଙ୍ଗଲରୁ ପାଣି ପ୍ରବାହିତ ହେଉଥିବାରୁ ଯାତାୟତରେ ଘୋର ଅସୁବିଧା ହୋଇଥାଏ। ପୁରୁଣା ଚଟାଣରେ ସଠିକ୍ ଭାବରେ ପାଣି ନିଷ୍କାସନ ହୋଇପାରୁ ନ ଥିବାରୁ ଚଟାଣ ଉପରେ ୩ଫୁଟ ଉପରେ ପାଣି ପ୍ରବାହିତ ହୋଇଥାଏ। ଫଳରେ ଉକ୍ତ ଅଞ୍ଚଳର ୧୫ଟି ଗାଁର ଲୋକମାନେ ଉକ୍ତ ପୋଲଦେଇ ଯାଇପାରୁ ନ ଥିବାରୁ ୭ କି.ମି. ବୁଲି ଯିବାକୁ ପଡିଥାଏ।



ଏନେଇ ଅଞ୍ଚଳବାସୀ ରାଜ୍ୟ ସରକାରଙ୍କ ଠାରେ ଦୀର୍ଘଦିନ ଧରି ଦାବି କରିବା ପରେ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ପୁରୁଣାଚଟାଣ ନିକଟରେ ୪୦ଲକ୍ଷ ଟଙ୍କା ବ୍ୟୟରେ ନୂତନଭାବେ ପୋଲ ନିର୍ମାଣ କରିବାକୁ ବ୍ୟୟବରାଦ ହୋଇଥିଲା। ଉକ୍ତ କାର୍ଯ୍ୟକୁ ଠିକାଦାର ୨ବର୍ଷ ତଳେ ନିର୍ମାଣକାର୍ଯ୍ୟ ସମ୍ପୂର୍ଣ୍ଣ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ମୁଖ୍ୟରାସ୍ତାକୁ ସଂଯୋଗ ହୋଇପାରି ନାହିଁ। ଏନେଇ ବିଭାଗର କନିଷ୍ଠ ଯନ୍ତ୍ରୀ ପୋଲରୁ ରାସ୍ତାକୁ ସଂଯୋଗ କରିବା ପାଇଁ ଅର୍ଥନଥିବା କାରଣ ଦର୍ଶାଇ ଏଭଳି ସମସ୍ୟା ଉପୁଜିଥିବା କହିଛନ୍ତି। ସୁତରାଂ ପୁରୁଣା ଜରାଜୀର୍ଣ୍ଣ ଚଟାଣଟି ବିପଦସଂକୁଳ ଅବସ୍ଥାରେ ଥିବାରୁ ନୂତନ ପୋଲକୁ ସଂଯୋଗ କରିବ ଜରୁରୀ ହୋଇପଡ଼ିଛି। ବାରମ୍ବାର ଅଭିଯୋଗ ପରେ ଅଭିଯୋଗ ହୋଇଚାଲିଥିଲେ ମଧ୍ୟ ପ୍ରଶାସନର ନିଦ ଭାଙ୍ଗୁନାହିଁ। ଫଳରେ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏଥିପ୍ରତି ଦୃଷ୍ଟି ଦେବାଲାଗି ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

# ବିନା ମହୋତ୍ସବରେ ସରିଲା ବରୁଣେଶ୍ୱର ମେଳା



**ବିଞ୍ଝାରପୁର, ୨୩।୧ (ସଂଚାର ବ୍ୟୁରୋ) :** ଗତ ମକର ସଂକ୍ରାନ୍ତି ଅର୍ଥାତ ଜାନୁଆରୀ ୧୪ରୁ ଆରମ୍ଭ ହୋଇ ୨୩ ଜାନୁଆରୀରେ ସରିଛି ଓଡ଼ିଶା ପ୍ରସିଦ୍ଧ ବିଞ୍ଝାରପୁର ବ୍ଲକ୍‌ର ବରୁଣେଶ୍ୱର ମେଳା। କିନ୍ତୁ ବିନା ମହୋତ୍ସବରେ ଏଥର ମେଳା ସରିଛି। ପ୍ରତିବର୍ଷ ମକର ସଂକ୍ରାନ୍ତି ପର ତିନି ଦିନ ଧରି ବରୁଣେଶ୍ୱର ମହୋତ୍ସବ ଅନୁଷ୍ଠିତ ହୁଏ। ସ୍ଥାନୀୟ ବିଧାୟିକା ପ୍ରମିଳା ମଲ୍ଲିକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏବଂ ସ୍ଥାନୀୟ ପଂଚାୟତ ପ୍ରଶାସନର ଆୟୋଜନରେ ବରୁଣେଶ୍ୱର ମହୋତ୍ସବ ଅନୁଷ୍ଠିତ ହୁଏ। ବିଧାୟିକା ମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ସିନେ ତାରକାଙ୍କ ଆକର୍ଷଣରେ ଆକର୍ଷିତ ହୁଅନ୍ତି ହଜାର ହଜାର ଦର୍ଶକ। କିନ୍ତୁ ବରୁଣେଶ୍ୱର ମହୋତ୍ସବର ଏହି ଆକର୍ଷଣକୁ ଏଥର ଦର୍ଶକ ଉପଭୋଗ କରି ପାରିଲେ ନାହିଁ କାରଣ ମେଳା ସରିଗଲା ସତ କିନ୍ତୁ ପ୍ରଶାସନର ଦୂରଦୃଷ୍ଟି ଅଭାବ ଏବଂ ରାଜନୀତିକ ପଶାପାଲିରେ ଏହି ବରୁଣେଶ୍ୱର ମହୋତ୍ସବ ଏଥର ବନ୍ଦ ହୋଇଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି।

# ଖଣି ଅଧିକାରୀ ଓ କଣାସ ପୁଲିସ୍‌ର ମିଳିତ ଚଢ଼ାଉ, ୧୯ ଟ୍ରକ୍ ଜବତ



**କଣାସ, ୨୩।୧ (ସଂଚାର ବ୍ୟୁରୋ):** କଣାସ ଥାନା ଆଇ.ଆଇ.ସି ପ୍ରଦୀପ କୁମାର ଯୁଝାରସିଂ ଓ ସମସ୍ତ ପୋଲିସ କର୍ମଚାରୀଙ୍କ ସହିତ ଖଣି ବିଭାଗ ପୁରୀଜିଲ୍ଲା ସମିରୀ ମିଶ୍ର ମିଳିତ ଭାବେ ଆଜି ଭୋର ୪ଟା ସମୟରେ ନୂଆଜଗନ୍ନାଥ ସଡକର ବିଜିପୁର ଛକ ଠାରେ ଜଗି ରହିଥିବା ବେଳେ ଖୋର୍ଦ୍ଧା ପଟୁ ପୁରୀକୁ ଯାଉଥିବା ୧୯ଟି ପଥର ବୋଝେଇ ଟ୍ରକ ଜବତ କରିବା ସହିତ କଣାସ ଥାନା ଜିମା ଖଣିବିଭାଗ ଅଧିକାରୀ ଶ୍ରୀମିଶ୍ର ଦେଇଥିବା ଜଣାପଡ଼ିଛି। କଣାସ ଥାନା ଆଇ.ଆଇ.ସି ଯୁଜାରସିଂ ସମସ୍ତ ଗାଡିର କାଗଜପତ୍ର ତନଖି କରୁଥିବା ଏବଂ ସେମାନଙ୍କ ଠାରୁ ଜୋରିମାନା ଆଦାୟ କରାଯାଇ ଗାଡିକୁ ଛଡାଯିବ ବୋଲି ଆଇ.ଆଇ.ସି ଶ୍ରୀ ଯୁଜାରସିଂ ପ୍ରକାଶ କରିଛନ୍ତି।

**ସରିଲା ୩ୟ ପର୍ଯ୍ୟାୟ ଜନଶୁଣାଣି**

# ପ୍ରସ୍ତାବିତ ବନ୍ଦରକୁ ବିସ୍ଥାପିତଙ୍କ ତୀବ୍ର ବିରୋଧ

**କାକଟପୁର/ଅସ୍ତରଙ୍ଗ, ୨୩।୧ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗରେ ପ୍ରସ୍ତାବିତ ବନ୍ଦରକୁ ନେଇ ବିରୋଧ ସ୍ୱର ତୀବ୍ର ହେବାରେ ଲାଗିଛି। ପ୍ରସ୍ତାବିତ ବନ୍ଦରକୁ ଅଞ୍ଚଳବାସୀ ବିରୋଧ କରିଛନ୍ତି। ଏଠାରେ ବନ୍ଦର ପ୍ରତିଷ୍ଠା ହେଲେ ସ୍ଥାନୀୟ ଲୋକେ ଭିଟାମାଟି ହରାଇବେ ଏବଂ ଜୈବ ବିବିଧତା ପ୍ରତି ବିପଦ ସୃଷ୍ଟି ହେବ। ତେଣୁ ମରିବୁ ପଛେ ଭିଟାମାଟି ଛାଡ଼ିବୁ ନାହିଁ କି ଏଠାରେ କୌଣସି ପରିସ୍ଥିତିରେ ବନ୍ଦର ପ୍ରତିଷ୍ଠା ହେବାକୁ ଦେବୁ ନାହିଁ ବୋଲି ରୋକଠୋକ ଶୁଣାଇଛନ୍ତି ଅଞ୍ଚଳବାସୀ। ପୂର୍ବରୁ ସେପ୍ଟେମ୍ବର ୧୩ରେ ଜନଶୁଣାଣି ହୋଇଥିବା ବେଳେ ମଙ୍ଗଳବାର ଅସ୍ତରଙ୍ଗ ବ୍ଲକ ଛୁରିଆନା ପଂଚାୟତ ପୀରଜାହାନିଆ ଠାରେ ଓ ଗୁରୁବାର ଦିନ ସୁନ୍ଦର ସ୍ଥିତ ସୁରେନ୍ଦ୍ରନାଥ ନୋଡାଲ ବିଦ୍ୟାପୀଠ ପରିସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତାବିତ ବନ୍ଦର ପାଇଁ ୩ୟ ପର୍ଯ୍ୟାୟ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି । କିନ୍ତୁ ସ୍ଥାନୀୟ ଅଞ୍ଚଳବାସୀ ତଥା ବିସ୍ଥାପିତ ଅଞ୍ଚଳର ହଜାର ହଜାର ପୁରୁଷ, ମହିଳା ସମେତ ବିଦ୍ୟାଳୟ ଛାତ୍ର ଛାତ୍ରୀ ମାନେ ବନ୍ଦରକୁ ବିରୋଧ କରି କଣମଣ ଛକ ଠାରୁ ସୁନ୍ଦର ସ୍କୁଲ ପର୍ଯ୍ୟନ୍ତ ପ୍ଲାକ କାର୍ଡ ଧରି ବିଶାଳ ପଦଯାତ୍ରା ମାଧ୍ୟମରେ ରାଲି କରି ସଭାସ୍ଥଳରେ ପହଂଚିଥିଲେ।




ସୂଚନା ମୁତାବକ, ୩ୟ ପର୍ଯ୍ୟାୟରେ ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ସୁରେନ୍ଦ୍ରନାଥ ନୋଡାଲ ବିଦ୍ୟାଳୟ ପରିସରରେ ପ୍ରଶାସନ ପକ୍ଷରୁ ଜନଶୁଣାଣି ଅନୁଷ୍ଠିତ ହୋଇଥିଲା। ଜନ ଶୁଣାଣିରେ ପାଖାପାଖି ୪୦ଜଣରୁ ଊର୍ଦ୍ଧ୍ୱ ବ୍ୟକ୍ତି ବିଶେଷ ନିଜର ମତ ସାବ୍ୟସ୍ତ କରିଥିଲେ। ଏଥିରେ ୧୨ଟି ଗ୍ରାମର ଅଧିବାସୀ ତଥା ବିସ୍ଥାପିତ ହେବାକୁ ଥିବା ଲୋକେ ଏକତ୍ର ହୋଇ ବନ୍ଦର ବିରୋଧରେ ନିଜ ଅଭିଭାଷଣରେ ମତ ରଖିଥିଲେ। ଏଠାରେ ବନ୍ଦର ହେଲେ ଭିଟାମାଟି ହରାଇବୁ। ତେଣୁ ଜୀବନ ପଛେ ଚାଲିଯିବ କିନ୍ତୁ ନିଜ ଭିଟାମାଟି ଛାଡ଼ିବୁ ନାହିଁ। ଏଥିଲାଗି ଜୀବନ ଶେଷ ରକ୍ତ ବିନ୍ଦୁ ଥିବା ଯାଏ ଲଢ଼ିବୁ ସେମାନେ କହିଥିଲେ।

ଏ ନେଇ ଶେଷରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ)ଶରତ ଚନ୍ଦ୍ର ମହାପାତ୍ର କହିଛନ୍ତି ସ୍ଥାନୀୟ ଅଞ୍ଚଳବାସୀ ଲିଖିତ ସହ ନିଜ ଅଭିଭାଷଣରେ ମତାମତ ଦେଇଛନ୍ତି, ଆଉ ଜନଶୁଣାଣୀ ହେବ ନାହିଁ। କୋର୍ଟଙ୍କ ନିର୍ଦ୍ଦେ ଥିଲା ୨ରୁ ୩ଟି ଜନଶୁଣାଣୀ କରିବା ପାଇଁ ଆମେ ୨ଟି ଜନଶୁଣାଣି ଶେଷ କରିଛୁ।



## ଇଲେକ୍ଟ୍ରୋହୋମିଓପାଥିର ଗବେଷଣା ପାଇଁ ଓୟୁଏଟିର ସହଯୋଗ

**ବାଲିଅନ୍ତା, ୨୩।୧ (ସଂଚାର ବ୍ୟୁରୋ):** ଇଲେକ୍ଟ୍ରୋହୋମିଓ ଔଷଧର ପ୍ରାଣୀ ଚିକିତ୍ସାରେ ପ୍ରୟୋଗ କ୍ଷେତ୍ରରେ ଗବେଷଣା ଓ ଅନୁସନ୍ଧାନ ଲାଗି ରାଜ୍ୟ ଇଲେକ୍ଟ୍ରୋହୋମିଓ ଚିକିତ୍ସକ ସଂଘ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧିନସ୍ଥ ପ୍ରାଣୀ ଚିକିତ୍ସା ମହାବିଦ୍ୟାଳୟ ଦ୍ୱାରା ଅନୁବନ୍ଧିତ ହୋଇ ଦୁଇଦିନିଆ କର୍ମଶାଳାର ଆୟୋଜିତ ହୋଇଯାଇଛି। ପ୍ରଥମ ଦିବସରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ଉପକୁଳପତି ପ୍ରଫେସର ଡା ପ୍ରଭାତ କୁମାର ରାଉଳ ମୁଖ୍ୟଅତିଥି ଭାବରେ ଯୋଗଦେଇ କର୍ମଶାଳାର ଉଦ୍‌ଘାଟନ କରିଥିଲେ। ଏହି ଉତ୍ସବରେ ପ୍ରାଣୀ ଚିକିତ୍ସା ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡା ଶୁକ୍ଷେନ କୁମାର ପଣ୍ଡା ଯୋଗଦେଇ ପଶୁ ଚିକିତ୍ସା କ୍ଷେତ୍ରରେ ଇଲେକ୍ଟ୍ରୋହୋମିଓପାଥି ଚିକିତ୍ସା ବିଜ୍ଞାନର ବିନିଯୋଗ ଲାଗି ଗବେଷଣା ଓ ଅନୁସନ୍ଧାନ ପ୍ରକ୍ରିୟାକୁ ଆରମ୍ଭ କରିବାକୁ ମତ ରଖିଥିଲେ। ରାଜ୍ୟ ଇଲେକ୍ଟ୍ରୋହୋମିଓପାଥି ଚିକିତ୍ସକ ସଂଘର ସଭାପତି ଡା ସରୋଜ କୁମାର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କର୍ମଶାଳାରେ କୃଷି ବିଷୟିକ ବିଶ୍ୱବିଦ୍ୟାଳୟର ବହୁ ବରିଷ୍ଠ ଚିକିତ୍ସକ ଓ ଗବେଷକଙ୍କ ସହ ରାଜ୍ୟ ତଥା ଦେଶର ବହୁ ରାଜ୍ୟରୁ ପାଞ୍ଚଶହରୁ ଊର୍ଦ୍ଧ୍ୱ ଇଲେକ୍ଟ୍ରୋହୋମିଓପାଥିକ ଚିକିତ୍ସକ ଯୋଗଦେଇଥିଲେ।

ଦ୍ୱିତୀୟ ଦିବସରେ ଉପମୁଖ୍ୟ ମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ମୁଖ୍ୟଅତିଥି ଭାବରେ ଯୋଗ ଦେଇ ସ୍ୱାସ୍ଥ୍ୟ ରକ୍ଷାରେ ଇଲେକ୍ଟ୍ରୋ ହୋମିଓପାଥି ଔଷଧର ପାରଦର୍ଶିତାର ଭୂୟସୀ ପ୍ରଶଂସା କରିବା ସହ ଏହି ଚିକିତ୍ସା ବିଜ୍ଞାନର ବ୍ୟାପକ ପ୍ରୟୋଗ ଲାଗି ସରକାର ଧ୍ୟାନ ଦେବେ ବୋଲି ମତ ରଖିଥଲେ। ବିଧାୟକ ବାବୁ ସିଂ ଓ ବିଧାୟକ ଲକ୍ଷ୍ମଣ ବାଗ୍ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଇଲେକ୍ଟ୍ରୋହୋମିଓପାଥି ଚିକିତ୍ସା ବ୍ୟବସ୍ଥାର ବିକାଶ ବିସ୍ତାରର ଆବଶ୍ୟକତା ରହିଛି ବୋଲି ମତ ରଖିଥିଲେ। ସମାଜସେବୀ ତଥା ରାଜନେତା ଶ୍ରୀଯୁକ୍ତ ସଜ୍ଜନ ଶର୍ମା ସମ୍ମାନିତ ଅତିଥି ଭାବରେ ଯୋଗଦେଇ ରାଜ୍ୟ ସ୍ୱାସ୍ଥ୍ୟ ରକ୍ଷାରେ ଏହି ଚିକିତ୍ସକମାନଙ୍କର ଭୂମିକାର ଭୂୟସୀ ପ୍ରଶଂସା କରିଥିଲେ। ଏହି ଦୁଇ ଦିନିଆ କର୍ମଶାଳା ସେପାର ସାଧାରଣ ସମ୍ପାଦକ ଡାକ୍ତର ପର୍ଶୁରାମ ଖଟୁଆଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ସେ ପରିଚାଳନା କରିଥିଲେ।

# ସୁଧୁରୁନି ସାଲେପୁର ସହର ଟ୍ରାଫିକ୍ ସମସ୍ୟା

## ନିର୍ଦ୍ଧାରିତ ସମୟସୀମାରେ ଭାରୀଯାନ ଚଳାଚଳ ପାଇଁ ଦାବି

**ସାଲେପୁର, ୨୩।୧ (ସଂଚାର ବ୍ୟୁରୋ) :** ସାଲେପୁରରେ ଭାରୀଯାନ ଚଳାଚଳ ଉପରେ ପୁଲିସ ପକ୍ଷରୁ ଯାଞ୍ଚ ଜୋରଦାର ହୋଇଥିବାବେଳେ ଖାଲି ଆଇରନ୍ ଗାଡ଼ିକୁ ଛାଡିଦେଲେ ଅନ୍ୟାନ୍ୟ ଭାରୀଯାନ ଉପରେ କୌଣସି କଟକଣା ଲଗାଯାଉନଥିବାରୁ ସାଲେପୁରରେ ଟ୍ରାଫିକ୍ ସମସ୍ୟା ଯଥା ପୂର୍ବଂ ତଥା ପରଂ ପରିସ୍ଥିତି ସୃଷ୍ଟି ହୋଇଛି।

ସାଲେପୁର ଟ୍ରାଫିକ୍ ସମସ୍ୟା ଓ କଟକ-ଚାନ୍ଦବାଲି ରାସ୍ତାର ଜଗତପୁରରୁ ନିଶ୍ଚିନ୍ତକୋଇଲି ମଧ୍ୟରେ ନିୟମିତ ବ୍ୟବଧାନରେ ଦୁର୍ଘଟଣା ଘଟି ବହୁ ଧନଜୀବନ ହାନି ହେଉଥିବାରୁ ଏହାକୁ ଆଖିଆଗରେ ରଖି କଟକ ଜିଲ୍ଲାପାଳ ଚଳିତ ମାସ ୨୨ତାରିଖ ଠାରୁ ଫେବୃୟାରୀ ମାସ ୨୧ତାରିଖ ପର୍ଯ୍ୟନ୍ତ ଆଇରନ୍ ଟ୍ରକ୍ ଯାତାୟତ ଉପରେ ରୋକ୍ ଲଗାଇଛନ୍ତି। ପୁଲିସ ପ୍ରଶାସନ ପକ୍ଷରୁ ଖାଲି ଆଇରନ୍ ଟ୍ରକ୍‌କୁ ଏହି ରାସ୍ତା ଦେଇ ଯାତାୟତ କରିବାକୁ ରୋକାଯାଉଥିବାବେଳେ ଅନ୍ୟ ଭାରୀଯାନ ଗୁଡ଼ିକ ଏହି ରାସ୍ତା ଉପରେ ଯାତାୟତ କରୁଛି। ଫଳରେ ଜିଲ୍ଲାପାଳ ଯେଉଁ ଉଦ୍ଦେଶ୍ୟ ରଖି ଏହି ନିର୍ଦ୍ଦେଶନାମା ଜାରି କରିଛନ୍ତି, ତାହା ଆଂଶିକ ଭାବେ ଫଳପ୍ରଦ ହେଉଥିବା ଦେଖିବାକୁ ମିଳିଛି।



ଅପର ପକ୍ଷରେ ରାସ୍ତାର ଉଭୟ ପାର୍ଶ୍ୱରେ ଉଠା ବ୍ୟବସାୟୀ ଠାରୁ ଆରମ୍ଭ କରି ବହୁ ସ୍ଥାୟୀ ବ୍ୟବସାୟୀ ଜବରଦଖଲ କରି ନିଜର ବ୍ୟବସାୟ ପ୍ରତିଷ୍ଠାନ ଚଳାଇଥିବାବେଳେ ଗ୍ରାହକମାନେ ରାସ୍ତା ମଝିରେ ଗାଡ଼ି ରଖି ବ୍ୟବସାୟ ପ୍ରତିଷ୍ଠାନକୁ ବିଭିନ୍ନ ସାମଗ୍ରୀ କ୍ରୟ କରିବାକୁ ଯାଉଛନ୍ତି। ଫଳରେ ହାଇୱା ଠାରୁ ଆରମ୍ଭ କରି ବହୁ ମାଲବାହୀ ଗାଡ଼ି ଏହି ରାସ୍ତାଦେଇ ଯାତାୟତ କରୁଥିବାରୁ ପୂର୍ବଭଳି ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଥିବା ମଧ୍ୟ ଦେଖିବାକୁ ମିଳିଛି।

ପ୍ରଶାସନ ପକ୍ଷରୁ ଖାଲି ଆଇରନ୍ ଟ୍ରକ୍‌କୁ ରୋକ୍ ଲଗାନଯାଇ ରାତି ୧୧ଟାରୁ ସକାଳ ୫ଟା ପର୍ଯ୍ୟନ୍ତ ଏହି ରାସ୍ତା ଦେଇ ହାଇୱା ଠାରୁ ଆରମ୍ଭ କରି ଅନ୍ୟାନ୍ୟ ଭାରୀଯାନ ଚଳାଚଳ ପାଇଁ ଅନୁମତି ଦେଇ ଅନ୍ୟ ସମୟରେ କଟକଣାକୁ କଡ଼ାକଡ଼ି କଲେ ସାଲେପୁର ସହରର ଟ୍ରାଫିକ୍ ସମସ୍ୟା ସୁଧୁରିବା ସହିତ ଏହି ରାସ୍ତାରେ ବିଭିନ୍ନ ସମୟରେ ହେଉଥିବା ଦୁର୍ଘଟଣାକୁ ରୋକାଯାଇପାରିବ ବୋଲି ବହୁ ବୁଦ୍ଧିଜୀବୀ ପ୍ରକାଶ କରିଛନ୍ତି।

# ସରକାରଙ୍କ ମାସିକ ଚାଉଳ ଓ ଭତ୍ତା ବଣ୍ଟନ ଦିଗହରା

**ବେତନଟୀ, ୨୩।୧ (ସଂଚାର ବ୍ୟୁରୋ) :** ରାଜ୍ୟ ସରକାରଙ୍କ ଦ୍ୱାରା ଦାରିଦ୍ର ସୀମାରେଖା ତଳେ ଥିବା ଜନସାଧାରଣଙ୍କୁ ମାଗଣାରେ ମାସିକ ଚାଉଳ ଓ ଭତ୍ତା ବଣ୍ଟନ ଏବେ ଦିଗହରା ହୋଇଛି । ରାଜ୍ୟ ନିର୍ବାଚନ ପରଠାରୁ ପ୍ରତ୍ୟେକ ମାସ ନିର୍ଦ୍ଦିଷ୍ଟ ତାରିଖରେ ମିଳୁଥିବା ଭତ୍ତା ଠିକ୍ ସମୟରେ ମିଳି ପାରୁନାହିଁ । ଏପରିକି ମୟୂରଭଞ୍ଜର ବଡପର୍ବ ମକର ସଂକ୍ରାନ୍ତି ୧୫ତାରିଖ ପରେ ଏହିଭତ୍ତା ୨୧ ଓ ୨୨ ତାରିଖରେ ଦିଆଗଲା । ସେହିପରି ହିତାଧିକାରୀମାନଙ୍କୁ ମାଗଣା ଚାଉଳ ଥରଟିଏ ତିନିମାସର ଏକତ୍ର ପ୍ରଦାନ ପରେ ଏବେ ମାସକୁ ଥରଟିଏରେ ନ ଦେଇ ଚାଉଳ ଯୋଗାଣର ଅଭାବ ଦର୍ଶାଇ ଦୁଇ ତିନୋଟି ପର୍ଯ୍ୟାୟରେ ଦିଆଯାଉଅଛି । ଫଳତଃ, ପରିବହନ ଖର୍ଚ୍ଚ,ହିତାଧିକାରୀ ବାରମ୍ବାର କେନ୍ଦ୍ରକୁ ଚାଉଳ ନେବାକୁ ଆସି ସମୟର ଅପଚୟ, ଖର୍ଚ୍ଚାନ୍ତ ସହ ଦାୟିତ୍ୱରେ ଥିବା ବଣ୍ଟନକାରୀଗଣ ସେହି ଏକ କାର୍ଯ୍ୟକୁ ମାସକ ମଧ୍ୟରେ ୨।୩ଥର କରିବାକୁ ବାଧ୍ୟ ହେଉଛନ୍ତି । ପୂର୍ବରୁ ଶୃଙ୍ଖଳିତ ଏହି ଉଭୟ ବ୍ୟବସ୍ଥାକୁ ନୂତନ ସରକାର ବଦଳିବା ପରେ ଏଭଳି ଅବ୍ୟବସ୍ଥା ପାଇଁ ଦାୟୀ କିଏ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେବା ସହ ପ୍ରଶାସନିକ ଦୁର୍ବଳତା ଲୋକଲୋଚନକୁ ଆସିଅଛି ।

# ଆଦର୍ଶ, ସମର୍ପଣ ଓ ପ୍ରେରଣାର ତୀର୍ଥସ୍ଥଳ ହେବ ଖିଣ୍ଡା



- ଜିଲ୍ଲାପାଳଙ୍କୁ ୫୦ ହଜାର ପ୍ରଦାନ କରିଥିବା ଚାଷୀଙ୍କୁ ପ୍ରଶଂସା
- ସୁରେନ୍ଦ୍ର ସାଏଙ୍କ ସ୍ମୃତିରେ ଛାତ୍ରବୃତ୍ତି ପ୍ରଦାନ ପାଇଁ ପରାମର୍ଶ

**ସମ୍ବଲପୁର,୨୩।୧(ସଂଚାର ବ୍ୟୁରୋ):** ପବିତ୍ର ଖିଣ୍ଡା ମାଟି ବିପ୍ଳବୀ ବୀର ସୁରେନ୍ଦ୍ର ସାଏଙ୍କ ପାଇଁ ଗର୍ବିତ। ତାଙ୍କ ପରି ଅଦ୍ୱିତୀୟ ନେତୃତ୍ୱଙ୍କ ତ୍ୟାଗ ଓ ବଳିଦାନକୁ ସମ୍ମାନ ଦେବା ପାଇଁ ଖିଣ୍ଡା ଗ୍ରାମକୁ ଭାରତ ସରକାର, ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ସହଯୋଗରେ ଆଦର୍ଶ, ସମର୍ପଣ ଓ ପ୍ରେରଣାର ତୀର୍ଥସ୍ଥଳ କରାଯିବ। ସାମୂହିକ ଉଦ୍ୟମରେ ଖିଣ୍ଡା ଗ୍ରାମକୁ ଆଧୁନିକ ଗ୍ରାମ କରିବା ପାଇଁ ଯୋଜନା କରାଯିବ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ଶ୍ରୀ ପ୍ରଧାନ ଆଜି ଓଡ଼ିଶା ମାଟିର ଗୌରବ ବୀର ସୁରେନ୍ଦ୍ର ସାଏଙ୍କ ୨୧୭ତମ ଜନ୍ମ ଜୟନ୍ତୀ ଉପଲକ୍ଷେ ତାଙ୍କ ଜନ୍ମସ୍ଥାନ ସମ୍ବଲପୁର ଖିଣ୍ଡାରେ ଆୟୋଜିତ 'ତ୍ରିରଙ୍ଗା ପଦଯାତ୍ରା'ରେ ସାଧାରଣ ଜନତା ଓ କାର୍ଯ୍ୟକର୍ତ୍ତାଙ୍କ ସହ ସାମିଲ ହୋଇଥିଲେ। ସେଠାରେ ତାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ ଦେଶକୁ ସ୍ୱାଧୀନତା ଦେବାରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ଅବଦାନ ଅତୁଳନୀୟ। ଆଜି ଭଳି ପବିତ୍ର ଦିନରେ ମହାପୁରୁଷ ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମମାଟିକୁ ଆସି ନିଜକୁ ସୌଭାଗ୍ୟଶାଳୀ ମନେ କରୁଛି। ୨୧୭ ବର୍ଷ ପୂର୍ବେ ଉନ୍ନବିଂଶ ଶତାବ୍ଦୀରେ ଏହି ଖିଣ୍ଡା ଗ୍ରାମରେ ବୀର ସୁରେନ୍ଦ୍ର ସାଏ ଜନ୍ମଗ୍ରହଣ କରିଥିଲେ। ଯୁବାବସ୍ଥାରୁ ଇଂରେଜମାନଙ୍କ ବିରୋଧରେ ସ୍ୱର ଉତ୍ତୋଳନ ତାଙ୍କର ମାତୃଭୂମି ପ୍ରତି ଥିବା ଭଲ ପାଇବାକୁ ପ୍ରତିଫଳିତ କରୁଛି। ମହାନ ବିପ୍ଳବୀ ବୀର ସୁରେନ୍ଦ୍ର ସାଏ ହେଉଛନ୍ତି ଓଡ଼ିଆ ଜାତିର ଅନନ୍ୟତମ ପରିଚୟ। ତାଙ୍କର ସମ୍ପୂର୍ଣ୍ଣ ପରିବାରର ବଳିଦାନ କାରଣରୁ ଆମ ଦେଶ ସ୍ୱାଧୀନତା ପାଇଛି। ବୀର ସୁରେନ୍ଦ୍ର ସାଏଙ୍କ ଭାଇ ଉଦନ୍ତ ସାଏ ଜୀବନର ୪୭ ବର୍ଷ କାରାଗାରରେ ବିତାଇଥିଲେ, ଯାହା ବିରଳ। ତେଣୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ କ୍ରମେ ଏହି ଅଜଣା ନାୟକମାନଙ୍କୁ ବିଶ୍ୱ ପ୍ରଚ୍ଛଦକୁ ଆଣିବାର ସମୟ ଆସିଛି। ୧୮୫୭ ଡିସେମ୍ବର ୩୦ରେ ସମ୍ବଲପୁରରେ କୁଡ଼ୋପାଲି ଘାଟି ଦାୟିତ୍ୱରେ ଥିବା ଦୁର୍ଗଦ୍ୱାର ଛବିଳ ସାଏ ବ୍ରିଟିଶମାନଙ୍କ ସହ ଅଦମ୍ୟ ସାହସର ସହ ଲଢ଼ି ସେ ତାଙ୍କର ୫୩ ଜଣ ସହଯୋଗୀ ସଂଗ୍ରାମୀଙ୍କ ସହ ଶହିଦ ହୋଇଥିଲେ ଏବଂ ୪ ଜଣଙ୍କୁ ଫାଶୀଦଣ୍ଡ ଦିଆଯାଇଥିଲା। ୨୩ ଜାନୁଆରୀରେ ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମ ଜୟନ୍ତୀ ପାଳିତ ହେଉଥିବାରୁ ଡିସେମ୍ବର ୩୦ରୁ ଜାନୁଆରୀ ୨୩ ପର୍ଯ୍ୟନ୍ତ ଭାରତ ସରକାର ଓ ରାଜ୍ୟ ସରକାର ଏବଂ ଜିଲ୍ଲା ପ୍ରଶାସନ ସହଯୋଗରେ ଏକ ଉତ୍ସବ କରି ବୀର ସୁରେନ୍ଦ୍ର ସାଏଙ୍କ ତ୍ୟାଗ ଓ ବଳିଦାନକୁ ପୁନର୍ଜୀବିତ କରିବା ସକାଶେ କେନ୍ଦ୍ର ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ଅଞ୍ଚଳର କୃଷକ ଜଦୁମଣି ସାହୁ ୫୦ ହଜାର ଟଙ୍କା ବୀର ସୁରେନ୍ଦ୍ର ସାଏଙ୍କ ନାମରେ ସମ୍ବଲପୁର ଜିଲ୍ଲାପାଳଙ୍କୁ ପ୍ରଦାନ କରିଥିବାରୁ ତାଙ୍କୁ କେନ୍ଦ୍ର ମନ୍ତ୍ରୀ ପ୍ରଶଂସା କରିବା ସହ ବୀର ସୁରେନ୍ଦ୍ର ସାଏଙ୍କ ସ୍ମୃତିରେ ଏକ ପାଣ୍ଠି ଗଠନ କରି ତାହାକୁ ଛାତ୍ରବୃତ୍ତି ମାଧ୍ୟମରେ ଖିଣ୍ଡା ଗ୍ରାମର ଛାତ୍ରଛାତ୍ରୀଙ୍କୁ ପ୍ରଦାନ କରିବା ସକାଶେ ପରାମର୍ଶ ଦେଇଛନ୍ତି। ସୂଚନାଯୋଗ୍ୟ ଯେ ଏହା ପୂର୍ବରୁ ଶ୍ରୀ ପ୍ରଧାନ ପରାକ୍ରମ ଦିବସ ଅବସରରେ ସମ୍ବଲପୁରରେ ବିଭିନ୍ନ ସ୍ଥାନରେ ମହାତ୍ମା ଗାନ୍ଧୀ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।



### ନବ ଦାସ ହତ୍ୟା ମାମଲାରେ ସୁରେଶ ପୂଜାରୀଙ୍କ ଚାଞ୍ଚଲ୍ୟକର ବୟାନ

## ମାମଲା ଚାପିବାକୁ ପୂର୍ବ ସରକାରରେ ହୋଇଛି ଷଡ଼ଯନ୍ତ୍ର



**ଭୁବନେଶ୍ୱର,୨୩।୧(ସଂଚାର ବ୍ୟୁରୋ):** ପୂର୍ବତନ କ୍ୟାବିନେଟ୍ ମନ୍ତ୍ରୀ ନବ ଦାସଙ୍କ ହତ୍ୟା ମାମଲା ନେଇ ଦିନକୁ ଦିନ ସସ୍‌ପେନ୍ସ ବଢ଼ିଚାଲିଛି। ଏହି କ୍ରମରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଏକ ବିସ୍ଫୋରକ ମନ୍ତବ୍ୟ ଦେଇଛନ୍ତି। ସେ କହିଛନ୍ତି ଯେ ହତ୍ୟାକାଣ୍ଡ ସମୟରେ ସେ ନବ ଦାସଙ୍କ ମୃତ୍ୟୁ ନେଇ ଅନେକ ତଥ୍ୟ ଦେଇଥିଲେ। କିନ୍ତୁ ସେତେବେଳେ କେହି ବି ତାଙ୍କ ମନ୍ତବ୍ୟକୁ ଗୁରୁତ୍ୱ ଦେଲେ ନାହିଁ। ତାଙ୍କର ସମସ୍ତ ସୂଚନା ଆଇସୋଲେସନ୍‌ରେ ରହିଗଲା। ତେଣୁ କେଉଁଠି ନା କେଉଁଠି ଏହି ହତ୍ୟାକାଣ୍ଡ ମାମଲାର ଅସଲ ଦୋଷୀକୁ ବାହାରକୁ ନ ଆଣିବା ସକାଶେ ମାମଲାକୁ ଚାପି ଦେବା ସକାଶେ ପୂର୍ବ ସରକାର ଅମଳରେ ଉଦ୍ୟମ ହୋଇଥିବା ଶ୍ରୀ ପୂଜାରୀ ଅଭିଯୋଗ କରିଛନ୍ତି। ଏଥିସହ ଏବେ ବି ଅନେକ ତଥ୍ୟ ରହିଛି, ଯାହାକୁ ଆଧାର କରି ତଦନ୍ତ କରାଗଲେ ନବ ଦାସଙ୍କ ଅସଲ ହତ୍ୟାକାରୀ ଧରାପଡ଼ିବ ବୋଲି ମଧ୍ୟ ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ବିଜେଡି ସରକାର କ୍ଷମତାରେ ଥିବା ସମୟରେ ଗତ ୨୦୨୩ ଜାନୁଆରୀରେ ତତ୍କାଳୀନ କ୍ୟାବିନେଟ୍ ମନ୍ତ୍ରୀ ନବ ଦାସଙ୍କୁ ଗୁଳିମାଡ଼ ହୋଇଥିଲା। ଏଥିରେ ସେ ଗୁରୁତର ହୋଇପଡ଼ିଥିଲେ। ତାଙ୍କୁ ପ୍ରଥମେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା।ସେଠାରେ ଡାକ୍ତର ତାଙ୍କର ଇସିଜି କରିଥିଲେ। କିନ୍ତୁ ଉକ୍ତ ଇସିଜି ରିପୋର୍ଟକୁ ନେଇ କେଁ ଦେଖାଦେଇଥିଲା। ପରେ ପରେ ତଦନ୍ତ ଭାର କ୍ରାଇମବ୍ରାଞ୍ଚ ହାତକୁ ଯାଇଥିଲା। କିନ୍ତୁ କ୍ରାଇମ୍ ବ୍ରାଞ୍ଚ୍ ବାବୁମାନେ କାହା ଚାପରେ କେମିତି ତଦନ୍ତ କଲେ ଯେ ଘଟଣାର ଦୁଇବର୍ଷ ପୂରିବାକୁ ବସିଲାଣି, ଅଥଚ ଅଦ୍ୟାବଧି ହତ୍ୟା ଷଡ଼ଯନ୍ତ୍ରର ମାଷ୍ଟରମାଇଣ୍ଡ ସମ୍ପର୍କରେ କିଛି ବି ଜଣାପଡ଼ିଲା ନାହିଁ। ଖାଲି ଏତିକି ନୁହେଁ, ବରଂ ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନରେ ବି ଭୁଲ ରିପୋର୍ଟ ଦର୍ଶାଯାଇଥିବା ରିପୋର୍ଟରେ କୁହାଯାଇଛି। ତେଣୁ ଜାଣିଶୁଣି ମାମଲାକୁ ଚାପି ଦିଆଯିବା ସକାଶେ ଉଦ୍ୟମ ହୋଇଥିବା ଶ୍ରୀ ପୂଜାରୀ ଅଭିଯୋଗ କରିଛନ୍ତି।

ସୂଚନାଯୋଗ୍ୟ ଯେ ବାପାଙ୍କ ହତ୍ୟାକାଣ୍ଡ ଘଟଣାର ସଠିକ୍ ତଦନ୍ତ ପାଇଁ ଝାରସୁଗୁଡ଼ାର ପୂର୍ବତନ ବିଧାୟିକା ଦୀପାଳୀ ଦାସ ମାମଲା ସିବିଆଇକୁ ହସ୍ତାନ୍ତର କରିବା ସକାଶେ ଦାବି କରିଛନ୍ତି। ଏନେଇ ଲିଖିତ ଭାବେ ଦାବି କଲେ, ଏହା ଉପରେ ସରକାର ବିଚାର କରିବେ ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ କହିଥିବା ବେଳେ ଦୀପାଳି ଲିଖିତ

## ୧୬ ମାଓବାଦୀଙ୍କ ଶବ ହସ୍ତାନ୍ତର

**୩୦ରେ ପହଞ୍ଚିପାରେ ମୃତ୍ୟୁସଂଖ୍ୟା**



**କଳାହାଣ୍ଡି,୨୩।୧(ସଂଚାର ବ୍ୟୁରୋ):** ଓଡ଼ିଶା-ଛତିଶଗଡ଼ ସୀମାରେ ଗତ ୧୯ ତାରିଖ ରାତିରୁ ଚାଲିଥିବା ମାଓବାଦୀ ଦମନ ଅପରେସନ୍ ପରେ ନୂଆପଡ଼ା ଓ ଭବାନୀପାଟଣାରେ ପୁଲିସ ମହାନିର୍ଦ୍ଦେଶକ ୱାଇବି ଖୁରାନିଆ ପହଞ୍ଚି ସ୍ଥିତି ସମୀକ୍ଷା କରିଛନ୍ତି। ଗତକାଲି ସେ ଏହି ଅଭିଯାନ ସମ୍ପର୍କରେ ସବିଶେଷ ସୂଚନା ଦେଇଥିଲେ। ଡିଜି ନୂଆପଡ଼ା ଜିଲା ପୁଲିସ ମୁଖ୍ୟାଳୟରେ ପହଞ୍ଚି ଅପରେସନରେ ସାମିଲ ଥିବା ଏସଓଜି ଯବାନଙ୍କ ବିଷୟରେ ବୁଝିବା ସହ ଆହତ ଏସଓଜି ଯବାନ ଓ କୋବ୍ରା ଯବାନଙ୍କ ସହ ଭିଡିଓ କଲ୍‌ରେ କଥା ହୋଇ ସେମାନଙ୍କ ମନୋବଳ ବଢ଼ାଇଛନ୍ତି। ସେହିପରି ମାଓବାଦୀବିରୋଧୀ ଅଭିଯାନ ପାଇଁ ନୂଆପଡ଼ା ଆରକ୍ଷୀ ଅଧୀକ୍ଷକ ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର ମଧ୍ୟ ଓଡ଼ିଶାର ଏସଓଜି ଯବାନ, ଛତିଶଗଡ଼ ପୁଲିସର (ଇ-୩୦) ଯବାନ କୋବ୍ରା ବାହିନୀଙ୍କୁ ଅଭିନନ୍ଦନ ଜଣାଇବା ସହ ପ୍ରଶଂସା କରିଛନ୍ତି। ନକ୍ସଲ ବିରୋଧୀ ଅଭିଯାନରେ ମାଓବାଦୀ କମିଟି ସଦସ୍ୟ ଚଲପତି ସହ ଅଞ୍ଜୁ, ଗୁଡ୍ଡୁ ଜୟରାମ ପରି ଅନେକ ପ୍ରମୁଖ ମାଓନେତାଙ୍କ ମୃତ୍ୟୁ ହୋଇଛି। ପ୍ରଥମ ଥର ମିଳିତ ଅଭିଯାନରେ ଏହା ସମ୍ଭବ ହୋଇଥିବା ଡିଜି କହିଛନ୍ତି। ସେ ଦେଇଥିବା ତଥ୍ୟ ଅନୁଯାୟୀ ଅଦ୍ୟାବଧି ଏହି ଅଭିଯାନରେ ନିପାତ ହୋଇଥିବା ୧୬ ମାଓବାଦୀଙ୍କ ମୃତଦେହ ଏସଓଜି ଯବାନ ମେନପୁର ଥାନାକୁ ହସ୍ତାନ୍ତର କରିଛନ୍ତି। ତେବେ ଏହି ମୃତ୍ୟୁସଂଖ୍ୟା ବଢ଼ିବାର ଯଥେଷ୍ଟ ସମ୍ଭାବନା ରହିଛି ବୋଲି ଶ୍ରୀ ଖୁରାନିଆ ଆଶା କରିଛନ୍ତି। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯବାନମାନଙ୍କୁ ଅଭିନନ୍ଦନ ଜଣାଇସାରିଛନ୍ତି। ଶ୍ରୀ ଖୁରାନିଆ ଭବାନୀପାଟଣା ଗସ୍ତ ସମୟରେ ସିଆରପିଏଫ ଶିବିର ପରିଦର୍ଶନ କରିବା ସହ ଜିଲା ପୁଲିସ କାର୍ଯ୍ୟାଳୟରେ ମାଓଦମନ ଅଭିଯାନର ସମୀକ୍ଷା କରିଥିଲେ। ସମର୍ଥିତ ସୂତ୍ର ସୂଚନାନୁସାରେ, ସେଠାରେ ବୁଧବାର ସନ୍ଧ୍ୟା ସୁଦ୍ଧା ୩୦ ଜଣ ମାଓବାଦୀଙ୍କ ମୃତଦେହ ଉଦ୍ଧାର କରାଯାଇଛି। କେତେକ ମାଓବାଦୀଙ୍କ ଶବ ନିକଟସ୍ଥ ଗ୍ରାମବାସୀମାନେ ନେଇଯାଇଥିବା ଜଣାପଡ଼ିଛି। ଏହି ମାଓବିରୋଧୀ ଅଭିଯାନରେ ୪୦ରୁ ୫୦ ଜଣ ମାଓବାଦୀଙ୍କ ମୃତ୍ୟୁ ଘଟିଥିବା କୁହାଯାଉଛି। ଜଣେ ଅଧିକାରୀ ନିଜ ନାମ ଗୋପନ ରଖି କହିଛନ୍ତି ଯେ ଆନୁଷଙ୍ଗିକ ପରିସ୍ଥିତି ଓ ଚଲପତିଙ୍କ ମୃତ୍ୟୁରୁ ସେଠାରେ ୫୦ରୁ ୬୦ ଜଣ ମାଓବାଦୀ ଥିବାର ଅନୁମାନ କରାଯାଉଛି। କାରଣ ଚଲପତି ସୁରକ୍ଷା ଦାୟିତ୍ୱରେ ସାଧାରଣତଃ ୩୦ରୁ ୪୦ ଜଣ ମାଓବାଦୀ ନିୟୋଜିତ ରହୁଥିଲେ। ତା'ଛଡ଼ା ଏହି ଅଭିଯାନରେ ନିପାତ ହୋଇଥିବା ୨ ମହିଳା ମାଓବାଦୀଙ୍କ ମଧ୍ୟରୁ ଅଞ୍ଜୁଙ୍କ ସୁରକ୍ଷାରେ ମଧ୍ୟ ଅତି କମ୍‌ରେ ୧୦ ଜଣ ମାଓବାଦୀ ରହୁଥିଲେ। ତେଣୁ ଏହି ଅଭିଯାନରେ ମୃତକଙ୍କ ସଂଖ୍ୟା ଯଥେଷ୍ଟ ଅଧିକ ହେବାର ସମ୍ଭାବନା ରହିଛି।

## ଛାତ୍ରୀଙ୍କୁ ବଳାତ୍କାର ଉଦ୍ୟମ ମାମଲା: ଅଧ୍ୟକ୍ଷ ଓ ଅଧ୍ୟାପକ ନିଲମ୍ବିତ

**ଯାଜପୁର,୨୩।୧(ସଂଚାର ବ୍ୟୁରୋ) :** ବରୀ ଥାନା ଅଧୀନ ଅଭିମନ୍ୟୁ ସାମନ୍ତସିଂହାର ଡିଗ୍ରୀ କଲେଜର ଜଣେ ଛାତ୍ରୀଙ୍କୁ କ୍ଲାସ୍‌ରୁମ୍‌ରେ ବଳାତ୍କାର ଉଦ୍ୟମ ହୋଇଥିବା ଅଭିଯୋଗରେ ଛାତ୍ର ଅଶାନ୍ତି ସୃଷ୍ଟି ହୋଇଥିଲା। ପରିସ୍ଥିତି ଅଣାୟତ୍ତ ହେବା ପରେ କଲେଜ ଅଧ୍ୟକ୍ଷ ସୁଧୀର କୁମାର ରାଉତ ଏବଂ ଅର୍ଥଶାସ୍ତ୍ର ଅଧ୍ୟାପକ ବିଦ୍ୟାଧର ଧଳଙ୍କୁ ନିଲମ୍ବନ କରାଯାଇଛି। ଏନେଇ ଉପଜିଲାପାଳ ଅଂଶୁମାନ ଶତପଥୀ ଗୁରୁବାର ନିର୍ଦ୍ଦେଶ ଜାରି କରିଛନ୍ତି। କଲେଜ ଅଧ୍ୟକ୍ଷ ରାଉତ ଏବଂ ଅଧ୍ୟାପକ ଧଳଙ୍କ ବିରୋଧରେ ସରକାରୀ କାର୍ଯ୍ୟରେ ଅବହେଳା ଏବଂ ବରୀ ଆଇଆଇସିଙ୍କ ରିପୋର୍ଟ ଆଧାରରେ ସେମାନେ ବିନା ଅନୁମତିରେ ଫେରାର ଥିବାରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ନିଲମ୍ବନ ସମୟରେ ଉଭୟଙ୍କ ମୁଖ୍ୟ କାର୍ଯ୍ୟାଳୟ ବରୀ ରାମଚନ୍ଦ୍ରପୁର ଗୋପବନ୍ଧୁ ଚୌଧୁରୀ ଡିଗ୍ରୀ କଲେଜରେ ଉପସ୍ଥାନ ରହିବ ଏବଂ ସେମାନେ ବିନା ଅନୁମତିରେ ମୁଖ୍ୟ କାର୍ଯ୍ୟାଳୟ ଛାଡି ବାହାରକୁ ଯାଇପାରିବେ ନାହିଁ । ଅନ୍ୟପକ୍ଷେ କଲେଜ ପରିସରରେ ପୀଡ଼ିତା ଏବଂ ମା'ଙ୍କ ଆମରଣ ଅନଶନ ଦ୍ୱିତୀୟ ଦିନରେ ପହଞ୍ଚିଛି।

## 'ମୋ ବସ୍'ର ସିରିଜ୍ ଦୁର୍ଘଟଣା



**ଭୁବନେଶ୍ୱର,୨୩।୧(ସଂଚାର ବ୍ୟୁରୋ):** ରାଜଧାନୀରେ ଆଜି ପୁଣିଥରେ ମୋ ବସ୍ ଏକାଧିକ ଦୁର୍ଘଟଣା ଘଟାଇଛି। ଫଳରେ ୪ ଜଣ ଆହତ ହୋଇଥିବା ବେଳେ ୩ଟି ଗାଡ଼ି କ୍ଷତିଗ୍ରସ୍ତ ହୋଇଛି। ରାଜମହଲରୁ ମାଷ୍ଟର କ୍ୟାଣ୍ଟିନ ଛକ ମଧ୍ୟରେ ଅଶୋକନଗରସ୍ଥିତ ୟୁକୋ ବ୍ୟାଙ୍କ ସମ୍ମୁଖରେ ଏହି ସିରିଜ୍ ଦୁର୍ଘଟଣା ଘଟିଛି। ଦୁର୍ଘଟଣା ପରେ ଉକ୍ତ ରାସ୍ତାରେ ଗାଡ଼ି ଚଳାଚଳ ପ୍ରଭାବିତ ହୋଇଥିବା ବେଳେ ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରଥମେ 'ମୋ ବସ'କୁ ଅନ୍ୟ ଏକ 'ମୋ ବସ୍' ଧକ୍କା ଦେଇଥିଲା। ଏହି କାରଣରୁ ପଛ ମୋ ବସ୍ ସହ ଏକ କାର୍ ଧକ୍କା ହୋଇଥିଲା। ଉକ୍ତ କାର୍‌କୁ ମଧ୍ୟ ଆଉ ଏକ କାର୍ ପିଟିବା ଫଳରେ ସେଠାରେ କିଛି ସମୟ ପାଇଁ ଟ୍ରାଫିକ୍ ସମସ୍ୟା ଦେଖାଦେଇଥିଲା। ତେବେ ଏହି ଦୁର୍ଘଟଣାର ପ୍ରକୃତ କାରଣ ଜଣାପଡ଼ିନଥିଲେ ମଧ୍ୟ ଉଭୟ ବସ୍ ଦ୍ରୁତ ଗତିରେ ଆସୁଥିବାରୁ ଏପରି ଅଘଟଣ ଘଟିଥିବା ପ୍ରତ୍ୟକ୍ଷଦର୍ଶୀମାନେ କହିଛନ୍ତି। ଜନୈକ ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁଯାୟୀ, ଆଗରେ ଯାଉଥିବା ମୋ ବସ'ର ଡ୍ରାଇଭର୍ ଜଣଙ୍କ ହଠାତ୍ ବ୍ରେକ ମାରିବାରୁ ପଛପଟୁ ଆସୁଥିବା ଅନ୍ୟ ମୋ ବସ୍‌ଟି ତା' ସହ ଧକ୍କା ଲାଗିଥିଲା। ଯାହାଫଳରେ ଉଭୟ ଗାଡ଼ିର ଗ୍ଲାସ ଭାଙ୍ଗିବା ସହ ୪ ଜଣ ଯାତ୍ରୀ ଆହତ ହୋଇଛନ୍ତି।

ଆହତମାନଙ୍କୁ ସେଠାରୁ ଉଦ୍ଧାର କରି ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ଜଣାପଡ଼ିଛି। ଏହି ଘଟଣା ପରେ ସେଠାରେ କିଛି ସମୟ ପାଇଁ ଟ୍ରାଫିକ ସମସ୍ୟା ଦେଖାଦେଇଥିଲା। ଖବର ପାଇ ଘଟଣାସ୍ଥଳରେ ସ୍ଥାନୀୟ ପୁଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ତେବେ କ୍ରମାଗତ ଭାବେ 'ମୋ ବସ' ବାରମ୍ବାର ଦୁର୍ଘଟଣା ଘଟାଉଥିବାରୁ ଏହାକୁ ନେଇ ରାଜଧାନୀବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏନେଇ ଦୁର୍ଘଟଣାର ଶିକାର ହୋଇଥିବା ଜଣେ କାର୍ ଚାଳକ କହିଛନ୍ତି ଯେ ସେ ବାପୁଜୀ ନଗର ପଟୁ ମାଷ୍ଟର୍ କ୍ୟାଣ୍ଟିନ୍ ଆଡ଼କୁ ଯାଉଥିଲେ। ତେବେ ତାଙ୍କ ଆଗରେ ଗୋଟିଏ ମୋ ବସ୍ ହଠାତ୍ ବ୍ରେକ୍ ମାରିବାରୁ ତାକୁ ଅନ୍ୟଏକ ମୋ ବସ ଧକ୍କା ଦେଇଥିଲା। ସେହିପରି ତାଙ୍କ କାର୍ ମଧ୍ୟ ନିୟନ୍ତ୍ରଣ ବାହାରକୁ ଯାଇ ମୋ ବସ୍ ସହ ଧକ୍କା ହୋଇଥିବା ଉକ୍ତ ଚାଳକ ଜଣଙ୍କ କହିଛନ୍ତି। କ୍ରମାଗତ ଭାବେ ମୋ ବସ୍ ଦୁର୍ଘଟଣା ଘଟାଇ ଚାଲିଥିବାରୁ ଏ ଦିଗରେ ପଦକ୍ଷେପ ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ମୋ ବସ୍ ଚାଳକମାନେ ଗାଡ଼ି ଚାଳନା ସମୟରେ ସତର୍କତା ଅବଲମ୍ବନ କରିବାକୁ ବୁଦ୍ଧିଜୀବୀମାନେ ପରାମର୍ଶ ଦେଇଛନ୍ତି।

## ଗୁଳି ଫୁଟାଇ ପାଣି ପାଇପ୍ ଲୁଟ୍ ଘଟଣା, ୬ ଡକାୟତ ଗିରଫ

**ଭୁବନେଶ୍ୱର,୨୩।୧(ସଂଚାର ବ୍ୟୁରୋ):** ବାଙ୍କି ପୁଲିସକୁ ଆଜି ଏକ ବଡ଼ ସଫଳତା ମିଳିଛି। ଗୁଳି ଫୁଟାଇ ପାଣି ପାଇପ୍ ଲୁଟ୍ କରିବା ଘଟଣାରେ ପୁଲିସ୍ ୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏଥିସହ ସେମାନଙ୍କ ନିକଟରୁ ଗୋଟିଏ ବୋଲେରୋ ଗାଡ଼ି ଏବଂ ଏକ କାର ମଧ୍ୟ ଜବତ କରିଥିବା ଜଣାପଡ଼ିଛି। ମେଗା ପାନୀୟ ଜଳ ପ୍ରକଳ୍ପରେ ବ୍ୟବହୃତ ହେଉଥିବା ପାଇପ କୁସୁନ୍ଦା ଅଞ୍ଚଳରୁ ଚୋରି ହୋଇଥିବା ନେଇ ଅଭିଯୋଗ ହେବା ପରେ ଏନେଇ ତଦନ୍ତ କରୁଥିବା ବାଙ୍କି ପୁଲିସ୍ କଟକ ଜିଲ୍ଲାର ଖୁଣ୍ଟୁଣୀ, ଗୁରୁଡିଝାଟିଆ ଓ ଖୋର୍ଦ୍ଧା ଅଞ୍ଚଳର କୋଟପଲ୍ଲୀରେ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଛି। ଆଗାମୀ ଦିନରେ ଏହି ଘଟଣାରେ ଗିରଫଦାରୀ ବଢ଼ିବ ବୋଲି ମଧ୍ୟ ପୁଲିସ୍ ପକ୍ଷରୁ କୁହାଯାଇଛି। ଗତ ୯ ତାରିଖରେ ପାଇପ ଚୋରି ହୋଇଥିବା ନେଇ କମ୍ପାନୀ ପକ୍ଷରୁ ବାଙ୍କୀ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତି କରି ପୁଲିସ୍ ୯/୨୫ରେ ମାମଲା ରୁଜୁ କରି ଭିନ୍ନ ଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା।

## ଝାରସୁଗୁଡ଼ାର ସମୃଦ୍ଧି ପାଇଁ ସହଯୋଗ ଜରୁରୀ: ଧର୍ମେନ୍ଦ୍ର

- ସମ୍ବଲପୁର, ଝାରସୁଗୁଡ଼ା ଓ ଦେବଗଡ଼ ଜିଲ୍ଲା ହେବ ପର୍ଯ୍ୟଟନ ପେଣ୍ଠସ୍ଥଳୀ
- ସମ୍ଭାବନାର ଉପଯୋଗ ପାଇଁ ଅନ୍ୱେଷଣ କରନ୍ତୁ ସାମ୍ବାଦିକ




**ଝାରସୁଗୁଡ଼ା,୨୩।୧(ସଂଚାର ବ୍ୟୁରୋ):** ଝାରସୁଗୁଡ଼ା ଜିଲ୍ଲା ପ୍ରେସ କ୍ଲବର ବାର୍ଷିକ ଉତ୍ସବ ଓ ବନ୍ଧୁମିଳନରେ ଯୋଗଦେବା ଅବସରରେ ଝାରସୁଗୁଡ଼ାକୁ ଆହୁରି ସୁସମୃଦ୍ଧ କରିବା ଦିଗରେ ସହଯୋଗୀର ଦାୟିତ୍ୱ ନେବାକୁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସାମ୍ବାଦିକମାନଙ୍କୁ ଆହ୍ୱାନ କରିଛନ୍ତି। ସେ କହିଛନ୍ତି ଯେ ରାଜ୍ୟର ସାମାଜିକ, ରାଜନୈତିକ, ଅର୍ଥନୈତିକ ଓ ସାଂସ୍କୃତିକ ଜଗତରେ ଝାରସୁଗୁଡ଼ା ସ୍ୱତନ୍ତ୍ର ସ୍ଥାନର ଅଧିକାରୀ। ଝାରସୁଗୁଡ଼ାର ବିକାଶରେ କ୍ରମାଗତ ବୃଦ୍ଧି ଘଟୁଛି। ଜିଲ୍ଲା ବହୁତ କମ ଅବଧିରେ ବିକଶିତ ହୋଇ ବିଶ୍ୱ ମାନଚିତ୍ରକୁ ଆସିଛି। ପୂଜ୍ୟ ବାପୁ ଝାରସୁଗୁଡ଼ା ଦେଇ ଓଡ଼ିଶାକୁ ଆଗମନ କରିଥିଲେ। ଅଗ୍ରଣୀ ଶିଳ୍ପାଞ୍ଚଳ ଭାବେ ଏହାର ପରିଚୟ ମଧ୍ୟ ରହିଛି। ଝାରସୁଗୁଡ଼ାର ସମ୍ଭାବନାକୁ ଉପଯୋଗ କରିବା ପାଇଁ ଜିଲ୍ଲାକୁ ଆହୁରି ଅନ୍ୱେଷଣ କରାଯିବା ଦରକାର। ବହୁ ସଂସ୍କୃତି ଓ ଭାଷାଭାଷୀର ଲୋକେ ଏଠାରେ ବସବାସ କରୁଥିବାରୁ ଏଠାରେ ବିମାନ ସେବା ଉପଲବ୍ଧ କରାଯିବା ସହ ପର୍ଯ୍ୟଟନ କ୍ଷେତ୍ରର ସର୍ବାଙ୍ଗୀନ ବିକାଶ ପାଇଁ ଡବଲ ଇଞ୍ଜିନ ସରକାର ନିରନ୍ତର କାର୍ଯ୍ୟ କରିଚାଲିଛି। ଏଠାରେ ଶିଳ୍ପ ଭିତ୍ତିଭୂମିକୁ ଅଧିକ ସୁଦୃଢ଼ କରିବା ପାଇଁ ମଧ୍ୟ ବିଭିନ୍ନ ଯୋଜନା ହେଉଛି। ହୀରାକୁଦ ପାର୍ଶ୍ୱବର୍ତ୍ତୀ ଜିଲ୍ଲା ସମ୍ବଲପୁର, ଝାରସୁଗୁଡ଼ା ଓ ଦେବଗଡ଼ ଜିଲ୍ଲାକୁ ପର୍ଯ୍ୟଟନର ପେଣ୍ଠସ୍ଥଳୀ କରିବା ସରକାରଙ୍କ ଲକ୍ଷ୍ୟ ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି।

ପ୍ରଜାତନ୍ତ୍ରରେ ସମାଜକୁ ଠିକ୍ ଭାବେ ଚଳାଇବା ପାଇଁ ସାମ୍ବାଦିକମାନଙ୍କ ଦାୟିତ୍ୱ ସବୁଠାରୁ ଅଧିକ। ଶିଳ୍ପସମୃଦ୍ଧ ଝାରସୁଗୁଡ଼ା ଜିଲ୍ଲାକୁ ଆହୁରି ବିକଶିତ କରିବା ପାଇଁ ଜିଲ୍ଲା ସ୍ତରର ସାମ୍ବାଦିକମାନଙ୍କର ଯଥେଷ୍ଟ ଗୁରୁଦାୟିତ୍ୱ ରହିଛି। ଝାରସୁଗୁଡ଼ାରେ ଉଦ୍ୟୋଗ, ପର୍ଯ୍ୟଟନ ଓ କୃଷି ଆଧାରିତ ଅର୍ଥନୀତିକୁ ମଜବୁତ କରିବା ପାଇଁ ସାମ୍ବାଦିକମାନେ ସହଯୋଗୀ ହେବା ପାଇଁ କେନ୍ଦ୍ର ମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

## ୨୭ରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ

**ଭୁବନେଶ୍ୱର,୨୩।୧(ସଂଚାର ବ୍ୟୁରୋ):** ଆସନ୍ତା ୨୭ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ। ଉକ୍ତ ଦିନ ମୁଖ୍ୟମନ୍ତ୍ରୀଙ୍କର ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାମ ଥିବାରୁ ଜନଶୁଣାଣି ବନ୍ଦ ରଖିବାକୁ ନିଷ୍ପତ୍ତି ହୋଇଛି। ଏନେଇ ଆଜି ସାଧାରଣ ପ୍ରଶାସନ ଏବଂ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତିରେ କୁହାଯାଇଛି ଯେ ୨୭ରେ ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଜରୁରୀ କାମ ଥିବାରୁ ୟୁନିଟ-୫ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଜନଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଆଗାମୀ ଦିନରେ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

## ଆହୁରି ତିନି ଦିନ ପାରଦ ଉପରମୁହାଁ



**ଭୁବନେଶ୍ୱର,୨୩।୧ (ସଂଚାର ବ୍ୟୁରୋ):** ଜାନୁଆରୀ ମାସ ସରିନି। କିନ୍ତୁ ୧୧ଟା ବାଜିଲେ ମାଡି ଆସୁଛି ଟାଇଁ ଟାଇଁ ଖରା । ଏବେ ଠୁ ରୌଦ୍ର ତାପ ଦେଖାଇଲେଣି ସୂର୍ଯ୍ୟ ଦେବ। ଶୀତ ଋତୁରେ ରାଜ୍ୟରେ ଅନୁଭବ ହେଲାଣି ଅସ୍ୱାଭାବିକ ଗରମ । କାରଣ ବଢ଼ିଛି ପାରଦ କମିଛି ଶୀତ। ସାରା ରାଜ୍ୟରେ ୨ ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବୃଦ୍ଧି ପାଇଛି। ଆସନ୍ତା ୨୫ ଯାଏଁ ତାତି ଅନୁଭବ କରିବେ ରାଜ୍ୟବାସୀ। ଏନେଇ ସତର୍କ କରାଇ ଦେଇଛି ପାଣିପାଗ ବିଭାଗ। ରାଜ୍ୟରେ ପଶ୍ଚିମା ଝଡ଼ ସକ୍ରିୟ ଥିବାରୁ ଆସନ୍ତା ୨୫ଯାଏଁ ଏହିଭଳି ପାଗ ରହିବ । ଆହୁରି ତିନି ଦିନ ପାଗ ଶୁଷ୍କ ରହିବା ସହ ଦିନବେଳା ତାତି ଅନୁଭବ ହେବ। ଉପକୂଳ ସମେତ ଆଭ୍ୟନ୍ତରୀଣ ଓଡ଼ିଶାରେ ତାପମାତ୍ରା ବୃଦ୍ଧି ପାଇବ ବୋଲି ପୂର୍ବାନୁମାନ କରିଛି ଆଞ୍ଚଳିକ ପାଣିପାଗ କେନ୍ଦ୍ର। ସକ୍ରିୟ ପଶ୍ଚିମା ଝଡକୁ ନେଇ ଜଳୀୟବାଷ୍ପ ସମ୍ପୂର୍ଣ୍ଣ ଗାଏବ ହୋଇଯାଇଛି। ବାୟୁମଣ୍ଡଳ ମଧ୍ୟଭାଗରେ ଜଳୀୟବାଷ୍ପ ନଥିବାରୁ ସୂର୍ଯ୍ୟକିରଣ ସିଧା ପଡିବାରୁ ତାପମାତ୍ରା ବୃଦ୍ଧି ପାଇଛି । ରାଜ୍ୟରେ ତାପମାତ୍ରା ବୃଦ୍ଧି ପାଇ ଗରମ ଅନୁଭବ ହେଉଥିବା ବେଳେ କଲବଲ କରିବ ଘନ କୁହୁଡି । କୁହୁଡି ଯୋଗୁଁ ଦୃଶ୍ୟମାନ କମ ହେବ ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ। ୨୫ ତାରିଖ ପର୍ଯ୍ୟନ୍ତ ଘନ କୁହୁଡିର ସମ୍ଭାବନା ଥିବାବେଳେ ଆସନ୍ତା ୨୪ ଘଣ୍ଟା ପାଇଁ ୬ ଟି ଜିଲ୍ଲାକୁ ୟେଲୋ ଆଲର୍ଟ ଜାରି କରାଯାଇଛି। ବିଶେଷ କରି ଖୋର୍ଦ୍ଧା, କଟକ, କେନ୍ଦ୍ରାପଡା ,ଭଦ୍ରକ, ବାଲେଶ୍ୱର ଓ ଜଗତସିଂହପୁରରେ ଘନ କୁହୁଡି ଦୃଶ୍ୟମାନ ହେବ । ସେହିପରି ଅସନ୍ତାକାଲି ପାଇଁ ବି ସମାନ ଜିଲ୍ଲା ପାଇଁ କୁହୁଡିର ସତର୍କତା ରହିଛି। ବିଶେଷ କରି ରାତି ୨ଟାରୁ ସକାଳ ୧୦ ପର୍ଯ୍ୟନ୍ତ ଘାଟି ରାସ୍ତା ଏବଂ ଦୁର୍ଘଟଣା ପ୍ରବଣ ରାସ୍ତାରେ ନଜର ରଖିବାକୁ ପରିବହନ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି ।

## ଲୁଚାଛପାରେ ବିକ୍ରି ହେଉଛି ଠାକୁରଙ୍କ ସମ୍ପତ୍ତି



**ଭୁବନେଶ୍ୱର,୨୩।୧(ତଥ୍ୟ):** ଶ୍ରୀକ୍ଷେତ୍ରର ଶ୍ରୀମନ୍ଦିର ଓ ଏକାମ୍ରକ୍ଷେତ୍ରର ଶ୍ରୀଲିଙ୍ଗରାଜ ମନ୍ଦିର ନାମରେ ଯେତେ ଭୂସମ୍ପତ୍ତି ରହିଛି ସେଥିରୁ ଅଧିକାଂଶର ସତ୍ୱଲିପି ମନ୍ଦିର ପ୍ରଶାସନ ନିକଟରେ ନାହିଁ। ଅନେକ ଜମି ଜବରଦଖଲରେ ଥିବାବେଳେ ଆଉ କେତେକ ଜମି ବେଆଇନ୍ ଭାବେ ମନ୍ଦିର ପ୍ରଶାସନର ଅଗୋଚରରେ ବିକ୍ରିକରି ଦିଆଯାଇଛି।

ପ୍ରତିଟି ଓଡିଆ ଶ୍ରୀଜଗନ୍ନାଥ ସଂସ୍କୃତିକୁ ନେଇ ଗର୍ବ କରୁଥିବାବେଳେ ରାଜ୍ୟର ୨୩ଟି ଜିଲ୍ଲାରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଲାଗି ୬୦, ୪୧୦ ଏକର ଚିହ୍ନିତ ଜମି ରହିଛି। ଏଥିରୁ ଶ୍ରୀମନ୍ଦିର ପ୍ରଶାସନ ନିକଟରେ ୨୦ହଜାର ଏକରରୁ ଅଧିକ ଜମିର ସଂଶୋଧିତ ସତ୍ୱଲିପି ନାହିଁ। ଏହାଛଡା ପଶ୍ଚିମବଙ୍ଗ, ଆନ୍ଧ୍ର, ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ବିହାର ଓ ଛତିଶଗଡ଼ରେ ବି ଶ୍ରୀମନ୍ଦିର ପାଇଁ ପାଖପାଖି ୪୦୦ ଏକର ଜମି ରହିଥିବା ଏଯାବତ୍ ଚିହ୍ନଟ କରାଯାଇଛି।

ସେହିଭଳି ଭୁବନେଶ୍ୱରର ଶ୍ରୀଲିଙ୍ଗରାଜ ମହାପ୍ରଭୁଙ୍କ ଲାଗି ପ୍ରାୟ ୨୦୦ ଗାଁରେ ଦେଢ଼ ହଜାର ଏକରରୁ ଅଧିକ ଭୂସମ୍ପତ୍ତି ରହିଥିବାବେଳେ ଏଥିରୁ ଅଧିକାଂଶର ସତ୍ୱଲିପି ଲିଙ୍ଗରାଜ ମନ୍ଦିର ପରିଚାଳନା କମିଟି ନିକଟରେ ନାହିଁ। ଅନେକ ସ୍ଥାନରେ ଶ୍ରୀଜଗନ୍ନାଥ ଓ ଶ୍ରୀଲିଙ୍ଗରାଜଙ୍କ ଜମିରେ ପଥର ଓ ମୋରମ ଖଣି ଚଳାଇ ମାଫିଆମାନେ ବେଶ୍ ମୁନାଫା ଉଠାଇଛନ୍ତି। ଏପରିକି ଜଙ୍ଗଲ ତାଡି ଏହି ଜମିରୁ ମୋରମ ଓ ପଥର ଉଠାଣ ହୋଇଥିବା ପରିପ୍ରେକ୍ଷୀରେ ଜାତୀୟ ଗ୍ରିନ୍ ଟ୍ରିବ୍ୟୁନାଲ ଅତୀତରେ ପରିବେଶ କ୍ଷତି ଭରଣାପାଇଁ ଶ୍ରୀମନ୍ଦିର ପ୍ରଶାସନକୁ ମୋଟା ଅଙ୍କର ଅର୍ଥ ପଇଠ କରିବାକୁ ନିର୍ଦ୍ଦେଶ ଦେଇଥିବାର ନଜିର ମଧ୍ୟ ରହିଛି। ରାଜଧାନୀ ଭୁବନେଶ୍ୱର ସମେତ ଆଉ କେତେକ ସ୍ଥଳରେ ଶ୍ରୀଲିଙ୍ଗରାଜଙ୍କ ବିପୁଳ ଭୂସମ୍ପତ୍ତି ଜବରଦଖଲକାରୀଙ୍କ କବଜାରେ ରହିଛି। ଏମିତିକି କେତେକ ସ୍ଥାନରେ ମାର୍ଫତଦାରମାନେ କୋଟି କୋଟି ଟଙ୍କା ନେଇ ମନ୍ଦିର ଜମି ବିକ୍ରି କରିଛନ୍ତି। ଆଇନ୍ ଅଦାଲତର ଛାଟ ବାଜିବାପରେ ଅବଶ୍ୟ ଏଥିରୁ କେତେକ ଜମି ଉପରେ ନିର୍ମାଣ କାର୍ଯ୍ୟ ବନ୍ଦ ରହିଥିବାବେଳେ ଆଉ କେତେକ ଜମି ନିକଟରେ ଏହା ମହାପ୍ରଭୁଙ୍କ ସମ୍ପତ୍ତି ବୋଲି କର୍ତ୍ତୃପକ୍ଷ ସାଇନ୍‌ବୋର୍ଡ ଲଗାଇଛନ୍ତି।

ସବୁଠାରୁ ଉଦବେଗର କଥା ହେଉଛି ଶ୍ରୀକ୍ଷେତ୍ର, ଏକାମ୍ରକ୍ଷେତ୍ର ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ଥିବା ଦେବୋତ୍ତର ଭୂସମ୍ପତ୍ତିର ଯେତେ ଜବରଦଖଲ ହୋଇଛି ଓ ଯେଉଁ କ୍ଷେତ୍ରରେ ଭାଗଚାଷୀମାନେ ଠିକଣା ଭାବେ ଭାଗ ପଇଠ କରୁନାହାନ୍ତି ସେମାନଙ୍କ ଭିତରୁ ଅଧିକାଂଶ ସନାତନ ଧର୍ମାବଲମ୍ବୀ। ଦିଅଁଙ୍କୁ ଖାଇ ଖଟୁଲି ଖାଇବା ନୀତିରେ ଏମାନେ ଠାକୁରଙ୍କ ଜମି ହଡପ କରିବାପାଇଁ କୁଣ୍ଠାବୋଧ କରୁନାହାନ୍ତି। ଏତେ ପରିମାଣର ଭୂସମ୍ପତ୍ତି ଥାଇ ଉଭୟ ଶ୍ରୀମନ୍ଦିର ଓ ଶ୍ରୀଲିଙ୍ଗରାଜ ମନ୍ଦିରକୁ ରଜ୍ୟ ସରକାରଙ୍କ ଉପରେ ନିର୍ଭର କରିବାକୁ ପଡୁଛି।

ବେଦାନ୍ତ ବିଶ୍ୱବିଦ୍ୟାଳୟ ପାଇଁ ଶ୍ରୀମନ୍ଦିରର ଜମି ମଧ୍ୟ ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ସୁପ୍ରିମକୋର୍ଟ ବେଦାନ୍ତପାଇଁ କରାଯାଇଥିବା ଜମି ଅଧିଗ୍ରହଣକୁ ବେଆଇନ୍ ଦର୍ଶାଇ ଏହି ଜମିର ମାଲିକମାନଙ୍କୁ ହସ୍ତାନ୍ତର କରିବାଲାଗି ନିର୍ଦ୍ଦେଶ ଦେବାର ବର୍ଷାଧିକକାଳ ବିତି ଯାଇଥିଲେ ମଧ୍ୟ ଏଯାବତ୍ ତାହା ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ ହୋଇନାହିଁ। ଏଥିଯୋଗୁଁ ଶ୍ରୀମନ୍ଦିରର ଜମି ବି ମନ୍ଦିର ପ୍ରଶାସନ ଖାତାକୁ ଫେରିପାରୁ ନାହିଁ। କେବଳ ସରକାର ନୁହନ୍ତି, ଧର୍ମଗୁରୁ, ଧାର୍ମିକ ସଂଗଠନ ଓ ସାମାଜିକ ଅନୁଷ୍ଠାନମାନେ ଠାକୁରଙ୍କ ସମ୍ପତ୍ତିର ସୁରକ୍ଷା ସହିତ ଏଥିରୁ କିଭଳି ଆୟ ବୃଦ୍ଧି ଘଟିବ ସେ ଦିଗରେ ଦୃଷ୍ଟି ଦେବାପାଇଁ ବିଭିନ୍ନ ମହଲରୁ ଦାବିହୋଇ ଆସୁଛି।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776

Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର






## ଆଜିର ସୁନା ଦର

ଗତ ଦୁଇ ସପ୍ତାହ ଧରି ଘରୋଇ ବଜାରରେ ସୁନାର ମୂଲ୍ୟ କ୍ରମାଗତ ଭାବେ ବୃଦ୍ଧି ପାଇବାରେ ଲାଗିଛି। ବିଶେଷଜ୍ଞଙ୍କ ମତରେ, ଆଗାମୀ ଦିନରେ ସୁନା ମୂଲ୍ୟରେ ଆହୁରି ବୃଦ୍ଧି ଦେଖିବାକୁ ମିଳିପାରେ। ଏପରିକି ଚଳିତବର୍ଷ ଦୀପାବଳି ସୁଦ୍ଧା ଘରୋଇ ବଜାରରେ ସୁନା ମୂଲ୍ୟ ୧ ଲକ୍ଷ ଟଙ୍କା ଛୁଇଁଯାଇପାରେ। ଆଜି ଭାରତୀୟ ବଜାରରେ ୨୨ କ୍ୟାରେଟ ସୁନା ଦର ୧୦ ଗ୍ରାମ ପ୍ରତି ୭୫ ହଜାର ୨୫୦ ଟଙ୍କା ହୋଇଥିବା ବେଳେ ୨୪ କ୍ୟାରେଟ ସୁନା ୧୦ ଗ୍ରାମ ପିଛା ୮୨ ହଜାର ୦୯୦ ଟଙ୍କା ରହିଛି। ସେହିପରି ଭୁବନେଶ୍ୱରରେ ୨୨ କ୍ୟାରେଟ ସୁନା ଦର ୭୫, ୨୫୦ ଟଙ୍କାରେ ପହଞ୍ଚିଥିବା ବେଳେ ୨୪ କ୍ୟାରେଟ୍ ସୁନା ଦର ୮୨ , ୦୯୦ ଟଙ୍କା ରହିଛି। ମୁମ୍ବାଇରେ ୨୨ କ୍ୟାରେଟ୍ ଓ ୨୪ କ୍ୟାରେଟ୍ ମୂଲ୍ୟ ୭୫,୨୫୦ ଟଙ୍କା ଓ ୮୨,୦୯୦ ଟଙ୍କା ଥିବା ରେକର୍ଡ ହୋଇଥିବା ବେଳେ ନୂଆଦିଲ୍ଲୀରେ ୭୫,୪୦୦ ଟଙ୍କା ଓ ୮୨, ୨୪୦ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୨ କ୍ୟାରେଟ ମୂଲ୍ୟ ୭୫,୨୫୦ ଟଙ୍କା ଥିବା ବେଳେ ୨୪ କ୍ୟାରେଟ ମୂଲ୍ୟ ୮୨, ୦୯୦ ଟଙ୍କା ଥିବା ରେକର୍ଡ ହୋଇଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୭୫,୨୫୦ ଟଙ୍କା ଓ ୮୩,୦୯୦ ଟଙ୍କା ରହିଛି। ଅନ୍ୟ ପଟେ ରୁପା ଦର କେଜି ପ୍ରତି ୯୬,୫୦୦ ହଜାର ଟଙ୍କା ହୋଇଛି।

# ଲଞ୍ଚ ବଜରେକୁ ଆସିଲା ରୟାଲ୍ ଏନ୍‌ଫିଲ୍ଡର ନୂଆ ସ୍କ୍ରାମ୍ ୪୪୦

**ଭୁବନେଶ୍ୱର, ୨୩।୧:** ରୟାଲ୍ ଏନ୍‌ଫିଲ୍ଡ ପକ୍ଷରୁ ରାଜ୍ୟରେ ନୂଆ ସ୍କ୍ରାମ୍ ୪୪୦କୁ ଉନ୍ମୋଚନ କରାଯାଇଛି। ଯେକୌଣସି ସ୍ଥାନ, ଯେକୌଣସି ସମୟରେ, ଯେକୌଣସିଠାରେ କୌତୁକ ପାଇଁ ଏହାକୁ ପ୍ରସ୍ତୁତ କରାଯାଇଛି ବୋଲି କମ୍ପାନି ପକ୍ଷରୁ କୁହାଯାଇଛି। ନୂଆ ସ୍କ୍ରାମ୍ ୪୪୦ରେ ରହିଛି ୪୪୦ ସିସିର ଇଞ୍ଜିନ୍ ସହିତ ସ୍ଲିକ୍ ୬-ସ୍ପିଡ୍ ଗିୟର୍‌ବକ୍ସ, ଦୃଢ଼ ଆଲୟ ହ୍ୱିଲ୍, ଟ୍ୟୁବ୍‌ଲେସ୍ ଟାୟାର, ଏଲ୍‌ଇଡି ହେଡ୍‌ଲାଇଟ୍ ଓ ଟପ୍ ବକ୍ସ ଭଳି ସୁବିଧା। ସବୁ ପ୍ରକାର ରାସ୍ତାରେ ଆଗକୁ ବଢ଼ିବା ଏବଂ ଅଫ୍ ରୋଡ୍ ଦକ୍ଷତା ଲାଗି ସ୍କ୍ରାମ୍ ବେଶ୍ ପରିଚିତ। ଏହାର ବାଲାନ୍ସଡ୍ ଏର୍ଗୋନୋମିକ୍ସ ଓ ଡିଜାଇନ୍‌କୁ ସ୍କ୍ରାମ୍ ୪୪୦ ମଡେଲ୍‌ରେ ବଜାୟ ରଖାଯାଇଛି। ନୂଆ ସ୍କ୍ରାମ୍ ୪୪୦ରେ ରହିଛି ସ୍ୱିଚେବଲ୍ ଏବିଏସ୍, ଉନ୍ନତ ବ୍ରେକିଂ ବ୍ୟବସ୍ଥା। ସମସ୍ତ ପ୍ରକାର ଆଧୁନିକ ସୁବିଧାସୁଯୋଗ ଏଥିରେ ରହିଛି ଯାହା ନୂଆ ହୁଅନ୍ତୁ କିମ୍ବା ପ୍ରଫେସନାଲ୍, ସବୁ ପ୍ରକାର ଗ୍ରାହକଙ୍କ ଆଶା ଓ ଅଭିଳାଷକୁ ପୂରଣ କରିବ। ଏହାର ଫୋର୍ସ ମଡେଲ୍ ନୀଳ, ଧୂସର ଓ ଟେଲ୍ ଏବଂ ଟ୍ରେଲ୍ ମଡେଲ୍ ସବୁଜ ଓ ନୀଳ ରଙ୍ଗରେ ଆସିଛି। ଏହାର ଏକ୍ସ ସୋ'ରୁମ୍ ଦାମ୍ ୨,୦୮,୦୦୦ ଟଙ୍କା ରହିଛି।

ଏହି ବାଇକ୍ ପୂର୍ବ ଅପେକ୍ଷା ଏକ ବଡ଼ ଇଞ୍ଜିନ୍, ନୂଆ ଡିଜାଇନ୍, ହେଡଲାଇଟ୍ ଏବଂ ନୂଆ ଇନଷ୍ଟ୍ରୁମେଣ୍ଟ କନସୋଲ୍ ସହିତ ଲ୍ୟାସ୍ କରାଯାଇଛି। ଏହା ସହିତ ଏହି ବାଇକରେ ଅନେକ କିଛି ପରିବର୍ତ୍ତନ କରାଯାଇଛି। ଆସନ୍ତୁ ଜାଣିବା କେଉଁ ନୂଆ ଫିଚର୍ସ ସହିତ ଏହି ନୂଆ ଇନଫିଲ୍ଡ ସ୍କ୍ରାମ୍ ୪୪୦ ଲ୍ୟାସ୍ କରାଯାଇଛି। ଇନଫିଲ୍ଡ ସ୍କ୍ରାମ୍ ୪୪୦ କୁ ଦୁଇଟି ଦୁଇଟି ଭ୍ୟାରିଆଣ୍ଟରେ ଅଣାଯାଇଛି ଯାହା ହେଉଛି- ଟ୍ରେଲ ଏବଂ ଫୋର୍ସ। ଏହାର ଟ୍ରେଲ୍ ଭ୍ୟାରିଆଣ୍ଟରେ ଆଲଏ ହ୍ୱିଲ୍ ଏବଂ ଟ୍ୟୁବଲେସ୍ ଟାୟାରର ବ୍ୟବହାର କରାଯାଇଛି। ଏହି ବାଇକରେ ୪ଟି କଲର ଅପ୍ସନରେ ଲଞ୍ଚ କରାଯାଇଛି ଯାହା ରହିଛି- ବ୍ଲ୍ୟୁ, ଗ୍ରୀନ, ଗ୍ରେ ଏବଂ ଟେଲ୍। ରୟାଲ ଇନଫିଲ୍ଡ ସ୍କ୍ରାମ୍ ୪୪୦ ଫୋର୍ସ (ଗ୍ରେ ଏବଂ ଟେଲ)–୨.୧୫ ଲକ୍ଷ ଟଙ୍କା (ଏକ୍ସ-ସୋରୁମ୍) ରେ ରହିଛି। ରୟାଲ ଇନଫିଲ୍ଡ ସ୍କ୍ରାମ୍ ୪୪୦ରେ ରୟାଲ ଇନଫିଲ୍ଡ Scram ୪୧୧ ସହିତ ଆକାରରେ ସମାନ ରହିଛି। ଏଥିରେ ଲକ ନୂଆ ହେଡଲାଇଟ୍, ଏକ ବଡ଼ ଫ୍ୟୁଏଲ୍ ଟ୍ୟାଙ୍କ୍, ନୂଆ ସିଟ୍ ଏବଂ ଏକ ଟ୍ୱିକ୍ଡ ଟେଲ୍ ସେକ୍ସନର ସାମିଲ୍ କରାଯାଇଛି, ଯାହାକି ଏହା ପୂର୍ବ ଅପେକ୍ଷା ଅଧିକ ସ୍ଲିମ୍ ଦେଖାଯାଉଛି। ବାଇକରେ ୪୪୩ସିସି ଏୟାର ଏବଂ ଅଏଲ-କୁଲ୍ଡ, ସିଙ୍ଗଲ-ସିଲିଣ୍ଡର ଇଞ୍ଜିନର ବ୍ୟବହାର କରାଯାଇଛି। ଯାହା ୨୫.୪ ପିଏସର ପାୱାର ଏବଂ ୩୪ ଏନଏମର ଟର୍କ ଜେନେରେଟ୍ କରିଥାଏ। ଏହାର ଇଞ୍ଜିନ୍ ୬-ସ୍ପିଡ୍ ଟ୍ରାନ୍ସମିସନ୍ ସହିତ ଜଡିତ ଥିବା ପୂର୍ବ ମଡେଲର ୫-ସ୍ପିଡ୍ ଗିୟର ବକ୍ସ ଦିଆଯାଇଥିଲା। ରୟାଲ ଇନଫିଲ୍ଡ ସ୍କ୍ରାମ୍ ୪୪୦ ର ଫିଚର୍ସ ବିଷୟରେ କହିବାକୁ ଗଲେ ଏଥିରେ ନୂଆ ଏଲଇଡି ହେଡଲାଇଟ୍, ଏକ ନୂଆ ଇନଷ୍ଟ୍ରୁମେଣ୍ଟ କନସୋଲ୍, ସିଙ୍ଗଲ-ପିସ୍ ସିଟ୍, ଏକ ୟୁଏସବି ଚାର୍ଜିଂ ପୋର୍ଟ, ଟ୍ରିପର ନେଭିଗେସନ୍ ପୋଡ୍ ଏବଂ ଗୋଲ୍ ରିୟର-ଭ୍ୟୁ ମିରର ରହିଛି।



ନୂଆ ସ୍କ୍ରାମ୍ ୪୪୦ରେ ୧୯୦ଏମଏମ ହୁଇଲ୍ ଟ୍ରାଭେଲ୍ ସହିତ ୪୧ଏମଏମ ଟେଲିସ୍କୋପ୍ ଫର୍କ ଏବଂ ୧୮୦ ଏମଏମ ହୁଇଲ୍ ଟ୍ରାଭେଲ୍ ସହିତ ମନୋସକ୍ ସସପେନ୍ସନ୍ ଦିଆଯାଇଛି। ଏହାର ଫ୍ରଣ୍ଟରେ ୩୦୦ ଏମଏମ ଡିସ୍କ ଏବଂ ରିୟରରେ ୨୪୦ଏମଏମ ଡିସ୍କ ବ୍ରେକ୍ ଦିଆଯାଇଛି। ଏଥିରେ ଡୁଆଲ୍ ଚ୍ୟାନେଲ୍ ଏବିଏସ ମଧ ଦିଆଯାଇଛି। ବାଇକରେ ୧୯ ଇଞ୍ଚର ଫ୍ରାଣ୍ଟ ଏବଂ ୧୭ ଇଞ୍ଚର ରିୟର ହୁଇଲ୍ ରହିଛି, ଯେଉଁଥିରେ ୧୦୦ ସେକ୍ସନର ଫ୍ରଣ୍ଟ ଏବଂ ୧୨୦ ସେକ୍ସନର ରହିୟର ବ୍ଲକ୍ ପ୍ୟାଟର୍ନ ଟାୟାରର ବ୍ୟବହାର କରାଯାଇଛି। ଏହାର ଟ୍ରେଲ୍ ଭ୍ୟାରିଆଣ୍ଟରେ ସ୍ପୋକ୍ ହୁଇଲ୍ ଏବଂ ଟ୍ୟୁବ୍ ଟାୟାର ଲଗାଯାଇଛି। ଏହାର ଫ୍ୟୁଏଲ ଟାଙ୍କିର କାପାସିଟି ୧୫ ଲିଟର ରହିଛି।

## ଟ୍ୟାକ୍ସ ସ୍ଲାବ୍‌ରେ ହୋଇପାରେ ପରିବର୍ତ୍ତନ

**ଭୁବନେଶ୍ୱର, ୨୩।୧:** ଫେବୃଆରୀ ପହିଲାରେ ଦେଶର ସାଧାରଣ ବଜେଟ ଉପସ୍ଥାପିତ ହେବାକୁ ଯାଉଛି ଏବଂ ଏଥର ଟ୍ୟାକ୍ସ ସ୍ଲାବ୍‌ରେ ପରିବର୍ତ୍ତନ ଏବଂ ନୂତନ ଟିକସ ବ୍ୟବସ୍ଥା ନେଇ ଆଲୋଚନା ହେଉଛି। ଏହି ବଜେଟ ସାଧାରଣ ନାଗରିକ, ବିଶେଷକରି ମଧବିତ୍ତ ଏବଂ ଉଚ୍ଚ ଆୟକାରୀଙ୍କ ପାଇଁ ଆୟକର କ୍ଷେତ୍ରରେ ଅନେକ ଆଶ୍ୱସ୍ତି ଆଶା କରାଯାଉଛି। ୨୦୨୫ ବଜେଟରେ ନୂତନ ଟିକସ ବ୍ୟବସ୍ଥାରେ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଦେଖିବାକୁ ମିଳିପାରେ। ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟକୁ ଟିକସମୁକ୍ତ କରିବାକୁ ସରକାର ବିଚାର କରୁଛନ୍ତି। ଏହାର ଅର୍ଥ ହେଉଛି ଯଦି ଜଣଙ୍କର ବାର୍ଷିକ ଆୟ ୧୦ ଲକ୍ଷ ଟଙ୍କା ମଧରେ ରହିଛି ତେବେ ତାଙ୍କୁ ଟିକସ ଦେବାକୁ ପଡ଼ିବ ନାହିଁ । ଯଦି ଏହି ପ୍ରସ୍ତାବ କାର୍ଯ୍ୟକାରୀ ହୁଏ ମଧବିତ୍ତମାନଙ୍କୁ ବଡ଼ ଆଶ୍ୱସ୍ତି ମିଳିବ। ସୂଚନା ଥାଉକି, ବର୍ତ୍ତମାନ, ଯଦି କାହାର ବାର୍ଷିକ ଆୟ ୧୫ ଲକ୍ଷରୁ ଅଧିକ, ତେବେ ଏହା ଉପରେ ୩୦% ଟିକସ ଆଦାୟ କରାଯାଏ। ମାତ୍ର ୨୦୨୫ରୁ ୨୦ଲକ୍ଷ ମଧରେ ଆୟ ଥିବା ଲୋକଙ୍କ ପାଇଁ ବଜେଟ ୨୦୨୫ ରେ ଏକ ନୂତନ ସ୍ଲାବ୍ ପ୍ରଚଳନ କରାଯାଇପାରେ। ଏହି ନୂତନ ସ୍ଲାବ୍‌ରେ ଟ୍ୟାକ୍ସ ୩୦%ରୁ ୨୫% କୁ ହ୍ରାସ କରାଯାଇପାରେ। ଏହି ପରିବର୍ତ୍ତନ ବିଶେଷ ଭାବରେ ଉଚ୍ଚ ଆୟକାରୀ ଗୋଷ୍ଠୀ ପାଇଁ ଶୁଭଙ୍କର ହୋଇପାରେ ଏବଂ ସେମାନେ ଭାରି ଟିକସ ହାରକୁ ଏଡାଇପାରିବେ। ନୂତନ ଟିକସ ବ୍ୟବସ୍ଥାରେ ୭.୭୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ ଉପରେ କୌଣସି ଟିକସ ନାହିଁ। ଯଦି ଏହି ସୀମା ୧୦ ଲକ୍ଷକୁ ବୃଦ୍ଧି କରାଯାଏ, ତେବେ ଅନେକ ଲକ୍ଷ ଲୋକ ଏଥିରୁ ଉପକୃତ ହେବେ। ଏହି ପରିବର୍ତ୍ତନ ପରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ ସମ୍ପୂର୍ଣ୍ଣ ଟିକସମୁକ୍ତ ହୋଇପାରିବ, ଯେଉଁ କାରଣରୁ ଛୋଟ ଏବଂ ମଧବିତ୍ତ ଲୋକମାନେ ଅଧିକ ଲାଭ ପାଇପାରିବେ।

## ଇପିଏଫ୍‌ଓରେ ଯୋଡ଼ିହେଲେ ୧୪.୬୩ ଲକ୍ଷ ସଦସ୍ୟ

**ଭୁବନେଶ୍ୱର, ୨୩।୧:** କର୍ମଚାରୀଙ୍କ ଭବିଷ୍ୟନିଧି ସଙ୍ଗଠନ (ଇପିଏଫ୍‌ଓ) ନଭେମ୍ବର ୨୦୨୪ ପାଇଁ ଅସ୍ଥାୟୀ ବେତନ ତଥ୍ୟ ପ୍ରକାଶ କରିଛି। ଏହି ତଥ୍ୟ ଅନୁଯାୟୀ, ୨୦୨୪ ନଭେମ୍ବରରେ ୧୪.୬୩ ଲକ୍ଷ ସଦସ୍ୟ ଇପିଏଫ୍‌ଓରେ ଯୋଡ଼ି ହୋଇଛନ୍ତି। ୨୦୨୪ ଅକ୍ଟୋବର ତୁଳନାରେ ନଭେମ୍ବରରେ ସଦସ୍ୟଙ୍କ ସଂଖ୍ୟାରେ ୯.୦୭% ବୃଦ୍ଧି ରେକର୍ଡ କରାଯାଇଛି। ସେହିପରି ୨୦୨୩ ନଭେମ୍ବର ତୁଳନାରେ ସଦସ୍ୟଙ୍କ ସଂଖ୍ୟା ୪.୮୮% ବୃଦ୍ଧି ପାଇଛି। ଇପିଏଫ୍‌ଓ ତଥ୍ୟ ଅନୁଯାୟୀ, କର୍ମଚାରୀଙ୍କ ମଧ୍ୟରେ ରୋଜଗାରର ସୁଯୋଗ ଏବଂ ଲାଭ ବିଷୟରେ ସଚେତନତା ବୃଦ୍ଧି ପାଇଛି। ଇପିଏଫ୍‌ଓ କହିଛି ଯେ, ନଭେମ୍ବର ଇପିଏଫ୍‌ଓରେ ଯୋଡ଼ି ହୋଇଥିବା ସଦସ୍ୟଙ୍କ ମଧ୍ୟରେ ପ୍ରାୟ ୮.୭୪ ଲକ୍ଷ ନୂତନ ସଦସ୍ୟ ଅଛନ୍ତି। ଅକ୍ଟୋବର ତୁଳନାରେ ନୂତନ ସଦସ୍ୟଙ୍କ ଯୋଗଦାନ ୧୬.୫୮% ବୃଦ୍ଧି ପାଇଛି। ବାର୍ଷିକ ଭିତ୍ତିରେ ୨୦୨୩ ନଭେମ୍ବର ତୁଳନାରେ ନୂତନ ସଦସ୍ୟଙ୍କ ସଂଖ୍ୟାରେ ୧୮.୮୦% ବୃଦ୍ଧି ଘଟିଛି। ୧୮ ରୁ ୨୫ ବର୍ଷ ବୟସ ବର୍ଗରେ ଯୋଗ ଦେଇଥିବା ସଦସ୍ୟଙ୍କ ସଂଖ୍ୟା ସର୍ବାଧିକ ରହିଛି। ୨୦୨୪ ନଭେମ୍ବରରେ ଇପିଏଫ୍‌ଓରେ ଯୋଗ ଦେଇଥିବା ସଦସ୍ୟମାନଙ୍କ ମଧ୍ୟରୁ ୫୪.୯୭% ୧୮-୨୫ ବୟସ ବର୍ଗର ଅଟନ୍ତି। ଅକ୍ଟୋବର ତୁଳନାରେ ଏହା ୯.୫୬% ଅଧିକ। ବେତନ ତଥ୍ୟରୁ ଜଣାପଡିଛି ଯେ ପ୍ରାୟ ୨.୪୦ ଲକ୍ଷ ନୂତନ ସଦସ୍ୟ ହେଉଛନ୍ତି ମହିଳା। ଏହି ସଂଖ୍ୟାରେ ମାସିକ ଅଭିବୃଦ୍ଧି ୧୪.୯୪% ହୋଇଛି। ୨୦୨୩ ନଭେମ୍ବର ତୁଳନାରେ ଏହି ଆକଳନ ବାର୍ଷିକ ୨୩.୬୨% ଅଭିବୃଦ୍ଧି ଦର୍ଶାଉଛି। ଦେଶର ସମସ୍ତ ରାଜ୍ୟ ମଧ୍ୟରେ ମହାରାଷ୍ଟ୍ର ନଭେମ୍ବର ମାସରେ ୨୦.୮୬% ନିଟ ସଦସ୍ୟ ଯୋଗ କରି ଆଗୁଆ ରହିଛି। ମହାରାଷ୍ଟ୍ର, କର୍ଣାଟକ, ତାମିଲନାଡୁ, ହରିୟାଣା, ଗୁଜରାଟ, ଦିଲ୍ଲୀ, ତେଲଙ୍ଗାନା ଏବଂ ଉତ୍ତରପ୍ରଦେଶ ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳ ନଭେମ୍ବରରେ ୫% ରୁ ଅଧିକ ସଦସ୍ୟଙ୍କୁ ଯୋଗଦାନ ଦେଇଛନ୍ତି।






## ଆଜିର ପେଟ୍ରୋଲ, ଡିଜେଲ ଦର

ସବୁଦିନ ପରି ଆଜି ବି ପେଟ୍ରୋଲ ଓ ଡିଜେଲ ଦରରେ କିଛିଟା ପରିବର୍ତ୍ତନ ହୋଇଛି। ତେବେ ଆଜିର ଦାମ ବିଷୟରେ ଜାଣିବା ପୂର୍ବରୁ ଆପଣଙ୍କୁ କହିରଖିବାକୁ ଚାହିଁବୁ ଯେ ପ୍ରତିଦିନ ଆପଣ ଆମର ଏ ପାଠ୍ୟକ୍ରମରେ ପେଟ୍ରୋଲ ଓ ଡିଜେଲ ଦରର ତାଜା ଅପଡେଟ ପ୍ରଥମେ ପାଇପାରିବେ। ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ବୃଦ୍ଧି ପାଇ ୧୦୧. ୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୬୯ ପଇସା ରହିଛି। ସେହିପରି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

## ଆଇଫୋନ୍ ଓ ଆଣ୍ଡ୍ରଏଡ୍‌ରେ ଭିନ୍ନ ଭିନ୍ନ ଭଡ଼ା

## ଓଲା ଓ ଉବେରକୁ କେନ୍ଦ୍ରର ନୋଟିସ୍

ନୂଆଦିଲ୍ଲୀ, ୨୩।୧: ଭାରତ ସରକାରଙ୍କ ଉପଭୋକ୍ତା ବ୍ୟାପାର ମନ୍ତ୍ରଣାଳୟ ଓଲା ଓ ଉବେରକୁ ନୋଟିସ୍ ଜାରି କରିଛି। ବିଭିନ୍ନ ଫୋନ୍ ବ୍ୟବହାରକାରୀଙ୍କ ପାଇଁ ମୂଲ୍ୟ ଭିନ୍ନ ଭିନ୍ନ କାହିଁକି ବୋଲି ମନ୍ତ୍ରଣାଳୟ ପ୍ରଶ୍ନ କରିଛି। ଏ ନେଇ ବିଜ୍ଞପ୍ତି ଜାରି କରି କ୍ୟାବ୍ ଏଗ୍ରିଗେଟରଙ୍କୁ ଏହାର ସ୍ପଷ୍ଟୀକରଣ ମାଗିଛି କେନ୍ଦ୍ର। ସେଣ୍ଟ୍ରାଲ କଞ୍ଜ୍ୟୁମର ପ୍ରୋଟେକ୍ସନ ଅଟରିଟି ଦ୍ୱାରା ଏହି ବିଜ୍ଞପ୍ତି ଜାରି କରାଯାଇଛି। ନିକଟରେ ଏକ ରିପୋର୍ଟରୁ ଜଣାପଡ଼ିଥିଲା ଯେ ଓଲା ଓ ଉବେର ଫୋନ୍ ମଡେଲ ଆଧାରରେ ଭିନ୍ନ ଭିନ୍ନ ଭଡ଼ା ଦେଖାଉଛନ୍ତି। ଆପଲ୍ ଆଇଫୋନ୍ ଏବଂ ଆଣ୍ଡ୍ରଏଡ୍ ଫୋନ୍ ପାଇଁ ଅଲଗା ଅଲଗା ଭଡ଼ା ଆଦାୟ କରାଯାଉଛି। ପ୍ରାଥମିକ ଯାଞ୍ଚରେ ମଧ୍ୟ ଫୋନ୍ ମଡେଲ୍ ଆଧାରରେ ଆପରେ ଭଡ଼ା ଭିନ୍ନ ଭିନ୍ନ ନଜର ଆସିଥିଲା। ଏବେ ସିସିପିଏ ତରଫରୁ ନୋଟିସ୍ ଜାରି କରାଯାଇ କ୍ୟାବ୍ ସର୍ଭିସ୍ ସମ୍ପର୍କିତ ଉତ୍ତର ମଗାଯାଇଛି। ଯଦିଓ ଓଲା ଓ ଉବେର ଏହି ପ୍ରସଙ୍ଗରେ କୌଣସି ଉତ୍ତର ରଖିନାହାନ୍ତି। କେନ୍ଦ୍ର ଉପଭୋକ୍ତା ବ୍ୟାପାର, ଖାଦ୍ୟ ଏବଂ ସାର୍ବଜନିକ ବିତରଣ ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ 'ଏକ୍ସ' ପ୍ଲାଟଫର୍ମରେ ଏକ ପୋଷ୍ଟ ସେୟାର କରି ଏହା ବିଷୟରେ ସୂଚନା ଦେଇଛନ୍ତି। ଦେଶରେ କ୍ରମାଗତ ଭାବେ ଓଲା ଓ ଉବେରର ମୂଲ୍ୟ ନିର୍ଦ୍ଧାରଣକୁ ନେଇ ପ୍ରଶ୍ନ ଉଠୁଥିଲା। ଦିଲ୍ଲୀର ଜଣେ ବ୍ୟବସାୟୀ ଓଲା ଓ ଉବର ଭଳି ରାଇଡ୍ ହେଲିଂ ଆପରେ ବିଭିନ୍ନ ମୂଲ୍ୟ ନିର୍ଦ୍ଧାରଣକୁ ନେଇ ଏକ ପୋଷ୍ଟ ସେୟାର କରିଥିଲେ। ପରବର୍ତ୍ତୀ ସମୟରେ ଉବର ଏହି ଅଭିଯୋଗକୁ ଖଣ୍ଡନ କରିଥିଲା। ଫୋନର ପ୍ରକାର ଉପରେ ଭଡ଼ାରେ କୌଣସି ପାର୍ଥକ୍ୟ ନାହିଁ ବୋଲି ଉବର କହିଥିଲା। ସ୍ମାର୍ଟଫୋନ୍ ମଧ୍ୟରେ ଆଣ୍ଡ୍ରଏଡ୍ ଓ ଆଇଫୋନ୍ ଦୁଇଟି ଭିନ୍ନ ପ୍ଲାଟଫର୍ମ। ଗୁଗଲର ଆଣ୍ଡ୍ରଏଡ୍ ପ୍ଲାଟଫର୍ମ ହୋଇଥିବା ବେଳେ ଆପଲ୍ ଆଇଫୋନରେ ବ୍ୟବହାର କରାଯାଇଥାଏ।

## ସେମିକଣ୍ଡକ୍ଟର ପ୍ରକଳ୍ପକୁ ୧୧୦କୋଟି ପ୍ରୋତ୍ସାହନ: ଆର୍‌ଆଇଆର୍ ପାୱାର ଇଲେକ୍ଟ୍ରୋନିକ୍ସ ସ୍ଥାପନ କରିବ

**ଭୁବନେଶ୍ୱର, ୨୩।୧:** ଆର୍‌ଆଇଆର୍ ପାୱାର ଇଲେକ୍ଟ୍ରୋନିକ୍ସ ଲିମିଟେଡ୍ ପକ୍ଷରୁ ରାଜ୍ୟରେ ସ୍ଥାପନ କରାଯିବାକୁ ଥିବା ସେମିକଣ୍ଡକ୍ଟର ପ୍ରକଳ୍ପ ଲାଗି ପ୍ରୋତ୍ସାହନ ପ୍ୟାକେଜ୍‌କୁ କ୍ୟାବିନେଟ୍ କମିଟିରେ ମଞ୍ଜୁରି ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏହି ପ୍ରକଳ୍ପକୁ ୫୦ ପ୍ରତିଶତ ପ୍ରୋତ୍ସାହନ ଦେବାକୁ ନିଷ୍ପତ୍ତି ହୋଇଛି। ସାଧାରଣତଃ ୩୦ ପ୍ରତିଶତ ପ୍ରୋତ୍ସାହନ ଦେବାର ବ୍ୟବସ୍ଥା ଥିଲେ ମଧ୍ୟ, ଏହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ହୋଇଥିବାରୁ ୫୦ ପ୍ରତିଶତ ପ୍ରୋତ୍ସାହନ ପ୍ରଦାନ କରିବାକୁ ନିଷ୍ପତ୍ତି ହୋଇଛି। ସେ ବାବଦକୁ ରାଜ୍ୟ ସରକାର ୨ଟି ପର୍ଯ୍ୟାୟରେ ୧୧୦ କୋଟି ଟଙ୍କା ପ୍ରଦାନ କରିବେ। ଆର୍‌ଆଇଆର୍ ପାୱାର ଇଲେକ୍ଟ୍ରୋନିକ୍ସ ପକ୍ଷରୁ ଭୁବନେଶ୍ୱରରେ ଦେଶର ପ୍ରଥମ ସିଲିକନ୍ କାର୍ବାଇଡ୍ ଉତ୍ପାଦନ କାରଖାନା ସ୍ଥାପନ କରାଯିବ। ସେଥିରେ ୬୧୮ କୋଟି ଟଙ୍କା ନିବେଶ ହେବ। କାରଖାନାକୁ ଦୁଇଟି ପର୍ଯ୍ୟାୟରେ କାର୍ଯ୍ୟକାରୀ କରାଯିବ। ଏହି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ସମାରୋହ ଗତବର୍ଷ ସେପ୍ଟେମ୍ବର ୭ରେ ଇନ୍‌ଫୋଭାଲିରେ ଇଲେକ୍ଟ୍ରୋନିକ୍ ମାନୁଫାକ୍‌ଚରିଂ ପାର୍କରେ ଅନୁଷ୍ଠିତ ହୋଇଯାଇଛି। ଏହି କାରଖାନାରେ ଉତ୍ପାଦିତ ସାମଗ୍ରୀକୁ ସିଆଇସି ଉପକରଣ, ଇଲେକ୍ଟ୍ରିକ୍ ଯାନ (ଇଭି), ଅକ୍ଷୟ ଶକ୍ତି, ରେଳବାଇ ଓ ପ୍ରତିରକ୍ଷା କ୍ଷେତ୍ରରେ ବ୍ୟବହାର କରାଯିବ। ଏହା ଦ୍ୱାରା ୭୫୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏହା ଭାରତର ପ୍ରଥମ କମ୍ପାଉଣ୍ଡର୍ ସେମିକଣ୍ଡକ୍ଟର ଫ୍ୟାବ୍ ହେବ ଯାହା ଉଚ୍ଚ ମାନର ପ୍ରକ୍ରିୟା ବ୍ୟବହାର କରିବ। ଆର୍‌ଆଇଆର୍ ହେଉଛି ଭାରତ ଏକମାତ୍ର ସିଲିକନ୍ ଭିତ୍ତିକ ଶକ୍ତି ଉପକରଣ ଉତ୍ପାଦନକାରୀ ଯାହା ଭେଲ୍, ଏବିବି ଓ ଭାରତୀୟ ରେଳକୁ ସେବା ଯୋଗାଉଛି। ଏହି ପ୍ରକଳ୍ପ ଓଡ଼ିଶାକୁ ଏକ ପ୍ରମୁଖ ସେମିକଣ୍ଡକ୍ଟର ହବ୍ ଭାବେ ଉପସ୍ଥାପିତ କରି ରାଜ୍ୟର ଶିଳ୍ପ ଅଭିବୃଦ୍ଧିକୁ ବଢ଼ାଇବ, ଯୋଗାଣ ଶୃଙ୍ଖଳ ବିକାଶ କରିବ ଓ ଦକ୍ଷତା ସୁଯୋଗରେ ଉନ୍ନତି ଆଣିବ।





## ଆଦିତ୍ୟ ହ୍ୟୁଣ୍ଡାଇର ତମାଣ୍ଡୋ ଓ ଉତ୍ତରା ଶୋରୁମ୍‌ରେ ଲଞ୍ଚ ହେଲା ଇଲେକ୍ଟ୍ରିକ୍ କ୍ରେଟା

**ଭୁବନେଶ୍ୱର, ୨୩।୧:** ଆପଣ ହୁଣ୍ଡାଇର ଇଲେକ୍ଟ୍ରିକ୍ କ୍ରେଟା ଭର୍ସନକୁ କିଣିବା ପାଇଁ ଅପେକ୍ଷା କରିଛନ୍ତି କି ? ଏବେ ଆପଣଙ୍କର ଅପେକ୍ଷାର ଅନ୍ତ ଘଟିଛି। ଭୁବନେଶ୍ୱରରେ ଆଦିତ୍ୟ ହୁଣ୍ଡାଇ ଲଞ୍ଚ କରିଛି ଏହି ବହୁ ପ୍ରତୀକ୍ଷିତ ହୁଣ୍ଡାଇ କ୍ରେଟା ଇଲେକ୍ଟ୍ରିକ୍ କାର୍। ଏହାର ତମାଣ୍ଡୋ ଓ ଉତ୍ତରା ଶୋରୁମ୍‌ରେ ଏହି ହୁଣ୍ଡାଇ ଇଲେକ୍ଟ୍ରିକ୍ କ୍ରେଟା କାର ଉପଲବ୍ଧ ଅଛି। ଏହି ଲଞ୍ଚିଂ କାର୍ଯ୍ୟକ୍ରମରେ ଉତ୍ତରା ଶୋରୁମ୍‌ର ଏଜିଏମ୍‌ଙ୍କ ସହ ଆଦିତ୍ୟ ଗ୍ରୁପ୍‌ର ସମସ୍ତ ସେଲ୍ସ ମ୍ୟାନେଜର ,ଉପ-ସଭାପତି ରାଜୀବ ପଣ୍ଡା ଓ ତମାଣ୍ଡୋ ଶୋରୁମ୍‌ର ଏଜିଏମ୍ ଉପସ୍ଥିତ ରହିଥିଲେ। ଏହି ହୁଣ୍ଡାଇ ଇଲେକ୍ଟ୍ରିକ୍ କ୍ରେଟାର ପ୍ରାରମ୍ଭିକ ମୂଲ୍ୟ୧୭ଲକ୍ଷ ୯୯ହଜାର ଟଙ୍କା ରହିଛି । ଗ୍ରାହକଙ୍କୁ ଆକୃଷ୍ଟ କରିବା ଭଳି ଏହି କାରରେ ଅତ୍ୟାଧୁନିକ ସୁରକ୍ଷା ଫିଚର୍ସ ସହ ଉନ୍ନତ ଡିଜାଇନ ରହିଛି। ଏଥିରେ ଅବିଶ୍ୱସନୀୟ ଭାବେ ଉନ୍ନତ ଟେକ୍ନୋଲଜି ସହ ଇଲେକ୍ଟ୍ରିଫାଇଂ ପରଫର୍ମାନ୍ସ ଓ ସୁରକ୍ଷା ବ୍ୟବସ୍ଥା ଉପରେ ଧ୍ୟାନ ଦିଆଯାଇଛି। ଏହା ଭାରତୀୟ ଗ୍ରାହକଙ୍କୁ ଟେକ୍ନୋଲୋଜିକାଲ୍ ଉନ୍ନତ ଉତ୍ପାଦ ପ୍ରଦାନ କରିବାକୁ ପ୍ରତିଶ୍ରୁତିବଦ୍ଧ। ହୁଣ୍ଡାଇ କ୍ରେଟାରେ ଉପଲବ୍ଧ ଥିବା ଅନ୍ୟ ଫିଚର୍ସ ବିଷୟରେ ଯଦି କହିବା ତ, ଏଥିରେ ୬ ଏୟାରବ୍ୟାଗ, ଅଲ୍-ହ୍ୱିଲ ଡିସ୍କ ବ୍ରେକ୍, ଇଲେକ୍ଟ୍ରନିକ୍ ପାର୍କିଂ ବ୍ରେକ୍, ଅଟୋ ହିଲ୍ କଣ୍ଟ୍ରୋଲ୍, ଇଲେକ୍ଟ୍ରନିକ ଷ୍ଟାବିଲିଟି କଣ୍ଟ୍ରୋଲ୍, ଭେଇକଲ୍ ଷ୍ଟାବିଲିଟି ମ୍ୟାନେଜମେଣ୍ଟ, ଚାଇଲ୍ଡ ସିଟ ସପୋର୍ଟ ଏବଂ ଟାୟାର ପ୍ରେସ୍‌ର ମନିଟରିଂ ସିଷ୍ଟମ୍ ପରି ଅନେକ ଫିଚର୍ସ ସାମିଲ ରହିଛି ।

# ଉତ୍କର୍ଷ ଓଡ଼ିଶା କନ୍‌କ୍ଲେଭ୍: ଆସିବେ ୫୦ହଜାର ପ୍ରତିନିଧି



- ୧୨ଟି ଦେଶରୁ ଆସିବେ ନିବେଶକ
- ୨୭ରେ ହେବ ୫ଟି ଅଧିବେଶନ
- ୬୦ ଯୁବ ଉଦ୍ୟୋଗୀଙ୍କୁ ସମ୍ବର୍ଦ୍ଧିତ କରାଯିବ

**ଭୁବନେଶ୍ୱର, ୨୩।୧:** ଚଳିତ ମାସ ୨୮ ଓ ୨୯ ତାରିଖରେ ଜନତା ମଇଦାନରେ ଆୟୋଜନ କରାଯିବ ରାଜ୍ୟର ପ୍ରମୁଖ ନିବେଶ ସମ୍ମିଳନୀ ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍। ସେଥିରେ ବିଭିନ୍ନ ଦେଶର ରାଷ୍ଟ୍ରଦୂତ, ଭାରତ ଓ ଅନ୍ୟ ୧୨ଟି ଦେଶର ବିଶିଷ୍ଟ ଶିଳ୍ପପତିଙ୍କ ସମେତ ୫୦୦୦ରୁ ଅଧିକ ପ୍ରତିନିଧି ଯୋଗଦେବେ। ଶିଳ୍ପ ବିଭାଗର ପ୍ରମୁଖ ସଚିବ ହେମନ୍ତ ଶର୍ମା ଏନେଇ ସୂଚନା ଦେଇଛନ୍ତି। ଜାନୁଆରି ୨୮ରେ ଏହି କନ୍‌କ୍ଲେଭ୍‌କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଦ୍‌ଘାଟନ କରିବେ। ଉଦ୍‌ଘାଟନୀ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟମାନେ ଉପସ୍ଥିତ ରହିବେ। ଶ୍ରୀ ଶର୍ମା କହିଛନ୍ତି ଯେ ଅଷ୍ଟ୍ରେଲିଆ, ଜାପାନ, ବ୍ରିଟେନ୍, ଜର୍ମାନୀ, ସିଙ୍ଗାପୁର, ମାଲେସିଆ, କ୍ୟୁବା ଓ ହଲାଣ୍ଡ ଭଳି ୧୨ଟି ଦେଶର ନିବେଶକଙ୍କୁ ଆମନ୍ତ୍ରଣ କରାଯାଇଛି। ରାଜ୍ୟ ସରକାର ୪୦୦ଟି ଫର୍ଚୁନ୍ କମ୍ପାନି ମଧ୍ୟରୁ ୧୦୦ଟି କମ୍ପାନିକୁ ଉତ୍କର୍ଷ ଓଡ଼ିଶା କନ୍‌କ୍ଲେଭ୍‌ରେ ଯୋଗଦେବାକୁ ନିମନ୍ତ୍ରଣ କରିଛନ୍ତି। ଏହି ଦୁଇଦିନିଆ ସମ୍ମିଳନୀରେ ବହୁ ସଂଖ୍ୟାରେ ନିବେଶକ ଓ ଶିଳ୍ପ ପ୍ରତିନିଧି ଯୋଗଦେବେ ବୋଲି ସେ କହିଛନ୍ତି। କନ୍‌କ୍ଲେଭ୍ ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ସୂଚନା ପ୍ରଯୁକ୍ତି, ଅକ୍ଷୟ ଶକ୍ତି, ରସାୟନ, ବୟନ ଓ ଖାଦ୍ୟ ପ୍ରକ୍ରିୟାକରଣକୁ ପାଞ୍ଚଟି ଫୋକସ୍ କ୍ଷେତ୍ର ଭାବେ ଚୟନ କରାଯାଇଛି। ଯଦିଓ ୨୮ ଓ ୨୯ରେ କନ୍‌କ୍ଲେଭ୍ ଆୟୋଜନ କରିବାକୁ ସ୍ଥିର ହୋଇଛି, କିନ୍ତୁ ଗୋଟିଏ ଦିନ ପୂର୍ବରୁ ଅର୍ଥାତ ଜାନୁଆରି ୨୭ରେ ପାଞ୍ଚଟି ଅଧିବେଶନ ଆୟୋଜନ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। କନ୍‌କ୍ଲେଭ୍‌ର ସହଯୋଗୀ ଥିବା ଭାରତୀୟ ଶିଳ୍ପ ସଂଘ (ସିଆଇଆଇ) ର ଜାତୀୟ ପରିଷଦ ପ୍ରାୟ ୨୦୦ ବରିଷ୍ଠ ସଦସ୍ୟ ଓଡ଼ିଶା ଆସୁଥିବାରୁ ତାହାର ଲାଭ ଉଠାଇବା ଲାଗି ଏହି ଅଧିବେଶନଗୁଡ଼ିକ ଆୟୋଜନ କରିବାକୁ ଯୋଜନା ହୋଇଛି। ସେଥିରେ ରାଜ୍ୟର ବିଭିନ୍ନ ବିଭାଗର ମନ୍ତ୍ରୀ ଓ ସଚିବମାନେ ଯୋଗଦେଇ ଶିଳ୍ପାୟନ, ଶିଳ୍ପ ଭିତ୍ତିଭୂମି, ପ୍ରୋତ୍ସାହନ ଆଦି ଉପରେ ଆଲୋଚନା କରିବେ। ସିଆଇଆଇ ସଦସ୍ୟଙ୍କ ସହିତ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କ ଏକ ବଡ଼ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରିବାକୁ ସ୍ଥିର ହୋଇଛି। ଜାନୁଆରି ୨୮ ପୂର୍ବାହ୍ନରେ ବିଶିଷ୍ଟ ଶିଳ୍ପପତିମାନେ ଆସିବେ। ସେହିଦିନ ଉଦଘାଟନୀ ସମାରୋହ ଅନୁଷ୍ଠିତ ହେବ ଏବଂ ଅପରାହ୍ନରେ ପାଞ୍ଚଟି ଅଧିବେଶନ ଆୟୋଜନ କରାଯିବ। କନ୍‌କ୍ଲେଭ୍‌ର ଦ୍ୱିତୀୟ ଦିନ (ଜାନୁଆରି ୨୯) ୧୦ଟି ଅଧିବେଶନ ଆୟୋଜନ କରାଯିବ। ଉଦ୍‌ଯାପନୀ ସମାରୋହରେ ରାଜ୍ୟର ୩୦ଟି ଜିଲ୍ଲାରୁ ଲଘୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) କ୍ଷେତ୍ରରେ କାର୍ଯ୍ୟ କରୁଥିବା ୬୦ ଜଣ ଯୁବ ଉଦ୍ୟୋଗୀଙ୍କୁ ଚୟନ କରାଯିବ ଯେଉଁମାନଙ୍କ ବୟସ ୪୦ ବର୍ଷରୁ କମ୍। ପ୍ରତି ଜିଲ୍ଲାରୁ ୨ ଜଣ ଲେଖାଏଁ ଉଦ୍ୟୋଗୀଙ୍କୁ ଚୟନ କରି ସେମାନଙ୍କୁ ସମ୍ବର୍ଦ୍ଧିତ କରାଯିବ। କନ୍‌କ୍ଲେଭ୍‌ର ସାଂସ୍କୃତିକ ମଞ୍ଚରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନର ମଧ୍ୟ ଯୋଜନା ରହିଛି ବୋଲି ଶ୍ରୀ ଶର୍ମା କହିଛନ୍ତି।

# ବ୍ଲକସ୍ତରୀୟ ଦୀର୍ଘସ୍ଥାୟୀ କୀଟନାଶକ ମଶାରୀ ବଣ୍ଟନ ଉଦ୍‌ଘାଟିତ



**ବୋରିଗୁମ୍ମା,୨୩/୧(ସଂଚାର ବ୍ୟୁରୋ):** କୋରାପୁଟ ଜିଲ୍ଲା ବୋରିଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରପକ୍ଷରୁ ମ୍ୟାଲେରିଆ ନିରାକରଣ ଅଭିଯାନ ଆରମ୍ଭ ହୋଇଛି । ବୋରିଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡାକ୍ତର ଶ୍ରୀକାନ୍ତ ଶତପଥୀଙ୍କ ଅଧ୍ୟକ୍ଷତାରେ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଦୀର୍ଘସ୍ଥାୟୀ କୀଟନାଶକ ମଶାରୀ(ଏଲଏଲଆଇଏ) ବଣ୍ଟନର ଶୁଭାରମ୍ଭ ହୋଇଯାଇଛି। ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ମଶାରୀ ବଣ୍ଟନର ଶୁଭାରମ୍ଭ କରିଥିଲେ।ମୁଖ୍ୟ ଅତିଥି ଶ୍ରୀ ବାହିନୀପତିଙ୍କ ଦ୍ୱାରା ପୁରୁଣା ବୋରିଗୁମ୍ମା ଉପସ୍ୱାସ୍ଥ୍ୟ କେନ୍ଦ୍ର ଅଧିନସ୍ୱାଥ ବାରଙ୍ଗ ଗୁଡା ଗ୍ରାମର ୩୦ ହିତାଧିକାରୀ ପରିବାରଙ୍କୁ ମଶାରୀ ବଣ୍ଟନ କରାଯାଇଥିଲା। ସମସ୍ୱାତେ ମିଳିମିଶି ଏକଜୁଟ ହେଓ୍ୱା, ଆମ ଅଞ୍ଚଳରୁ ମ୍ୟାଲେରିଆ ମୁକ୍ତକରିବା ପାଇଁ ଉପସ୍ୱାଥିତ ଅଙ୍ଗନବାଡି, ଆଶାକର୍ମୀ, ଏସଏଚଜି ମହିଳାଙ୍କୁ ମଶାରୀର ଉପକାରିତା ବିଷୟରେ ଜନସାଧାରଣଙ୍କୁ ସଚେତନ କରିବାକୁ ଶ୍ରୀ ବାହିନୀପତି ପରାମର୍ଶ ଦେଇଥିଲେ । ସମ୍ମାନିତ ଅତିଥିଭାବେ ସାଂସଦ ପ୍ରତିନିଧି ରାମଚନ୍ଦ୍ର ପାଢ଼ୀ, ଅଶୋକ ଗନ୍ତାୟତ, ବୋରିଗୁମ୍ମା ବଣିକ ସଂଘ ସଭାପତି ସୂର୍ଯ୍ୟ ନାରାୟଣ ଆଚାରୀ, କୈଳାସ ଚନ୍ଦ୍ର ରଥ ପ୍ରମୁଖ ମଞ୍ଚାସିନ ଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ କେନ୍ଦ୍ର ର ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡାକ୍ତର ଶ୍ରୀକାନ୍ତ ଶତପଥୀ, ସ୍ୱାତ୍ରୀ ଓ ପ୍ରସୂତି ବିଭାଗ ଡାକ୍ତର ପ୍ରବୀଣ କୁମାର ଦାଶ, ବି ପି ମ୍ ସରୋଜ କୁମାର ମହାପାତ୍ର, କିରାଣୀ ଶ୍ରୀଧର ହୋତା, ଶିବ ପ୍ରସାଦ ନାୟକ, ଦମୟନ୍ତୀ ମୁଦୁଲି, ଶ୍ରୀନିବାସ ରାଓ, ବାଲେଶ୍ୱର ନାୟକ ଏବଂ ଗୋଲକ ବିହାରୀ ଚୌଧୁରୀ ଉପସ୍ୱାଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଚୁଲିକୁ ଗଲା ୩ ଶହ ୟୁନିଟ ମାଗଣା ବିଜୁଳି

- ଉପଭୋକ୍ତା ଉପରେ ସ୍ମାର୍ଟ ମିଟର ବୋଝ
- କାହା ସ୍ୱାର୍ଥରେ ସ୍ମାର୍ଟ ମିଟର
- ଆଦେଶ ପ୍ରତ୍ୟାହାର ନହେଲେ ଆନ୍ଦୋଳନ




**କାକଟପୁର /ଅସ୍ତରଙ୍ଗ,୨୩/୧(ସଂଚାର ବ୍ୟୁରୋ):** ସ୍ମାର୍ଟ ମିଟରକୁ ନେଇ କାକଟପୁର ଓ ଅସ୍ତରଙ୍ଗ ଅଞ୍ଚଳରେ ଅସନ୍ତୋଷର ନିଆଁ ଦେଖିବାକୁ ମିଳିଛି । ଟାଟା ପାୱାର ପକ୍ଷରୁ ସଚଳ ପୁରୁଣା ମିଟର ବଦଳାଇ ଏବେ ନୂଆ ପ୍ରିପେଡ଼ ସ୍ମାଟ ମିଟର ଲଗାଯାଉଥିବାରୁ ପ୍ରବଳ ଜନଅସନ୍ତୋଷ ଦେଖିବାକୁ ମିଳୁଛି। ବର୍ତ୍ତମାନ ପୁରୀ ଜିଲ୍ଲା ଅସ୍ତରଙ୍ଗ ଓ କାକଟପୁର ରେ ଟାଟା ପାୱାର ପକ୍ଷରୁ କିଛି ଗ୍ରାହକମାନଙ୍କର ମିଟର ଚାଲୁଥିବା ବେଳେ ଏହା ପୁରୁଣା ମିଟର ଏଥିରୁ ଆଉ ରିଡିଙ୍ଗ ନିଆଯିବ ନାହିଁ କହି ଆଭରେଜ ବିଲ ଏ ମାସ ଠାରୁ ଦେଉଛନ୍ତି।ଗ୍ରାହକ ଯେତିକି ମାସିକ ଦେୟ ଦେଉଥିଲେ ଏବେ ଆଭରେଜ ବିଲ ଦିଆଯିବା ଫଳରେ ୨ରୁ ୩ଗୁଣା ଦେୟ ବଢ଼ିଛି। ଏହି ମିଟର ଲଗାଯିବା ଫଳରେ ପୂର୍ବରୁ ଯାହା ମାସିକ ବିଲ ଆସୁଥିଲା ଏବେ ତାହା ୫ଗୁଣା ବଢ଼ି ଯିବାରୁ ଗ୍ରାହକ ମାନେ ଅସୋନ୍ତସ ପ୍ରକାଶ କରିଛନ୍ତି।କାକଟପୁର ଓ ଅସ୍ତରଙ୍ଗ ଅଞ୍ଚଳରେ ଅନେକ ଉପଭୋକ୍ତାଙ୍କ ଘରେ ସ୍ମାର୍ଟ ମିଟରକୁ ବସାଇବାକୁ ନେଇ ତୀବ୍ର ଅସନ୍ତୋଷ ସାଙ୍ଗକୁ ବିରୋଧାଭାଷ ଜାରି ରହିଛି। ସ୍ମାର୍ଟ ମିଟର ବସାଇବା ଆଦେଶ ପ୍ରତ୍ୟାହାର କରାନଗଲେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ଉପଭୋକ୍ତା ମତ ଦେଲଣି। ଟାଟା ପାୱାର ନିଷ୍ପତ୍ତି ଅନୁଯାୟୀ ଉପଭୋକ୍ତାମାନେ ମିଟର ଲଗାଇଥିଲେ। ଏହି ମିଟର ତ୍ରୁଟିପୂର୍ଣ୍ଣ ଯୋଗୁଁ ମାତ୍ରାଧିକ ବିଲ ଆସୁଥିବା ନେଇ ବାରମ୍ବାର ଅଭିଯୋଗ ପରେ କିଛି କରାଯାଉନାହିଁ। କେତେକ କ୍ଷେତ୍ରରେ ଟାଟା ପାୱାର କର୍ମଚାରୀ ଏକ ଯନ୍ତ୍ର ସାହାଯ୍ୟରେ ନାମକୁ ମାତ୍ର ପରୀକ୍ଷା କରି ମିଟର ଠିକ ଥିବା ଦର୍ଶାଉଛନ୍ତି। ଯାହାଫଳରେ ବିଦ୍ୟୁତ ଉପଭୋକ୍ତା ମାତ୍ରାଧିକ ବିଲ ଦେଇ ଶୋଷଣର ଶିକାର ହେଉଛି । ନୂତନ ବ୍ୟବସ୍ଥା ଅନୁଯାୟୀ ସ୍ମାର୍ଟ ମିଟର ଲଗାଇଲେ ମିଟର ଦେୟ, ମାସିକ ମିଟର ଭଡା ଓ ମାତ୍ରାଧିକ ବିଲ ଦେବାକୁ ଉପଭୋକ୍ତା ବାଧ୍ଯ ହେବ ବୋଲି ଉପଭୋକ୍ତା ମାନେ କହିଛନ୍ତି। ରାଜ୍ୟର ନୂତନ ସରକାର ୩୦୦ ୟୁନିଟ ମାଗଣା ବିଦ୍ୟୁତ ଯୋଗାଣ ଉପରେ କୌଣସି ପଦକ୍ଷେପ ନେଇ ନଥିବାବେଳେ ସ୍ମାର୍ଟ ମିଟର ଲଗାଇବା ପାଇଁ ରାଜ୍ୟ ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀଙ୍କ ବିବୃତି ବିଦ୍ୟୁତ ଉପଭୋକ୍ତାମାନଙ୍କୁ ବ୍ୟଥିତ ଓ ଚିନ୍ତିତ କରିଛି । ସେସୁ, ଏନଜେନ ପରେ ଟାଟା ପାୱାର ବିଦ୍ୟୁତ ବଣ୍ଟନ ଦାୟିତ୍ୱ ନେବା ପରେ ନୂତନ ବିଦ୍ୟୁତ ସଂଯୋଗ ଦେୟ ବଢ଼ିବା ସହିତ ଉପଭୋକ୍ତାଙ୍କ ଘରର ଲୋଡ଼ ମନଇଚ୍ଛା ବୃଦ୍ଧି କରାଯାଇ ଜୋରିମାନା କରାଯାଉଛି । ଯାହାଫଳରେ ବିଦ୍ୟୁତ ଗ୍ରାହକ ଶୋଷଣର ଶିକାର ହେଉଛନ୍ତି । କିନ୍ତୁ ଶୁଣିବାକୁ କେହି ନାହିଁ । ବିଦ୍ୟୁତ ସଂସ୍କାର ନାଁ ରେ କୋଟି କୋଟି ଟଙ୍କା ବ୍ୟୟ ପରେ ଅଘୋଷିତ ବିଦ୍ୟୁତ କାଟ, ଲୋ -ଭୋଲଟେଜ ସମସ୍ୟା ସହିତ ପୁରୁଣା ତାର ଖୁଣ୍ଟ ଓ ଷ୍ଟ୍ରକଚର ସାମଗ୍ରିକ ବ୍ୟବସ୍ଥାକୁ ଉପହାସ କରୁଛି । ରାଜ୍ୟ ସରକାର ତଥା ବିଦ୍ୟୁତ ବିଭାଗ ଉପଭୋକ୍ତାଙ୍କ ସମୂହ ସ୍ୱାର୍ଥ ଦୃଷ୍ଟିରୁ ସ୍ମାର୍ଟ ମିଟର ଲଗାଇବା ଆଦେଶ ତୁରନ୍ତ ପ୍ରତ୍ୟାହାର ନ କଲେ ଉପଭୋକ୍ତା ମାନେ ବ୍ୟାପକ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ଜିନ୍ଦଲ ଷ୍ଟିଲ ଏଣ୍ଡ ପାୱାର ପକ୍ଷରୁ 'ଫ୍ଲାଗ ଫାଉଣ୍ଡେସନ ଡେ' ପାଳିତ



**ଯୋଡ଼ା/ବଡ଼ବିଲ,୨୩।୧(ସଂଚାର ବ୍ୟୁରୋ):** ଜିନ୍ଦଲ ଷ୍ଟିଲ ଏଣ୍ଡ ପାୱାର (ଜେଏସପି) ପକ୍ଷରୁ 'ଫ୍ଲାଗ ଫାଉଣ୍ଡେସନ ଡେ' ବଡ଼ବିଲ, କାଶିଆ ଓ ଟେନ୍ସା ୟୁନିଟରେ ବଡ଼ ଉତ୍ସାହର ସହ ପାଳିତ ହୋଇଯାଇଛି। ସର୍ବସାଧାରଣଙ୍କୁ ସମ୍ମାନର ସହ ମୁକ୍ତ ଭାବେ ଜାତୀୟ ପତାକା ଉଡ଼ାଇବାର ଅଧିକାର ଦେବା ପାଇଁ ଜେଏସପିର ଅଧ୍ୟକ୍ଷ ତଥା ଫ୍ଲାଗ ଫାଉଣ୍ଡେସନ ଅଫ୍ ଇଣ୍ଡିଆର ସଭାପତି ଶ୍ରୀ ନବୀନ ଜିନ୍ଦଲଙ୍କ ଦ୍ୱାରା ଚାଲିଥିବା ଦଶନ୍ଧିର ନ୍ୟାୟିକ ସଂଗ୍ରାମକୁ ସମ୍ମାନ ଦେବା ଉପଲକ୍ଷେ ଏହି 'ଫ୍ଲାଗ ଫାଉଣ୍ଡେସନ ଡେ' ପାଳିତ ହୋଇଆସୁଛି। ବଡ଼ବିଲ ପେଲେଟ ପ୍ଲାଣ୍ଟ ପରିସରରେ ୟୁନିଟ ହେଡ୍ ଶ୍ରୀ ପୁରୁଷୋତ୍ତମ ଏମଡି. ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସେହିପରି କାଶିଆ ଓ ଟେନ୍ସା ମାଇନ୍ସ ପରିସରରେ ୟୁନିଡ ହେଡ୍ ଶ୍ରୀ ପ୍ରମୋଦ କୁମାର ପାତ୍ର ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ କର୍ମଚାରୀ ଓ ଅଧିକାରୀ ସାମିଲ ହୋଇଥିଲେ। ଜାନୁଆରୀ ୨୩ ଏକ ବିରାଟ ଐତିହାସିକ ମୂହୁର୍ତ୍ତକୁ ସ୍ମରଣ କରାଏ; କାରଣ ୨୦୦୪ ମସିହା, ଏହି ଦିନରେ ଶ୍ରୀ ଜିନ୍ଦଲଙ୍କ ଦଶନ୍ଧିର ନ୍ୟାୟିକ ସଂଗ୍ରାମରେ ସୁପ୍ରିମକୋର୍ଟରେ ବିଜୟ ମିଳିଥିଲା। ଏହି ଐତିହାସିକ ରାୟ ସର୍ବସାଧାରଣଙ୍କ ମୁକ୍ତ ଓ ସମ୍ମାନର ସହ ଜାତୀୟ ପତାକା ଉଡ଼ାଇବାର ଅଧିକାରକୁ ସାବ୍ୟସ୍ତ କରିଥିଲା। ଏହି ରାୟ ଦ୍ୱାରା ତ୍ରିରଙ୍ଗାକୁ ଏକତା, ଗୌରବ ଓ ଦେଶ ପ୍ରତି ନିଷ୍ଠାର ପ୍ରତୀକ ଭାବେ ସ୍ୱୀକୃତି ମିଳିଥିଲା। ଶ୍ରୀ ନବୀନ ଜିନ୍ଦଲ ଓ ଜିନ୍ଦଲ ଫାଉଣ୍ଡେସନର ଅଧ୍ୟକ୍ଷା ଶ୍ରୀମତୀ ଶାଲୁ ଜିନ୍ଦଲଙ୍କ ଦ୍ୱାରା ପ୍ରତିଷ୍ଠିତ ଫ୍ଲାଗ୍ ଫାଉଣ୍ଡସନ ଅଫ୍ ଇଣ୍ଡିଆ ଜାତୀୟ ପତାକାର ଗୌରବର ପ୍ରସାର ପାଇଁ ଉଲ୍ଲେଖନୀୟ କାର୍ଯ୍ୟ କରିଆସୁଛି। ବିଭିନ୍ନ ସମୟରେ ଆଲୋଚନାଚକ୍ରର ଆୟୋଜନ, ପୁସ୍ତକ ପ୍ରକାଶନ, ତ୍ରିରଙ୍ଗା ଦୌଡ଼ ଓ ସ୍ମାରକୀ ଜାତୀୟ ପତାକା ସ୍ତମ୍ଭ ସ୍ଥାପନ ଦ୍ୱାରା ଜାତୀୟ ପତାକା ପ୍ରତି ନାଗରିକଙ୍କ ସମ୍ମାନ ବୃଦ୍ଧି ପାଇଁ ଫାଉଣ୍ଡେସନ କାର୍ଯ୍ୟ କରିଆସୁଛି। ଦେଶ ବ୍ୟାପୀ ୧୬୩ ଓ ଓଡ଼ିଶାରେ ୮ଟି ସ୍ମାରକୀ ଜାତୀୟ ପତାକା ସ୍ତମ୍ଭ ସ୍ଥାପନ ହୋଇସାରିଥିବା ବେଳେ ଫାଉଣ୍ଡେସନ ପକ୍ଷରୁ ଏହି ଅଭିଯାନ ଜାରି ରହିଛି। ଫ୍ଲାଗ ଫାଉଣ୍ଡେସନ ଡେ ଅବସରରେ ଶ୍ରୀ ଜିନ୍ଦଲ ସବୁ ଘରେ ତ୍ରିରଙ୍ଗା, ସବୁ ଦିନ ତ୍ରିରଙ୍ଗା ଉଦ୍ଦେଶ୍ୟକୁ ସଫଳ କରିବା ପାଇଁ ଆହ୍ୱାନ ଦେଇଛନ୍ତି।

# ଶିକ୍ଷାଧିକାରୀଙ୍କୁ ବିଦାୟୀ ସମ୍ବର୍ଦ୍ଧନା



**ସୁବର୍ଣ୍ଣପୁର,୨୩।୧ (ସଂଚାର ବ୍ୟୁରୋ):** ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ଖାରବେଳ ନଗର-୫ ଭୁବନେଶ୍ୱର ଆନୁକୁଲ୍ୟରେ ସୁବର୍ଣ୍ଣପୁର ଜିଲ୍ଲାର ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ଲକ୍ଷ୍ମଣ ଭୋଇ ଙ୍କୁ ବିଦାୟୀ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମ ଡା.ଅନିତା ମେହେର ଙ୍କ ସଭାପତିତ୍ୱରେ ଜିଲ୍ଲାର ସମସ୍ତ ବର୍ଗର ଶିକ୍ଷକ ଓ ପ୍ରଧାନ ଶିକ୍ଷକ ସି.ଆର୍.ସି.ସି ଉପସ୍ଥିତ ରହି ଶ୍ରୀଯୁକ୍ତ ଭୋଇଙ୍କ ସ୍ମୃତି ଉଚ୍ଚାରଣ କରିଥିଲେ। ଶିକ୍ଷକ ମାନେ ଶ୍ରୀଯୁକ୍ତ ଉମାକାନ୍ତ ମିଶ୍ର, ବ୍ରଜ ମୋହନ ସାହୁ,ବ୍ରତାନନ୍ଦ ଭୋଇ, ପୁରୁଷୋତ୍ତମ ସାହୁ, ଚୈତନ୍ୟ ବିଶ୍ୱାଳ, ମଣିନ୍ଦ୍ର ମହକୁର,ରମେଶ ମେହେର,ଭଗ୍ୟସିନି ମିଶ୍ର,ପ୍ରମିଳା ବେହେରା,ରଶ୍ମିତା ସାହୁ ସହଯୋଗ କରିଥିଲେ ।

# ଶୃଙ୍ଖଳିତ ଜୀବନଯାପନ ସୁସ୍ଥ ସମାଜ ଗଠନ କରେ

## ନୀଳକଣ୍ଠ ସରକାରୀ ଉ.ପ୍ରା. ବିଦ୍ୟାଳୟର ବାର୍ଷିକ ଉତ୍ସବ



**ବାଲିପାଟଣା,୨୩।୧ (ସଂଚାର ବ୍ୟୁରୋ):** ବାଲିପାଟଣା ବ୍ଲକ ଅନ୍ତର୍ଗତ ଦଳକଷୋଟି ଗ୍ରାମ ନୀଳକଣ୍ଠ ସରକାରୀ ଉ.ପ୍ରା. ବିଦ୍ୟାଳୟ ପରିସରରେ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତି ସଂଯୁକ୍ତା ସାହୁଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭାର ଆୟୋଜନ ହୋଇଥିଲା। ସଭାରେ ଯୋଗ ଦେଇଥିବା ଅତିଥିଗଣ ଛାତ୍ରଛାତ୍ରୀ ଏବଂ ଅଭିଭାବକ ମାନଙ୍କୁ ସୁଚିନ୍ତିତ ପରାମର୍ଶ ଦେଇଥିଲେ। ମୁଖ୍ୟ ଅତିଥି ଟିଭି ଉପସ୍ଥାପିକା ଇତିଶ୍ରୀ ନାୟକ କହିଥିଲେ ଛାତ୍ରଛାତ୍ରୀମାନେ ଶୃଙ୍ଖଳିତ ଜୀବନଯାପନ ସହିତ ଗୁରୁଜନ ଏବଂ ପିତା ମାତାଙ୍କୁ ସମ୍ମାନ ଦେଲେ ଜୀବନ ରେ ଜଣେ ଜଣେ ଭଲ ମଣିଷ ହୋଇ ପାରିବେ। ଅଭିଭାବକ ମାନେ ଛାତ୍ରଛାତ୍ରୀମାନଙ୍କ ଉପରେ ପାଠ ପଢ଼ା ପାଇଁ ଚାପ ପକାଇବା ଉଚିତ୍ ନୁହେଁ ବୋଲି ଇତିଶ୍ରୀ କହିଥିଲେ। ସେହିପରି ସମ୍ମାନୀତ ଅତିଥି ବରିଷ୍ଠ ସାମ୍ବାଦିକା ଡକ୍ଟର ସୌମ୍ୟା ପରିଡ଼ା କହିଥିଲେ ଛାତ୍ରଛାତ୍ରୀମାନେ ମୋବାଇଲ୍ ଠାରୁ ଦୂରେଇ ରହିବା ଆବଶ୍ୟକ। ପ୍ରତ୍ୟେକ ଛାତ୍ରଛାତ୍ରୀ ପାଠପଢ଼ା ସହ ବୃକ୍ଷରୋପଣ କଲେ ଏକ ସୁନ୍ଦର ଏବଂ ସ୍ୱାସ୍ଥ୍ୟ କର ପରିବେଶ ଗଢି ଉଠିବ ବୋଲି ସୌମ୍ୟା କହିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପ୍ରତିଷ୍ଠାତା ସ୍ୱର୍ଗତ ନିତ୍ୟାନନ୍ଦ ପରିଡାଙ୍କ ପରିବାର ସଦସ୍ୟ ଶ୍ରୀମତୀ ସଂଧ୍ୟାରାଣୀ ପରିଡା, ଶ୍ରୀଯୁକ୍ତ ନିରଞ୍ଜନ ପରିଡା, ଶ୍ରୀଯୁକ୍ତ ଜମ୍ବେଶ୍ୱର ପରିଡା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁଶାନ୍ତ ପାଢ଼ୀ, ମୋ ସ୍କୁଲ୍ ସଭାପତି ରତିକାନ୍ତ ବେହେରା, ଚକ୍ରଧର ନାୟକ, ସୁରେନ୍ଦ୍ର ସ୍ୱାଇଁ, କ୍ଲଷ୍ଟର ସିଆରସିସି ଶ୍ରୀମତୀ ଲକ୍ଷ୍ମୀପ୍ରିୟା ପରିଡା, ମୁଖ୍ୟ ବକ୍ତା ଭାବେ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ହରିହର ବେହେରା ଯୋଗ ଦେଇଥିଲେ। ଶିକ୍ଷକ ରମାରଞ୍ଜନ ଦାସ ମଞ୍ଚ ପରିଚାଳନା କରିଥିଲେ।

# ନେତାଜୀ ଓ ସୁରେନ୍ଦ୍ର ସାଏଙ୍କ ଜନ୍ମ ଜୟନ୍ତୀରେ ମେଗା ରକ୍ତ ଦାନ ଶିବିର



**ସୁବର୍ଣ୍ଣପୁର,୨୩।୧(ସଂଚାର ବ୍ୟୁରୋ):** ନେତାଜୀ ସୁବାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମ ଜୟନ୍ତୀ ପାଳନ ଅବସରରେ ଓ ଯୁବ ସାମ୍ବାଦିକ ତଥା ଯୁବ ସମାଜସେବୀ ସୁବାଷ ଚରଣ ପଣ୍ଡା ଙ୍କ ୪୫ ତମ ଜନ୍ମ ଦିନ ଅବସର ରେ ଆଜି ଏକ ମେଗା ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଶ୍ରୀ ହନୁମାନ ମନ୍ଦିର କଲ୍ୟାଣ ମଣ୍ଡପ ମଝିପଡ଼ା ଠାରେ ଅନୁଷ୍ଠିତ ଏହି ଶିବିର କୁ ସୁବର୍ଣ୍ଣପୁର ର ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ଅଞ୍ଜଳୀନା ପଧାନ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଶୁଭ ଉଦ୍ଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ଏଡିଏମଓ ଡ଼ା .ଦୁର୍ଗା ଦତ୍ତ ଦାଶ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ, ବୟୋଜ୍ୟେଷ୍ଠ ମହିଳା ତଥା ସୁଭାଷ ଚରଣ ପଣ୍ଡା ଙ୍କ ମାତା ମୋହିନୀ ପଣ୍ଡା, ପ୍ରାକ୍ତନ ଉପ ନଗର ପାଳ କଇରୁ ସ୍ୱାଇଁ, ସମାଜସେବୀ ଶ୍ରୀବସ୍ତ ମଲ୍ଲିକ ଯୋଗ ଦେଇ ଥିଲେ। ଏବଂ ଏଭଳି ଏକ ମହାନ୍ ଦିବସ ରେ ମହତ୍ ଚିନ୍ତନ ଓ ଶ୍ରୀ ପଣ୍ଡା ଙ୍କ ୪୫ ତମ ଜନ୍ମ ଦିନ ଉପଲକ୍ଷେ ରକ୍ତ ଦାନ ଶିବିର ଅୟୋଜନ ସହ ୪୫ ୟୁନିଟ ରକ୍ତ ସଂଗ୍ରହ କରିବା ଦୃଢ଼ ସଂକଳ୍ପ କୁ ଖୁବ୍ ପ୍ରଶଂସା କରିଥିଲେ। ଯାହାକି ଧାର୍ଯ୍ୟ ସମୟ ଦିବା ୨ ଘଣ୍ଟା ଭିତରେ ଠିକ୍ ୪୫ ୟୁନିଟ ରକ୍ତ ସଂଗ୍ରହ ର ଟାର୍ଗେଟ ପୂରଣ ହୋଇଥିଲା। ଡ଼ା .ଚିତ୍ତ ରଞ୍ଜନ ତ୍ରୀପାଠୀ ଙ୍କ ତତ୍ୱା ବଧାନ ରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରକ୍ତ କେନ୍ଦ୍ର ର ଜଗତ ନାରାୟଣ ଦରୱାନ, ସୁଦାମ ବିଶ୍ୱାଳ, ଯୁଧିଷ୍ଠିର ନାଏକ, ସୁଶାନ୍ତ ନାଏକ ରକ୍ତ ସଂଗ୍ରହ କାର୍ଯ୍ୟ ପରିଚାଳନା କରିଥିଲେ। ଆଜି ର ସଭା କୁ ବରିଷ୍ଠ ସାମ୍ବାଦିକ ମନୋରଞ୍ଜନ ତ୍ରୀପାଠୀ ସଂଯୋଜନା କରିଥିବା ବେଳେ ରକ୍ତ ଦାତା ସଂଘ ବରିଷ୍ଠ ସଦସ୍ୟ ପ୍ରମୋଦ କୁମାର ସାହୁ, ରବୀନ୍ଦ୍ର ଜେନା, ସାମ୍ବାଦିକ ସୁବାଷ ପଣ୍ଡା, ରାଜ କିଶୋର ତ୍ରୀପାଠୀ, ବିଶ୍ୱ ରାଣୀ ପଣ୍ଡା, ସଞ୍ଜୟ ବଡ଼ ପଣ୍ଡା, ରିତିକା ଓ ରୁଦ୍ର ନାରାୟଣ ପଣ୍ଡା ଅତିଥି ଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ।

# ଦକ୍ଷତା ବିକାଶ ଓ ମହିଳା ସଶକ୍ତିକରଣ ସଚେତନତା କାର୍ଯ୍ୟକ୍ରମ

## ବେକାରୀ ହ୍ରାସ ଉପରେ ଗୁରୁତ୍ୱ




**ଅନୁଗୋଳ,୨୩।୧(ସଂଚାର ବ୍ୟୁରୋ):** ଅନୁଗୋଳ ଜିଲା ବନ ବିଭାଗ ଦ୍ୱାରା ଏକ ଦକ୍ଷତା ବିକାଶ ଏବଂ ମହିଳା ସଶକ୍ତିକରଣ ସଚେତନତା କାର୍ଯ୍ୟକ୍ରମ ଆୟୋଜନ ଛେଣ୍ଡିପଦା ରେଞ୍ଜରେ ଆୟୋଜନ କରାଯାଇଥିଲା। ଏଥିରେ ଆମ ଜଙ୍ଗଲ ଯୋଜନା, ଅଧୀନରେ ଜିଲା ନିଯୁକ୍ତି ବିନିମୟ, ଜନ ଶିକ୍ଷା ସଂସ୍ଥାନ ଏବଂ ସ୍କିଲ୍ ଇଣ୍ଡିଆ ସେଣ୍ଟର, ଅନୁଗୋଳର ସହଯୋଗ କରିଥିଲେ। ଏହି ପଦକ୍ଷେପ ସ୍ଥାନୀୟ ସମ୍ପ୍ରଦାୟର ଉନ୍ନତି ପାଇଁ ଉଦ୍ଦିଷ୍ଟ ଥିଲା। ଛେଣ୍ଡିପଦା ସେକ୍ସନର ବାଗେଡ଼ିଆ, ସିମିଳିପାଳ, ଉଦୟପୁର, ମାରୁଧିପା ଏବଂ କନାଲେଇର ସଦସ୍ୟମାନେ ଏହି କାର୍ଯ୍ୟକ୍ରମରେ ଅତ୍ୟନ୍ତ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ଛେଣ୍ଡିପଦାର ରେଞ୍ଜ ଅଧିକାରୀ ମିସ୍ ଶୁଭ୍ରା ସୁଚିସ୍ମିତା ମହାପାତ୍ର, ଏମ୍ ଅଭିଯୋଗ, ଅନୁଗୋଳ ଡିଭିଜନର ପ୍ରଦୀପ କୁମାର ସିଂହ, ବାଗେଡ଼ିଆ ଗ୍ରାମ ପଞ୍ଚାୟତର ସରପଞ୍ଚ ପୁଷ୍ପଲତା ବେହେରା, ଡିଇଓ ଆକାଉଣ୍ଟସ ବିଶ୍ୱ ରଞ୍ଜନ ସାହୁ ଏବଂ ଜିଲା ନିଯୁକ୍ତି ବିନିମୟ, ଜନ ଶିକ୍ଷା ସଂସ୍ଥାନ ଏବଂ ସ୍କିଲ ଇଣ୍ଡିଆ ସେଣ୍ଟର, ଅନୁଗୋଳର ଅଧିକାରୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଉଭୟ ଭିଏସ୍ଏସ୍ କ୍ଷେତ୍ରର ସମ୍ପ୍ରଦାୟ ସଦସ୍ୟ ଏବଂ ଯୁବକମାନଙ୍କ ସମେତ ୨୪୦ରୁ ଅଧିକ ଅଂଶଗ୍ରହଣକାରୀ ଯୋଗ ଦେଇଥିଲେ। ଏହାର ପ୍ରାଥମିକ ଉଦ୍ଦେଶ୍ୟ ଥିଲା ସିଲେଇ, ହସ୍ତଶିଳ୍ପ, ଆଇଟି ସାକ୍ଷରତା, ସୌନ୍ଦର୍ଯ୍ୟ ସୁସ୍ଥତା ଏବଂ ଉଦ୍ୟୋଗୀତା ଭଳି କ୍ଷେତ୍ରରେ ଦକ୍ଷତା-ଭିତ୍ତିକ ତାଲିମ ପ୍ରଦାନ କରି ବିକଳ୍ପ ଜୀବିକାକୁ ପ୍ରୋତ୍ସାହିତ କରିବା ଏବଂ ବେକାରୀ ହ୍ରାସ କରିବା। ଏହି ପଦକ୍ଷେପ ସ୍ୱାବଲମ୍ବନ ଏବଂ ଆର୍ଥିକ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ସହିତ ଜଙ୍ଗଲ-ନିର୍ଭରଶୀଳ ସମ୍ପ୍ରଦାୟକୁ ସଶକ୍ତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।

# ଗିଜର ମରାମତି ବେଳେ ଯାଇ ମିସ୍ତ୍ରୀଙ୍କ ଜୀବନ ଗଲା



**ବାଲେଶ୍ୱର,୨୩।୧(ସଂଚାର ବ୍ୟୁରୋ):** ବାଲେଶ୍ୱର ସହରରେ ଗୁରୁବାର ଏକ ଦୁଃଖଦ ଘଟଣା ଘଟିଛି। ସହଦେବଖୁଣ୍ଟା ଥାନା ଅନ୍ତର୍ଗତ ଅରଡ଼ବଜାର ନିକଟ ହରିପୁର ଗ୍ରାମକୁ ଗିଜର ସଜା ଯାଇ ବିଦ୍ୟୁତ୍ ଆଘାତର ଶିକାର ହୋଇ ଜଣେ ମିସ୍ତ୍ରୀଙ୍କର ଜୀବନ ଯାଇଛି। ମୃତ ମିସ୍ତ୍ରୀ ହେଲେ ସିଂଲା ଥାନା ସାର୍ଥା ଅଞ୍ଚଳର ଅଚ୍ୟୁତ ବେହେରା(୩୯)। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଜାରି ରଖିଛି। ତେବେ ତାଙ୍କ ମୃତ୍ୟୁ ଖବର ଶୁଣି ସବୁଠି ଶୋକର ବାତାବରଣ ଦେଖାଦେଇଛି।

# କଟନୀ ଛଟନି ନେଇ ଚାଷୀ ଅସନ୍ତୋଷ

## ଜିଲ୍ଲାପାଳଙ୍କ ଜଣାଇଲେ ଜଣାଇଲେ ଦୁଃଖ

**ନୟାଗଡ଼, (ସଂଚାର ବ୍ୟୁରୋ):** ନୟାଗଡ ଜିଲ୍ଲାରେ ଧାନକିଣା ଆରମ୍ଭରୁ ଚାଷୀ ଅସନ୍ତୋଷ ଦେଖିବାକୁ ମିଳିଲାଣି । ଚଳିତ ବର୍ଷ ଧାନ କଟା ଆରମ୍ଭ ସମୟରେ ଦୁଇଦୁଇଥର ଅଦିନିଆ ବର୍ଷା କାରଣରୁ ଧାନ ବିଲରେ ପଡି ଗଜା ହୋଇଥିବା ବେଳେ ଯାହାକିଛି ରହିଥିଲା ତାକୁ ଆଣି ମଣ୍ଡିକୁ ଯିବା ସମୟରେ ତାହା ଏଫ.ଏ.କ୍ୟୁ ମାନ ହୋଇନଥିବାରୁ ସୋସାଇଟି ଗ୍ରହଣ କରୁନାହାଁନ୍ତି । ଫଳରେ ଚାଷୀ ଧାନକୁ ନେଇ କଣ କରିବ ସେହି ଚିନ୍ତାରେ ପଡିଛି । କିଛି ସ୍ଥାନରେ ୮ ରୁ ୯ କେଜି ଧାନ କାଟି ସୋସାଇଟି ନେଉଥିବା ଦେଖାଯାଇଛି । ବାଉଁଶିଆପଡା ସୋସାଇଟିର ୮ଟି ଗାଁର ଚାଷୀମାନଙ୍କୁ ୧୦ତାରିଖରୁ ଟୋକନ୍ ମିଳିସାରିଲାଣି । ହେଲେ ସମବାୟସମିତି ଏବଂ ମିଲର୍‌ଙ୍କ ଟାଳଟୁଳ ନୀତି ଯୋଗୁ ଚାଷୀ ଧାନ ଆଣିଥିଲେ ମଧ୍ୟ ଏହା ଉଠି ପାରୁନାହିଁ । ଚାଷୀର ଧାନ ଏଫ୍ . ଏ . କ୍ୟୁ ମାନ ହେଉନଥିବାରୁ ତାହା ମଣ୍ଡିରେ ପଡିରହିଛି । ବିଗତ ବର୍ଷ ମାନଙ୍କରେ ସରକାର ଏଫ୍.ଏ.କ୍ୟୁ ମାନ ଧାନ କ୍ରୟ



କରିବାକୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଚାଷୀର ଧାନ ଉଠୁଥିଲା ହେଲେ ଏଥର କାହିଁକି ନିଆଯାଉନାହିଁ ବୋଲି ଚାଷୀ ପ୍ରଶ୍ନ କରିଛନ୍ତି । ପ୍ରଶାସନ ଏଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ ନକଲେ ଚାଷୀକୁଳ ହତାଶ ହେବ ବୋଲି ସେମାନେ କହିଛନ୍ତି । ଏତିପାଇଁ ଅଞ୍ଚଳର ଚାଷୀମାନେ ଆଜି ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ସେପଟେ କଟନିଛଟନି ବନ୍ଦ କରିବାକୁ କଡା ନିର୍ଦ୍ଦେଶ ଦିଆଯାଇଛି ଏବଂ ଚାଷୀଙ୍କ ଧାନ କିପରି ଉଠିବ ସେ ଦିଗରେ ପଦକ୍ଷେପ ନିଆଯାଉଥିବା ଜିଲ୍ଲାପାଳ କହିଛନ୍ତି ।

# ନେତାଜୀ ଜୟନ୍ତୀ ପାଳିଲେ ଜିଲ୍ଲା କଂଗ୍ରେସ କର୍ମକର୍ତ୍ତା



**ଜଗତସିଂହପୁର,୨୩।୧(ସଂଚାର ବ୍ୟୁର):** ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ମହାନ୍ ସ୍ୱାଧୀନତା ସଂଗ୍ରାମୀ ଆଜାଦ୍ ହିନ୍ଦ୍ ଫୌଜର ପ୍ରତିଷ୍ଠାତା ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜନ୍ମ ଜୟନ୍ତୀ ଜିଲ୍ଲା କଂଗ୍ରେସ କମିଟି ସଭାପତି ନଟବର ବାରିକ ଙ୍କ ପୌରହିତ୍ୟରେ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଓ କଲେଜ ଛକ ସ୍ଥିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବତନ ପୌରାଧ୍ୟକ୍ଷ ବିପ୍ଳବ ଚୌଧୁରୀ, ବରିଷ୍ଠ କଂଗ୍ରେସ ନେତା ପ୍ରସନ୍ନ ସାମନ୍ତରାୟ, ନିରଞ୍ଜନ ମହାପାତ୍ର, ନଗର କଂଗ୍ରେସ ସଭାପତି ଅଭୟ କୁମାର ମହାନ୍ତି, ବ୍ଲକ କଂଗ୍ରେସ ସଭାପତି ମାନସ ରଥ, ଯୁବ ନେତା ମନୋଜ ମହାପାତ୍ର, ଆର୍ଶିବାଦ ତ୍ରିପାଠୀ, ତ୍ରିପୁରେଶ୍ୱର ମଲ୍ଲିକ, ସୁକାନ୍ତ ମହାପାତ୍ର, ଉମେଶ ସ୍ୱାଇଁ, ପ୍ରଣବ ମହାପାତ୍ର, ଆର୍ତ୍ତତ୍ରାଣ ଦାସ, ସୁକାନ୍ତ ମହାପାତ୍ର ଙ୍କ ସହ ଛାତ୍ର ଓ ଯୁବ କଂଗ୍ରେସ ର ବହୁ ସଂଖ୍ୟକ କର୍ମକର୍ତ୍ତାମାନେ ଯୋଗଦେଇ ନେତାଜୀ ଙ୍କୁ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ୟୁଥ୍ କ୍ଲବ ପକ୍ଷରୁ ନେତାଜୀ ଜୟନ୍ତୀ ପାଳିତ




**ବାଲିଆପାଳ, ୨୩।୧(ସଂଚାର ବ୍ୟୁର):** ବାଲିଆପାଳ ବ୍ଲକ ବଡାଶ ପଞ୍ଚାୟତ ଅଧିନସ୍ଥ ତାହାଲିଆ ଗ୍ରାମର ବଟେଶ୍ୱର ୟୁଥ୍ କ୍ଲବ ପକ୍ଷରୁ ଗୁରୁବାର ଭାରତ ମାତାଙ୍କ ସୁଯୋଗ୍ୟ ସନ୍ତାନ, ଓଡ଼ିଶା ମାଟିର ବରପୁତ୍ର, ମହାନ ସ୍ୱାଧୀନତା ସଂଗ୍ରାମୀ ପରାକ୍ରମୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। କ୍ଲବ ପରିସରରେ ବଟେଶ୍ୱର ୟୁଥ୍ କ୍ଲବର ସଂପାଦକ ଦୀପକ ଗିରି, ଉପ ସଭାପତି ଚନ୍ଦନ ଗିରି, କୋଷାଧ୍ୟକ୍ଷ ଗୌରୀଶଙ୍କର ପାତ୍ର, ସଦସ୍ୟ ଜୟନ୍ତ ଦଳାଇ, ସରୋଜ ପାତ୍ର, ରାଧାକୃଷ୍ଣ ସାହୁ, ରତନ ଜେନା ପ୍ରମୁଖ ସଦସ୍ୟମାନେ ଉପସ୍ଥିତ ହୋଇ ପରାକ୍ରମୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଅବସରରେ ବଟେଶ୍ୱର ୟୁଥ୍ କ୍ଲବର ସଦସ୍ୟ ସଦସ୍ୟାମାନଙ୍କ ଦ୍ୱାରା ନିକଟସ୍ଥ ମହାଦେବ ମନ୍ଦିର ପ୍ରାଙ୍ଗଣ ସଫେଇ କରାଯାଇଥିଲା।

# ହାଇଓ୍ୱା ଚକା ତଳେ ଚାପି ହୋଇ ଜଣେ ମୃତ, ୨ ଗୁରୁତର




**ଯାଜପୁର,୨୩।୧(ସଂଚାର ବ୍ୟୁର):** ଯାଜପୁର ଜିଲା ପାଣିକୋଇଲି ଥାନା ଅନ୍ତର୍ଗତ ଷଠିପୁର-ଯାଜପୁର ରାସ୍ତାର ପଥପ୍ରାନ୍ତ ସୁବିଧା କେନ୍ଦ୍ର ନିକଟରେ ଗୁରୁବାର ଅପରାହ୍ନରେ ଏକ ଦୁର୍ଘଟଣା ଘଟିଛି। ହାଇଓ୍ୱା ଚକା ତଳେ ୩ ବାଇକ୍ ଆରୋହୀ ପଶିଯିବାରୁ ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ହୋଇଛି। ଅନ୍ୟ ୨ ଜଣ ଗୁରୁତର ହୋଇଛନ୍ତି।

# ଇଲେକ୍ଟ୍ରୋନିକ୍ସ ଦୋକାନରେ ଅଗ୍ନିକାଣ୍ଡ



**ଧୂଷୁରୀ,୨୩।୧(ସଂଚାର ବ୍ୟୁର):** ଭଦ୍ରକ ଜିଲା ଧୂଷୁରୀ ଥାନା ଅଧୀନ ଧୂଷୁରୀ ବଜାରରେ ଥିବା ଏକ ଇଲେକ୍ଟ୍ରୋନିକ୍ସ ଦୋକାନରେ ବୁଧବାର ରାତିରେ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ସାମଗ୍ରୀ ଜଳିଯାଇଛି। ମିଳିଥିବା ସୂଚନାନୁସାରେ, ବ୍ୟବସାୟୀ ମିଲୁ ମଲ୍ଲିକ ସବୁଦିନ ପରି ଦୋକାନ ବନ୍ଦକରି ନିଜ ଘରକୁ ଚାଲି ଯାଇଥିଲେ। କିଛି ସମୟ ପରେ ଦୋକାନରେ ନିଆଁ ଜଳୁଥିବା ବଜାରରେ ଥିବା ଅନ୍ୟ ବ୍ୟବସାୟୀ ଦେଖିବାକୁ ପାଇଥିଲେ। ନିଆଁକୁ ଆୟତ୍ତ କରିବାକୁ ଉଦ୍ୟମ ହୋଇଥିଲେ ବି ଅଗ୍ନିକାଣ୍ଡକୁ ରୋକା ଯାଇ ପାର ନ ଥିଲା। ଧାମନଗରରୁ ଦମକଳ ବାହିନୀ ଆସି ପହଞ୍ଚିଲା ବେଳକୁ ସବୁକିଛି ପୋଡ଼ି ପାଉଁଶ ହୋଇଯାଇଥିଲା। ଅଗ୍ନିକାଣ୍ଡର କାରଣ ଜଣା ପଡ଼ି ନଥିଲେ ବି ବିଦ୍ୟୁତ ଶର୍ଟସର୍କିଟ୍ ଯୋଗୁ ଏହା ଘଟିଥିବା ଜଣାପଡ଼ିଛି। ଧୂଷୁରୀ ନିକଟବର୍ତ୍ତୀ ସାଆଁଳପୁର ପଡ଼ିଆରେ ଦମକଳ କେନ୍ଦ୍ର ଖୋଲିବାକୁ ଅଞ୍ଚଳବାସୀ ଦୀର୍ଘଦିନ ଦାବି କରି ଆସୁଥିଲେ ବି ଏପର୍ଯ୍ୟନ୍ତ ତାହା ପୂରଣ ନ ହେବାରୁ ଅଞ୍ଚଳବାସୀ ଏଭଳି ଦୁର୍ଦ୍ଦଶା ଭୋଗ କରୁଛନ୍ତି ବୋଲି ମତ ପ୍ରକାଶ ପାଇଛି।

# ମାନବତାକୁ ଲଜ୍ଜା | ଦିବ୍ୟାଙ୍ଗ ଯୁବତୀଙ୍କୁ ଅନ୍ତଃସତ୍ତ୍ୱା ପରେ ପ୍ରତାରଣା



**ରାୟଗଡ଼ା,୨୩।୧ (ସଂଚାର ବ୍ୟୁରୋ):** ରାୟଗଡ଼ା ଜିଲ୍ଲା କଲ୍ୟାଣସିଂପୁର ବ୍ଲକର ଘାଘୁଡ଼ିମାଳି ଗ୍ରାମରେ ଏକ ମାନବତାକୁ ଲଜ୍ଜା ଦେବା ଘଟଣା ଘଟିଥିବା ଗଣମାଧ୍ୟମ ସାମ୍ନା କୁ ଆସିଛି। ଏଥିରେ ୩୫ ବର୍ଷୀୟ ବିବାହିତ ବ୍ୟକ୍ତି ନାଗେଶ ଧନୁ ଏକ ୨୧ ବର୍ଷୀୟ ଦିବ୍ୟାଙ୍ଗ ଯୁବତୀ, ମୂକ ବଧିର ନୁଆସରେଇ ଲାଛମାଙ୍କୁ ନାନା ପ୍ରକାର ପ୍ରତିଶ୍ରୁତି ଓ ପ୍ରଲୋଭନ ଦେଇ ଆକର୍ଷିତ କରିଥିଲେ। ତାଙ୍କ ସହ ଅନୈତିକ ଶାରୀରିକ ସମ୍ପର୍କ ରଖି ବିବାହ କରିବାକୁ ଭବିଷ୍ୟତରେ ପ୍ରତିଜ୍ଞା କରି ଘରୋଇ ସମ୍ବନ୍ଧ ଗଢ଼ିଥିଲେ। ଫଳସ୍ୱରୂପ ଲାଛମା ୯ ମାସ ର ଗର୍ଭବତୀ ହେବା ପରେ ଏହି ଘଟଣା ପ୍ରକାଶ ପାଇଲା। ଗାଁର ବୁଦ୍ଧିଜୀବୀମାନଙ୍କ ସମ୍ମୁଖରେ ଧନୁ ନିଜ ଦୋଷ ସ୍ୱୀକାର କରିଥିଲେ ଓ ଲାଛମାଙ୍କୁ ପତ୍ନୀରୂପେ ମାନ୍ୟ କରିବାକୁ ଲିଖିତଆକାର ରେ ବିବାହ କରିଥିଲେ। କିଛି ଦିନ ଗଲା ପରେ ଗଣେଶ ଧନୁ ଯତ୍ନ ନନେଇଥିବାରୁ ତାଙ୍କ ମା ଘରକୁ ପଳାଇ ଯାଇଥିବାର ଅଭିଯୋଗ ଆସିଛି। ଏଥିରେ ଲାଛମା ଙ୍କ ପରିବାର ଭୟଭୀତ ଓ ଦୁଃଖିତ ଅବସ୍ଥାରେ ପୋଲିସ ଥାନା ଓ ଏକସ୍ଥଳୀୟ କେନ୍ଦ୍ରରେ ନ୍ୟାୟ ପାଇବା ପାଇଁ ଆଗ୍ରହ ଜଣାଇଥିଲେ। କିନ୍ତୁ କୌଣସି ସ୍ପଷ୍ଟ ସମାଧାନ ନ ମିଳିବାରୁ, ସେମାନେ ମାନବ ଅଧିକାର ସଙ୍ଗଠନ ଦ୍ୱାରସ୍ଥ ହୋଇଛନ୍ତି। ଲାଛମାଙ୍କ ପରିବାରର ଅଭିଯୋଗ ଅନୁସାରେ, ନାଗେଶ ତାଙ୍କୁ ତାଡ଼ିଦେଇଛନ୍ତି ଓ ନାନାପ୍ରକାର ଗାଳିଗୁଲଜ କରୁଥିବା ସହ ପତ୍ନୀରୂପେ ମାନ୍ୟତା ଦେବାକୁ ଅସ୍ୱୀକାର କରୁଛନ୍ତି। ଦିବ୍ୟାଙ୍ଗ ପରିବାର ଏହି ଅନ୍ୟାୟ ବିରୁଦ୍ଧରେ ଲଢ଼ୁଥିବାବେଳେ ସରକାର ଓ ପ୍ରଶାସନର ନିର୍ବାକତା ଉଦ୍ଧାରକୁ ପ୍ରଶ୍ନ କରୁଛି। ଜନସମ୍ପର୍କ କାର୍ଯ୍ୟାଳୟ ଓ ସମାଜକୁ ଏହି ଅସାମାଜିକ କାର୍ଯ୍ୟ ଉପରେ ଚେତନା ଓ ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକତା ରହିଛି। ପ୍ରଶାସନ ଓ ସରକାର ତରଫରୁ କୌଣସି ପ୍ରଭାବ ପଡ଼ିନଥିବା ସାଧାରଣ ରେ ଚର୍ଚ୍ଚା ଚାଲିଛି।